

ଗମ୍ଭୀର ଟିମ୍ ଇଣ୍ଡିଆ ନୂଆ ପ୍ରଶିକ୍ଷକ
▶କ୍ରୀଡ଼ା ପୃଷ୍ଠାରେ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-15 ◆BHUBANESWAR ◆WEDNESDAY ◆10 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୫ ◆ଭୁବନେଶ୍ୱର ◆ବୁଧବାର ◆୧୦ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ଆଡ଼ପ ମଣ୍ଡପ ବିଜେ ବେଳେ ମହା ଅଘଟଣ

# ମୁହଁମାଡ଼ି ପଡ଼ିଗଲେ ବଡ଼ଠାକୁର

### ୯ ସେବାୟତ ଆହତ, ହସ୍ପିଟାଲରେ ଭର୍ତ୍ତି
### ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଦୁଃଖ ପ୍ରକାଶ
### ପଦକ୍ଷେପ ନେବାକୁ ଆଇନମନ୍ତ୍ରୀଙ୍କୁ ନିର୍ଦ୍ଦେଶ
### ପୁରୀ ଗଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

■ **ପୁରୀ, ୯।୭ (ସମିସ):** ରଥଯାତ୍ରା ଇତିହାସରେ ଆଜିର ଦିନ ଏକ ହୃଦୟ ବିଦାରକ ଘଟଣା ଭାବେ ଲିପିବଦ୍ଧ ହୋଇଯାଇଛି। ପହଣ୍ଡି ବେଳେ ପଡ଼ିଗଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଆଡ଼ପମଣ୍ଡପକୁ ଗୋଟିପହଣ୍ଡିରେ ବିଜେ ସମୟରେ ଘଟିଛି ଏମିତି ବଡ଼ ଅଘଟଣ। ଚାରମାଳ ଆଗକୁ ହାମୁଡେଇ ପଡ଼ିଛନ୍ତି ବଡ଼ଠାକୁର। ଏଥିରେ ୯ଜଣ ସେବାୟତ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଶ୍ୱନିୟନ୍ତାଙ୍କ ପହଣ୍ଡି ସମୟରେ ଏଭଳି ଅଘଟଣ ସମସ୍ତ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ମନକୁ ଆଘାତ ପହଞ୍ଚାଇଛି।

ମଙ୍ଗଳବାର ମହାପ୍ରଭୁଙ୍କ ଆଡପମଣ୍ଡପ ବିଜେ ଥିଲା। ସବୁ ନୀତିକାନ୍ତି ସରି ସନ୍ଧ୍ୟା ୭ଟା ୧୫ରେ ଆରମ୍ଭ ହୋଇଥିଲା ପହଣ୍ଡି। ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପମଣ୍ଡପକୁ ବିଜେ ହୋଇଥିଲେ। ଏହାପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସନ୍ଧ୍ୟା ୭ଟା ୫୦ରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଚାରମାଳ ଉପରେ ଶ୍ରୀବଳଭଦ୍ର ଥିବା ବେଳେ ବନ୍ଦାପନା ହୋଇଥିଲା। ଠାକୁରଙ୍କୁ ଟାହିଆ ଲଗାଯାଇଥିଲା। ହେଲେ ଏହି ସମୟରେ ଘଟିଥିଲା ଅଘଟଣ। ହଠାତ୍ ଚାରମାଳ ଉପରୁ ଆଗକୁ ହାମୁଡେଇ ପଡ଼ିଥିଲେ ବଡ଼ଠାକୁର। ବୋଧ ହୁଏ, ବନ୍ଧା ଯାଇନଥିଲା ପାଟ ଡୋର। ଫଳରେ ଚାରମାଳରେ କିଛି ବାଟ ଖସିଆସି ପଡ଼ିଯାଇଥିଲେ ଶ୍ରୀବଳଭଦ୍ର। ଏହି ଦୁର୍ଘଟଣାରେ ପ୍ରାୟ ୯ ଜଣ ସେବାୟତ ଆହତ ହୋଇଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି। କାହାର ଗୋଡ଼ରେ ତ ଆଉ କାହାର ପିଠି ଏବଂ ଅଣ୍ଟାରେ ଆଘାତ ଲାଗିଛି। ଆହତ ସେବାୟତଙ୍କୁ ଆମ୍ବୁଲାନ୍ସରେ ସଙ୍ଗେ ସଙ୍ଗେ ଜିଲ୍ଲା ସଦର ▶ପୃଷ୍ଠା-୯

## ଅଘଟଣ ପରେ ସ୍ୱାଭାବିକ ହେଲା ଆଡପ ପହଣ୍ଡି

# ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି

■ **ପୁରୀ, ୯।୭ (ସମିସ):** ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଜନ୍ମବେଦୀରେ। ଶରଧାବାଲିରେ ଦୁଇରାତି ଓ ଦୁଇଦିନ ଭକ୍ତଙ୍କୁ ଦର୍ଶନ ଦେଲେ ବିଶ୍ୱନିୟନ୍ତା। ସନ୍ଧ୍ୟାରେ ଗୋଟି ପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ଦାରୁଦେବତା। ବୁଧବାରଠାରୁ ଜନ୍ମବେଦୀରେ ଲୀଳା କରିବେ ଲୀଳାମୟ। ଶ୍ରଦ୍ଧାଳୁଙ୍କୁ ମିଳିବ ଦର୍ଶନ, ଆଉ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ଆସନ୍ତା ୧୫ ତାରିଖରେ ପୁଣି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଯିବେ ଭକ୍ତବତ୍ସଳ।

ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳା ସାଆନ୍ତ। ଖରା ଓ ଗୁଳୁଗୁଳି ସତ୍ତ୍ୱେ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଟାଣିଥିଲେ ତିନିରଥ। ହେଲେ ଚଳିତବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଗୁଣ୍ଡିଚା ଯାତ୍ରା ପଡ଼ିଥିବାରୁ ରବିବାର ରଥ ବେଶି ବାଟ ଗଡ଼ିପାରି ନ ଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ

**ଆଜିଠୁ ବାହାରିବ ଆଡ଼ପ ଅବଢ଼ା**
**ବର୍ଷାରେ ଭିଜିଲା ତିନିରଥ**

ତାଳଧ୍ୱଜ ରଥ, ଦର୍ପଦଳନ ରଥ ଏବଂ ନନ୍ଦିଘୋଷ ରଥ। ସୋମବାର ସକାଳେ ପୁନଶ୍ଚ ରଥଟଣା ଯାଇଥିଲା। ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ତିନିରଥ ଶରଧାବାଲିରେ ପହଞ୍ଚିଥିଲେ। ଦୁଇରାତି ଓ ଦୁଇଦିନ ରଥ ଉପରେ ହିଁ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୬ଟା ୩୫ରୁ ୬ଟା ୪୫ ମଧ୍ୟରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ରଥ ଉପରେ ଠାକୁର ଥିବାବେଳେ ଖଇ, କୋରା, ଶଙ୍ଖକୋରା, ଫଳମୂଳ ଭୋଗ ଲାଗି କରାଯାଇଥିଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ଣ ୩ଟା ୨୫ ମଧ୍ୟରେ ଶେଷ ହୋଇଥିଲା। ଏହାପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ପାଗ ଅନୁକୂଳ ଅର୍ଥାତ୍ ବର୍ଷା ଆଣି ଦେଇଥିଲା ଆଶ୍ୱସ୍ତି। ପୂର୍ବାହ୍ଣରେ ତିନିରଥ ବର୍ଷାରେ ଭିଜିଥିଲା। ଭକ୍ତମାନେ ବି ଶରଧାବାଲିରେ ଭିଜି ଭିଜି ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିଥିଲେ। ତେବେ ପାଗ ଅନୁକୂଳ ସାଙ୍ଗକୁ ଆରମ୍ଭ ହୋଇଥିଲା ପହଣ୍ଡି। ଅପରାହ୍ଣ ୩ଟା ୩୫ରୁ ସନ୍ଧ୍ୟା। ସାଢ଼େ ୬ଟା ମଧ୍ୟରେ ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧା ଯାଇଥିଲା। ଏହାପରେ ▶ପୃଷ୍ଠା-୯

## ଖଇରାରେ ଚାଞ୍ଚଲ୍ୟ

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗୁଳି କରି ଲୁଟିନେଲେ ୧୨ଲକ୍ଷ

■ **ଖଇରା, ୯।୭ (ସମିସ):** ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗୁଳି କରି ଲୁଟିନେଲେ ୧୨ଲକ୍ଷ ଟଙ୍କା। ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ବର୍ତ୍ତନାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଗେଟ୍ ଆଗରେ ଆଜି ଅପରାହ୍ଣରେ ଘଟିଥିବା ଏହି ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁଳିକାଣ୍ଡରେ ଆହତ କର୍ମଚାରୀଜଣଙ୍କ ହେଲେ, ବିଷ୍ଣୁପ୍ରସାଦ ମହାପାତ୍ର। ତାଙ୍କ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ଲାଗି ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନୀଳଗିରି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ସାଇବର ଏକ୍ସପର୍ଟ ଟିମ୍ ଓ ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଖପାଖରେ



ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କ ଧରିବାକୁ ତନାଘନା ଚଳାଇଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ଣରେ କୁପାରୀସ୍ଥିତ କୁପେଶ୍ୱର ପେଟ୍ରୋଲ ▶ପୃଷ୍ଠା-୯

## ମିସିନାରୀ ଗ୍ରାହମ ଷ୍ଟେନ୍ ହତ୍ୟା ମାମଲା

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଦାରା ସିଂହ

**ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

■ **ନୂଆଦିଲ୍ଲୀ, ୯।୭ (ଏଜେନ୍ସି):** ଅଷ୍ଟ୍ରେଲିଆର ଖ୍ରୀଷ୍ଟିଆନ ମିସିନାରୀ ଗ୍ରାହମ ଷ୍ଟୁଆର୍ଟ ଷ୍ଟେନ୍ସ ହତ୍ୟା ମାମଲାର ଦୋଷୀ ଦାରା ସିଂହ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୪ ବର୍ଷ ହେଲା ଜେଲ୍‌ରେ ଥିବା ଦାରା ଅବଧି ପୂର୍ବରୁ ମୁକ୍ତି ପାଇଁ ନିବେଦନ କରିଛନ୍ତି। ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ କ୍ଷମା ଦେବା ଭଳି ତାଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରିଛନ୍ତି। ସୁପ୍ରିମକୋର୍ଟର ଜଷ୍ଟିସ ହୃଷୀକେଶ ରୟ ଏବଂ ▶ପୃଷ୍ଠା-୯

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୁଷ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ

■ **ମସ୍କୋ, ୯।୭ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ 'ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରୁ ଦ ଆପୋଷ୍ଟେଲ' ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ସମ୍ମାନ ଦେଇ ପୁଟିନ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଭାରତୀୟଙ୍କ ଶାନ୍ତି ଓ ସମୃଦ୍ଧିର କାମନା କରିଛନ୍ତି। ଦୁଇ ଦେଶର ସମ୍ବନ୍ଧ ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ରୁଷ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ପାଇଥିବା ଭାରତର ପ୍ରଥମ ନେତା ହୋଇଛନ୍ତି। ଏହି ସମ୍ମାନ ଗ୍ରହଣ କରିବା ପରେ ମୋଦୀ ରାଷ୍ଟ୍ରପତି ପୁଟିନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମାନ କେବଳ ମୋର ନୁହେଁ, ବରଂ ୧୪୦ କୋଟି ଭାରତବାସୀଙ୍କର ବୋଲି କହିଛନ୍ତି। ଏହା ଭାରତ ଏବଂ ରୁଷ୍‌ର ବନ୍ଧୁତା ଓ ବିଶ୍ୱାସର ସମ୍ମାନ। ଏହା କୂଟନୈତିକ ସହଯୋଗର ସମ୍ମାନ ମଧ୍ୟ। ଗତ ୨.୫ ଦଶନ୍ଧିରେ ପୁଟିନଙ୍କ ନେତୃତ୍ୱରେ ଭାରତ ଏବଂ ରୁଷର ସମ୍ବନ୍ଧ ▶ପୃଷ୍ଠା-୯



## ଲୋକକଥା



ଗହଳ ଲଗାଇ ଜଗା ଚଳିଗଲା
ଶ୍ରୀମନ୍ଦିର ଖାଲି ପଡ଼ିଛି,
ରଥଟଣା ବେଳେ ଠେଲାପେଲା ଲାଗି
ଭକତ ଜୀବନ ଯାଉଛି ।
ଏକି ରାଜନୀତି ଚାଲିଛି,
ବଳଭଦ୍ର ତେଣେ ଗଳି ପଡ଼ିଲେଣି
ମୁଖିଆ ବହପ ମାରୁଛି ॥

## ▶▶ ମୁଖ୍ୟମନ୍ତ୍ରୀ ଆସିବାର ଅଧଘଣ୍ଟା ପୂର୍ବରୁ ଟ୍ରାଫିକ୍ ବନ୍ଦ

# ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଆଗରେ ମହିଳାଙ୍କ ହଙ୍ଗାମା

■ **ଭୁବନେଶ୍ୱର, ୯।୭ (ସମିସ):** ସରକାର ବଦଳିବା ପରେ ଅକସ୍ମାତ ବଦଳି ଯାଇଛି ଲୋକଙ୍କ ପ୍ରତି ପୁଲିସର ବ୍ୟବହାର। ଦିନକୁ ଦିନ ବଢ଼ୁଛି ପୁଲିସର ଦବଙ୍ଗିଗିରି। ପୁଲିସର ମାତ୍ରାଧିକ ଆନୁଗତ୍ୟ ପ୍ରବଣତା ସାଧାରଣ ଲୋକଙ୍କ ପାଇଁ କଷ୍ଟପ୍ରଦ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଏହିପରି ଖବର ଆସୁଥିବାବେଳେ ଆଜି ରାଜଧାନୀରେ ଦେଖିବାକୁ ମିଳିଛି ଏହାର ଚରମ ଉଦାହରଣ। ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଆସିବାର ଅଧଘଣ୍ଟା ପୂର୍ବରୁ ପୁଲିସ ଟ୍ରାଫିକ୍ ବନ୍ଦ କରିବା ଯୋଗୁଁ ରାସ୍ତାରେ ଯାତାୟତ କରୁଥିବା ଲୋକ ଓ ଗାଡ଼ିମୋଟର ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ଶେଷରେ ଜଣେ ମହିଳା ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ରାସ୍ତା ଉପରେ ହଙ୍ଗାମା ସୃଷ୍ଟି କରିଛନ୍ତି।



- ମହିଳାଙ୍କ ସମର୍ଥନରେ ବାହାରିଲେ ଉତ୍ତ୍ୟକ୍ତ ଜନତା
- ମିଳିତ ହର୍ଣ୍ଣ ବଜାଇ କମ୍ପାଇଲେ ରସୁଲଗଡ଼ ଛକ
- ଡାକ୍ତରଖାନା ଯାଉଥିବା ମହିଳାଙ୍କୁ ରୋକିଲା ପୁଲିସ

ଭିଏସ୍‌ଏସ୍ ନଗରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ରସୁଲଗଡ଼ ଛକ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମ ଥିଲା। ସେଠାରେ କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀଙ୍କ ଫେରିବାର ଅଧଘଣ୍ଟା ପୂର୍ବରୁ ପୁଲିସ ଏହି ରାସ୍ତାରେ ଯାତାୟତ ବନ୍ଦ କରି ଦେଇଥିଲା। ଫଳରେ ଗାଡ଼ି ମୋଟରର ଲମ୍ବା ଧାଡ଼ି ଲାଗିଥିଲା ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଟ୍ରାଫିକ୍‌ରେ ଫସିଥିବା ଜଣେ ମହିଳା ଡାକ୍ତରଖାନା ଯିବା ପାଇଁ ବ୍ୟସ୍ତ ହୋଇ ▶ପୃଷ୍ଠା-୯

# ୧୩ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୯।୭ (ସମିସ):** ରାଜ୍ୟରେ ଆସନ୍ତା ୧୩ ତାରିଖରୁ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ଆସନ୍ତା ୧୩-୧୪ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବର୍ଷାର ପ୍ରକୋପ ବୃଦ୍ଧି ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। କେନ୍ଦ୍ର କହିଛି ଯେ ୧୩ ତାରିଖରେ ମାଲକାନଗିରି, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପଟେ ବୁଧବାର ମଧ୍ୟ କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ବର୍ତ୍ତମାନ ଓଡ଼ିଶା ଉପରେ ପାଣିପାଗର କୌଣସି ନିୟାମକ ନାହିଁ। ଏଥିପାଇଁ ବର୍ଷାର ପ୍ରକୋପ ସାମାନ୍ୟ ହ୍ରାସ ପାଇବ ବୋଲି କେନ୍ଦ୍ର କହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୧୬.୫ ମିମି ରେକର୍ଡ କରାଯାଇଛି। ହେଲେ ଏହି ସମୟ ମଧ୍ୟରେ ୨୫୫ ମିମି ସ୍ୱାଭାବିକ ବର୍ଷା ହେବା କଥା। ବର୍ତ୍ତମାନ ରାଜ୍ୟରେ ୨୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ସୂଚନା ଥାଉକି, ମଙ୍ଗଳବାର ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ରାୟଗଡ଼ାରେ ୨୬ମିମି ବର୍ଷା ହୋଇଥିବା ବେଳେ ଭଦ୍ରକରେ ୧୪ମିମି, ନବରଙ୍ଗପୁରରେ ୧୪ମିମି ଓ କୋରାପୁଟରେ ୧୧ମିମି ବର୍ଷା ରେକର୍ଡ କରାଯାଇଛି।















## ଏମିତି ବି ହୋଇଥିଲା...

# ବିମାନରେ ବାହୁଡ଼ିଥିଲେ ଦାରୁଦିଅଁ

ଏମିତି ବି ହୋଇଥିଲା। ଚତୁର୍ଦ୍ଧାବିଗ୍ରହ ଆଡପ ମଣ୍ଡପକୁ ରଥରେ ଯାଇଥିଲେ। ହେଲେ ରଥରେ ବାହୁଡି ପାରି ନ ଥିଲେ। ୮ ମାସ ପରେ ବିମାନରେ ବାହୁଡି ଥିଲେ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର କୁହନ୍ତି, ଇତିହାସରୁ ଜଣାଯାଏ ବଡଦେଉଳ ଉପରେ ଅନେକଥର ଆକ୍ରମଣ ହୋଇଛି। ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ଛାଡି ୨୨ ଥର ବାହାରେ ଲୀଳା କରିଛନ୍ତି। ଏହି ଆକ୍ରମଣଗୁଡିକ ମଧ୍ୟରୁ ୧୬୧୦ ଖ୍ରୀଷ୍ଟାବ୍ଦରେ କେଶୋଦାସ ମାରୁ ଶ୍ରୀମନ୍ଦିର ଲୁଣ୍ଠନ କରିଥିଲେ। କୋଶୋଦାସ ନିଜେ ଥିଲେ ରାଜପୁତ୍ର। କେତେକ ହିନ୍ଦୁ ସୈନ୍ୟଙ୍କୁ ଧରି ସେ କଟକରୁ ଶ୍ରୀମନ୍ଦିର ଲୁଣ୍ଠନ କରିବାକୁ ପୁରୀ ଆସିଥିଲେ। କେଶୋଦାସ ମୋଗଲ ଦରବାରରେ ନିଜର ପ୍ରତିଆରା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଆକ୍ରମଣ ଓ ଲୁଣ୍ଠନ କରି ତତ୍କାଳୀନ ଗଜପତି ପୁରୁଷୋତ୍ତମ ଦେବଙ୍କ ସ୍ୱାଧୀନ କାର୍ଯ୍ୟାଧାରାକୁ ନଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। କେଶୋଦାସଙ୍କ ଆକ୍ରମଣ ବିଷୟରେ ମାଦଳା ପାଞ୍ଜି ୬୫ ପୃଷ୍ଠାରେ ଉଲ୍ଲେଖ ଅଛି ଏ ମହାରାଜାଙ୍କ ଯାତ୍ରୀପଣେ କେଶୋମାରୁ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ ଧଇଲା। ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ କରିଥିଲେ। ତିନିରଥେ ପୋଡିଦେଲା। ପରମେଶ୍ୱରଙ୍କୁ ଚଉଦୋଳରେ ବିଜେ କରାଇଲେ। ୮ ମାସ ପରିଯନ୍ତେ ଦରବନ୍ଧାରେ ରହିଲା। ପରମେଶ୍ୱରଙ୍କୁ ଶୀତଳ ଭୋଗ ମୋଣୋହୀ ହେଉଥିଲା। ରାଜାଙ୍କ ସଙ୍ଗେ ପିରତୀ ହୋଇଗଲା। ଗୁଣ୍ଡିଚା ଘରଠାରେ ଅନେକ ମାଇଲା।

କେଶୋଦାସ ମାରୁ ଜାତିରେ ହିନ୍ଦୁ ଥାଇ ଛଦ୍ମବେଶରେ ଗୁଣ୍ଡିଚା ଯାତ୍ରା ଦେଖିବାକୁ ଆସି ଠାକୁରମାନଙ୍କ ତିନିରଥକୁ ପୋଡିଦେଲେ। ରାଜା ପୁରୁଷୋତ୍ତମ ଦେବଙ୍କ ସହିତ ସନ୍ଧି ସ୍ଥାପନ କରିବ ବୋଲି ଆଶା ଦେଇ ବିଶ୍ୱାସଘାତକତା କଲେ। ସେ ପୁରୁଷୋତ୍ତମ ଦେବଙ୍କ ଅନେକ ସୈନ୍ୟଙ୍କୁ ହତ୍ୟା କଲେ। ଏହି ସମୟରେ ଭାର୍ଗବୀ ନଦୀର ଦୋବନ୍ଧା ଘାଟରେ ଚାପ ଉପରେ ଠାକୁରମାନେ ୮ ମାସ ରହିଲେ। ଏହା ଥିଲା ଶ୍ରୀମନ୍ଦିର ଉପରେ ଏକ ବଡ ଲୁଣ୍ଠନ। ଏହି ଲୁଣ୍ଠିତ ଧନ ଦିଲ୍ଲୀ ବାଦ୍‌ଶାହାଙ୍କ ପର୍ଯ୍ୟନ୍ତ ଯାଇଥିଲା ବୋଲି ଇତିହାସରୁ ଜଣାଯାଏ। ଏଥିରୁ ଜଣାପଡୁଛି କେଶୋଦାସ ଠାକୁରମାନେ ଆଡପ ମଣ୍ଡପରେ ଥିବା ସମୟରେ ଆକ୍ରମଣ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କ ବାହୁଡା ଯାତ୍ରା ହୋଇ ନ ଥିଲା। ସମସ୍ତଙ୍କ ନଜର ଗୁଣ୍ଡିଚା ଘରଠାରେ କେନ୍ଦ୍ରୀଭୂତ ଥିଲା। ଏହି ସମୟରେ ସେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବା ଛଳନାରେ ଛଦ୍ମବେଶରେ ଅନେକ ରାଜପୁତ ସୈନ୍ୟଙ୍କୁ ସାଙ୍ଗରେ ଆଣି ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ଲୁଣ୍ଠନ କରିଥିଲେ। ଏଥିସହ ଗୁଣ୍ଡିଚା ଘରେ ଥିବା ତିନିରଥକୁ ପୋଡି ଦେଇଥିଲେ। ତେଣୁ ସେହିବର୍ଷ ମହାପ୍ରଭୁଙ୍କ ବାହୁଡା ଯାତ୍ରା ହୋଇପାରି ନ ଥିଲା। ଶ୍ରୀମନ୍ଦିର ମଧ ୮ ମାସ ପର୍ଯ୍ୟନ୍ତ ଶୂନ୍ୟ ରହିଥିଲା। ସେତେବେଳେ ମହାପ୍ରଭୁ ୮ ମାସ ବାହାରେ ରହିଥିବାରୁ ମହାପ୍ରସାଦ ମଧ ହୋଇପାରି ନ ଥିଲା। ରଥଗୁଡିକ ପୋଡି ଯାଇଥିବାରୁ ୮ ମାସ ପରେ ଠାକୁରମାନଙ୍କୁ ବିମାନରେ ଶ୍ରୀମନ୍ଦିରକୁ ବାହୁଡିଥିଲେ ବୋଲି ଗବେଷକ ଡ. ଦାଶ କହିଛନ୍ତି।



## ପୁରାଣେ ପୁରୁଷୋତ୍ତମ-୭

### ବ୍ରହ୍ମାଣ୍ଡ ମହାପୁରାଣ



ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ବ୍ରହ୍ମାଣ୍ଡ ମହାପୁରାଣ ଅନବଦ୍ୟ। ସମୁଦାୟ ୩ଟି ଭାଗ (ପୂର୍ବ, ମଧ ଓ ଉତ୍ତର), ୫ଟି ପାଦ (ପ୍ରକ୍ରିୟା, ଅନୁଷଙ୍ଗ, ଉପୋଦ୍‌ଘାତ, ଉପସଂହାର ଓ ଲଳିତୋପାଖ୍ୟାନ), ୧୫୬ଟି ଅଧ୍ୟାୟ ଓ ୧୨ହଜାର ଶ୍ଲୋକକୁ ନେଇ ସମୃଦ୍ଧ ଏହି ମହାପୁରାଣରେ ସୃଷ୍ଟିପ୍ରକରଣ, ବିବିଧ ଭୁବନବର୍ଣ୍ଣନା, ବହୁବିଧ କବଚ, ସ୍ତୋତ୍ରାଦି ସହ ସଙ୍ଗୀତ, ଜ୍ୟୋତିର୍ବିଜ୍ଞାନ, ଶ୍ରାଦ୍ଧପ୍ରକରଣ, ପରଶୁରାମଚରିତ, ଲଳିତାଚରିତ, ଦେବୀପୂଜାପ୍ରକରଣ ଇତ୍ୟାଦିର ବିଶଦ ବର୍ଣ୍ଣନା ରହିଛି। ଏହାର ମଧ୍ୟମଖଣ୍ଡ-ଉପୋଦ୍‌ଘାତପାଦ(୨୪/୧୮)ରେ ପରଶୁରାମ ବ୍ୟାଧରୂପି-ମହାଦେବଙ୍କୁ ସ୍ୱୀୟ ଦିବ୍ୟଦୃଷ୍ଟିରେ ଦର୍ଶନ କଲାବେଳେ 'ଜଗନ୍ନାଥ' ଶବ୍ଦ ଉଚ୍ଚାରିତ-

"ଅପଶ୍ୟଚ୍ଚ ଜଗନ୍ନାଥମାମ୍‌ସନ୍ଧାନଚକ୍ଷୁଷା।
ସ୍ୱଭକ୍ତାନୁଗ୍ରହକରଂ ମୃଗବ୍ୟାଧସ୍ୱରୂପିଣମ୍।।"

ପୁନଶ୍ଚ ସେହି ପାଦ(୨୪/୩୯)ରେ ମଧ ଶଙ୍କରରୂପି-ଜଗନ୍ନାଥଙ୍କୁ ନମନ କରିଛନ୍ତି ପରଶୁରାମ-

"ଅନ୍ତର୍ହିତେ ଜଗନ୍ନାଥେ ରାମୋ ନତ୍ୱା ତୁ ଶଙ୍କରମ୍।
ପରୀତ୍ୟ ବସୁଧାଂ ସର୍ବାଂ ତୀର୍ଥସ୍ନାନେଽକରୋନ୍ମନଃ।।"

ପୁନଶ୍ଚ ସେହି ପାଦ(୨୪/୪୯)ରେ ଅସୁରମାନଙ୍କ ଦ୍ୱାରା ପରାଜିତ ଦେବଗଣ ଶଙ୍କରରୂପି-ଜଗନ୍ନାଥଙ୍କ ଶରଣ ଯାଇ ତାଙ୍କୁ ସଂତୁଷ୍ଟ କରିଥିବା ବର୍ଣ୍ଣିତ-

"ତୋଷୟିତ୍ୱା ଜଗନ୍ନାଥଂ ପ୍ରଣାମଜୟସଂସ୍ତବୈଃ।
ପ୍ରାର୍ଥୟାମାସୁରସୁରାନ୍ ହନ୍ତୁଂ ଦେବାଃ ପିନାକିନମ୍।।"

ଆହୁରି ମଧ ଏହାର (୩୬/୩୭)ରେ ଶେଷଦେବଙ୍କ ମୁଖରେ ଉଦ୍ଗୀର୍ଣ୍ଣ ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତରଶତନାମ-ସ୍ତୋତ୍ରମ୍ ବା କୃଷ୍ଣପ୍ରେମାମୃତସ୍ତୋତ୍ରମ୍‌ରେ କୃଷ୍ଣଙ୍କ ଉଦ୍ଦେଶ୍ୟରେ 'ଜଗନ୍ନାଥ' ନାମ ପ୍ରକାଶିତ-

"ଜଗଦ୍‌ଗୁରୁର୍ଜଗନ୍ନାଥୋ ବେଣୁବାଦ୍ୟବିଶାରଦଃ।
ବୃଷଭାସୁରବିଧ୍ୱଂସୀ ବକାରିର୍ବାଣବାହୁକୃତ୍।।"

ଏହି ମହାପୁରାଣ-ଅନ୍ତର୍ଗତ ମଧ୍ୟମଭାଗ (୬୨-୬୩ ଅଧ୍ୟାୟ)ରେ ବଳଭଦ୍ର ଓ ରେବତୀଙ୍କ ବିବାହ ଓ ସଙ୍ଗୀତଚର୍ଚ୍ଚା ବର୍ଣ୍ଣିତ; ଯାହା ଏକ ଅଭିନବ ପ୍ରସଙ୍ଗ।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ-୯୪୩୭୫୬୬୩୨୪





## ସନ୍ଥ ତୁଳସୀ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଚନ୍ଦନପୁର ନିକଟସ୍ଥ ତୁଳସୀ ଚଉରା ଗ୍ରାମରେ ମଙ୍ଗଳବାର ସନ୍ଥ ତୁଳସୀ ଦାସ ଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ଚିତ୍ରକୂଟ ତୁଳସୀ ପୀଠାଧୀଶ୍ୱର ଜଗତଗୁରୁ ରାମନନ୍ଦାଚାର୍ଯ୍ୟ ପଦ୍ମବିଭୂଷଣ ରାମଭଦ୍ରାଚାର୍ଯ୍ୟଙ୍କ କରକମଳରେ ଏହି ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ଅବସରରେ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ କହିଥିଲେ ପାଞ୍ଚ ଶହ ବର୍ଷ ପୂର୍ବେ ସନ୍ଥ ତୁଳସୀ ଦାସ ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଏହି ଗ୍ରାମରେ ଅବସ୍ଥାନ କରିଥିଲେ। ଏହି ସମୟରେ ତୁଳସୀ ଦାସଙ୍କ ମନରେ ଦ୍ୱନ୍ଦ ଉପୁଜି ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତ ଗୋଡ଼ କୁଆଡେ ଗଲା? ଏ ତ ମୋ ରାମ ନୁହଁନ୍ତି? ଭଗବାନ ଜଗନ୍ନାଥ ନିଜେ ଏଠାରେ ଆବିର୍ଭାବ ହୋଇ ତୁଳସୀ ଦାସଙ୍କ ଦ୍ୱନ୍ଦ ଦୂର କରି ରାମ ରୂପରେ ଦର୍ଶନ ଦେଇଥିଲେ ବୋଲି କହିବା ସହ ଏହି ଗାଁ ଯେପରି ଜାତୀୟ ପର୍ଯ୍ୟଟନ ସୂଚୀରେ ସ୍ଥାନ ପାଇବ ସେଥିଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।

ଏହି ଉତ୍ସବରେ ବଦ୍ରୀନାଥର ବାଲକ ଯୋଗେଶ୍ୱର ଦାସ ଜୀ ମହାରାଜ, ନେବଲ ଦାସ ମଠର ମହନ୍ତ ଡ. ରାମ ଚରଣ ଦାସ, ମହିପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ, ଗୋବିନ୍ଦ ଗୋଧାମ ଗୋଶାଳାର ପ୍ରତିଷ୍ଠାତା ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ସେବାୟତ ମଧୁସୂଦନ ସିଂହାରୀ, ସମାଜସେବୀ ଦିଲ୍ଲୀପ ଖଣ୍ଡେଲୱାଲ, ରିତା ଖଣ୍ଡେଲୱାଲ, ବିଜୟ ଟେବ୍ରିବାଲ, ସରପଞ୍ଚ ମହେନ୍ଦ୍ର ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ବଳରାମ ମହାପାତ୍ର, ସମ୍ପାଦକ ସନ୍ତୋଷ ମହାପାତ୍ର, କୁଳଗୁରୁ ଜଗନ୍ନାଥ ଷଡ଼ଙ୍ଗୀ, ରବୀନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।



## ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା

# ୧୪ରେ ଖୋଲିପାରେ ରତ୍ନଭଣ୍ଡାର



**ପୁରୀ, ୯।୭ (ସମିସ):** ଯଦି ସବୁ କିଛି ଠିକ୍‌ଠାକ୍ ରହେ, ତେବେ ଆସନ୍ତା ୧୪ ତାରିଖରେ ଖୋଲିପାରେ ଭିତର ରତ୍ନଭଣ୍ଡାର। ମଙ୍ଗଳବାର ଅନୁଷ୍ଠିତ ରତ୍ନଭଣ୍ଡାର ଯାଞ୍ଚ କମିଟି ବୈଠକରେ ସର୍ବସମ୍ମତିକ୍ରମେ ଏନେଇ ପ୍ରସ୍ତାବ ପାରିତ ହୋଇଛି। କମିଟିର ଏହି ପ୍ରସ୍ତାବ ରୁଲ୍-୬ ଆଧାରରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ଦିଆଯିବ। ସେମାନେ ରାଜ୍ୟ ସରକାରଙ୍କୁ ପଠାଇବେ। ଯଦି ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତି, ତେବେ ୧୪ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲିବ ବୋଲି ସୂଚନା ଦେଇଛନ୍ତି କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ। ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରତ୍ନଭଣ୍ଡାର ତଦାରଖ କମିଟିର ଦ୍ୱିତୀୟ ବୈଠକ ବସିଥିଲା। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଭାବେ ଭିତର ରତ୍ନଭଣ୍ଡାର ଖୋଲିବା ନେଇ ଆଲୋଚନା ହୋଇଥିଲା।

ଏ ସମ୍ପର୍କରେ ଅଧ୍ୟକ୍ଷ ଜଷ୍ଟିସ୍ ରଥ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବୈଠକର ବିବରଣୀ ପରିଚାଳନା କମିଟିକୁ ଦିଆଯିବ। ସେମାନେ ସରକାରଙ୍କୁ ଜଣାଇବେ। ସରକାରଙ୍କ ନିର୍ଦ୍ଦେଶ ଆସିଲେ ରତ୍ନଭଣ୍ଡାର ଖୋଲାଯିବ। ରତ୍ନଭଣ୍ଡାର ଖୋଲିବା ପାଇଁ ଆମେ ଏସ୍‌ଓପି ଦେବୁ। ଆବଶ୍ୟକ ହେଲେ ପରିଚାଳନା କମିଟି ଏଥିରେ କିଛି ପରିବର୍ତ୍ତନ କରି ସରକାରଙ୍କୁ ପଠାଇବ। ଏହି ଏସ୍‌ଓପି ଉପରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଚାବି ଥାଉ ବା ନ ଥାଉ, ସରକାର ଅନୁମତି ଦେଲେ ଯେକୌଣସି ମତେ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବ। ଆଉ ୪/୫ ଦିନ ସମୟ ଅଛି। ଆଶା ରଖିବା ସରକାର ଅନୁମତି ଦେବେ ଏବଂ ରତ୍ନଭଣ୍ଡାର ଖୋଲି ଏହାର ମରାମତି ହେବ। ପ୍ରଥମେ ରତ୍ନ ଅଳଙ୍କାରକୁ ସୁରକ୍ଷା ଦିଆଯିବ। ଏଥିପାଇଁ ପରିଚାଳନା କମିଟିକୁ କୁହାଯାଇଛି, ସେମାନେ ଆପାତତଃ ମନ୍ଦିର ଭିତରେ ଜାଗା ଚିହ୍ନଟ କରିଛନ୍ତି। ପ୍ରଥମେ ଚିହ୍ନଟ ପ୍ରକୋଷ୍ଠକୁ କଡ଼ା ସୁରକ୍ଷା ମଧ୍ୟରେ ଗହଣା ସ୍ଥାନାନ୍ତର କରାଯିବ। ଏହାପରେ ଗଣତିମଣତି ହେବ। ଗଣତି ଏକ ଲମ୍ବା ପ୍ରକ୍ରିୟା। ଏଥିପାଇଁ ଦକ୍ଷ ଲୋକ ଦରକାର। ଯିଏ ଗଣତି ସହ ହୀରା, ଲୀଳା, ମୋତି, ମାଣିକ ଆଦିକୁ ଚିହ୍ନି ପାରୁଥିବେ। କାରଣ ରତ୍ନଭଣ୍ଡାରରେ ତିନିପ୍ରକାର (ସର୍ବକାଳୀନ ଅବ୍ୟବହୃତ ଗହଣା, ସର୍ବକାଳୀନ ବ୍ୟବହୃତ ଗହଣା ଏବଂ ରୀତୀନୀତି ପାଇଁ ବ୍ୟବହୃତ) ଗହଣା ରହିଛି। ତେଣୁ ଚିହ୍ନଟ ପାଇଁ ମେଟ୍ରୋଲୋଜିଷ୍ଟ ଏବଂ ବଣିଆ ଗ୍ରୁପ୍‌ଙ୍କୁ ଚୟନ କରାଯିବ। ସେମାନେ ଅଳଙ୍କାରଗୁଡ଼ିକର ଚିହ୍ନଟ, ସଠିକ୍ ଓଜନ ସହ ଚରିତ୍ର ନିର୍ଦ୍ଧାରଣ କରିବେ। କମିଟି କେବଳ ରତ୍ନଅଳଙ୍କାର ସବୁର ତଦାରଖ କରିବ।

- ଚାବି ଥାଉ କି ନ ଥାଉ ଅନୁମତି ମିଳିଲେ ଖୋଲିବ ରତ୍ନଭଣ୍ଡାର
- ରତ୍ନଅଳଙ୍କାର ଶ୍ରୀମନ୍ଦିର ପରିସର ଅନ୍ୟ ଏକ ଜାଗାକୁ ହେବ ସ୍ଥାନାନ୍ତର

ଅନ୍ୟପକ୍ଷରେ ରଥଯାତ୍ରାରେ ବ୍ୟସ୍ତତା ଯୋଗୁ ବୈଠକରେ ଚାବି ଉପସ୍ଥାପନ ହୋଇପାରି ନାହିଁ। ୧୪ ତାରିଖରେ ଚାବି ଦେବା ଲାଗି ଜିଲ୍ଲାପାଳଙ୍କୁ କୁହାଯାଇଛି। ସେହି ଚାବିରେ ତାଲା ଖୋଲାଯିବାକୁ ଚେଷ୍ଟା କରାଯିବ। ଯଦି ନ ଖୋଲିବ ତାଲା ଭଙ୍ଗାଯିବ। ତେବେ ଅନୁମତି ମିଳିବା ପରେ କେଉଁମାନେ ଏହି ଗଣତି ମଣତିରେ ସାମିଲ ହେବେ, ସେଥିପାଇଁ ସ୍ୱତନ୍ତ୍ର ଭାବେ ଟିମ୍ ଚୟନ କରିବେ ସରକାର ବୋଲି କହିଛନ୍ତି କମିଟି ଅଧ୍ୟକ୍ଷ। ତେବେ ରତ୍ନଭଣ୍ଡାର ଖୋଲିବା ସମୟରେ ଠାକୁରଙ୍କର ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ଉପୁଜିବନି, ତାହାକୁ ପ୍ରାଥମିକତା ଦିଆଯିବ। ପରିଚାଳନା କମିଟିକୁ ଏ ନେଇ ମଧ୍ୟ ଆମେ ପ୍ରସ୍ତାବ ଦେଇଛୁ। ଯେତେବେଳେ ଗଣତି ମଣତି ଓ ମରାମତି ହେବ, ସେ ସମୟରେ ଭକ୍ତ ଆମକୁ ସହଯୋଗ କରିବେ ବୋଲି ଅନୁରୋଧ କରିଛନ୍ତି କମିଟି ଅଧ୍ୟକ୍ଷ ଜଷ୍ଟିସ ରଥ।

## ପୂର୍ବ ରତ୍ନଭଣ୍ଡାର କମିଟି ଭଙ୍ଗକୁ ବିଜୟଙ୍କ କଟାକ୍ଷ

# ପଶାୟତ କମିଟି ଭଙ୍ଗ ଠିକ୍ ହେଲାନାହିଁ

**ଭୁବନେଶ୍ୱର, ୯।୭ (ସମିସ):** ସମସ୍ତଙ୍କର ଇଚ୍ଛା ରତ୍ନଭଣ୍ଡାର ଖୋଲାଯାଉ; କିନ୍ତୁ ରାଜ୍ୟ ସରକାର ଯେପରି ଭାବେ ପୁରୁଣା କମିଟିକୁ ଭାଙ୍ଗି ଦେଲେ ତାହା ଠିକ୍ ହୋଇ ନାହିଁ। ଏହି ପ୍ରସଙ୍ଗ ଏବେ ଗୋଳମାଳିଆ ଆଡକୁ ଯାଉଛି। ଏହାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଠିଛି। ଆଜି ରତ୍ନଭଣ୍ଡାର ପ୍ରସଙ୍ଗରେ ଏପରି ମନ୍ତବ୍ୟ ଦେଇଛନ୍ତି ବରିଷ୍ଠ ରାଜନେତା ବିଜୟ ମହାପାତ୍ର।

ସେ କହିଛନ୍ତି ଯେ ୧୯୭୮ ମସିହାରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ହୋଇ ତାଲିକା ପ୍ରକାଶ ପାଇଥିଲା। ପ୍ରାୟ ୧୨ ହଜାର ଭରି ଅଳଙ୍କାର ଗଣତି ପାଇଁ ପ୍ରାୟ ୧୭ ଦିନ ଲାଗିଥିଲା। ସେତେବେଳେ ରତ୍ନ ଚିହ୍ନଟ ପାଇଁ ମାଡ୍ରାସ, ଆନ୍ଧ୍ର ପ୍ରଦେଶରୁ ସୁଦକ୍ଷ ବଣିଆମାନଙ୍କୁ ଅଣାଯାଇଥିଲା। ତତ୍କାଳୀନ ରାଜ୍ୟପାଳଙ୍କ ଉଦ୍ୟମ କ୍ରମେ ଏହା ହୋଇଥିଲା। ଏବେ ଗଣତି ପାଇଁ କେତେ ଦିନ ସମୟ ଲାଗିବ ତାହା କହିହେବ ନାହିଁ। ଜଷ୍ଟିସ୍ ଅରିଜିତ ପଶାୟତ କମିଟି ଗଣତି, ମରାମତି ଆଦି ପାଇଁ କିଛି କାମ ଆରମ୍ଭ କରିଥିଲେ; କିନ୍ତୁ ସରକାର ଯେପରି ଭାବେ ସେହି କମିଟିକୁ ହଠାତ୍ ଭାଙ୍ଗି ଦେଲେ ତାହା ଠିକ୍ ହୋଇନାହିଁ। ସୁପ୍ରିମ୍ କୋର୍ଟର ଜଣେ ପୂର୍ବତନ ବରିଷ୍ଠ ବିଚାରପତି ତଥା ଜଣେ ଓଡିଆ ଲୋକଙ୍କୁ ଯେପରି ଭାବେ ବିଦା କରାଗଲା ତାହା ଅସମ୍ମାନଜନକ। ଶ୍ରୀ ମହାପାତ୍ର କହିଛନ୍ତି ଯେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପାଇଁ ରତ୍ନ ତଥା ଅଳଙ୍କାର ବାହାର କରି ବାହାରେ ସୁରକ୍ଷିତ ଭାବେ ରଖିବାକୁ ହେବ। ତେଣୁ ମନ୍ଦିର ଭିତରେ ଥିବା ଜାଗା ମଧ୍ୟରୁ ବିମଳାଙ୍କ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର ପଛରେ ଦୁଇଟି ଉପଯୁକ୍ତ ସ୍ଥାନ ଅଛି ଅଳଙ୍କାର ରଖିବା ପାଇଁ। ତେଣୁ ମନ୍ଦିର ପରିଚାଳନା କମିଟି ସୁରକ୍ଷିତ ସ୍ଥାନ ବାଛି ରତ୍ନଭଣ୍ଡାର କମିଟିକୁ ରିପୋର୍ଟ ଦେବା ଉଚିତ। ଅପରପକ୍ଷେ ୧୯୭୮ରେ ରତ୍ନଭଣ୍ଡାର ଗଣତି ପରେ ରତ୍ନ, ଅଳଙ୍କାରର ଷ୍ଟାଟସ୍ ରିପୋର୍ଟ ପ୍ରସ୍ତୁତ କରି ରଖାଯିବା କଥା, ଯାହା ହୋଇନାହିଁ।

**୧୯୭୮ ମସିହାର ଷ୍ଟାଟସ ରିପୋର୍ଟ ନୂଆ କମିଟି ହାତରେ ରହୁ**

ଏହା ପରେ ଦୁଇ ଥର ରତ୍ନ ଭଣ୍ଡାର ଖୋଲାଯାଇ ବାହାରକୁ ରତ୍ନ ବାହାରକୁ ଅଣାଯାଇଛି। ୧୯୮୨, ୧୯୮୫ରେ ଆଇନ୍ ମନ୍ତ୍ରୀ ଥିବା ଗଙ୍ଗାଧର ମହାପାତ୍ରଙ୍କ ସମୟରେ ରତ୍ନ ବାହାର କରାଯାଇ ଠାକୁରଙ୍କ କାମରେ ବ୍ୟବହାର ହୋଇଥିଲା। ଏହି ଅଳଙ୍କାର ତାଲିକା କାହା ପାଖରେ ଅଛି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ତେଣୁ ଏବେ ନୂଆ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନିକଟରେ ଷ୍ଟାଟସ୍ ରିପୋର୍ଟ ପହଞ୍ଚିବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଯାଞ୍ଚ ହେଲା ଶ୍ରୀମନ୍ଦିର

# ଗର୍ଭଗୃହ କାନ୍ଥରେ ଜମିଛି କଳା ଆସ୍ତରଣ

**ପୁରୀ, ୯।୭ (ସମିସ):** ଗର୍ଭଗୃହରେ ମୟଶ୍ଚର ହୋଇଯାଇଛି। କାନ୍ଥରେ ଫିମ୍ପି ଭଳି କଳା ଆସ୍ତରଣ ଜମି ଯାଇଛି। ଏହାକୁ ସଫା କରାଯାଇ ରାସାୟନିକ ପ୍ରଲେପ ଦିଆଯିବ। ଗର୍ଭଗୃହ ପ୍ରଥମ ଏବଂ ଦ୍ୱିତୀୟ ମହଲା ସଫା କରାଯାଇ ଆବଶ୍ୟକ ମରାମତି ହେବ। ରୋଷଘର ଅଗଣା ଚଟାଣ ପଥର ବଦଳା ଯିବ। ଗୁରୁବାର ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ, ଜଗମୋହନ, ରୋଷଘର ଏବଂ ଭୋଗ ମଣ୍ଡପ ଯାଞ୍ଚ ପରେ ଏହି ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ନୀଳାଦ୍ରିବିଜେ ପୂର୍ବରୁ ଏ ସବୁ କାମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ମଙ୍ଗଳବାର ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟର ମିଳିତ ଭାବେ ଯାଞ୍ଚ କରିଛନ୍ତି। ସେମାନେ ଜଗମୋହନ, ନାଟମଣ୍ଡପ, ଗର୍ଭଗୃହ, ପ୍ରଥମ ଓ ଦ୍ୱିତୀୟ ମହଲା, ରୋଷଘର ଓ ଭୋଗମଣ୍ଡପ ଚଟାଣ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ବିଶେଷକରି ଗର୍ଭଗୃହ ଓ ଜଗମୋହନରେ କଳା ଆସ୍ତରଣ କେତେ ପରିମାଣର ଜମିଛି, କିଭଳି ଏହାର କେମିକାଲ ୱାସିଂ କରାଯିବ, ବାୟୁ ଚଳାଚଳ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଗର୍ଭଗୃହ କାନ୍ଥରେ କଳା ଆସ୍ତରଣ ଜମିଥିବା ବେଳେ ତେଲିଆ ବି ରହିଥିବା ଦେଖିବାକୁ ପାଇଛନ୍ତି। ଏହାପରେ ବନ୍ଧା ଯାଇଥିବା ଭାରା ଉପରେ ଚଢ଼ି ପ୍ରଥମ ମହଲା ଓ ଦ୍ୱିତୀୟ ମହଲାକୁ ଯାଇ ସ୍ଥିତି ପରଖିଥିଲେ। ଜଗମୋହନରେ ହୋଇଥିବା ଷ୍ଟିଲ ଫ୍ରେମ କାର୍ଯ୍ୟ, ପକେଟ୍‌ଗୁଡ଼ିକର ଅନୁଧ୍ୟାନ ସହ ନାଟମଣ୍ଡପ ବିମ୍ ଫାଟ ମରାମତିକୁ ବି ଦେଖିଥିଲେ। ସେହିଭଳି ରୋଷଶାଳା ଓ ଭୋଗ ମଣ୍ଡପ ଚଟାଣରେ ଲାଗିଥିବା ପଥରର ସ୍ଥିତି କିଭଳି ରହିଛି, ଅନୁଧ୍ୟାନ କରିଥିଲେ। ସାତ ଦିନ ମଧ୍ୟରେ ଯେଉଁସବୁ ରୁଟିନ୍ କାର୍ଯ୍ୟ କରାଯିବା କଥା, ତାହା ଏଏସ୍‌ଆଇ ଦ୍ୱାରା ସମ୍ପନ୍ନ କରାଯିବ। ଯେଉଁ କାମ ରଥଯାତ୍ରା ପରେ ଆବଶ୍ୟକ ତାହା ଦୀର୍ଘମିଆଦି ସୂତ୍ରରେ ପରବର୍ତ୍ତୀ ସମୟରେ କରାଯିବ ବୋଲି ସୂଚନା ମିଳିଛି।

- ସଫା କରାଯାଇ ରାସାୟନିକ ପ୍ରଲେପ ଦିଆଯିବ
- ବଦଳାଯିବ ସିଂହଦ୍ୱାର ଭିତର ଗୁମୁଟ ଓ ଆନନ୍ଦ ବଜାର ଗ୍ରିଲ

ଅନ୍ୟପକ୍ଷରେ ସିଂହଦ୍ୱାର ଭିତର ଗୁମୁଟର ପଥର ବଦଳାଯାଉଛି। ଏହାର ଗ୍ରିଲ ବଦଳାଯିବ। ସେହିପରି ଆନନ୍ଦ ବଜାର ଗ୍ରିଲ ମଧ୍ୟ ପରିବର୍ତ୍ତନ ହେବ। ଏ ସବୁକୁ ମଧ୍ୟ ଯାଞ୍ଚ ବେଳେ ଅନୁଧ୍ୟାନ କରାଯାଇଛି। ଏହି ଟିମ୍‌ରେ ଖଡ଼ଗପୁର ଆଇଆଇଟି ପ୍ରଫେସର୍ ଶ୍ରୀମାନ ଗଙ୍ଗାଚାର୍ଯ୍ୟ, ଏଏସ୍‌ଆଇ ସୁପରିଣ୍ଟେଣ୍ଡିଂ ଡି.ବି. ଗଡ଼ନାୟକ, ଶ୍ରୀମନ୍ଦିର ବୈଷୟିକ କୋର କମିଟି ଅଧ୍ୟକ୍ଷ ଏନ୍.ସି. ପାଲ୍ ପ୍ରମୁଖ ସାମିଲ ଥିଲେ।

## ■ ଆଜି ହାଇକୋର୍ଟରେ ଶୁଣାଣି

# କ୍ୟାବିନେଟ୍‌ରେ ଉପସ୍ଥାପିତ ହୋଇପାରେ ଜଷ୍ଟିସ ରଘୁବୀର ଦାସ କମିସନ୍ ରିପୋର୍ଟ

**ଭୁବନେଶ୍ୱର, ୯।୭ (ସମିସ):** ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ଗଠିତ ଜଷ୍ଟିସ ରଘୁବୀର ଦାସ କମିସନ୍ ରିପୋର୍ଟ ସାର୍ବଜନୀନ ପାଇଁ ଆବେଦନ ମାମଲାର ବୁଧବାର ହାଇକୋର୍ଟରେ ଶୁଣାଣି ହେବ। ଏହା ପୂର୍ବରୁ ଗତ ୧୯ ତାରିଖରେ ଏହି ମାମଲାରେ ଶୁଣାଣି ବେଳେ ରାଜ୍ୟ ସରକାର କ୍ୟାବିନେଟ ବୈଠକରେ କମିସନ୍ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଜଣାଇଥିଲେ। ଆସନ୍ତାକାଲି କ୍ୟାବିନେଟ ବୈଠକ ଥିବା ବେଳେ ରଘୁବୀର ଦାସ କମିଶନ ରିପୋର୍ଟ ଉପସ୍ଥାପନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ରତ୍ନଭଣ୍ଡାର ଚାବି ହଜିବା ଘଟଣାର ରହସ୍ୟ ଖୁବଶୀଘ୍ର ଉନ୍ମୋଚିତ ହେବ ବୋଲି ସାଧାରଣରେ ଆଶା ଉଜ୍ଜ୍ୱଳ ହୋଇଛି।

## ■ ବଡ଼ସାଉଁଳି ଖଣିରେ ବୁଡ଼ି ଯୁବକ ନିଖୋଜ ଘଟଣା

# ୩୬ ଘଣ୍ଟା ପରେ ବି ମିଳୁନି ସନ୍ଧାନ

**ଖୋର୍ଦ୍ଧା, ୯।୭ (ସମିସ):** ରିଲ୍ସ କରିବା ବେଳେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ୨ନଂ ବଡ଼ସାଉଁଳି ଖଣିରେ ଜଣେ ଯୁବକ ବୁଡ଼ି ନିଖୋଜ ହେବା ଘଟଣାକୁ ୩୬ ଘଣ୍ଟା ବିତିଗଲାଣି। କିନ୍ତୁ ନିଖୋଜ ଯୁବକ ଓମ୍ ପ୍ରକାଶ ରଥଙ୍କ ପତ୍ତା ପାଉନି

- ■ ନାକେଦମ ସନ୍ଧାନକାରୀ ଟିମ୍, ଆଜି ଖୋଜିବ ନାଭାଲ ଟିମ୍
- ■ ଖଣି ପାଣିକୁ ଅନାଇ ବସିଛନ୍ତି ଓମ୍‌ଙ୍କ ପରିବାର
- ■ ମା'ଙ୍କ ଆଖିରୁ ଶୁଖୁନି ଲୁହ

ସନ୍ଧାନକାରୀ ଟିମ୍। ସୋମବାର ସନ୍ଧ୍ୟା ସାଢ଼େ ୮ଟା ପର୍ଯ୍ୟନ୍ତ ସନ୍ଧାନକାରୀ ଟିମ (ଓଡ୍ରାଫ ଟିମ୍ ସହ ଅଭିଜ୍ଞ ବୁଡାଳୀ ଟିମ୍) ପାଣିରେ ପଶି ଖୋଜାଖୋଜି କରି ନିରାଶ ହେବା ପରେ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ପୁଣି ଖୋଜାଖୋଜି କରିଥିଲେ ସନ୍ଧାନକାରୀ ଟିମ୍। କିନ୍ତୁ ଏଯାବତ୍ ତାଙ୍କର ପତ୍ତା ନ ମିଳିବା ପ୍ରଶାସନ ଓ ପରିବାରଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ତେବେ ବୁଧବାର ଆଇଏନ୍‌ଏସ୍ ଚିଲିକାରୁ ନାଭାଲର ଏକ ଟିମ୍ ଆସି ଖୋଜିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଅନ୍ୟପକ୍ଷରେ ନିଖୋଜ ଓମ୍ ପ୍ରକାଶଙ୍କ ପରିବାର ଓ ସମ୍ପର୍କୀୟ ଖଣି ନିକଟରେ ପାଣିକୁ ଅନାଇ ବସିଛନ୍ତି। ତାଙ୍କ ମାଆ ଓ ସମ୍ପର୍କୀୟଙ୍କ ଆଖିରୁ ଲୁହ ଶୁଖୁନି। ସନ୍ଧାନକାରୀ ଟିମ୍ ସଦସ୍ୟଙ୍କ କହିବା କଥା, ଖଣି ଗଭୀର ଥିବା ବେଳେ ପ୍ରାୟ ଶହେ ଫୁଟ୍ ଗଭୀର ପର୍ଯ୍ୟନ୍ତ ଯାଇ ଖୋଜିବାରେ ସକ୍ଷମ ହେଉଛୁ। ତଳେ ବହୁତ ବଡ଼ବଡ଼ ପଥର ଖୋଲ ଓ ଶିଉଳି ରହିଛି। ସେ ସ୍ଥାନକୁ ଯିବା ସମ୍ଭବ ହେଉନି। ଯେଉଁ ସ୍ଥାନରେ ଯୁବକ ନିଖୋଜ ହୋଇଥିଲେ, ତାହା ଚାରିପାଖରେ ଅନୁସନ୍ଧାନ ଜାରି ରହିଛି। କ୍ୟାମେରା ୫୦ ଫୁଟ୍ ପର୍ଯ୍ୟନ୍ତ ଯାଉଥିବା ବେଳେ ଏହାର ତଳକୁ ଆଉ ଯାଇପାରୁନି। ତଥାପି ଚେଷ୍ଟା ଜାରି ରଖିଛୁ। ଆସନ୍ତାକାଲି ନାଭାଲ ଟିମ୍ ଆସିଲେ ପୁନର୍ବାର ଅନୁସନ୍ଧାନ ଜାରି ରହିବ।

ପ୍ରକାଶ ଯୋଗ୍ୟ, ସୋମବାର ଓମ୍‌ପ୍ରସାଦ, ସହପାଠୀ ସୂରଜ ସାମଲ ଓ ଅନ୍ୟ ଜଣେ ସହପାଠିନୀ ଏଠାକୁ ଏକ କାର୍‌ରେ ବୁଲିବାକୁ ଆସିଥିଲେ। ସୂରଜ ଓ ଓମ୍‌ପ୍ରସାଦ ଏହି ଖଣି ନିକଟରେ ରିଲ୍ସ କରୁଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସୂରଜଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଓମ୍‌ପ୍ରସାଦ ଗତକାଲିଠାରୁ ନିଖୋଜ ରହିଛନ୍ତି।

## ■ ରଥଯାତ୍ରା ଦେଖି ଫେରିବା ବେଳେ ଅଘଟଣ

# ଗଛରେ ପିଟି ହେଲା ବାଇକ୍; ୨ ସାଙ୍ଗ ମୃତ

**ପାଟଣାଗଡ଼, ୯।୭ (ସମିସ):** ସୋମବାର ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ଧୁବଲପଡ଼ା ଛକର ଅନତି ଦୂରରେ ଏକ ଦୁର୍ଘଟଣାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଦୀପକ ବେହେରା ଓ ବିକାଶ ସାହୁ। ଏହି ଘଟଣାରେ ସେମାନଙ୍କ ଅନ୍ୟ ଜଣେ ସାଙ୍ଗ ନବୀନ କୁଅଁର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।





ସୂଚନାନୁସାରେ, ବଲାଙ୍ଗିର ସଦର ଥାନା ଅଧୀନସ୍ଥ ଢୁଲୁସର ଓ ଚୂଡ଼ାପାଲି ଗାଁର ତିନି ଜଣ ସାଙ୍ଗ ମିଶି ବାଇକ୍‌ରେ ମାୟାବରହା ଗାଁକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ଫେରିବା ବାଟରେ ମାୟାବରହା ଓ ଧୁବଲପଡ଼ା ଛକର ଅନତି ଦୂରରେ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ତିନିଜଣଯାକ ରାସ୍ତା ଉପରେ ଛିଟିକି ପଡ଼ି ପ୍ରାଣ ବିକଳରେ ଚିତ୍କାର କରୁଥିଲେ। ସେହି ରାସ୍ତା ଦେଇ ଯାଉଥିବା କିଛି ବାଟୋଇ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣାଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଦୁଇ ସାଙ୍ଗ ବିକାଶ ସାହୁ ଓ ନବୀନ କୁଅଁରଙ୍କୁ ସେଠାରୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ନିଆଯାଉଥିବା ସମୟରେ ଘାଟି ରାସ୍ତାରେ ବିକାଶଙ୍କ ମୃତ୍ୟୁ ହୋଇଥିଲା। ନବୀନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ବାପା

**ପୁଇଁତଳା, ୯।୭ (ସମିସ):** ମଙ୍ଗଳବାର ସକାଳେ ପୁଇଁତଳା ଥାନା ଅନ୍ତର୍ଗତ ଛତାପିପଲ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ, ସେହି ଗ୍ରାମର ଯୁଗେରାମ ଡାଙ୍ଗଙ୍କ ପତ୍ନୀ ଶ୍ରୀଦେବୀ କର୍ମୀ। ବିଦ୍ୟୁତ ଆଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ୱାମୀ ଓ ପରିବାରଲୋକ କହୁଥିବା ବେଳେ ଶ୍ରୀଦେବୀଙ୍କ ବାପା କୁଞ୍ଜବିହାରୀ କର୍ମୀ କିନ୍ତୁ ଏହାକୁ ସହଜେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ କହିଛନ୍ତି। ତାଙ୍କ ଝିଅକୁ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଶଶୁର ଘର ଲୋକେ ଚେଷ୍ଟା କରୁଛନ୍ତି ବୋଲି ସେ ପୁଇଁତଳା ଥାନାରେ ଏତଲା ଦେଇଛନ୍ତି।

ସୂଚନାନୁଯାୟୀ, କୁଟେନପାଲି ଗ୍ରାମର ଶ୍ରୀଦେବୀ ୧୦ ବର୍ଷ ତଳେ ଛତାପିପଲ ଗ୍ରାମର ଯୁଗେରାମ ଡାଙ୍ଗଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ରହିଛନ୍ତି। କୁଞ୍ଜବିହାରୀଙ୍କ ଅଭିଯୋଗ ଅନୁଯାୟୀ, ଯୁଗେରାମ ସବୁ ସମୟରେ ମଦ ପିଇ ନିଶାସକ୍ତ ଅବସ୍ଥାରେ ରହୁଥିଲେ। ବାହାର ଲୋକଙ୍କ ସହ ଗଣ୍ଡଗୋଳ କରୁଥିଲେ। ଶ୍ରୀଦେବୀ ଏହାକୁ ବିରୋଧ କଲେ ତାଙ୍କୁ ପ୍ରଚୁର ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଉଥିଲେ। ଦୁଇ ଦିନ ତଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହେବାରୁ ଯୁଗେରାମ ଶ୍ରୀଦେବୀଙ୍କ ପରିବାରଲୋକଙ୍କୁ ଫୋନ କରି ନେଇଯିବାକୁ କହିଥିଲେ। ନଚେତ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ତେବେ ମଙ୍ଗଳବାର ସକାଳେ ବିଦ୍ୟୁତ ତାର ଲାଗି ଶ୍ରୀଦେବୀଙ୍କ ମୃତ୍ୟୁ ହୋଇଛି ବୋଲି ସେମାନେ ଫୋନ କରି ଜଣାଇଥିଲେ। ତେଣୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କୁଞ୍ଜବିହାରୀ କହିଛନ୍ତି।

## ୧୨୪ ବର୍ଷର ନିଆରା ଅତୁଟ ପରମ୍ପରା

# ସଦ୍‌ଭାବନାର ଶ୍ରୀକ୍ଷେତ୍ର 'ରେମଣ୍ଡା' ରେ ଆଜି ରଥଯାତ୍ରା

**ଝାରସୁଗୁଡ଼ା, ୯।୭ (ସମିସ):** ସର୍ବଧର୍ମ ସମନ୍ୱୟ, ସମାନତା, ପ୍ରେମ ଓ ଭାଇଚାରାର ପ୍ରତୀକ ଓଡ଼ିଆ ଜାତିର ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ। ଜଗନ୍ନାଥ ସଂସ୍କୃତିରେ ରଥଯାତ୍ରାର ପରମ୍ପରା, ଇତିହାସ ଅନେକ ଗାଥା ବହନ କରେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ରଥଯାତ୍ରାର ହେଉଥିଲେ ମଧ୍ୟ ୧୨୪ ବର୍ଷର ରେମଣ୍ଡା ରଥଯାତ୍ରାର ପରମ୍ପରା ଏକ ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରୁଛି। ଆସନ୍ତାକାଲି (ବୁଧବାର) ହେବାକୁ ଯାଉଥିବା ଏହି ରଥଯାତ୍ରା ବିଭିନ୍ନ ଦୃଷ୍ଟିରୁ ନିଆରା। ସଦ୍‌ଭାବନାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକସ୍ଥିତ ରେମଣ୍ଡା ଗ୍ରାମ ଦଶନ୍ଧି ଦଶନ୍ଧି ଧରି ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ବହନ କରି ଆସୁଛି। ଏହି ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସମସ୍ତ ନୀତି ନିୟମ ଅନୁଯାୟୀ ହୋଇଥାଏ। ଠାକୁରଙ୍କୁ ପହଣ୍ଡିବିଜେ କରି ଗ୍ରାମର ମୁସଲମାନ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୁଏ।

ଝାରସୁଗୁଡ଼ା ସଦର ମହକୁମାରୁ ୪୦ କିଲୋମିଟର ଦୂରରେ ରହିଛି ରେମଣ୍ଡା ଗ୍ରାମ। ଏକ ମଫସଲ ଗ୍ରାମ ହୋଇଥିଲେ ସୁଦ୍ଧା ଏହି ଗାଁରେ ମୁସଲମାନ୍ ଓ ହିନ୍ଦୁ ସମ୍ପ୍ରଦାୟର ଲୋକେ କେବଳ ଏକାଠି ବସବାସ କରନ୍ତି ନାହିଁ; ବରଂ ଦୀପାବଳି, ହୋଲି, ନୂଆଁଖାଇ, ପୁଷ୍‌ପୁନି, ମହରମ ଆଦି ସମସ୍ତେ ଏକା ଦିନରେ ଭାଇଚାରାର ଭାବ ରଖି ପାଳନ କରନ୍ତି। ୧୯୦୦ ମସିହାରୁ ଆଜିକୁ ୧୨୪ ବର୍ଷ ହେବ ଏହି ପରମ୍ପରା ନିଆରା ଢଙ୍ଗରେ ପାଳିତ ହୋଇଆସୁଛି। ଏହି ଗାଁରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗୌନ୍ତିଆ ପଦ ଚାଲି ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ପାଇଁ ସେ ବଂଶଜ ଆଜି ବି ଗୌନ୍ତିଆ।

କୁହାଯାଏ, ୧୯୦୦ ମସିହାରେ ସବୁଠି ରଥଯାତ୍ରା ହେଉଥିବା ଦେଖି ଗ୍ରାମବାସୀ ତତ୍କାଳୀନ ମୁସଲମାନ ଗୌନ୍ତିଆ ୱାରେସ ମହମ୍ମଦଙ୍କ ପାଖକୁ ଆସି ଗାଁରେ ରଥଯାତ୍ରା କରିବାର ପ୍ରସ୍ତାବ ରଖିଥିଲେ। ଗୌନ୍ତିଆ ମୁସଲମାନ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ ଏହି ପ୍ରସ୍ତାବରେ ଖୁସି ହେବା ସହ ରାଜି ହୋଇ ନିଜେ ସ୍ୱୟଂ ଶ୍ରୀଜଗନ୍ନାଥ ସେବାରେ ନିଜକୁ ସାମିଲ କରିବାକୁ ଘୋଷଣା କରନ୍ତି। ତେଣୁ ସେ ସମୟରୁ ଏଠାରେ ମୁସଲମାନ ଗୌନ୍ତିଆ ବଂଶଧର ରଥଯାତ୍ରାରେ ନିଜକୁ ସକ୍ରିୟ ଭାବେ ସାମିଲ କରି ଶ୍ରୀଜଗନ୍ନାଥଙ୍କ ସେବା କରି ଆସୁଛନ୍ତି। ୱାରେସ୍ ମହମ୍ମଦଙ୍କ ପରେ ମହମ୍ମଦ ଅଲିୱାଲ, ମହମ୍ମଦ ହନିଉ, ମହମ୍ମଦ ଖଲିଲ ଏବଂ ବର୍ତ୍ତମାନ ତାଙ୍କ ପୁଅ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ସୁଲେଖକ, କବି ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ରଥଯାତ୍ରା ବେଳେ ଛେରାପହଁରା କରିଆସୁଛନ୍ତି। ହୀରାକୁଦ ନଦୀବନ୍ଧ ହେବା ପୂର୍ବରୁ କୁଲସର ଗ୍ରାମରୁ କେବଳ ଶ୍ରୀଜଗନ୍ନାଥ ଠାକୁରଙ୍କ ବିଗ୍ରହ ଅଣାଯାଇ ଆଷାଢ଼ ପଞ୍ଚମୀ ତିଥିରେ ରଥଯାତ୍ରା କରାଯାଉଥିଲା। ହୀରାକୁଦ ନଦୀବନ୍ଧ ହେବା ପରେ କୁଲସର ଗ୍ରାମ ବନ୍ଧ ପାଣିରେ ବୁଡ଼ିଯିବା ପରେ ଅନେକ ବର୍ଷ ପର୍ଯ୍ୟନ୍ତ ପାଖ ସୁନାରୀ ଗ୍ରାମରୁ ଠାକୁରଙ୍କୁ ଅଣାଯାଇ ରଥଯାତ୍ରା କରାଯାଉଥିଲା।







ଗାଁରେ ମନ୍ଦିର ନ ଥିଲେ ବି ଏକ ଗୁଡ଼ି ଘର ଅଛି। ଏବେ ଗ୍ରାମବାସୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ଠାକୁରଙ୍କୁ ଗୁଡ଼ି ଘରେ ପୂଜାର୍ଚ୍ଚନା କରିବା ସହ ରଥଯାତ୍ରା ପାଳନ କରୁଛନ୍ତି। ହେଲେ ନିଆରା ଭାବେ ଆଷାଢ଼ ପଞ୍ଚମୀ ତିଥିରେ ଏବେ ବି ରଥଯାତ୍ରା ପାଳିତ ହୋଇ ଆସୁଅଛି। ରଥଯାତ୍ରା ଦିନ ଗ୍ରାମରେ ହିନ୍ଦୁ ମୁସଲମାନ ନୂଆ ଲୁଗା ପିନ୍ଧି ନିଜକୁ ସଜବାଜ କରି ଗାଁ ଦାଣ୍ଡ ଏବଂ ଗୁଡ଼ି ଘରେ ଏକତ୍ରିତ ହୁଅନ୍ତି। ପୂଜକଙ୍କ ଦ୍ୱାରା ରୀତିନୀତି ସମ୍ପନ୍ନ ପରେ ସମ୍ପ୍ରଦା, କୀର୍ତ୍ତନ ଆଦି ତଥା ଘଣ୍ଟ ଶଙ୍ଖ ବାଦ୍ୟରେ ଠାକୁରଙ୍କ ଛେରାପହଁରା ହୋଇଥାଏ। ଏତିକିବେଳେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ନୂତନ ଝାଡ଼ୁ ଧରି ରଥ ଚାରିପଟେ ଛେରା ପହଁରା କାର୍ଯ୍ୟ କରନ୍ତି। ପାଞ୍ଚଥର ରଥ ଚାରିପଟେ ଛେରା ପହଁରା କରିବା ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇ ରଥଟଣା ଆରମ୍ଭ ହୁଏ। ଏଥିରେ ଉଭୟ ସମ୍ପ୍ରଦାୟର ଲୋକେ ମହାଆନନ୍ଦରେ ରଥ ଟାଣନ୍ତି। ରଥଟଣା ହୋଇ ଗୌନ୍ତିଆ ଘର ସମ୍ମୁଖରେ ରହେ। ସେଠାରେ ମେଳା ମହୋତ୍ସବ ସାଙ୍ଗକୁ ଦିଅଁଦର୍ଶନ ସାରିବା ପରେ ସନ୍ଧ୍ୟାରେ ତିନି ଠାକୁର ମାଉସୀ ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏ ସମ୍ପର୍କରେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା କହନ୍ତି ଯେ ଆଲହା କୁହନ୍ତୁ, ଭଗବାନ କୁହନ୍ତୁ ଅବା ଗଡ୍ କୁହନ୍ତୁ; ସବୁ ଏକ। ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାରା ସବୁ ସେଇ ଭଗବାନଙ୍କ ଘର। ମହାବୀର, ବୁଦ୍ଧ, ଯୀଶୁ, ମହମ୍ମଦ ଯେଉଁମାନେ ବି ଭଗବାନଙ୍କ ଅବତାରରେ ଧରାରେ ଜନ୍ମ ନେଲେ ସମସ୍ତଙ୍କ ସେଇ ଗୋଟିଏ କଥା ପରସ୍ପରକୁ ଶ୍ରଦ୍ଧା କର, ସ୍ନେହ କର ଓ ଭାଇଚାରା ରଖ। ଏଣୁ ସାମ୍ପ୍ରଦାୟିକ ସଦ୍‌ଭାବନା, ଜାତୀୟ ସଂହତି ଏବଂ ଭାଇଚାରା ଭାବନା ନେଇ ଆମେ ରେମଣ୍ଡା ଗ୍ରାମବାସୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମିଳିମିଶି କରିଆସୁଛୁ ବୋଲି ମହମ୍ମଦ ଜମିଉଲ୍ଲା କହନ୍ତି।




ସକାଳ
THE SAKALA
www.sakalaepaper.com

**ପୁଟିନଙ୍କୁ ମୋଦୀଙ୍କ ପରାମର୍ଶ**

# ଯୁଦ୍ଧ ଶାନ୍ତିର ମାର୍ଗ ନୁହେଁ

- ଭାରତ ଶାନ୍ତିର ପକ୍ଷଧର: ସହଯୋଗ ପାଇଁ ପ୍ରସ୍ତୁତ
- ସଂଘର୍ଷରେ ଶିଶୁଙ୍କ ମୃତ୍ୟୁ ହୃଦୟ ବିଦାରକ
- ସବୁ ପ୍ରକାର ଆତଙ୍କବାଦକୁ ନିନ୍ଦା
- ୨ ନୂଆ ବାଣିଜ୍ୟ ଦୂତାବାସ ଖୋଲିବ ଭାରତ
- ଜୟ ଜଗନ୍ନାଥ କହି ପ୍ରବାସୀଙ୍କୁ ମୋଦୀଙ୍କ ସମ୍ବୋଧନ

**ମସ୍କୋ, ୯ ।୭ (ଏଜେନ୍ସି):** ରୁଷ୍-ଭାରତ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦ୍ୱିପାକ୍ଷିକ ସାମରିକ ସହଯୋଗ, ଅର୍ଥନୈତିକ ସହଯୋଗ,ନିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ, ୟୁକ୍ରେନ ଯୁଦ୍ଧ, ବାଣିଜ୍ୟ, ଶକ୍ତି, ବିନିର୍ମାଣ ଓ ଉର୍ବରକ ଆଦି ପ୍ରସଙ୍ଗରେ ଚର୍ଚ୍ଚା ହୋଇଛି । ଉଭୟ ନେତା ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଯୁଦ୍ଧ ଶାନ୍ତିର ମାର୍ଗ ନୁହେଁ ବୋଲି ମୋଦୀ ପୁଟିନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହି ବୈଠକ ଉପରେ ସାରା ବିଶ୍ୱର ଧ୍ୟାନ ରହିଛି । ଏହାର ଅଲଗା ଅଲଗା ଅର୍ଥ ବାହାର କରାଯାଉଛି । ଭବିଷ୍ୟତ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶାନ୍ତି ଆବଶ୍ୟକ । ଯୁଦ୍ଧ କ୍ଷେତ୍ର କୌଣସି ସମସ୍ୟାର ସମାଧାନ ନୁହେଁ । ବୋମା, ବନ୍ଧୁକ ଏବଂ ଗୁଳି ମଧ୍ୟରେ ସମାଧାନ ଓ ଶାନ୍ତି ବାର୍ତ୍ତା ସଫଳ ହୁଏ ନାହିଁ । ଆଲୋଚନା ମାଧ୍ୟମରେ ଶାନ୍ତିର ମାର୍ଗ ଆପଣାଇବା ଉଚିତ । ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଯଥା ସମ୍ଭବ ସହଯୋଗ ପାଇଁ ପ୍ରସ୍ତୁତ ଅଛି । ଶାନ୍ତି ପ୍ରତିଷ୍ଠା ପାଇଁ ବନ୍ଧୁ ପୁଟିନଙ୍କ କଥା ଶୁଣି ବହୁତ ଖୁସି ଲାଗୁଛି । ଭାରତ ଶାନ୍ତିର ପକ୍ଷଧର ବୋଲି ମୋଦୀ ବିଶ୍ୱ ସମୁଦାୟକୁ ଆଶ୍ୱସ୍ତ କରିଛନ୍ତି । ଯୁଦ୍ଧ, ସଂଘର୍ଷ ହେଉ କି ଆତଙ୍କବାଦୀ ଆକ୍ରମଣ ଏ ସବୁ ଘଟଣା ମାନବିକତା ଉପରେ ଆସ୍ଥା ରଖିଥିବା ପ୍ରତି ବ୍ୟକ୍ତିଙ୍କୁ କଷ୍ଟ ଦେଉଛି । ନିଷ୍ପାପ ଶିଶୁର ହତ୍ୟା ହେଲେ ହୃଦୟ ଭାଙ୍ଗି ଯାଇଥାଏ । ଏହା ବହୁତ କଷ୍ଟ ଦେଇଥାଏ ବୋଲି ମୋଦୀ କହିଛନ୍ତି । ସେ ସବୁ ପ୍ରକାରର ଆତଙ୍କବାଦକୁ କଡ଼ା ନିନ୍ଦା କରିଛନ୍ତି ।




ସେହିପରି ଗଗନଯାନ ଅଭିଯାନରେ ରୁଷର ସହାୟତା ଲୋଡ଼ାଯାଇଛି । ଭାରତ ତା'ର ନୂଆ ଆଣବିକ ରିଆକ୍ଟର ଚାଲୁ କରିବାକୁ ଚାହୁଁଥିବାରୁ ସେଥିପାଇଁ ରୁଷର ସହାୟତା ମଗାଯାଇଛି । ଉଭୟ ଦେଶ, ସବୁଜ ଇନ୍ଧନ ଓ ସ୍ୱଚ୍ଛ ଶକ୍ତି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି । ବାଣିଜ୍ୟ ଅସମାନତାକୁ କିପରି ହ୍ରାସ କରିହେବ ସେ ନେଇ ଉଭୟ ଦେଶ ଉପାୟ ଖୋଜିଛନ୍ତି । ୨୦୨୩-୨୪ରେ ରୁଷରୁ ଭାରତ ୬୫.୭ ବିଲିଅନ ଡଲାର ମୂଲ୍ୟର ଆମଦାନୀ କରିଥିବା ବେଳେ ରୁଷକୁ ରପ୍ତାନି କରାଯାଇଛି ୫ବିଲିଅନ ଡଲାର ମୂଲ୍ୟର ଦ୍ରବ୍ୟ, ସାମଗ୍ରୀ ଓ ସେବା । ବାଣିଜ୍ୟ ଅସମାନତା ଏତେ ବଢ଼ିବାର କାରଣ ଭାରତ ରୁଷରୁ ରିହାତି ଦରରେ ଲକ୍ଷଲକ୍ଷ ବ୍ୟାରେଲ ଅଶୋଧିତ ତୈଳ କ୍ରୟ କରିଥିଲା । ରୁଷ୍ ବ୍ୟାଙ୍କ ଉପରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ କଟକଣା ଲଗାଇଥିବାରୁ ଜାତୀୟ ମୁଦ୍ରାରେ ପେମେଣ୍ଟ ନେଇ ମଧ୍ୟ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା ହେଇଛି । ଭାରତରୁ ଅଧିକ ପରିମାଣର ସାମଗ୍ରୀ ଆମଦାନୀ କରିବାକୁ ରୁଷକୁ କୁହାଯାଇଛି ।

ଦ୍ୱିପାକ୍ଷିକ ବୈଠକ ପରେ ଭାରତୀୟ ସଂଗୋଷ୍ଠୀର ଏକ ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷର କାଜାନ୍ ଓ ୟେକାଟେରିନବର୍ଗରେ ଦୁଇଟି ନୂଆ ଭାରତୀୟ ବାଣିଜ୍ୟିକ ଦୂତାବାସ ଖୋଲାଯିବା ନେଇ ଘୋଷଣା କରିଛନ୍ତି । ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରେ ବିଦେଶରେ ଭାରତୀୟ ସଂଗୋଷ୍ଠୀକୁ ଭେଟିବା ଏହା ପ୍ରଥମ । ଭାରତ-ରୁଷ୍ ସମ୍ପର୍କକୁ ସୁଦୃଢ଼ କରିବାକୁ ରାଷ୍ଟ୍ରପତି ପୁଟିନ ପ୍ରୟାସରତ ଥିବାରୁ ମୋଦୀ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ଗତ ୧୦ବର୍ଷରେ ସେ ୬ଥର ରୁଷ୍ ଆସିଛନ୍ତି ଓ ପୁଟିନଙ୍କ ସହ ତାଙ୍କର ୧୭ଥର ଭେଟ ହୋଇଛି । ପରସ୍ପରକୁ ସମ୍ମାନ ଦେବା ଓ ବିଶ୍ୱାସ କରିବା ଉପରେ ଭାରତ-ରୁଷ୍ ମୈତ୍ରୀ ଦିନକୁ ଦିନ ବଢ଼ିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ଆମ ଛାତ୍ରମାନେ ୟୁକ୍ରେନରେ ଫସି ରହିଥିବା ବେଳେ ସେମାନଙ୍କ ନିରାପଦ ଅପସାରଣରେ ରାଷ୍ଟ୍ରପତି ପୁଟିନ ସହଯୋଗ କରିଥିଲେ । ୧୭ ଶତାବ୍ଦୀରୁ ଭାରତ-ରୁଷ୍ ମୈତ୍ରୀ ସମ୍ପର୍କ ରହିଆସିଛି । ସେତେବେଳେ ରୁଷର ଆସଟ୍ରାଖାନରେ ଇଣ୍ଡିଆ ହାଉସ୍ ନିର୍ମିତ ହୋଇଥିଲା ଓ ଗୁଜରାଟୀ ବଣିକମାନେ ସେଠାରେ ରହି ବ୍ୟବସାୟ କରୁଥିଲେ । ଗମନାଗମନ ଓ ପରିବହନର ସୁବିଧା ପାଇଁ ଅନ୍ତର୍ଜାତୀୟ ନର୍ଥସାଉଥ୍ ଟ୍ରେଡ୍ କରିଡର ଓ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ଇଷ୍ଟର୍ଣ୍ଣ ମାରିଟାଇମ୍ କରିଡର ପ୍ରକଳ୍ପ ହାତକୁ ନିଆଯାଇଛି । ରୁଷରେ ପଢ଼ିବା ପାଇଁ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ରୁଷ ଆସୁଛନ୍ତି । ଭାରତର ପ୍ରତ୍ୟେକ ରାଜ୍ୟର ଆସୋସିଏସନ୍ ରୁଷରେ ରହିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ଏଠାରୁ ମୋଦୀ ଅଷ୍ଟ୍ରିଆର ରାଜଧାନୀ ଭିଏନା ଯିବେ ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଜୟ ଜଗନ୍ନାଥ କହି ମସ୍କୋରେ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧନ ଆରମ୍ଭ କରିଥିଲେ । ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଛି ବୋଲି କହିଥିଲେ । ସେହିପରି ମସ୍କୋ କାର୍ଯ୍ୟକ୍ରମ ବେଳେ ପ୍ରଧାନମନ୍ତ୍ରୀ ତାଙ୍କ କାନ୍ଧରେ ଓଡ଼ିଶାର ସ୍କାର୍ପ ପକାଇଥିବା କଥା ଉପସ୍ଥିତ ଭାରତୀୟ ସମୁଦାୟଙ୍କୁ କହିଥିଲେ ।

## ସୋରେନଙ୍କ ଜାମିନକୁ ବିରୋଧ: ସୁପ୍ରିମ୍‌କୋର୍ଟ ଗଲା ଇଡି



**ନୂଆଦିଲ୍ଲୀ, ୯ ।୭(ଏଜେନ୍ସି):** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର କାର୍ଯ୍ୟନିର୍ବାହୀ ସଭାପତି ହେମନ୍ତ ସୋରେନଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଗତମାସ ୨୮ରେ ଜାମିନ ମଞ୍ଜୁର କରିବା ପରେ ରାଞ୍ଚିର ବିରସା ମୁଣ୍ଡା କେନ୍ଦ୍ରୀୟ କାରାଗାରରୁ ମୁକୁଳି ସେ ଗତ ୪ ତାରିଖରେ ପୁଣିଥରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋରେନଙ୍କ ଜାମିନକୁ ଗତକାଲି ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରିଛି । ହାଇକୋର୍ଟଙ୍କ ଜାମିନ ଆଦେଶକୁ ଇଡି ନିଜ ପିଟିସନ୍‌ରେ ବେଆଇନ ଓ ପକ୍ଷପାତୀ ଦର୍ଶାଇଛି । ସୋରେନ ଏକ ଜମି ଘୋଟାଲାରେ ସଂପୃକ୍ତ ଓ ସେ ଜାଲିଆତି କରି ୮ଏକରରୁ ଅଧିକ ପରିମିତ ମୂଲ୍ୟବାନ ଜମି ହାତେଇ ନେଇଥିବା ଅଭିଯୋଗରେ ଇଡି ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ଚଳାଇଥିଲା । ସୋରେନଙ୍କୁ ଜାମିନ ଦେଇ ହାଇକୋର୍ଟ କହିଥିଲେ, ଆପାତତଃ ଜାଣିହେଉଛି ଯେ ସୋରେନ ଦୋଷୀ ନୁହଁନ୍ତି କି ସେ କିଛି ଅପରାଧ ଘଟାଇନାହାନ୍ତି । ସାକ୍ଷୀଙ୍କ ବୟାନରୁ ଜଣାପଡୁଛି, ଉକ୍ତ ଜମି ୨୦୧୦ରୁ ସୋରେନଙ୍କ ପାଖରେ ରହିଛି । ଜମି ସୋରେନଙ୍କର ନୁହେଁ ବୋଲି ଦାବି କରି କେହି ପୁଲିସ୍‌ରେ ଅଭିଯୋଗ କରିନାହାନ୍ତି । ସୋରେନ ମୁଖ୍ୟମନ୍ତ୍ରୀ ନଥିବା ବେଳେ ମଧ୍ୟ କେହି ଜମିର ମାଲିକାନା ଦାବି କରିନାହାଁନ୍ତି । ଇଡି ଦାଖଲ କରିଥିବା ରେଜିଷ୍ଟାର, ରାଜସ୍ୱ ରେକର୍ଡରେ ଜମି ହଡ଼ପରେ ସୋରେନଙ୍କ ସିଧାସଳଖ ସଂପୃକ୍ତି ଥିବା ନେଇ କିଛି ପ୍ରମାଣ ନାହିଁ ।

**■ ସମଲିଙ୍ଗୀ ବିବାହ ମାମଲା**

### ମୁକ୍ତ କୋର୍ଟରେ ଶୁଣାଣିକୁ ନା

ସମଲିଙ୍ଗୀ ବିବାହ ମାମଲାର ସମୀକ୍ଷା ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ଶୁଣାଣି କରିଛନ୍ତି । ମୁକ୍ତ କୋର୍ଟରେ ଏହି ମାମଲାର ଶୁଣାଣି ପାଇଁ ହୋଇଥିବା ଆବେଦନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି । ଚ୍ୟାମ୍ବରରେ ଶୁଣାଣି ହେବ ବୋଲି କହିଛନ୍ତି । ଏହା ପୂର୍ବରୁ ଗତ ଅକ୍ଟୋବର ୧୭ରେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ମନା କରିଦେଇଥିଲେ । ଏହି ନିଷ୍ପତ୍ତି ବିରୋଧରେ ୫୬ ସମୀକ୍ଷା ଆବେଦନ ଦାଏର କରାଯାଇଥିଲା । ୧୦ ତାରିଖରେ ଅନ୍ୟ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ବୋଲି ସିଜେଆଇ କହିଛନ୍ତି । ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ପୂର୍ବତନ ସିଜେଆଇ ୟୁୟୁ ଲଳିତଙ୍କୁ ପଶ୍ଚିମବଙ୍ଗର ସବୁ ୟୁନିଭର୍ସିଟିର ଅନୁସନ୍ଧାନ ଏବଂ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି । ପଶ୍ଚିମବଙ୍ଗ ସରକାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ କେଭି ବିଶ୍ୱନାଥନ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ସୂଚନା ଅନୁଯାୟୀ ୟୁନିଭର୍ସିଟି ଗୁଡ଼ିକରେ ରାଜ୍ୟପାଳ ଅନ୍ତରୀଣ କୁଳପତି ନିଯୁକ୍ତ କରିଥିଲେ । ଏହାକୁ ବିରୋଧ କରି ରାଜ୍ୟ ସରକାର ହାଇକୋର୍ଟକୁ ଯାଇଥିଲେ । ମାତ୍ର ହାଇକୋର୍ଟ ଆବେଦନ ଖାରଜ କରିଦେବା ପରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

**ମୁମ୍ବଇ ବିଏମଡବ୍ଲ୍ୟୁ ହିଟ୍ ଆଣ୍ଡ ରନ୍ ମାମଲା**

## ମୁଖ୍ୟ ଅଭିଯୁକ୍ତ ମିହିର ଶାହ ଗିରଫ





**ମୁମ୍ବଇ, ୯।୭ (ଏଜେନ୍ସି):** ମୁମ୍ବଇ ବିଏମ୍‌ଡବ୍ଲ୍ୟୁ ହିଟ୍ ଆଣ୍ଡ ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶିବସେନା (ସିନ୍ଦେ ଗୋଷ୍ଠୀ) ନେତା ରାଜେଶ ଶାହଙ୍କ ପୁଅ ମିହିର ଶାହକୁ ମଙ୍ଗଳବାର ଦ୍ୱିପହରେ ଗିରଫ କରାଯାଇଛି । ଘଟଣାର ୬୦ ଘଣ୍ଟା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପରେ କୋର୍ଟ ମିହିରକୁ ୧୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ମିହିରକୁ ଧରିବା ପାଇଁ ମୁମ୍ବଇ ପୁଲିସ ୧୧ଟି ଟିମ୍ ଗଠନ କରିଥିଲା । କ୍ରାଇମ୍ ବ୍ରାଞ୍ଚକୁ ମଧ୍ୟ ସାମିଲ କରାଯାଇଥିଲା । ତା ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲଓସି) ଜାରି କରାଯାଇଥିଲା । ଏହା ପୂର୍ବରୁ ୱର୍ଲି ପୁଲିସ ରାଜେଶ ଶାହା ଏବଂ ଡ୍ରାଇଭର ରାଜରଷି ରାଜେନ୍ଦ୍ର ସିଂହ ବିଦାଓତଙ୍କୁ ଗିରଫ କରିଥିଲା । ଉଭୟଙ୍କୁ ସୋମବାର ଶିଭଡ଼ି କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ରାଜେଶଙ୍କୁ ଜାମିନ ପ୍ରଦାନ କରିଥିବାବେଳେ ଡ୍ରାଇଭରକୁ ୧୧ ତାରିଖ ପର୍ଯ୍ୟନ୍ତ ହେପାଜତକୁ ପଠାଇ ଦେଇଥିଲେ । ପୁଲିସ ସୂଚନା ଅନୁଯାୟୀ ମିହିର ଦମ୍ପତିଙ୍କୁ ଧକ୍କା ଦେବା ପରେ କାବେରି ନଖୱାଙ୍କୁ ୧.୫ କିମି ପର୍ଯ୍ୟନ୍ତ ଟାଣି ନେଇଥିଲା । ଏହା ପରେ ଯାଇ କାର୍ ଅଟକାଇ ଥିଲା । ଏଠାରେ ସେ ଡ୍ରାଇଭରଙ୍କୁ ଗାଡ଼ି ଚଳାଇବାକୁ ଦେଇଥିଲା । ଷ୍ଟିୟରିଂ ସମ୍ଭାଳିବା ପରେ ଡ୍ରାଇଭର କାର୍‌କୁ ପଛକୁ ନେଇଥିଲା ଏବଂ ରାସ୍ତା ଉପରେ ପଡ଼ିଥିବା କାବେରୀଙ୍କୁ ଚାପି ଦେଇଥିଲା । ପରେ ଉଭୟେ ଫେରାର ହୋଇ ଯାଇଥିଲେ ।

ଅନ୍ୟପକ୍ଷରେ ଅବକାରୀ ବିଭାଗ ଜୁହୁର ଭାଇସ ଗ୍ଲୋବାଲ ତାପସ ବାର୍‌କୁ ସିଲ୍ କରିଦେଇଛି । ଅଭିଯୁକ୍ତ ଏଠାରେ ମଦ ପିଇଥିଲା । ପରେ ଗାଡ଼ି ଚଳାଇ ଦମ୍ପତିଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଏହି ବାର୍ ନିୟମ ଉଲ୍ଲଙ୍ଘନ କରିଥିଲା ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ବିଏମ୍‌ଡବ୍ଲ୍ୟୁ ଯଦି ଗୋଟିଏ ସେକେଣ୍ଡ ରହିଥାନ୍ତା ତେବେ ପତ୍ନୀ (କାବେରୀ)ଙ୍କ ଜୀବନ ବଞ୍ଚି ଯାଇଥାନ୍ତା । ମାତ୍ର ଏଭଳି କିଛି ହୋଇ ନ ଥିଲା । ଅଭିଯୁକ୍ତ ଗାଡ଼ି ଅଟକାଇ ନ ଥିଲା ବୋଲି ମୃତକଙ୍କ ସ୍ୱାମୀ ପ୍ରଦୀପ ନଖୱା କହିଛନ୍ତି ।

**ଅନ୍ତର୍ଜାତୀୟ ଅଙ୍ଗପ୍ରତ୍ୟଙ୍ଗ ର୍‍ୟାକେଟର ପର୍ଦ୍ଦାଫାସ**

## ମହିଳା ଡାକ୍ତରଙ୍କ ସମେତ ୭ ଗିରଫ

- ବାଂଲାଦେଶୀ ମାଷ୍ଟରମାଇଣ୍ଡ
- ୨୫-୩୦ ଲକ୍ଷରେ ହେଉଥିଲା ଡିଲ୍

**ନୂଆଦିଲ୍ଲୀ, ୯ ।୭(ଏଜେନ୍ସି):** ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଅନ୍ତର୍ଜାତୀୟ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ର୍‍ୟାକେଟର ପର୍ଦ୍ଦାଫାସ କରିଛି । ଏହି ମାମଲାରେ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ଜଣେ ମହିଳା ଡାକ୍ତର ସମେତ ୭ ଜଣଙ୍କୁ ଗିରଫ କରାଯାଇଛି । ଏହି ମାମଲାର ମାଷ୍ଟରମାଇଣ୍ଡ ଜଣେ ବାଂଲାଦେଶୀ ବୋଲି କ୍ରାଇମ ବ୍ରାଞ୍ଚ ଡିସିପି ଅମିତ ଗୋୟଲ କହିଛନ୍ତି । ସେ ଦେଇଥିବା ସୂଚନା ଅନୁଯାୟୀ ଜଣେ ଦାତା ଏବଂ ଗ୍ରହଣକାରୀ (ରୋଗୀ) କୁ ଗିରଫ କରାଯାଇଛି । ଏଥିରେ ସାମିଲ ରସେଲ ନାମକ ବ୍ୟକ୍ତି ରୋଗୀ ଏବଂ ଦାତାଙ୍କ ବ୍ୟବସ୍ଥା କରିଥାଏ । ସେ ପ୍ରତ୍ୟେକ ପ୍ରତିରୋପଣ ଲାଗି ୨୫-୩୦ ଲକ୍ଷ ଟଙ୍କା ନେଉଥିଲା୨୦୧୯ରୁ ଏହି ର୍‍ୟାକେଟ ଚାଲିଥିଲା । ରିପୋର୍ଟ ଅନୁଯାୟୀ ମହିଳା ଡାକ୍ତର ବିଜୟା କୁମାରୀ (୫୦)ଙ୍କୁ ଗିରଫ କରାଯାଇଛି । ଏବେ ତାଙ୍କୁ ନିଲମ୍ବିତ କରିଦିଆଯାଇଛି । ସେ ଏକାକୀ ଡାକ୍ତର ଭାବେ ଏହି ର୍‍ୟାକେଟରେ ସାମିଲ ଅଛନ୍ତି । ୨୦୨୧-୨୩ ମଧ୍ୟରେ



ନୋଏଡ଼ା ସ୍ଥିତ ଯଥାର୍ଥ ହସ୍ପିଟାଲରେ ପ୍ରାୟ ୧୫-୧୬ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ କରାଯାଇଥିଲା । ବରିଷ୍ଠ ଡାକ୍ତର ବିଜୟା କିଡନୀ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ । ସେ ୧୫ ବର୍ଷ ତଳେ ଜୁନିୟର ଡାକ୍ତର ଭାବେ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲରେ ସାମିଲ ହୋଇଥିଲେ । ସେ ମେଡିକାଲରେ ଫି-ଫର୍-ସର୍ଭିସ (କାମ ଆଧାରରେ ଟଙ୍କା) ଆକାରରେ କାମ କରୁଥିଲେ । ବିଜୟାଙ୍କ ସହାୟକ ବିକ୍ରମକୁ ମଧ୍ୟ ଗିରଫ କରାଯାଇଛି ।

## ଆଜି ୧୩ ବିଧାନସଭା ଆସନରେ ଉପନିର୍ବାଚନ

**ନୂଆଦିଲ୍ଲୀ, ୯ ।୭(ଏଜେନ୍ସି):** ଏନଡିଏ ଓ ଇଣ୍ଡିଆ ବ୍ଲକ୍ ଓ ଟିଏମସି ଆସନ୍ତା କାଲି ଆଉ ଏକ ନିର୍ବାଚନ ଯୁଦ୍ଧରେ ଅବତୀର୍ଣ୍ଣ ହେବେ । ୭ରାଜ୍ୟର ୧୩ ବିଧାନସଭା ଆସନରେ ଆସନ୍ତା କାଲି ଉପନିର୍ବାଚନ ହେବ । ଭୋଟ ଗଣତି ୧୩ରେ ହେବ ଓ ଫଳାଫଳ ସେହିଦିନ ହିଁ ପ୍ରକାଶିତ ହେବ । ପଶ୍ଚିମବଙ୍ଗର ୪ ବିଧାନସଭା ଆସନ ରାଇଗଞ୍ଜ, ରାଣାଘାଟ ଦକ୍ଷିଣ(ସଂରକ୍ଷିତ), ବଗଡ଼ା(ସଂରକ୍ଷିତ) ଓ ମାଣିକତାଲାରେ ଉପନିର୍ବାଚନ ହେବ । ବିହାରର ରୁପାଲି ଆସରେ ଓ ପଞ୍ଜାବର ଜଳନ୍ଧର-ପଶ୍ଚିମ ଆସନରେ ଉପନିର୍ବାଚନ ହେବ । ହିମାଚଳ ପ୍ରଦେଶର ୩ ବିଧାନସଭା ଆସନ ଡେହେରା, ହମିରପୁର ଓ ନାଲାଗଡ଼ରେ ଉପନିର୍ବାଚନ ହେବ । ଉତ୍ତରାଖଣ୍ଡର ଦୁଇ ଆସନ ବଦ୍ରିନାଥ ଓ ମଙ୍ଗଳାଉର ଏବଂ ମଧ୍ୟପ୍ରଦେଶର ଅମାରୱାରା ଆସନରେ ଉପନିର୍ବାଚନ ହେବ । ତାମିଲନାଡୁର ଭିକ୍ରାଭାଣ୍ଡିରେ ମଧ୍ୟ ଉପନିର୍ବାଚନ ହେବ ।

## ଏସ୍‌ଏଫ୍‌ଜେ ଆଉ ୫ବର୍ଷ ପାଇଁ ନିଷିଦ୍ଧ

**ନୂଆଦିଲ୍ଲୀ, ୯ ।୭(ଏଜେନ୍ସି):** ଖାଲିସ୍ତାନ ସପକ୍ଷବାଦୀ ଆତଙ୍କୀ ସଂଗଠନ ଶିଖସ୍ ଫର୍ ଜଷ୍ଟିସ୍(ଏସଜେଏଫ୍)କୁ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଉ ୫ବର୍ଷ ପାଇଁ ନିଷିଦ୍ଧ ସଂଗଠନ ଘୋଷଣା କରିଛି । ଡେଜିଗ୍‌ନେଟେଡ୍ ଟେରରିଷ୍ଟ ଗୁରୁପତବନ୍ତ ସିଂହ ପାନୁନ ହେଉଛନ୍ତି ଏସ୍‌ଜେଏଫ୍'ର ମୁଖ୍ୟ । ପାନୁନଙ୍କୁ ଭାରତ ସରକାର ୨୦୨୦ରେ ଡେଜିଗ୍‌ନେଟେଡ୍ ଟେରରିଷ୍ଟ ଘୋଷଣା କରିଥିଲେ । ତେବେ ୨୦୧୯ରେ ପ୍ରଥମ ଥର ପାଇଁ ଭାରତର ଶାନ୍ତି,ଏକତା ଓ ସଂହତିକୁ ବିପନ୍ନ କରୁଥିବା ଭଳି କାର୍ଯ୍ୟକଳାପ ଚଳାଇଥିବାରୁ ଏସ୍‌ଜେଏଫ୍‌କୁ କେନ୍ଦ୍ର ସରକାର ୫ବର୍ଷ ପାଇଁ ନିଷିଦ୍ଧ ସଂଗଠନ ଘୋଷଣା କରିଥିଲେ । ଏବେ ସେ ଅବଧି ସରିବାରୁ ତାକୁ ଆଉ ୫ବର୍ଷ ବଢ଼ାଯାଇଛି । ଭାରତର କିଛି ଅଂଶକୁ ନେଇ ଖାଲିସ୍ତାନ ଗଢ଼ିବାକୁ ଏସ୍‌ଜେଏଫ୍ ସକ୍ରିୟ ଭାବେ ପଞ୍ଜାବର ବିଚ୍ଛିନ୍ନତାବାଦୀ ମିଲିଟାଣ୍ଟ ସଂଗଠନଗୁଡ଼ିକୁ ବ୍ୟବହାର କରୁଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।



## ଉଷା ଉଥୁପଙ୍କ ସ୍ୱାମୀ ବିୟୋଗ



**ନୂଆଦିଲ୍ଲୀ, ୯ ।୭(ଏଜେନ୍ସି):** ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ ଉଷା ଉଥୁପଙ୍କ ସ୍ୱାମୀ ଜାନି ଚାକୋଙ୍କ ସୋମବାର ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା । ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ସୂଚନା ଅନୁଯାୟୀ ଟିଭି ଦେଖୁଥିବା ସମୟରେ ଜାନିଙ୍କ ଛାତି ଯନ୍ତ୍ରଣା ହୋଇଥିଲା । ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ଜାନିଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ଡାକ୍ତର କହିଛନ୍ତି ।

**ହାଥରସ୍ ଦଳାଚକଟାକୁ ନେଇ ଏସ୍‌ଆଇଟି ରିପୋର୍ଟ**

# ବାବା ଭୋଲେଙ୍କୁ କ୍ଲିନ୍‌ଚିଟ୍

**ଏସ୍‌ଡିଏମ୍, ତହସିଲଦାର, ସର୍କଲ୍ ଅଫିସର୍ ନିଲମ୍ବିତ**

**ସୁପ୍ରିମକୋର୍ଟରେ ପହଞ୍ଚିଲା ହାଥରସ୍ ମାମଲା**





**ଲକ୍ଷ୍ନୌ, ୯ ।୭(ଏଜେନ୍ସି):** ହାଥରସ୍ ଦଳାଚକଟା ଘଟଣାରେ ଆଜି ଉତ୍ତରପ୍ରଦେଶ ସରକାର ଜଣେ ସବ୍-ଡିଭିଜିନାଲ୍ ମାଜିଷ୍ଟ୍ରେଟ୍(ଏସ୍‌ଡିଏମ୍), ଜଣେ ତହସିଲଦାର, ଜଣେ ସର୍କଲ୍ ଅଫିସର୍, ଜଣେ ଷ୍ଟେସନ ଅଫିସର୍ ଓ ଦୁଇ ପୋଲିସ୍ ଆଉଟ୍‌ପୋଷ୍ଟର ଇନଚାର୍ଜଙ୍କୁ ନିଲମ୍ବିତ କରିଛନ୍ତି । ସ୍ୱତନ୍ତ୍ର ତଦନ୍ତକାରୀ ଟିମ(ଏସ୍‌ଆଇଟି)ର ସୁପାରିସ କ୍ରମେ ଦାୟିତ୍ୱରେ ଅବହେଳା ପାଇଁ ଏହି ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ହାଥରାସ୍ ଘଟଣାର ତଦନ୍ତ ପାଇଁ ଆଗ୍ରା ଏଡିଜି ଅନୁପମ କୁଳଶ୍ରେଷ୍ଠ ଓ ଆଲିଗଡ଼ ଡିଭିଜିନାଲ କମିଶନର ଛାଇତ୍ରା ଭି.ଙ୍କୁ ନେଇ ଦୁଇଜଣିଆ ଏସ୍‌ଆଇଟି ଗଢ଼ାଯାଇଥିଲା । ଏସ୍‌ଆଇଟି ଗତକାଲି ତାଙ୍କ ରିପୋର୍ଟ ଦେଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ଅନ୍ୟ ପ୍ରମାଣ ଆଧାରରେ ଏସ୍‌ଆଇଟି ତାଙ୍କ ରିପୋର୍ଟରେ ମୁଖ୍ୟତଃ ସତ୍‌ସଂଗ ଆୟୋଜନକରୀ କମିଟିକୁ ଦଳାଚକଟା ପାଇଁ ଦାୟୀ କରିଛନ୍ତି । ୯୦୦ ପୃଷ୍ଠାର ରିପୋର୍ଟରେ ବାବା ଭୋଲେଙ୍କୁ ଏସ୍‌ଆଇଟି କ୍ଲିନ୍‌ଚିଟ୍ ଦେଇ ଦେଇଛି । ଏହାକୁ ନେଇ ବିଭିନ୍ନ ମହଲରେ ଆକ୍ରୋଶ ପ୍ରକାଶ ପାଇଛି । ପୂର୍ବରୁ ଏତଲାରେ ମଧ୍ୟ ବାବା ଭୋଲେଙ୍କ ନାମ ନ ଥିଲା ।

ଏସ୍‌ଆଇଟି ପକ୍ଷରୁ କୁହାଯାଇଛି ଯେ ଘଟଣା ପଛରେ ଷଡ଼ଯନ୍ତ୍ର ନାହିଁ ବୋଲି କହିହେବନି । ସେଥି ପାଇଁ ବ୍ୟାପକ ତଦନ୍ତର ଆବଶ୍ୟକତା ରହିଛି । କର୍ତ୍ତବ୍ୟ ପାଳନରେ ଅବହେଳା ପାଇଁ ତହସିଲ ସ୍ତରର ପୁଲିସ୍ ଓ ପ୍ରଶାସନକୁ ଦୋଷ ଦିଆଯାଇଛି । ସସ୍‌ପେଣ୍ଡ ହୋଇଥିବା ସରକାରୀ କର୍ମଚାରୀମାନ ଏତେ ବଡ଼ ଜନ ସମାଗମକୁ ଗମ୍ଭୀରତାର ସହ ନେଇ ନଥିଲେ କି ଉପରିସ୍ଥ ଅଧିକରୀଙ୍କୁ କିଛି ଜଣାଇ ନଥିଲେ । ସତ୍‌ସଂଗ କାର୍ଯ୍ୟକ୍ରମ ପାଇଁ ଏସ୍‌ଡିଏମ୍ ଅନୁମତି ଦେଇଥିଲେ । ଅନୁମତି ଦେବା ପୂର୍ବରୁ ଏସ୍‌ଡିଏମ୍ ସତ୍‌ସଂଗ ସ୍ଥଳ ପରିଦର୍ଶନ କରିନଥିଲେ କି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ନଥିଲେ । ସତ୍‌ସଂଗ ଆୟୋଜକମାନେ ତଥ୍ୟ ଲୁଚାଇ ଅନୁମତି ହାସଲ କରିଥିଲେ । ଅନୁମତି ଦେବା ପୂର୍ବରୁ ଯାହା ସବୁ ସର୍ତ୍ତ ପାଳନ ହେବା କଥା ତାହା କରାଯାଇ ନଥିଲା । ଆୟୋଜକମାନେ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସାରିବା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରିନଥିଲେ । ଆୟେଜନ କମିଟି ସହ ସଂପୃକ୍ତ ବ୍ୟକ୍ତମାନେ ଅବ୍ୟବସ୍ଥା ବଢ଼ାଇଥିଲେ । ପୁଲିସ୍ ଯାଞ୍ଚ ବିନା କେତେକଙ୍କୁ ଆୟୋଜନ କମିଟି ସଦସ୍ୟ କରାଯାଇଥିଲା । ଆୟୋଜକମାନେ ପୁଲିସ୍‌କୁ ଦୁର୍ବ୍ୟବହାର କରିଥିଲେ ଓ କାର୍ଯ୍ୟକ୍ରମ ସ୍ଥଳକୁ ଛାଡ଼ି ନ ଥିଲେ । ଏତେ ବଡ଼ ଜନସମାଗମ ସତ୍ତ୍ୱେ ବ୍ୟାରିକେଡିଂ ବ୍ୟବସ୍ଥା ନଥିଲା କି ଓସାରିଆ ପ୍ରବେଶ ପ୍ରସ୍ଥାନ ପଥ ନଥିଲା । ଦଳାଚକଟା ଘଟିବାରୁ ଆୟୋଜକମାନେ ସେ ସ୍ଥାନରୁ ପଳାୟନ କରିଥିଲେ । ଏସ୍‌ଆଇଟି ପ୍ରଶାସନିକ ଅଫିସର୍, ପୁଲିସ୍ ଅଫିସର, ଜନତା ଓ ପ୍ରତ୍ୟକ୍ଷଦର୍ଶୀ ୧୨୫ ଜଣଙ୍କ ବୟାନ ରେକର୍ଡ କରିଥିଲେ । ଘଟଣା ସମ୍ପର୍କରେ ପ୍ରକାଶିତ ଖବର, ଘଟଣାସ୍ଥଳର ଭିଡିଓଗ୍ରାଫି, ଫଟୋଗ୍ରାଫ୍ ଓ ଭିଡିଓ କ୍ଲିପିଙ୍ଗର ତର୍ଜମା ମଧ୍ୟ କରାଯାଇଥିଲା । ଅନ୍ୟପକ୍ଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଯାଇଛି । ଏହା ଉପରେ ପ୍ରଧାନ ବିଚାରପତି ମଙ୍ଗଳବାର କହିଛନ୍ତି ଯେ ସୋମବାର ମାମଲାର ପଞ୍ଜିକରଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ ଲାଗି ଦାବି କରାଯାଇଥିଲା ।

# ବାଲିଘାଟ ଯୋଗୁ ଯାତ୍ରୀ ହନ୍ତସନ୍ତ; କାର୍ଯ୍ୟାନୁଷ୍ଠାନ ଦାବି

ଯଖପୁରା, ୯।୭ (ସମିସ)



ବେଆଇନ ବାଲିଘାଟ ଯୋଗୁ ରାସ୍ତା ମରଣଯନ୍ତା ପାଲଟିଛି। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳି ଘଟଣା ଦେଖିବାକୁ ମିଳୁଛି କଳିଙ୍ଗନଗର ଶିଳ୍ପାଞ୍ଚଳ ପଙ୍କପାଳ ପଞ୍ଚାୟତର ବିଜୁପଟ୍ଟନାୟକ ମାର୍ଗରୁ ନୀଳମଣିଦେଇପୁର ଗ୍ରାମ ଦେଇ ଜାତୀୟ ରାଜପଥ ବ୍ରାହ୍ମଣୀ ନଦୀ ପୋଲକୁ ସଂଯୋଗ କରୁଥିବା ରାସ୍ତାରେ। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ବାଲିଟ୍ରକ ଚଳାଚଳ କରୁଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ହାଇୱା ବାଲି ନେଇ ଯିବା ଆସିବା କରିଥାନ୍ତି। ଏଠାରେ ଦୁଇଟି ବାଲିଘାଟ ଥିବାରୁ ବାଲିଗାଡ଼ି ଯିବାକୁ ଏହି ସଡକ ଏକ ମାତ୍ର ମାଧ୍ୟମ। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ବାଲି ବୋଝେଇ ଗାଡିରୁ ପଡୁଥିବା ବାଲି ସବୁ ରାସ୍ତାରେ ପଡ଼ିରହୁଛି। ନଦୀବନ୍ଧ ରାସ୍ତାଟି ଦୁଇଟି ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଛି। ଏହା ବ୍ୟତିତ ପ୍ରତିଦିନ ଶହ ଶହ କାରଖାନା ମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କର ଏହା ମୁଖ୍ୟ ସଡକ। ନଦୀରେ ସେପଟେ କନ୍ତପଡ଼ା କଲେଜ ଥିବାରୁ ନଦୀର ଏପାଖରୁ ବହୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ କଲେଜ ଯାଆନ୍ତି କବାଟବନ୍ଧ ଠାରେ ଅବସ୍ଥିତ ସମସ୍ତ ପ୍ରକାରର ବ୍ୟବସାୟ ପ୍ରତିଷ୍ଠାନ ଓ ଦୁଇଟି ସାପ୍ତାହିକ ହାଟ ଥିବାରୁ ସେମାନେ ମଧ୍ୟ ଏହା ଉପରେ ନିର୍ଭରଶୀଳ। ମାତ୍ର ଏହି ରାସ୍ତା ଏବେ ଦୁଇଟି ବାଲିଘାଟ କବ୍‌ଜାରେ। ବନ୍ଧ ରାସ୍ତାଟି ବ୍ରାହ୍ମଣୀ ପୋଲଠାରୁ ବାଲିଘାଟ ପର୍ଯ୍ୟନ୍ତ ପାଞ୍ଚଶହ ମିଟର ଓ ଅଣଓସାରିଆ ହୋଇଥିବାବେଳେ ସବୁସମୟରେ ବଡ ବଡ ଗାଡି ଯିବାଆସିବା କରୁଥିବାରୁ ପୁରା ରାସ୍ତାରେ ଗାଡ଼ି ସବୁ ଛିଡ଼ାହୋଇ ରହୁଛନ୍ତି। ଫଳରେ ଲୋକେ ଯାତାୟାତ ବେଳେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏତେ ସଂଖ୍ୟାରେ ବାଲିଗାଡି ଯିବାବେଳେ ଗାଡିରୁ ବାଲି ଖସି ମୋଟା ଆସ୍ତରଣ ଦେଖିବାକୁ ମିଳୁଛି। ଫଳରେ ପ୍ରତିଦିନ ସାଧାରଣ ଯାତ୍ରୀମାନେ ମୁଖ୍ୟରାସ୍ତା ଛାଡି ବନ୍ଧ ତଳପଟେ ଝାଟିଝୁଟା ଦେଇ କୌଣସି ପ୍ରକାରରେ ଯିବା ଆସିବା କରୁଛନ୍ତି। ରାସ୍ତାରେ ଏପରି ବାଲି ଗଦା ହୋଇଛି, ଲାଗୁଛି ଏ କେଉଁ ନଦୀରେ ଥିବା ବାଲିଘାଟ। ଉକ୍ତ ବାଲିକୁ ସଫା ମଧ୍ୟ କରାଯାଉନାହିଁ। ଗତ ୪ତାରିଖ ଗୁରୁବାର ଦିନ ଲଘୁ ଖଣିଜ ବିଭାଗ ଅଧିକାରୀ (ଡିଡିଏମ) ଯାଜପୁର, ବାଲିଘାଟରେ ଚଢଉ କରିଥିଲେ। ସେ ମଧ୍ୟ ରାସ୍ତାର ଏପରି ଅବସ୍ଥା ଦେଖି ବାଲିଘାଟ ଲିଜ୍‌ଧାରୀଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ କି ପ୍ରତିଦିନ ଏହି ବନ୍ଧ ରାସ୍ତାରେ ପଡ଼ିଥିବା ବାଲି ସବୁକୁ ସଫା କରିବାକୁ। ମାତ୍ର ନିର୍ଦ୍ଦେଶକୁ ବେଖାତିର କରି କରିଚାଲିଛନ୍ତି ବାଲି ଲିଜ୍‌ଧାରୀ। ଏଠି ସାଧାରଣରେ ଆଲୋଚନା ହେଉଛି କି କିଛି ବାଲି ଲଜ୍‌ଧାରୀଙ୍କ ସ୍ୱାର୍ଥପାଇଁ ସାଧାରଣ ଲୋକଙ୍କ ସୁବିଧାର ବ୍ୟବସ୍ଥା କରାଯାଇଥିବା ରାସ୍ତାରେ ବାଲିଗାଡିଙ୍କ କାହିଁକି ଏପରି ଦୌରାତ୍ମ୍ୟ। ସରକାରଙ୍କ ଜଣେ ଉଚ୍ଚ କର୍ମଚାରୀଙ୍କ ନିର୍ଦ୍ଦେଶକୁ ସେମାନେ ଖାତିର କରୁନାହାନ୍ତି, ଏଠି ସାଧାରଣ ଲୋକଙ୍କ କଥା କିଏ ଶୁଣିବ। ସ୍ଥାନୀୟ ଅଧିବାସୀ ଜଣାଇଛନ୍ତି କି, ଯଦି ରାସ୍ତାରେ ପଡ଼ିରହିଥିବା ବାଲିକୁ ପ୍ରତିଦିନ ସଫା କରାନଯାଏ ତେବେ ଆଗକୁ ଏକ ବଡଧରଣର ଆନ୍ଦୋଳନ ହେବ। ଏବେ ଦେଖିବାକୁ ରହିଲା ପ୍ରଶାସନ ବାଲିଘାଟର ସ୍ୱାର୍ଥ ଦେଖୁଛି ନା ଲୋକଙ୍କ ସ୍ୱାର୍ଥ।

## ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ମହୋତ୍ସବ



**ଯାଜପୁର, ୯।୭ (ସମିସ):** ସ୍ଥାନୀୟ ସଂସ୍କୃତି ଭବନରେ କମଳାକାନ୍ତ ମିଶ୍ର ଫାଉଣ୍ଡେସନ ପକ୍ଷରୁ ଶ୍ରୀ ଶ୍ରୀ ଜଗନ୍ନାଥ ମହୋତ୍ସବ ଆୟୋଜିତ ହୋଇଯାଇଛି। କମଳାକାନ୍ତ ଫାଉଣ୍ଡେସନର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭୂପତି ଭୂଷଣ ମିଶ୍ର ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ ବୈକୁଣ୍ଠ ପତି ମୁଖ୍ୟ ବକ୍ତା, ସମାଜସେବୀ ନାଗେଶ୍ୱର ବେହେରା, ଶିକ୍ଷକ ପାର୍ଥ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଫାଉଣ୍ଡେସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦିବ୍ୟାଙ୍ଗମାନଙ୍କ ପାଇଁ ବର୍ଷ ତମାମ ବିଭିନ୍ନ ସ୍ୱାସ୍ଥ୍ୟ କ୍ୟାମ୍ପ, ୩ ଚକିଆ ଯାନ ପ୍ରଦାନ ଭଳି ଅନେକ ଜନ ହିତକର କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଥିଲା। ସାର୍ଥକ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଦିବ୍ୟାଙ୍ଗ ସାମିଲ ହୋଇଥିଲେ। ଏହି ଅବସରରେ ଫାଉଣ୍ଡେସନର ସମ୍ପାଦକ ସଞ୍ଜୟ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯାଇଥିଲା।

## ବ୍ରହ୍ମବରଦାରେ ରଥଯାତ୍ରା



**ବ୍ରହ୍ମବରଦା, ୯।୭ (ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେବାୟତମାନେ ପ୍ରଥମେ ସୁଦର୍ଶନ ପରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି କରି ରଥାରୂଢ଼ କରାଇଥିଲେ। ଅପରାହ୍ନ ୪ଟାରେ ରଥଯାତ୍ରା ପୂଜା କମିଟିର ମୁଖ୍ୟ ସୁକାନ୍ତ ବିଶ୍ୱାଳ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଦୂରଦୂରାନ୍ତରୁ ଆସିଥିବା କଳାକାରମାନେ ରଥ ସମ୍ମୁଖରେ ଓଡିଶୀ ନୃତ୍ୟାଙ୍ଗନା ମାନଙ୍କ ଭକ୍ତିପୂତ ନୃତ୍ୟ, ଗୋଟିପୁଅ ନୃତ୍ୟ ଓ ଘଣ୍ଟୁଆଙ୍କ ଘଣ୍ଟ ନାଦରେ ସମଗ୍ର ଅଞ୍ଚଳ ଜଗନ୍ନାଥମୟ ହୋଇଯାଇଥିଲା। ଭକ୍ତମାନେ ରଥକୁ ଟାଣି ଟାଣି ବ୍ରହ୍ମବରଦା ହାଟସ୍ଥିତ ମାଉସୀ ମା’ ମନ୍ଦିର (ଦୁର୍ଗା ମଣ୍ଡପ) ନିକଟରେ ବିଜେ କରାଇଥିଲେ।

## ସୁକିନ୍ଦା ରଥଯାତ୍ରାରେ ଠାକୁର ଓହ୍ଲାଇବାକୁ ନେଇ ତୁମୁଳକାଣ୍ଡ

**ସୁକିନ୍ଦା, ୯।୭ (ସମିସ):** ଚଳିତ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥରୁ ଠାକୁରଙ୍କୁ ଓହ୍ଲାଇବାକୁ ନେଇ ତୁମୁଳକାଣ୍ଡ ଘଟିଛି, ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଘଟଣାକୁ ନେଇ ସୁକିନ୍ଦା ବ୍ରାହ୍ମଣ ଶାସନ ସେବାୟତ ଓ ବଡ଼ପଣ୍ଡା ପରିବାର ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କିଛି ଘଟଣାକୁ ନେଇ ବ୍ରାହ୍ମଣ ଶାସନ ସେବାୟତମାନେ ରଥରୁ ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିରକୁ ନନେଇ ଚାଲିଯାଇଥିଲେ। ପରେ ବଡ଼ପଣ୍ଡା ପରିବାରର କିଛି ଲୋକ ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିରକୁ ନେବାପାଇଁ ପହଞ୍ଚିବାପରେ ଦୁଇ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ଆରମ୍ଭ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ଦମୟନ୍ତୀ ସାହୁ ଉଭୟ ପକ୍ଷଙ୍କୁ ନେଇ ବୈଠକ କରିଥିଲେ ମଧ୍ୟ ମଙ୍ଗଳବାର ରାତି ସୁଦ୍ଧା କୌଣସି ସିଦ୍ଧାନ୍ତ ହୋଇପାରିନାହିଁ।

## ଭବାନୀପୁରରେ ବିଧାୟକଙ୍କ ଜନଶୁଣାଣି ଶିବିର

**ଜାରକା, ୯।୭ (ସମିସ):** ଧର୍ମଶାଳା ବ୍ଲକ ଭାବାନୀପୁର ପଞ୍ଚାୟତରେ ବିଧାୟକଙ୍କ ଆଜି ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ଭବାନୀପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତବାସୀ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯାଜପୁର ସାଂସଦ ଶ୍ରୀ ବେହେରା, ବିଧାୟକ ଶ୍ରୀ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ବିଧାୟକ ସାହୁ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଜନ ଶୁଣାଣିରେ ଭାବନୀପୁର ପଞ୍ଚାୟତର ହଜାରୁ ଉର୍ଦ୍ଧ୍ୱ ଲୋକ ଆସି ବିଧାୟକଙ୍କୁ ନିଜର ସମସ୍ୟା ଜଣାଇଥିଲେ। ଆଜିର ଏହି ଜନଶୁଣାଣିରେ ଆବାସ ଗୃହ, ରାସନ କାର୍ଡ ଓ ସ୍ୱାସ୍ଥ୍ୟବୀମା ସମ୍ପର୍କିତ ଅଧିକ ଅଭିଯୋଗ ଆସିଥିଲା।



ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ଏଭଳି ଶୁଣାଣି କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ସୂଚନା ଦେଇଥିଲେ। ଆୟୋଜିତ ଜନଶୁଣାଣୀ ଓ ସମ୍ବର୍ଦ୍ଧନା ସଭାକୁ ଆଲୋକ ଲେଙ୍କା, ଚନ୍ଦ୍ରମଣି ନାୟକ, ପ୍ରମୋଦ କୁମାର ରାଉତ, ଆନନ୍ଦ କୁମାର ଦଳେଇ, ରାମଚନ୍ଦ୍ର ନାୟକ, ମିନୁଆ ସିଂ, ବଳରାମ ତରେଇ, ଗୌରାଙ୍ଗ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସୁକିନ୍ଦା, ୯।୭ (ସମିସ):** ସୁକିନ୍ଦା ପୁଲିସ ବଞ୍ଚା ଅଞ୍ଚଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବଞ୍ଚା ଗ୍ରାମର ଜଳଧର ନାୟକ ଗ୍ରାମପାଖ ରାସ୍ତା କଡ଼ରେ ପଡ଼ିରହିଥିବା ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଳଧରକୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ କହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଜଣାପଡ଼ିଛି।

## ବ୍ୟାଙ୍କର ନୂତନ ଗୃହ ଉଦ୍‌ଘାଟିତ

**କବାଟବନ୍ଧ, ୯।୭ (ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଠାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଚଣ୍ଡିଖୋଲ ଆଞ୍ଚଳିକ ଅଧିନସ୍ଥ ଜେନାପୁର ଶାଖାର ନୂତନ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ପ୍ରାୟ ୪୦ ବର୍ଷ ଧରି ଏହା ଜେନାପୁର ପଞ୍ଚାୟତର ଦୁର୍ଗାମନ୍ଦିର ନିକଟରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଆସୁଥିଲା। ଗ୍ରାହକ ସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ଆବଶ୍ୟକତା କାରଣରୁ ଏହାର ସ୍ଥାନ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ଏହା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ନିଟକସ୍ଥ ଉପର ମହଲାରେ କାର୍ଯ୍ୟ କରୁଅଛି। ବ୍ୟାଙ୍କର ନୂତନ ଗୃହକୁ ରୀତିନୀତିରେ ପୂଜା କରାଯାଇ ଉଦଘାଟନ କରାଯାଇଛି। ଏଥିରେ ବ୍ୟାଙ୍କର ଜେନାପୁର ଶାଖା ସହପରିଚାଳକ ସାଗର ମହାରଣା, କୋଷାଧକ୍ଷ ସ୍ୱାମୀ ନାୟକ, ମାନସ ରଞ୍ଜନ ପ୍ରଧାନ, ବିଚିତ୍ର କୁମାର ଭଦ୍ର, ନିଷ୍କାନ୍ତ ଖଟୁଆ ଓ ପ୍ରତିମା କବି ପ୍ରମୁଖ ଉପସ୍ଥିତ ଥିଲେ।

### ଦାବି ମାନିଲାନି ନୀଳାଚଳ କର୍ତ୍ତୃପକ୍ଷ

## ବିସ୍ଥାପିତଙ୍କ ଅର୍ଥନୈତିକ ଅବରୋଧ ଓ ଆନ୍ଦୋଳନ ଚେତାବନୀ

**ଦାନଗଦୀ, ୯।୭ (ସମିସ):** ଆନ୍ଦୋଳନକୁ ପାଞ୍ଚ ମାସ ବିତିଲା, ହେଲେ ସମାଧାନର ବାଟ ବାହାରିଲା ନାହିଁ। ଯାହାଫଳରେ ବିସ୍ଥାପିତ ପରିବାର ଲୋକେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ଆଜି କାରଖାନା କର୍ତ୍ତୃପକ୍ଷ ଓ ପ୍ରଶାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୀଳାଚଳ ବିସ୍ଥାପିତ ପରିବାରକୁ ପୋଷ୍ୟ ପରିବାର ଭାବେ ଗ୍ରହଣ କରିବା ଓ ପିଢ଼ି ପରେ ପିଢ଼ି ବିସ୍ଥାପିତ ପରିବାର ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବିଗୁଡ଼ିକୁ ଲିଖିତ ଭାବେ ଆଜି ଟାଟା ନୀଳାଚଳ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି। ଗତ ଫେବୃୟାରୀ ମାସ ୯ ତାରିଖଠାରୁ ବିସ୍ଥାପିତ ପରିବାର ଲୋକେ ଏସବୁ ଦାବିକୁ ନେଇ ଶାନ୍ତିପୂର୍ଣ୍ଣ ଭାବେ କାରଖାନା ଫାଟକ ସମ୍ମୁଖରେ ଦୀର୍ଘ ୩ ମାସ ୧୧ ଦିନ ଧରି ଧାରଣାରେ ବସି ରହିଥିଲେ। ପରେ ମେ’ ୨୦ ରେ ଏକ ତ୍ରିପାକ୍ଷିକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ନିର୍ବାଚନ ନିକଟରେ ଥିବାରୁ ନିଯୁକ୍ତି ପାଇଁ ଦୃଢ ପ୍ରତିଶୃତି ଦେଇ ପ୍ରଶାସନ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ ଧାରଣାକାରୀଙ୍କୁ ନିବେଦନ କରିଥିଲେ। ଘଟଣାକୁ ଇତି ମଧ୍ୟରେ ପାଞ୍ଚ ମାସ ବିତିଛି ହେଲେ ସେ ସମ୍ପର୍କରେ ଆଜିଯାଏ କୌଣସି ବୈଠକ ଡକା ଯାଇନି କିମ୍ବା ପ୍ରଶାସନ ସହ କାରଖାନା କର୍ତ୍ତୃପକ୍ଷଙ୍କ କୌଣସି ଆଲୋଚନା ହୋଇପାରିନାହିଁ। ଯାହାଫଳରେ ବିସ୍ଥାପିତ ପରିବାର ଲୋକେ ଆଜି ଏଭଳି ନିଷ୍ପତି ନେବାକୁ ବାଧ ହୋଇଥିବା କହିଛନ୍ତି। ତୁରନ୍ତ ସମାଧାନ କରା ନଗଲେ ସମସ୍ତ ବିସ୍ଥାପିତ ପରିବାର ଏକତ୍ରିତ ହୋଇ ଅର୍ଥନୈତିକ ଅବରୋଧ କରିବାକୁ ପରିବାରର ଯଯାତି କେଶରୀ ମହାନ୍ତ, ଚୈତନ୍ୟ ମହାନ୍ତ, ଲିନା ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କୟାଁରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି

**ମଙ୍ଗଳପୁର/ଦଶରଥପୁର, ୯।୭ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁ ରାଜସ୍ୱ ଗ୍ରାମର ସାବକ ଖାତା ନମ୍ବର ୨୭୦ ରକ୍ବା-୪୫୮ ଏକର ଜାଗା ମଧ୍ୟରୁ କିଛି ଅନାବାଦୀ ଜମିକୁ ସ୍ଥାନୀୟ କିଛି ବ୍ୟକ୍ତି ଅସାଧୁ ଉପାୟରେ ଚଞ୍ଚକତା ପୂର୍ବକ ନିଜ ନାମରେ ପଟ୍ଟା କରେଇ ନେଇଥିବା ଗ୍ରାମବାସୀ ଆଜି ରାଜସ୍ୱ କମିଶନର, ଯାଜପୁର ଜିଲ୍ଲାପାଳ ଓ ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେହିପରି ୨୦୧୨-୨୦୧୩ ମସିହାରେ ଚକବନ୍ଦୀ ଶିବିର ଚାଲୁଥିବା ସମୟରେ କିଛି ଅସାଧୁ ବ୍ୟକ୍ତି ସର୍ବସାଧାରଣ ଜାଗାକୁ ନିଜ ନାମରେ କରେଇ ଥିବା ଜଣାପଡ଼ିବା ପରେ ଗ୍ରାମବାସୀ ଚକବନ୍ଦୀ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ଏହା ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଗ୍ରାମବାସୀମାନଙ୍କ ଅଭିଯୋଗକୁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମାମଲାର ବିଚାର କରି ଉକ୍ତ ସରକାରୀ ଜମିର ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଚକବନ୍ଦୀ ଶେଷ ସମୟ ପୂର୍ବରୁ ଗ୍ରାମରେ କିଛି ଦଳିତ ପରିବାର ପୂର୍ବରୁ ଦଖଲ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିବା ଜମି ଗୁଡିକୁ ଗ୍ରାମର କିଛି ମୁଷ୍ଟିମେୟ ଲୋକ ଉକ୍ତ ସରକାରୀ ଜମିଗୁଡିକୁ ନିଜ ନାମରେ ପଟ୍ଟା କରେଇ ନେଇଥିବା ଜଣା ପଡ଼ିବା ପରେ ଏବେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଦଶରଥପୁର ତହସିଲ ଅଧିନରେ ଏଭଳି ବେଆଇନ ଜବରଦଖଲକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ଏଭଳି ବେଆଇନ ଜବରଦଖଲକାରୀମାନଙ୍କ କବଳରୁ ସରକାରୀ ଜମିଗୁଡିକୁ ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚୌଧୁରୀ ଯେନା, କାଶୀନାଥ ରଣା, କେଦାର ମଲ୍ଲିକ, ନିହାର ରଞ୍ଜନ ପଣ୍ଡା, ଚୌବନ ବାରିକ, ଗୋଲେଖ ମଲ୍ଲିକ, ଉଗ୍ରସେନ ବାରିକ, ପ୍ରଦୀପ୍ତ ନାୟକ, ଉମାକାନ୍ତ ପାତ୍ର, ନୃସିଂହ ଚରଣ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସାଇନେତ୍ର ମନ୍ଦିରର ବାର୍ଷିକ ଉତ୍ସବ



**ବଡ଼ଚଣା, ୯।୭ (ସମିସ):** ଚଣ୍ଡିଖୋଲସ୍ଥିତ ସାଇନେତ୍ର ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଜଣାଶୁଣା ଚକ୍ଷୁ ଚିକିତ୍ସକ ତଥା ପ୍ରତିଷ୍ଠାତା ଡାକ୍ତର ବିଶ୍ୱଜିତ ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ବିଷ୍ଣୁ ପ୍ରସାଦ ରଥ ଯୋଗଦେଇ ସାଇନେତ୍ର ମନ୍ଦିର ଚକ୍ଷୁ ଚିକିତ୍ସା କ୍ଷେତ୍ର ଲୋକମାନଙ୍କ ସହଯୋଗରେ ଆଜି ସଫଳତା ହାସଲ କରିଛି। ବିଗତ ୭ ବର୍ଷ ମଧ୍ୟରେ ହଜାର ହଜାର ରୋଗୀଙ୍କୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରି ସଫଳତା ପାଇଛି। ଡାଇବେଟିସ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ରେଟିନୋପ୍ୟାଥି ଏବଂ ଗ୍ଲୁକୋମା, ସ୍କ୍ରିନିଙ୍ଗ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଚିକିତ୍ସାଳୟକୁ ଆସି ପହଞ୍ଚିଛି। ସେଥିପାଇଁ ଜିଲ୍ଲାରେ ୩ୟ ସ୍ଥାନ ଅଧିକାର କରିଛି। ଆଧୁନିକ ଯନ୍ତ୍ରପାତି ଯୋଗୁ ଗ୍ରାମାଞ୍ଚଳର ରୋଗୀମାନେ ବିଶେଷ ସୁବିଧା ପାଇପାରିବେ। ଖୁବ୍ କମ ପଇସାରେ ଚକ୍ଷୁ ରୋଗୀମାନଙ୍କୁ ଆଧୁନିକ ଚିକିତ୍ସା ଯୋଗାଇବା ସହିତ ବିଜୁ ସ୍ୱାସ୍ଥ୍ୟକାର୍ଡରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ହୋଇପାରିବେ ବୋଲି ମୁଖ୍ୟ ପରିଚାଳକ ମେଘଜିତ୍ ପାତ୍ର କହିଥିଲେ। ଶ୍ରୀ ପାତ୍ର ଯୋଗ ଦେଇ ସର୍ବୋଚ୍ଚ ଗୁଣବତ୍ତା ଏବଂ ରୋଗୀ ନିରାପତ୍ତା ପାଇଁ ଆମେ ପ୍ରତିବଦ୍ଧ, ସେଥିପାଇଁ ଦୀର୍ଘ ୩ ବର୍ଷ ହେବ ଝାଡ଼ଖଣ୍ଡ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ମୋତିଆ ବିନ୍ଦୁ ଶିବିର ଭବନାଥପୁର ହସ୍ପିଟାଲରେ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀମନ୍ତ କୁମାର ସାହୁ, ଅର୍ଚ୍ଚନା ବେହେରା, ଭାରତୀ ସାହୁ, ସୁଭଦ୍ରା ବେହେରା, ବିଶ୍ୱ ବିଜୟୀ ପରିଡ଼ା, ପ୍ରମୋଦ କୁମାର ଦଳେଇ, ବିଭୁ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲାବେଳେ ସନ୍ଧ୍ୟା ସଗାରିକା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## କୋରେଇ ବ୍ଲକ୍‌ରେ ଉଠାଜଳସେଚନ ପ୍ରକଳ୍ପ ଅଚଳ

ଯାଜପୁର, ୯।୭ (ସମିସ)



ଚଳିତ ବର୍ଷ ଆବଶ୍ୟକ ମୁତାବକ ମୌସୁମୀ ଜନିତ ବର୍ଷା ହେଉନାହିଁ ଫଳରେ ଚାଷ କାର୍ଯ୍ୟ ଠିକଣା ଭାବେ ଆଗେଇପାରୁନି। ଯାହାକୁ ନେଇ ଚିନ୍ତାରେ ଚାଷୀକୂଳ। ସେପଟେ କୋରେଇ ବ୍ଲକରେ ଅଚଳ ହୋଇପଡ଼ିଥିବା ଜଳସେଚନ ପ୍ରକଳ୍ପ ଗୁଡିକୁ ସଚଳ କରିବା ପାଇଁ ଚାଷୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି। ଆଜି ଏ ସଂକ୍ରାନ୍ତରେ ଏନେଇ ଏକ ପ୍ରତିନିଧି ଦଳ ଜିଲ୍ଲାପ୍ରଶାସନକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

କୋରେଇ ବ୍ଲକ ମକୁନ୍ଦପୁର ଏବଂ କରଦା ପଞ୍ଚାୟତରେ ଥିବା ୫୦ରୁ ଉର୍ଦ୍ଧ୍ୱ ଉଠାଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଛି। ଏପରିକି ଜଳସେଚନ ପ୍ରକଳ୍ପ ନିକଟକୁ ଯାଇଥିବା ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଚୋରି ହୋଇଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗକୁ ଅବଗତ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଉଭୟ ପଞ୍ଚାୟତରେ ୫୦୦ ଏକରରୁ ଉର୍ଦ୍ଧ୍ୱ ଚାଷଜମି ଏବେ ଜଳସେଚନରୁ ବଞ୍ଚିତ ହୋଇଛି। ଯଦି ଖୁବ୍‌ଶୀଘ୍ର ଏହି ଅଚଳ ଉଠାଜଳସେଚନ ପ୍ରକଳ୍ପର ମରାମତି କରାନଯାଏ ତା ହେଲେ ଆଗାମୀ ଦିନରେ ଏଠାରେ ମରୁଡ଼ି ପରିସ୍ଥିତି ସୃଷ୍ଟିହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଉଠାଜଳସେଚନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଆଜି ଚାଷୀମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଯାଜପୁର ଜିଲ୍ଲା ପ୍ରଶାସନକୁ ଭେଟି ଏହାର ପ୍ରତିକାର ପାଇଁ ଦାବି କରିଛି। କୋରେଇ ବିଜେଡି ବ୍ଲକ ସଭାପତି ଭକ୍ତ ବତ୍ସଳ ସ୍ୱାଇଁଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ବଳରାମ ସାହୁ, ପ୍ରତାପ ମହାନ୍ତି ଙ୍କ ସମେତ ଉଭୟ ପଞ୍ଚାୟତର ଚାଷୀମାନେ ସାମିଲ ହୋଇ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପ୍ରଶାସନ ପକ୍ଷରୁ ଏହାର ପ୍ରତିକାର କରାଯିବା ନେଇ ପ୍ରତିଶୃତି ଦିଆଯାଇଛି। ତେଣୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ସକାଳ THE SAKALA



## ବାବାମଣି ପୀଠରେ ଶ୍ରାବଣୀ ଜଳାଭିଷେକ ବୈଠକ

# କାଉଡ଼ିଆ କୌଣସି ଅସୁବିଧାରେ ନ ପଡ଼ିବା ଉପରେ ପ୍ରାଧାନ୍ୟ

**ଭଦ୍ରକ, ୯ ।୭ (ସମିସ)**



ବାବା ଆଖଣ୍ଡଳମଣି ବିଜେ ଆରଡ଼ି ପୀଠରେ ଆଗାମୀ ଶ୍ରାବଣୀ ଜଳାଭିଷେକ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରାଯିବା ଉପରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଉପଜିଲ୍ଲାପାଳ ମନୋଜ ପାତ୍ର, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ମତାମତ ରଖିଥିଲେ । ଜୁଲାଇ ୨୨ ତାରିଖ ସୋମବାର ଠାରୁ ଆରମ୍ଭ ହେବାକୁ ଥିବା ଏହି ଜଳାଭିଷେକ ପର୍ବ ଅଗଷ୍ଟ ୧୯ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲୁ ରହିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ବୈଠକରେ ଆଲୋଚନା ହେବାକୁ ଥିବା କାର୍ଯ୍ୟସୂଚୀ ଅନୁଯାୟୀ ବିଶେଷ କରି କାଉଡ଼ିଆ ମାନଙ୍କ ସୁବିଧା ପାଇଁ ଶାନ୍ତିଶୃଙ୍ଖଳା ରକ୍ଷା, ଗହଳି ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଚିକିତ୍ସା ଶିବିର ଆୟୋଜନ ଆଦି ସମ୍ପୃକ୍ତ ବିଷୟ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆବଶ୍ୟକ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେବାୟତ ବିଜୟ କୁମାର ଦାଶ ଶ୍ରାବଣୀ ଯାତ୍ରା ସମୟରେ ଜଳାଭିଷେକ ହେବାକୁ ଥିବା ସୋମବାର ଗୁଡ଼ିକରେ ବାବାମଣିଙ୍କ ସୂତନ୍ତ୍ର ନୀତିକାନ୍ତି ଓ ପୂଜାବିଧି ସମୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ କି ଜୁଲାଇ ୨୨ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ପଡୁଥିବା ୫ଟି ସୋମବାରରେ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଇନ୍ ଶୃଙ୍ଖଳା ପରିଚାଳନା ପାଇଁ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥା, ନଦୀ ଘାଟ ଗୁଡ଼ିକରେ ପୋଲିସ୍, ଓଡ଼ରାଫ ଟିମ୍ ମୁତୟନ, ଅଗ୍ନିଶମ ସେବା ନିଯୁକ୍ତି ବ୍ୟବସ୍ଥା, ଯାତ୍ରୀବାହି ଗାଡ଼ି ଓ ଘାଟ ଡଙ୍ଗାରେ ଅଧିକ ଯାତ୍ରୀ ପରିବହନ ନ କରିବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା ଆରଡ଼ି ପୀଠକୁ ସଂଯୋଗ କରୁଥିବା ରାସ୍ତା ମରାମତି, କାଉଡ଼ିଆ ମାନଙ୍କ ପାଇଁ ପାନୀୟଜଳ, ସ୍ୱାସ୍ଥ୍ୟ ପରିମଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସହ ରାସ୍ତାପାର୍ଶ୍ୱ ଡାକ୍ତରଖାନା ନିର୍ଦ୍ଧାରିତ ଆବଶ୍ୟକ ସମୟରେ ଖୋଲା ରଖାଯିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକ ଉପରେ ବିଶଦ ଆଲୋଚନା କରାଯାଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ବିଶେଷ କରି କାଉଡ଼ିଆ ମାନଙ୍କ ନିମନ୍ତେ ଛକଜାଗା ମାନଙ୍କରେ ପ୍ରସାଦ ପ୍ରସ୍ତୁତି ଏବଂ ସେବନ ସ୍ଥାନରେ ବିଶ୍ରାମସ୍ଥଳରେ ଯଥେଷ୍ଟ ମାତ୍ରାରେ ପାନୀୟଜଳ ଯୋଗାଣ ପାଇଁ ଆବଶ୍ୟକ ସଂଖ୍ୟକ ଟ୍ୟାଙ୍କର ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବିଭାଗୀୟ ଅଧିକାରୀ ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଚାନ୍ଦବାଲି ବିଡିଓ ଅସିତ୍ କୁମାର ମହାନ୍ତି, ଡିଏସ୍‌ପିଡିଆଇବି ପ୍ରଭାତ କୁମାର ବିଶ୍ୱାଳ, ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ ପ୍ରମୁଖଙ୍କ ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ପୁଲିସ୍ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ସେବାୟତ ଗଦାଧର ପାଢ଼ୀ, ଆଶିଷ ପାଢ଼ୀ, ଅରବିନ୍ଦ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ସଞ୍ଜୟ ମହାପାତ୍ର, ସରୋଜ ଦାସ, ଟ୍ରଷ୍ଟବୋର୍ଡ ସେବାୟତ ପ୍ରତିନିଧି ସନ୍ତୋଷ ପାଢ଼ୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ମତାମତ ରଖିଥିଲେ । ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ଓ କର୍ମଚାରୀ ପ୍ରମୁଖ ଏହି ବୈଠକ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ବନ୍ଦର ମନମାନୀରେ ଅତିଷ୍ଠ ବୃଦ୍ଧା ।

# ହକ୍ ପାଇଁ କରିବେ ରେଳରୋକ

**ଭଦ୍ରକ, ୯ ।୭ (ସମିସ):** ଧାମରା ବନ୍ଦର ମନମାନୀରେ ଅତିଷ୍ଠ ଲୋକେ । ଫଳରେ ନିଜର ହକ ପାଇଁ ଆଜି ରେଳରୋକ କରିବେ ନିରୀହ ବୃଦ୍ଧା ମହିଳା । ଅଭିଯୋଗ ଅନୁଯାୟୀ ଗତ ମେ' ୯ ତାରିଖ ଦିନ ନରସିଂହପ୍ରସାଦ ଗ୍ରାମର ନିରୀହ ହରିଜନ ବିଧବା ମହିଳା ନିଜ ଘରେ ନଥିବା ବେଳେ ଧାମରା ବନ୍ଦର କର୍ତ୍ତୁପକ୍ଷ ସମ୍ପୃକ୍ତ ମହିଳା ସତ୍ୟଭାମା ସେଠୀଙ୍କ ବାଡିରେ ପଶି ୧୩ଟି ଗଛକୁ କାଟି ନେଇଥିଲେ । ଏଥିସହ ୨୦୧୭ ମସିହାରେ ଧାମରା ବନ୍ଦର କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳାଙ୍କ ଘରବାଡିରେ ଅତି ଉଚ୍ଚ ସମ୍ପର୍ଣ୍ଣ ବିଦ୍ୟୁତ୍ ତାର ଟାଣୁଥିବା ବେଳେ ସମ୍ପୃକ୍ତ ମହିଳା ନିଜର ନ୍ୟାର୍ଯ୍ୟ ପ୍ରାପ୍ୟ (ତାର ଟଣା ବାବଦକୁ) ପାଇନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଏହି ସମସ୍ତ ଅଭିଯୋଗ ପାଇଁ ସମ୍ପୃକ୍ତ ମହିଳା ଧାମରା ବନ୍ଦର କର୍ତ୍ତୃପକ୍ଷ, ଭଦ୍ରକ ଜିଲ୍ଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନ୍ୟାୟ ପାଇନାହାନ୍ତି । ଫଳରେ ୧୦ତାରିଖ ସକାଳ ୧୦ଟା ଠାରୁ ସତ୍ୟଭାମା ସେଠୀ ନିଜର ନ୍ୟାର୍ଯ୍ୟ ପ୍ରାପ୍ୟ ପାଇଁ ଡିଆଇ ରୋଡ ଠାରେ ରେଳରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଆବାସିକ ସ୍କୁଲରୁ ନିଖୋଜ ଛାତ୍ର ଉଦ୍ଧାର

**ଭଦ୍ରକ, ୯ ।୭ (ସମିସ):** ଭଦ୍ରକ ଜିଲ୍ଲାରେ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକରେ ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠିଛି । ଗତକାଲି ସ୍ଥାନୀୟ ଆରଡ଼ି ଛକ ସ୍ଥିତ ଏକ ଘରୋଇ ଆବାସିକ ସ୍କୁଲରୁ ୨ଜଣ ପିଲା ନିଖୋଜ ହେବା ଓ ପରେ ଚାରିଘରିଆ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇ ପୁଲିସକୁ ହସ୍ତାନ୍ତର କରିବା ଓ ପୁଲିସ ଦ୍ୱାରା ପିଲାମାନଙ୍କର ନିଖୋଜ ବାବଦରେ କୌଣସି ଖୋଳତାଡ଼ କରାନଯାଇ ପୁଣି ବିଦ୍ୟାଳୟରେ ଛାଡ଼ିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ପ୍ରକାଶ ଯେ, ଆରଡ଼ି ଛକ ସ୍ଥିତ ଉକ୍ତ ଆବାସିକ ସ୍କୁଲର ୫ଜଣ ପିଲା ସ୍କୁଲ ହତା ଡେଇଁ ପଛ ଗେଟ୍ ଦେଇ ଖସିଯିବାକୁ ଚେଷ୍ଟା କରିଥିଲେ । ମାତ୍ର ୩ଜଣ ପିଲା ଖସିବାରେ ଅସମର୍ଥ ହୋଇଥିବା ବେଳେ ୨ଜଣ ପିଲା ପଛ ଗେଟ ଦେଇ ପଳାଇଯାଇଥିଲେ । ମାତ୍ର କର୍ତ୍ତୃପକ୍ଷଙ୍କ ପାଖରେ ପିଲାଙ୍କ ନିଖୋଜର ୨ଘଣ୍ଟା ପରେ ଖବର ପହଞ୍ଚିଥିଲା । ସେମାନେ ପିଲାମାନଙ୍କର ଅଭିଭାବକଙ୍କୁ ସନ୍ଧ୍ୟା ୬ଟା ବେଳେ ଆପଣଙ୍କ ପିଲା ସ୍କୁଲରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି ବୋଲି ଜଣାଇଥିଲେ । ପରେ ଅଭିଭାବକମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କ ପିଲାମାନଙ୍କୁ ଚାରିଘରିଆ ଗ୍ରାମର କିଛି ଗ୍ରାମବାସୀ ଧରି ପୁଲିସକୁ ହସ୍ତାନ୍ତର କରିଥିବା ଜାଣିପାରିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ ପିଲାମାନଙ୍କର ସୁରକ୍ଷା ଓ ଉତ୍ତମ ଶିକ୍ଷାଦାନର ମାନକୁ ବିଚାର କରି ଅଭିଭାବକମାନେ ନିଜ ପିଲାମାନଙ୍କୁ ଘରୋଇ ବିଦ୍ୟାଳୟମାନଙ୍କରେ ପାଠ ପଢ଼ିବା ପାଇଁ ଛାଡୁଛନ୍ତି । ମାତ୍ର ଏହି ବିଦ୍ୟାଳୟଗୁଡ଼ିକର ସୁରକ୍ଷା ନେଇ କେହି ଚିନ୍ତା ପ୍ରକଟ କରୁନାହାନ୍ତି କି ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଏହି ଛୋଟ ଛୋଟ ପିଲାମାନଙ୍କର ସୁରକ୍ଷା ନେଇ କୌଣସି ପ୍ରବନ୍ଧନ କରୁନାହାନ୍ତି । ଯଦିଓ ନିଖୋଜ ପିଲାମାନେ ଗତକାଲି ମିଳିଯାଇଥିଲେ ତେବେ ପ୍ରଶ୍ନ ଉଠେ ଯଦି ନିଖୋଜ ପିଲାମାନଙ୍କ ସହିତ କୌଣସି ଅଘଟଣ ଘଟିଥାଆନ୍ତା, ତେବେ ଏଥିପ୍ରତି କିଏ ଦାୟୀ ରହିଥାନ୍ତା । ଏଦିଗରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗରୁତର ସହ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ବାରିକପୁରରେ ରଥଯାତ୍ରା ପାଳନ



**ବାରିକପୁର, ୯ ।୭ (ଇମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଅଞ୍ଚଳରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ଗ୍ରାମର ପୂଜା କମିଟି ପକ୍ଷରୁ ପାରମ୍ପରିକ ଭାବେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବ ଯୌବନ ବେଶ ସହିତ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି । ବୈଦିକ ରୀତି ନୀତି ଅନୁଯାୟୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପୂଜାର୍ଚ୍ଚନା ହୋଇଥିବା ବେଳେ ଏଥିରେ ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିଲେ । କେଉଁଠି ମଧାହ୍ନ ତ ପୁଣି କେଉଁଠି ଅପରାହ୍ନ ଓ ସନ୍ଧ୍ୟାରେ ରଥ ଟଣା ହୋଇଛି । ମାଉସୀ ମା ଘରେ ମହାପ୍ରଭୁ ପୂଜା ପାଉଥିବା ବେଳେ ବାହୁଡ଼ା ଯାତ୍ରା ରେ ଭାଇଭଉଣୀଙ୍କ ସହ ସ୍ୱଗୃହକୁ ପ୍ରତ୍ୟାବର୍ତନ କରବେ । ବାରିକପୁର ସମେତ ନିକଟ ବେଲମଳା, ରାଜେନ୍ଦ୍ରପୁର, ଅନନ୍ତପୁର, ବହୁ ଦରଡା, ନିର୍ଗୁଣ୍ଡି, ବିଷ୍ଣୁପୁର, ଧାମନଗର ଛକ, ମଜୁରିଗଡ଼ିଆ, ପାହିମୋହୁରା ପ୍ରମୁଖ ସ୍ଥାନରେ ଭାବ ଉଦ୍ଦୀପନାର ସହିତ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।

# ଚାରାରୋପଣ କାର୍ଯ୍ୟକ୍ରମ



**ବାରିକପୁର, ୯ ।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ଠାରେ ପ୍ରକୃତି ବନ୍ଧୁ ସ୍ୱର୍ଗତ ବାବାଜୀ ଚରଣ ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସବୁଜ ବାହିନୀ ସଂଗଠନର ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଯୋଗଦେଇ ବୃକ୍ଷ ହିଁ ଆମ ସମସ୍ତଙ୍କ ପାଇଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୁବ ଉଦ୍ୟୋଗୀ ସଞ୍ଜୀବ କୁମାର ପରିଡ଼ା, ଅଲେଖ ପ୍ରସାଦ ଘଡେଇ, ଯୁବନେତା ଗଗନ ବିହାରୀ ସେଠୀ ପ୍ରମୁଖ ଯୋଗଦେଇ ବଟେଶ୍ୱର ଆଶ୍ରମ ନିକଟ ପଡ଼ିଆରେ ଚାରାରୋପଣ କରିଥିଲେ । ଏହାଛଡା ଗ୍ରାମର ଅନେକ ପୁରୁଷ ଓ ମହିଳା ଅତିଥି ମାନଙ୍କ ସହିତ ମିଶି ଗୋଟେ ଲେଖାଏଁ ଗଛ ଲଗାଇଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ବୃକ୍ଷପ୍ରେମୀ ଯୋଗଦେଇଥିଲେ ।

# ବାସୁଦେବପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର



**ବାସୁଦେବପୁର, ୯ ।୭ (ସମିସ):** ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଜୁଲାଇ ୯ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାସୁଦେବପୁର ବ୍ଲକରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୩୨ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତିକ ୧୧୩ଟି ଓ ସାମୂହିକ ସମସ୍ୟା ଭିତ୍ତିକ ୧୯ଟି ଅଭିଯୋଗ ଥିଲା । ରେଡକ୍ରସ୍ ସମ୍ବନ୍ଧୀୟ ଦୁଇଜଣ ଆବେଦନକାରୀଙ୍କ ମଧ୍ୟରେ ନନ୍ଦପୁରର ସାବିତ୍ରୀ ନାୟକଙ୍କୁ ଆକସ୍ମିକ ଦୁର୍ଘଟଣା ଜନିତ ସରକାରୀ ସହାୟତା ବାବଦରେ ୧୫ ହଜାର ଟଙ୍କା, ବାସୁଦେବପୁରର ମୋନାଲିସା ମହାନ୍ତିଙ୍କୁ ତାଙ୍କ ସ୍ୱାମୀଙ୍କର ଅନ୍ତେଷ୍ଟିକ୍ରୀୟା କାର୍ଯ୍ୟପାଇଁ ସହାୟତା ବାବଦ ୧୫ ହଜାର ଟଙ୍କା ସମୁଦାୟ ୩୦ ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ପ୍ରଦାନ କରାଯିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଏସିଡିଓ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏବଂ ସମ୍ପୃକ୍ତ ବିଭାଗୀୟ ଡାକ୍ତର ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବାସୁଦେବପୁର ବିଡିଓ ଏବଂ ତହସିଲଦାର ସୌଭାଗ୍ୟ ପଣ୍ଡା ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ । ଜିଲ୍ଲା ଓ ଉକ୍ତ ବ୍ଲକ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ ।

## ଗୋଟିଏ ପାର୍ଶ୍ୱରେ ବାଲି ଭର୍ତ୍ତି

# ସଂକୁଚିତ ହେଉଛି ୧୬ନମ୍ବର ଜାତୀୟ ରାଜପଥ

**ବାରିକପୁର, ୯ ।୭ (ସମିସ):** ସମ୍ପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ୧୬ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ସମ୍ପନ୍ନ କରିଛି । ପ୍ରାୟ ଦୁଇ ବର୍ଷ ହେବ ଚଣ୍ଡିଖୋଲ ଠାରୁ ଭଦ୍ରକ ଯାଏଁ କାର୍ଯ୍ୟ ସରିଥିବା ବେଳେ ଆଗାମୀ ୧୫ବର୍ଷ ଯାଏଁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ରାସ୍ତା ନିର୍ମାଣକାରୀ ଅଣଓଡ଼ିଆ ଘରୋଇ ସଂସ୍ଥା ହାତରେ ରହିଛି । ପରିତାପର ବିଷୟ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ଉପଯୁକ୍ତ ଗମନାଗମନ ସକାଶେ ରାସ୍ତା ଉପରେ ନଜର ଦେଉନାହିଁ । କେଉଁଠି ରାସ୍ତାର ଓଭରବ୍ରିଜ ସ୍ଥାନ ଗୁଡିକରେ ନାଳି ସୃଷ୍ଟି ହେଲାଣି ତ ପୁଣି କେଉଁଠି ରାସ୍ତାର ବିସ୍ତିର୍ଣ୍ଣ ଅଞ୍ଚଳ ବାଲି ଗୋଡ଼ିରେ ଭର୍ତ୍ତି ହୋଇଗଲାଣି । ଏଥିପାଇଁ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଥିବା ବେଳେ ଅନେକ ସମୟରେ ମଧ୍ୟ ଦୁର୍ଘଟଣା ମାନ ଘଟୁଛି । ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ରାସ୍ତାର ସୀମା ଆଖୁଆପଦା ଠାରୁ ବିଷ୍ଣୁପୁର ଯାଏଁ ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି ସଂସ୍ଥା ଗୁରୁତ୍ୱ ଦେଉନାହିଁ । ରାସ୍ତାର ଯଶୋଟିକିରି ଠାରୁ ପୁରୀପଡ଼ା ଯାଏଁ ବାଲି ଭର୍ତ୍ତି ହୋଇଯାଇଛି । ୩ଲାଇନରୁ ଗୋଟିଏ ପାର୍ଶ୍ୱରେ ପ୍ରାୟ ଅଧ ଇଞ୍ଚରୁ ଏକ ଇଞ୍ଚ ଯାଏଁ



ବାଲିଧୂଳି ଜମିରହିଛି । ଫଳରେ ଯାତାୟତରେ ଏହା ଘୋର ସମସ୍ୟା ସୃଷ୍ଟି କରୁଥିବା ବେଳେ ବିଶେଷ କରି ମୋଟରସାଇକେଲ ଆରୋହୀ ମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ସେହିଭଳି ତହସିଲ ଛକ, କହରାପୋଖରୀ, ଧାମନଗର ଛକ ପ୍ରମୁଖ ସ୍ଥାନ ଗୁଡିକରେ ମଧ୍ୟ ରାସ୍ତା ସଫା ହେଉନାହିଁ । ଛତାବର ଟୋଲ ଗେଟ ନିକଟରେ ଅସ୍ଥାୟୀ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ରାସ୍ତା ପରିଷ୍କାର ପରିଚ୍ଛନ୍ନ ପାଇଁ କର୍ମଚାରୀ ମାନେ ଦୃଷ୍ଟି ଦେଉନାହାନ୍ତି । ଏପରିକି ଦୈନିକ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ମାନେ ଯାତାୟତ କରୁଥିଲେ ସୁଦ୍ଧା ସେମାନେ ଏହା ଉପରେ ମଧ୍ୟ ଦୃଷ୍ଟି ଦେଉ ନଥିବା ବେଳେ ବାଇପାସ ରାସ୍ତାର ପାଣି ନିଷ୍କାସନ ଭଗ୍ନନାଳର ମରାମତି ହେଉ କିମ୍ବା ଦବିଯାଇଥିବା ରାସ୍ତାର ମରାମତି ହେଉ କୌଣସି କାର୍ଯ୍ୟକୁ ତତ୍କାଳ କରୁନାହାନ୍ତି ।ତେଣୁ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟ ଉପରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନଦୀବନ୍ଧ ଗଡ଼ା ନିର୍ମାଣ ନିମ୍ନମାନର



**ଦୋବଲ, ୯ ।୭ (ସମିସ):** ଗ୍ରାମାଞ୍ଚଳର ନଦୀବନ୍ଧ ବାଡ ନିର୍ମାଣ ଓ ମରାମତି କରିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ନିମ୍ନମାନର କାମ କରି ସରକାରୀ ଅର୍ଥ ଲୁଟୁଛନ୍ତି । ଧାମନଗର ଜଳସେଚନ ବିଭାଗ ଅଧୀନସ୍ଥ ଦୋବଲ- ରାମେଶ୍ୱରପୁର ଗେଙ୍ଗୁଟି ନଦୀବନ୍ଧର ଦୋବଲ ପଞ୍ଚାୟତର ୨ ନମ୍ବର ୱାର୍ଡର ସାଇ ମନ୍ଦିର ଗଡ଼ା ଓ ମହାରଣା ସାହି ଗଡ଼ା ଟେଣ୍ଡର ମାଧ୍ୟମରେ ନିର୍ମାଣ କାର୍ଯ୍ୟ ହେଉଥିବ ବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ନିମ୍ନମାନର କାମ କରାଯାଇଛି । ଗଡ଼ା ନିର୍ମାଣ ବେଳେ ସାମଗ୍ରୀ ନିମ୍ନମାନର ଦିଆ ଯାଇଥିବା ବେଳେ ଗଡ଼ା ମଧ୍ୟରେ ମାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା । ସେହିଭଳି ସାଇମନ୍ଦିର ଗଡ଼ା ନିର୍ମାଣ ନିମ୍ନମାନର କାମ ହେଉଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ । ଫଳରେ ଠିକାଦାର ଅଧା କାମକରି ପଳାଇଛନ୍ତି । ଫଳରେ ଲୋକମାନେ ଯାତାୟାତରେ ଘୋର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ସବୁଠାରୁ ବଡକଥା ହେଲା କାମ ବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତ ଏବଂ ବିନା ସୂଚନା ଫଳକରେ କାମ କରାଯାଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ ବିଜୟ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରାଯାଇଛି । ନିମ୍ନମାନର କାମ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଶ୍ରୀ ସେଠୀ କହିଥିଲେ ।

# ଶ୍ରୀଜଗନ୍ନାଥ ଆଲୋଚନାଚକ୍ର

**ଅସୁରାଳି, ୯ ।୭ (ସମିସ):** ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର ଜଗତରନାଥ ଶ୍ରୀଜଗନ୍ନାଥ । କୋଟି ବ୍ରହ୍ମାଣ୍ଡ ବ୍ରହ୍ମାଣ୍ଡ ନାଥ, ପତିତପାବନ, କରୁଣାସାଗର ଶ୍ରୀଜଗନ୍ନାଥ ସର୍ବବ୍ୟାପୀ ସନାତନୀ । ତାଙ୍କର ଏହି ସର୍ବବ୍ୟାପୀପଣକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଡିଏସପି ପ୍ରଭାତ ବିଶ୍ୱାଳ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଧୂଷୁରୀ ପ୍ରେସ୍ ୟୁନିଅନର ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ସଭାପତି ସାମ୍ବାଦିକ ସନ୍ତୋଷଦାସ, ସମ୍ପାଦକ ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଅନସୂୟା ମିଶ୍ର, ଉଦୟନାଥ ମହାନ୍ତି, ରବୀନ୍ଦ୍ର ବେହୁରିଆ, ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# ଶିଶୁମାନଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ



**ଭଦ୍ରକ, ୯ ।୭ (ସମିସ):** ଆଜି ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁମାନଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ୪ଟି ଆଇସିଡିଏସ୍ ପ୍ରୋଜେକ୍ଟର ସିଡିପିଓ, ସୁପରଭାଇଜର, ବ୍ଲକ ସଂଯୋଜକ ପୋଷଣ, ବ୍ଲକ ପ୍ରୋଜେକ୍ଟ ସଂଯୋଜକ ମିଶନ ଶକ୍ତି ଓ ମମତା ଆସିଷ୍ଟାଣ୍ଟମାନେ ତାଲିମ ଗ୍ରହଣ କରିଥିଲେ । ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ୬ବର୍ଷରୁ ଶିଶୁର ନିର୍ଭୁଲ ଓଜନ କରିବା, ଅଙ୍ଗନୱାଡି କେନ୍ଦ୍ର ର ତଥ୍ୟକୁ ପୋଷଣ ଟ୍ରାକ୍‌ରେ ଏଣ୍ଟ୍ରି କରିବା ଆଦି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଅଭାମୁଖ୍ୟ ସମ୍ପର୍କରେ ପ୍ରୋଗ୍ରାମ ଅଫିସର ଚନ୍ଦ୍ର ସାହୁ ସୂଚନା ଦେଇଥିଲେ । ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରିୟଦର୍ଶନୀ ମହାନ୍ତି ଉପସ୍ଥିତ ଥିଲେ । ରାଜ୍ୟ ପ୍ରଶିକ୍ଷିକା ପ୍ରୟଙ୍କା ସିଂ ତାଲିମ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପୋଷଣ ସଂଯୋଜକ ଏସ୍‌କେ ସିରାଜ ଅକ୍ତର ତାଲିମ ଶିବିରକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ତାରିଖ ଯାଏଁ ଚାଲିବ ଓ ଅନ୍ୟ ୪ଟି ଆଇସିଡିଏସ୍ ପ୍ରକଳ୍ପର କାର୍ଯ୍ୟକର୍ତ୍ତା ଏଥିରେ ଅଂଶଗ୍ରହଣ କରିବେ ।

## କୁଢ଼ କୁଢ଼ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଗାଁରୁ ବଜାର

# ବର୍ଷା ଦିନରେ ବଢୁଛି ଡେଙ୍ଗୁ, ମେଲେରିଆ ଭୟ

**ଅସୁରାଳି, ୯ ।୭ (ସମିସ):**



ଧାମନଗର ବ୍ଲକ ଅନ୍ତର୍ଗତ ବିଭିନ୍ନ ବଜାର ସମେତ ବିଭିନ୍ନ ଗ୍ରାମର ୱାର୍ଡରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଦୂଷିତ ପରିବେଶ ସୃଷ୍ଟି ହେବା କାରଣରୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଅଞ୍ଚଳରେ ମଶା, ମାଛି ବଂଶ ବୃଦ୍ଧି ପାଉଛି । ଏହା ସହ ଡେଙ୍ଗୁ, ମେଲେରିଆ ଜ୍ୱର ଆଦି କାୟା ବିସ୍ତାର କରି ଚାଲିଥିବା ବେଳେ ଦିନକୁ ଦିନ ପରିସ୍ଥିତି ଜଟିଳ ରୂପ ନେଲାଣି । ଏସବୁ ସମସ୍ୟା ସମାଧାନ ପ୍ରତି କାହାରି ନଜର ନାହିଁ । ବର୍ତ୍ତମାନ ଗ୍ରାମ ଠାରୁ ବଜାର ଯାଏଁ ସବୁ ଆଡ଼େ ଦୂଷିତ ପରିବେଶ ସୀମା ଟପିଛି । ଯାହାର ଉଦାହରଣ ହେଲା ଧୂଷୁରୀ ପଞ୍ଚାୟତ ସଂଲଗ୍ନ ଧୂଷୁରୀ ବଜାରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟର ନିକଟବର୍ତ୍ତୀ ଅଞ୍ଚଳ, ସର୍ବସାଧାରଣ ସ୍ଥାନ, ବାସନ୍ତୀ ପଡ଼ିଆ, ମାଛ ହାଟ, ମାଂସ ଦୋକାନ ନିକଟ, ପରିବା ହାଟ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଇତ୍ୟାଦି ସ୍ଥାନରେ ମାସ ମାସ ଧରି ଗଦା ଗଦା ଅଳିଆ ଜମା ହୋଇ ରହିଛି । ସେଠାରେ ବର୍ଷା ପାଣି ଜମି ରହି ପଚି ଗନ୍ଧରେ ନାକ ପାଟି ପଡୁଛି । କେବଳ ଧୂଷୁରୀ ବଜାର ନୁହଁ ଏହାଛଡା ବିଭିନ୍ନ ବଜାର ହାଟ ତଥା ଗୋବିନ୍ଦପୁର ବଜାର, ଅସୁରାଳି ବଜାର, ସହିଦ୍ ନଗର ବଜାର, ବେତାଳି ଗାଁ, କୋଠାର, ହସନାବାଦ, ଅର୍ଜୁନପୁର ଆଦି ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି । ଯାହାକି ସଂକ୍ରାମକ ରୋଗର କାରଣ ଘଟୁଛି । ଦୂଷିତ ପରିବେଶକୁ ବର୍ଷା କାରଣରୁ ଝାଡ଼ା, ବାନ୍ତି, ହଇଜା, ଡେଙ୍ଗୁ, ମେଲେରିଆ ଆଦି ବ୍ୟାପିବାର ସମ୍ଭାବନା ରହୁଛି । ଏହି ସ୍ଥାନମାନଙ୍କରେ ଦୈନନ୍ଦିନ ଚଳପ୍ରଚଳ କରୁଥିବା ହଜାର ହଜାର ଲୋକ ଅତିଷ୍ଠ ହୋଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେହିପରି ଜମିଥିବା ପାଣିରେ ମଶା ବଂଶ ବୃଦ୍ଧି ପାଇ ମେଲେରିଆ ଓ ଡେଙ୍ଗୁ ଜ୍ୱର ବଢୁଛି ।

## ଓଡ଼ିଶାରେ ଲାଗୁ ହେଲା ପିଏମ୍ ଶ୍ରୀ ସ୍କୁଲ ଯୋଜନା

**ଭୁବନେଶ୍ୱର, ୯ ।୭ (ସମିସ):** ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଏବଂ ଶୈକ୍ଷିକ ଗୁଣବତ୍ତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ଯୋଜନା ବା ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଆରମ୍ଭ ହୋଇଛି । ରାଜ୍ୟର ପ୍ରାୟ ୮ ଶହ ବିଦ୍ୟାଳୟ ଏଥିରେ ଉପକୃତ ହେବେ । କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଓ ରାଜ୍ୟ ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏନେଇ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏଥିରେ ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳର ଦୁଇଟି ଲେଖାଏଁ ବିଦ୍ୟାଳୟକୁ ପିଏମ୍ ଶ୍ରୀ ସ୍କୁଲରେ ବିକଶିତ କରାଯିବାର ପ୍ରାବଧାନ ରହିଛି । ଏହି ସ୍କୁଲଗୁଡ଼ିକରେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରସ୍ତୁତ ପାଠ୍ୟକ୍ରମ ପଢ଼ାଯିବ । ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ସହ ମନୋବଳ ବଢ଼ାଇବାକୁ ପ୍ରାଥମିକତା ଦିଆଯିବ । କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢ଼ାଇବା ପାଇଁ ପିଏମ୍‌ଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି । ସ୍କୁଲରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଟେକ୍ନୋଲୋଜି ଆଧାରିତ ହେବ । ଆଇସିଟି, ଡ଼ିଜିଟାଲ ଲ୍ୟାବ, ଡିଜିଟାଲ ଲାଇବ୍ରେରୀ, ଡିଜିଟାଲ ଲର୍ଣ୍ଣିଂ ଟୁଲ୍ସ ଆଦିର ବ୍ୟବସ୍ଥା ରହିବ । ସେହିପରି ବାଲବାଟିକାରେ ପ୍ରାରମ୍ଭିକ ଶିଶୁଯତ୍ନ ଶିକ୍ଷା ରହିବ । ମାତୃଭାଷାକୁ ପ୍ରାଧାନ୍ୟ ଦେବା ସହ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଦୂରତାକୁ ହ୍ରାସ କରିବ । ସମ୍ପ୍ରତି ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ଲାଗୁ ହୋଇଛି । ରାଜ୍ୟରେ ଏହା ଲାଗୁ ହେବା ପରେ ବହୁ ଛାତ୍ରଛାତ୍ରୀ ଉପକୃତ ହେବେ । ପିଏମ୍‌ଶ୍ରୀ ବିଦ୍ୟାଳୟକୁ ଦେଶର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

- ଉପକୃତ ହେବେ ୮ ଶହ ବିଦ୍ୟାଳୟ
- ସବୁ ବ୍ଲକ୍ ଓ ପୌରାଞ୍ଚଳର ଦୁଇଟି ଲେଖାଏଁ ବିଦ୍ୟାଳୟ ହେବ ସାମିଲ
- ଟେକ୍ନୋଲୋଜି ଆଧାରରେ ହେବ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ

### ଦେବୋତ୍ତର ଅଧିକାରୀଙ୍କ ଖାମଖିଆଲ ନୀତି

# ୨ ଦିନ ହେଲା ଉପାସରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖର

**ଢେଙ୍କାନାଳ/ଗଁଦିଆ, ୯।୭ (ସମିସ):** ରାଜ୍ୟର ପ୍ରମୁଖ ଶୈବପୀଠ କପିଳାସର ପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜିଉ ଗତ ୨ ଦିନ ଧରି ଭୋକ ଉପବାସରେ ରହିଛନ୍ତି । ନୀତିକାନ୍ତି ଠିକ୍‌ରେ ହେବା ତ ଦୂରର କଥା, ରୋଷଘରେ ତାଲା ଝୁଲିବାର ଦୃଶ୍ୟ ଭକ୍ତମହଲରେ ନୈରାଶ୍ୟ ଖେଳାଇ ଦେଇଛି । ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ପ୍ରସାଦ ନପାଇ ନିରାଶରେ ଫେରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଅବ୍ୟବସ୍ଥା ମଧ୍ୟରେ ନୀତିକାନ୍ତି ବିଭ୍ରାଟ ଗତ ୨ଦିନ ଧରି ହୋଇଥିବା ବେଳେ ଦେବୋତ୍ତର ଅଧିକାରୀ ନିଶ୍ଚିନ୍ତରେ ରହିଛନ୍ତି । ଏପରିକି, ଗତ ୨ବର୍ଷ ଧରି ପ୍ରଭୁଙ୍କ ସେବା ପାଇଁ ଠିକାରେ ସେବାୟତ ନିଯୁକ୍ତି ହେବା ଘଟଣା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।

କପିଳାସର ଶ୍ରୀଶ୍ରୀଚନ୍ଦ୍ରଶେଖର ପୀଠ ଖ୍ରୀଷ୍ଟପୂର୍ବ ୧୩୫୨ ମସିହାରେ ଗଙ୍ଗବଂଶର ରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ନିର୍ମିତ ହୋଇଛି । ରାଜରାଜୁଡ଼ା ସମୟରୁ ପ୍ରଭୁଙ୍କ ପାଇଁ ହଜାରହଜାର ଏକର ଜମି ସହ କାଜୁ ବଗିଚା ରହିଛି । ଭୋଗ ଦୋକାନ ନିଲାମ, ଗେଟ, ଷ୍ଟାଣ୍ଡ ସହିତ ବିଭିନ୍ନ ସୂତ୍ରରୁ କୋଟିକୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଛି । କିନ୍ତୁ କୋଟିକୋଟି ଟଙ୍କାର ମାଲିକ ପ୍ରଭୁ ଚନ୍ଦ୍ରଶେଖର ଉପାସରେ ରହୁଛନ୍ତି । ଗତ ୨ ଦିନ ହେବ ସୁଆରମାନେ ନିଜର ଅସୁସ୍ଥତା ଦର୍ଶାଇ ରହିଥିବାରୁ ଭୋଗ ଘରେ ତାଲା ଝୁଲୁଛି । କପିଳାସ ପୀଠକୁ ଗତ ସୋମବାର ଏବଂ ମଙ୍ଗଳବାର ହଜାର



ହଜାର ଭକ୍ତ ରାଜ୍ୟର କୋଣଅନୁକୋଣରୁ ଆସି ଭୋଗ ନପାଇ ନିରାଶରେ ଫେରିଯାଇଛନ୍ତି । ପ୍ରଭୁଙ୍କ ତିନି ଧୂପ ଏବଂ ୪ ଅବକାଶ ବହୁ ବିଳମ୍ବରେ ହେଉଛି । ସକାଳ ଧୂପ ଦିନ ସାଢ଼େ ଏଗାରଟା ହେଉଥିବା ବେଳେ ରାତି ଧୂପ ମଧ୍ୟରାତ୍ର ପରେ ହେଉଥିବା ଜଣାପଡ଼ିଛି । ଏଭଳି ବିଭ୍ରାଟ ପଛରେ ଦେବୋତ୍ତର ବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କପିଳାସରେ ଚିନ୍ତାପତ୍ରୀମାନେ ପୂଜା କରୁଥିବା ବେଳେ ସୁଆରମାନେ ରୋଷଘରେ ପ୍ରସାଦ ପ୍ରସ୍ତୁତ କରି ଦିଅଁଙ୍କଠାରେ ଲାଗି କରିଥାନ୍ତି । ସେହି ପ୍ରସାଦକୁ ଭକ୍ତମାନେ ପାଇଥା'ନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ, ତତ୍କାଳୀନ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କ ସମୟରେ କପିଳାସ ପୀଠରେ କାର୍ଯ୍ୟ କରୁଥିବା ସେବାୟତମାନଙ୍କୁ ଦୈନିକ ୨୧୩ ଟଙ୍କା ମଜୁରି ପ୍ରଦାନ କରାଯାଉଥିଲା । ତେଣୁ ସେତେବେଳେ ମଜୁରି ବୃଦ୍ଧି କରିବା ପାଇଁ ଆନ୍ଦୋଳନ ହୋଇଥିଲା । କିନ୍ତୁ ଯେଉଁମାନଙ୍କୁ ମଜୁରି ଯଥେଷ୍ଟ ହେଉନାହିଁ, ସେମାନେ କାର୍ଯ୍ୟ ଛାଡ଼ି ଚାଲିଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏପରିକି, ଦେଓଗାଁର ସେବାୟତମାନଙ୍କୁ ଗତ ୨ବର୍ଷ ତଳୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ପରେ ପରେ ପ୍ରଭୁଙ୍କୁ ସେବା ପାଇଁ ଠିକାରେ ସେବାୟତଙ୍କୁ ନିଯୁକ୍ତି ଦିଆଯାଇଥିଲା ।




### ପୁରୁଣାଙ୍କୁ ୨ବର୍ଷ ହେବ ଛଟେଇ ପରେ ଠିକାରେ ନିଯୁକ୍ତ ହୋଇଛନ୍ତି ସୁଆର

ଠିକାରେ ଆସୁଥିବା ସେବାୟତମାନଙ୍କୁ ଦୈନିକ ୨୧୩ଟଙ୍କା ପ୍ରଦାନ କରାଯାଉଥିବା ବେଳେ ସେମାନେ ଦୂରଦୂରାନ୍ତରରୁ ଆସିବା ତ ଦୂରର କଥା, ସଠିକ ସମୟରେ ପ୍ରଭୁଙ୍କ ନୀତିକାନ୍ତି କରୁ ନଥିଲେ । ଦୀର୍ଘ ୨ବର୍ଷ ଧରି ଏଭଳି ଅବ୍ୟବସ୍ଥା ଲାଗି ରହିଥିବାର ଜଣାପଡ଼ିଛି । ଠିକାରେ ଥିବା ସେବାୟତମାନେ ମଜୁରି ବୃଦ୍ଧି ଦାବିରେ କାର୍ଯ୍ୟ କରୁନଥିବା ବେଳେ ଦେବୋତ୍ତର ଅଧିକାରୀ ଏବଂ ଦେବୋତ୍ତର ନିରୀକ୍ଷକ ସେବାୟତମାନେ ଅସୁସ୍ଥ ଥିବା କହିଛନ୍ତି । ପ୍ରସାଦ ହେଉ ନଥିବାରୁ ଭକ୍ତମାନେ ପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତିଦିନ ନୀତିକାନ୍ତି ୩ରୁ ୪ଘଣ୍ଟା ବିଳମ୍ବରେ ହେଉଥିବା ବେଳେ ଗତକାଲି ରାତି ଭୋଗ ୯ଟା ବଦଳରେ ରାତି ସାଢ଼େ ୧୧ଟାରେ ସମ୍ପନ୍ନ ହୋଇଛି । ଏଭଳି ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

## ଆଜି ରାଜ୍ୟ କ୍ୟାବିନେଟ ବୈଠକ

### ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଲାଗିପାରେ ମୋହର

**ଭୁବନେଶ୍ୱର, ୯।୭ (ସମିସ):** ଆସନ୍ତାକାଲି ରାଜ୍ୟରେ ନବଗଠିତ ବିଜେପି ସରକାରର ଦ୍ୱିତୀୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁଯାୟୀ, ଆଗାମୀ ୨୫ ତାରିଖରେ ରାଜ୍ୟ ବଜେଟ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ବୈଠକରେ କୃଷି, ଜଳସମ୍ପଦ, ଯୋଜନା ଓ ସଂଯୋଜନ, ଆଇନ, ପୂର୍ତ୍ତ ବିଭାଗ ସମ୍ପର୍କିତ କେତେଗୁଡ଼ିଏ ନିଷ୍ପତ୍ତି ନିଆଯାଇପାରେ । ସେହିପରି ଗତ ଜୁନ୍ ୧୯ ତାରିଖରେ ହାଇକୋର୍ଟରେ ରାଜ୍ୟ ସରକାର ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ କ୍ୟାବିନେଟ ବୈଠକରେ ଉପସ୍ଥାପନ କରିବା ନେଇ ସତ୍ୟପାଠ ଦାଖଲ କରିଥିଲେ । ଏହି ପ୍ରରିପ୍ରେକ୍ଷୀରେ ଆସନ୍ତାକାଲିର ବୈଠକ ଉପରେ ସମସ୍ତଙ୍କ ନଜର ରହିଛି । ଅପରପକ୍ଷେ ଗତ ଜୁନ୍ ୧୨ ତାରିଖରେ ମୋହନ ସରକାର ଶପଥ ଗ୍ରହଣ ଦିନ ପ୍ରଥମ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ, ରାଜ୍ୟରେ ସମୃଦ୍ଧ କୃଷକ ନୀତି ଅଧୀନରେ ଧାନର ଏମଏସପି ୩୧୦୦ଟଙ୍କାକୁ ବୃଦ୍ଧି ଏବଂ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ ନେଇ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିର ବର୍ତ୍ତମାନର ସ୍ଥିତି ଏବଂ ଏହାକୁ କିପରି ସୁରୁଖୁରୁରେ କାର୍ଯ୍ୟକାରୀ କରାଯାଉଛି କିମ୍ବା କରାଯିବ, ସେନେଇ ବୈଠକରେ ଆଲୋଚନା ହେବ । ସେହିପରି ମୋହନ ସରକାର ନିଜର ୧୦୦ ଦିନିଆ କାର୍ଯ୍ୟ ଖସଡ଼ା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବୈଠକରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ ।

### ନନ୍ଦନକାନନରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟା

## ଗଲେ ୫୩; ଆସିବେ ୨୧

**ବାରଙ୍ଗ, ୯।୭ (ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁମାନଙ୍କର ବଂଶବୃଦ୍ଧି କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା । ଏହି ଆଧାରରେ ରାଞ୍ଚିର ଭଗବାନ ବିର୍ସା ବାୟୋଲୋଜିକାଲ ପାର୍କ ଓ ନନ୍ଦନକାନନର ଚିଡ଼ିଆଖାନା ମଧ୍ୟରେ ଜୀବଜନ୍ତୁ ଅଦଳବଦଳ ହେବାକୁ ଯାଉଛି । ଏଥିପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୋର୍‌ରୁ ନନ୍ଦନକାନନର ୮ ଜଣିଆ ଟିମ୍ ରାଞ୍ଚି ଅଭିମୁଖେ ବାହାରିଛନ୍ତି । ନନ୍ଦନକାନନର ଏହି ଟିମ୍ ସାଥିରେ ଗୋଟିଏ ଧଳାବାଘ, ୪ଟି ଗୁରାଣ୍ଡି, ୪ଟି ଡାଳି ଓଧ, ୨୦ଟି ଅନ୍ଧାରି ବଗ, ୨୦ଟି କଳା ମୁଣ୍ଡିଆ ବାଜେଣି, ୨ଟି ଧୂସର ଦଦରାହଣା, ୨ ବିଲୁଆକୁ ମିଶାଇ ସମୁଦାୟ ୫୩ ଜୀବଜନ୍ତୁଙ୍କୁ ସାଙ୍ଗରେ ନେଇ ଯାତ୍ରା କରିଛନ୍ତି । ସେଠାରୁ ୧୪ ତାରିଖରେ ଏହି ଟିମ୍ ଗୋଟିଏ କଳା ଲୋମଯୁକ୍ତ ବାଘ, ଗୋଟିଏ କଳା ଲୋମଯୁକ୍ତ ବାଘବଂଶଜର ଏକ ମହାବଳ ବାଘ, ୪ଟି ହେଟାବାଘ, ୧୦ଟି ଝିଙ୍କ, ୫ଟି ନୀଳଗାଈକୁ ମିଶାଇ ସମୁଦାୟ ୨୧ଟି ଜୀବଜନ୍ତୁକୁ ସାଙ୍ଗରେ ଧରି ନନ୍ଦନକାନନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି ।




### ଧଳାବାଘୁଣୀ ବଦଳରେ ଆସିବ କଳା

## ତ୍ୱରିତ ନିଯୁକ୍ତି ଦାବିରେ କନିଷ୍ଠ ଶିକ୍ଷକ ସଂଘର ଧାରଣା

**ଭୁବନେଶ୍ୱର, ୯।୭ (ସମିସ):** ନିଯୁକ୍ତି ପ୍ରକିୟାରେ ବିଳମ୍ବକୁ ନେଇ ଧାରଣାକୁ ଓହ୍ଲାଇଛି ଓଡ଼ିଶା କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଆଶାୟୀ ସଂଘ । ଉଚ୍ଚ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ରାୟ ଗତ ଜୁନ୍ ୧୮ ତାରିଖରୁ ଆସିଛି । ଇତି ମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱାରନ୍ୱିତ କରୁନି ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ବା ଓସେପା । ଏଣୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସମସ୍ତ ୨୦ହଜାର ପଦରେ ନିଯୁକ୍ତି ଦେବା ଦାବିରେ ଆଶାୟୀମାନେ ଗାନ୍ଧୀମାର୍ଗରେ ଧାରଣା ଦେଇଥିଲେ । ସଂଧ୍ୟାରେ ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରିଛନ୍ତି । ଖୁବ୍‌ଶୀଘ୍ର ଡ୍ରାଫ୍ଟ ଲିଷ୍ଟରେ ଥିବା ଆଶାୟୀଙ୍କୁ ପ୍ରଥମେ ନିଯୁକ୍ତି ଦିଆଯିବ ଏବଂ ପରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଡ୍ରାଫ୍ଟ ତାଲିକା ପ୍ରସ୍ତୁତ କରି ସମସ୍ତ ପଦରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ସଂଘ ପକ୍ଷରୁ ମନୋଜ କର, ସୌରଭ ମହାନ୍ତି, ବଳରାମ ଖଟୁଆ, ରାଜେଶ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ■ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ନବୀନ ଜିନ୍ଦଲ

## ଅନୁଗୋଳସ୍ଥିତ ଜିନ୍ଦଲ ହେବ ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ

**ଭୁବନେଶ୍ୱର, ୯।୭ (ସମିସ):** ମଙ୍ଗଳବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜେଏସପିଏଲ ମୁଖ୍ୟ ତଥା ଭାରତୀୟ ଇସ୍ପାତ ସଂଘ ସଭାପତି ନବୀନ ଜିନ୍ଦଲ ଭେଟିଛନ୍ତି । ଭାରତୀୟ ଇସ୍ପାତ ସଂଘ ପକ୍ଷରୁ ଶ୍ରୀ ଜିନ୍ଦଲ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଏବଂ ସମ୍ପ୍ରସାରଣ ନେଇ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଅନୁଗୁଳ ଜିନ୍ଦଲ ପ୍ଲାଣ୍ଟ ବିଶ୍ୱର ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ ହେବ । ଆସନ୍ତା ବର୍ଷକ ମଧ୍ୟରେ ଏଠାରେ ଇସ୍ପାତ ଉତ୍ପାଦନ କ୍ଷମତା ଦୁଇଗୁଣା ବୃଦ୍ଧି କରାଯିବାକୁ ଥିବାବେଳେ ଏହାର ଉତ୍ପାଦନ କ୍ଷମତା ୧୨ଏମଟିପିଏରେ ପହଞ୍ଚିବ । ସେହିପରି ଆଗାମୀ ୬-୭ ବର୍ଷ ମଧ୍ୟରେ ଅନୁଗୋଳସ୍ଥିତ ଏହି ପ୍ଲାଣ୍ଟକୁ ଦୁନିଆର ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟରେ ପରିଣତ କରାଯିବାର ଯୋଜନା ରହିଛି । ଏହି ସମ୍ପ୍ରସାରଣ ବାସ୍ତବତାର ରୂପ ନେଲେ, ଏହାର ଉତ୍ପାଦନ କ୍ଷମତା ୨୫ଏମ୍‌ଟିପିଏକୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟକୁ ଶିଳ୍ପ କ୍ଷେତ୍ରକୁ ସମୃଦ୍ଧ ଭାବେ ଗଢ଼ିତୋଳିବା ପୂର୍ବର ବିଦାୟୀ ସରକାର ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ନୂଆ ସରକାର ମଧ୍ୟ ଏ ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ।

### ■ ଅତ୍ୟାବଶ୍ୟକ ସାମଗ୍ରୀ ଗୋଦାମ ପରିଦର୍ଶନ କଲେ ଯୋଗାଣ ମନ୍ତ୍ରୀ

## ଦରଦାମ ସ୍ଥିତି ପରଖିଲେ, ପାଇକାରୀ ଦର ତନଖି କଲେ

**ଭୁବନେଶ୍ୱର, ୯ ।୭ (ସମିସ):** ରାଜ୍ୟରେ ଆଳୁ, ପିଆଜ, ପନିପରିବା ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦରକୁ ନିୟନ୍ତ୍ରଣ କରିବା, କଳାବଜାର ରୋକିବା ଏବଂ ଖାଉଟିମାନଙ୍କୁ ଉପଯୁକ୍ତ ମୂଲ୍ୟରେ ଦ୍ରବ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଆଜି ଅପରାହ୍ଣରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜଧାନୀର ବିଭିନ୍ନ ଗୋଦାମ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି କ୍ରମରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ରାଜଧାନୀର ବିଭିନ୍ନ ଆଳୁ, ପିଆଜ ଓ ପରିବା ଗୋଦାମ ଯାଇ ମହଜୁଦ ସାମଗ୍ରୀ ତାଲିକା, ପାଇକାରୀ ଦର ଏବଂ କାଗଜପତ୍ର ତନଖି କରିଥିଲେ । ଗୋଦାମକୁ ଦ୍ରବ୍ୟ



ଆମଦାନୀଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ସଠିକ ବିତରଣ ବ୍ୟବସ୍ଥା ଏବଂ ଦର ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ଏହି ଯାଞ୍ଚର ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି । ଆଗକୁ ଏଭଳି ଯାଞ୍ଚକୁ ଅଧିକ ବ୍ୟାପକ କରାଯିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଉଟି ଯେପରି ଉପଯୁକ୍ତ ଦରରେ ସାମଗ୍ରୀ ପାଇପାରିବେ, ତାହା ନିଶ୍ଚିତ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀକୁ ଅହେତୁକ ଭାବେ ଠୁଳ କରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଏଥିସହ ବିଭାଗ ପକ୍ଷରୁ ନିୟମିତ ଭାବେ ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟର ପାଇକାରୀ ଓ ଖୁଚୁରା ମୂଲ୍ୟ ଜନସାଧାରଣଙ୍କ ଅବଗତି ନିମନ୍ତେ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

### ■ ମଧ୍ୟାହ୍ନ ଭୋଜନ ଅର୍ଥ ହଡ଼ପ ଅଭିଯୋଗ

## ଜବାବ ଦାଖଲ କଲେ ସରକାର

କଟକ, ୯।୭ (ସମିସ): ଜାଲ ଛାତ୍ରଛାତ୍ରୀଙ୍କ ନାଁରେ ମଧ୍ୟାହ୍ନଭୋଜନ ବାବଦ ଅର୍ଥ ହଡ଼ପ ଅଭିଯୋଗ ଉପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ହାଇକୋର୍ଟରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିଛନ୍ତି । ଏହି ଜବାବରେ ଜାଲ ସାର୍ଟିଫିକେଟ ମାଧ୍ୟମରେ ସ୍କୁଲରେ ଶିକ୍ଷକ ଚାକିରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏହି ସତ୍ୟପାଠର କପି କୋର୍ଟ ମିତ୍ରଙ୍କୁ ପ୍ରଦାନ ପାଇଁ ହାଇକୋର୍ଟ କହିବା ସହ ଜୁଲାଇ ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪, ମେ'୧୪ରେ ହାଇକୋର୍ଟ ମାମଲାର ଶୁଣାଣି କରି ଜାଲ ଛାତ୍ରଛାତ୍ରୀଙ୍କ ନାଁରେ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ସୁବିଧା ବାବଦରେ ଆସୁଥିବା ସରକାରୀ ଅର୍ଥ ହଡ଼ପ ଅଭିଯୋଗ ଉପରେ ଜବାବ ଦାଖଲ ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଅନ୍ୟ ରାଜ୍ୟରୁ ଜାଲ ଶିକ୍ଷାଗତ ପ୍ରମାଣପତ୍ର ଆଣି ଓଡ଼ିଶାରେ କେତେକ ଶିକ୍ଷକ ଚାକିରି କରୁଥିବା ଅଭିଯୋଗ ହୋଇଥିଲା । ଏଥିସହ ଜାଲ ସ୍କୁଲ ଓ ଜାଲ୍ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା । ସରକାରୀ ଅର୍ଥ ହଡ଼ପ ପାଇଁ ଏପରି ଜାଲିଆତି କରାଯାଉଥିବା ଅଭିଯୋଗ ହୋଇଥିଲା । ଏଭଳି ଜାଲିଆତି ମାମଲାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ମାମଲା ଦାୟର ହୋଇଥିଲା । କୋର୍ଟ ମିତ୍ର ଆଇନଜୀବୀ ସୁଦର୍ଶନ ନନ୍ଦ ମାମଲା ପରିଚାଳନା କରୁଛନ୍ତି ।

# ତୃତୀୟ ଦିନରେ ବି ଚକଡ଼ା ଲାଗିପାରିଲାନି ବ୍ରହ୍ମତାଳଧ୍ୱଜ ରଥ

**କେନ୍ଦ୍ରାପଡ଼ା, ୯।୭ (ସମିସ):** ଆଜି ତୃତୀୟ ଦିବସରେ ବି ବ୍ରହ୍ମତାଳଧ୍ୱଜ ରଥ ଚକଡ଼ାରେ ଲାଗି ପାରିଲା ନାହିଁ । ମାତ୍ର ପ୍ରାୟ ୧୦୦ରୁ ୧୫୦ ମିଟର ଗଡ଼ି ଚନ୍ଦନ ପୋଖରୀ ନିକଟରେ ଅଟକି ରହିଛି । ସୋମବାର ବ୍ରହ୍ମତାଳଧ୍ୱଜ ରଥ ମାତ୍ର ୨୦୦ ମିଟର ଗଡ଼ିଥିବା ବେଳେ ଆଜି ମାତ୍ର ୧୫୦ ମିଟର ଯାଇ ଅଟକି ଯାଇଛି । ଗୁଣ୍ଡିଚା ମନ୍ଦିରରୁ ମାଉସୀ ମା'ଙ୍କ ମନ୍ଦିର ହେଉଛି ଏକ କିଲୋ ମିଟର । ରଥ ଯଦି ତିନି ଦିନରେ ମାତ୍ର ୩୫୦ ମିଟର ଗଡ଼ିଛି, ତେବେ ଏକ କିଲୋ ମିଟର ଗଡ଼ିବା ପାଇଁ କେତେ ଦିନ ଲାଗିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି । ତେବେ ବାହୁଡ଼ା ପର୍ଯ୍ୟନ୍ତ ରଥ ମାଉସୀ ମା' ଘରେ ପହଞ୍ଚିବ କି ନାହିଁ, ସେନେଇ ଭକ୍ତମାନେ ଏବେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ।

- ଚନ୍ଦନ ପୋଖରୀ ନିକଟରେ ଅଟକିଲା
- ବାମକୁ ମାଡୁଛି ରଥ; ନିର୍ମାଣରେ ରହିଛି କି ତ୍ରୁଟି
- ଯାଞ୍ଚ କରିବାକୁ ସେବାୟତଙ୍କ ଦାବି

ବଳଦେବଜୀଉ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ତୃତୀୟ ଦିନରେ ଅପରାହ୍ଣ ୨ଟାରେ ରଥ ଗଡ଼ିବା ଆରମ୍ଭ ହୋଇଥିଲା । ହେଲେ ରଥ ମାତ୍ର ୧୦୦ରୁ ୧୫୦ ମିଟର ଗଡ଼ିବା ପରେ ରଥ ପୁନର୍ବାର ବାମ ପାର୍ଶ୍ୱକୁ ମାଡ଼ି ଯାଇଥିଲା । ଏହାପରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା । ଫଳରେ ଚନ୍ଦନ ପୋଖରୀ ନିକଟରେ ରଥଟଣା ବନ୍ଦ ହୋଇଥିଲା । ଅଧାବାଟରେ ରଥ ଅଟକିଥିବାରୁ ରାତିରେ ଜଗ ଲଗାଇ ରଥକୁ ସଳଖ କରାଯିବ । ବୁଧବାର ରଥକୁ ନେଇ ମାଉସୀ ମା'ଙ୍କ ମନ୍ଦିରରେ ଲଗାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରୀଗୁଣ୍ଡିଚା ଦିନ ରଥ ଗଡ଼ିବା ପାଇଁ ପ୍ରସ୍ତୁତ ଥିଲା । କିନ୍ତୁ ପାଳି ନଥିବା ସେବାୟତ ଶ୍ରୀଜୀଉଙ୍କ ଉପରକୁ ତୁଳସୀ ମାଳ ପକାଇବାରୁ ଠାକୁର ମାରା ହୋଇଥିଲେ ବୋଲି କୁହାଯାଉଛି । ଫଳରେ ଠାକୁରଙ୍କ ମହାସ୍ନାନ ହୋଇଥିଲା । ଏଥିପାଇଁ ପ୍ରଥମ ଦିନ ରଥ ଗଡ଼ି ପାରିନଥିଲା । ଦ୍ୱିତୀୟ ଦିନ ରଥ ଗଡ଼ିବା ଆରମ୍ଭ କରିଥିଲା । ହେଲେ କିଛି ବାଟ ରଥ ଯାଇ ବାମ ପାର୍ଶ୍ୱକୁ ମାଡ଼ିଥିଲା । ଏହାପରେ ରେଳବାଇ ଜଗ୍ ଲଗାଯାଇ କିଛି ବାଟ ଟଣା ଯାଇଥିଲା । ଦ୍ୱିତୀୟ ଦିନରେ ବି ଜନ୍ମବେଦୀରେ ପହଞ୍ଚି ପାରି ନ ଥିଲା ବ୍ରହ୍ମତାଳଧ୍ୱଜ । ତୃତୀୟ ଦିନରେ ରଥ ଚକଡା ଲାଗିପାରିନି । ପ୍ରଶାସନର ସମ୍ପୂର୍ଣ୍ଣ ତ୍ରୁଟି ରହିଥିବାରୁ ଆଜି ଏହିଭଳି ଅବସ୍ଥା ଦେଖିବାକୁ ମିଳିଛି ବୋଲି ଜଣେ ସେବାୟତ କହିଛନ୍ତି । ତେବେ ଏନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ ପାଇଁ ସେ ଦାବି କରିଛନ୍ତି ।





### ■ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ମାମଲା

## ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ, ୯।୭ (ସମିସ):** ବାଲେଶ୍ୱର ଜିଲ୍ଲାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସହାୟତା ପ୍ରଦାନ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାରେ ଜବାବ ଦାଖଲ ପାଇଁ ସରକାର ଅଧିକ ସମୟ ଲୋଡ଼ିଛନ୍ତି । ୨୦୨୪, ମେ' ୨୧ରେ ମାମଲାରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଜୁଲାଇ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିବା ସହ ଏହା ପୂର୍ବରୁ ଜବାବ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲ୍ଲା କଳାକାର ସଂଘ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲାର କଳାକାରଙ୍କୁ ସରକାରୀ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଥିଲା । ରାଜ୍ୟର କଳାକାରଙ୍କୁ ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପ୍ରଣୟନ କରାଯାଇଥିଲା । ନିୟମ ଅନୁସାରେ, ଯୋଗ୍ୟ ବହୁ କଳାକାର ବାଲେଶ୍ୱର ଜିଲ୍ଲାରେ ଏହି ଯୋଜନାରେ ସହାୟତା ପାଇଁ ଦରଖାସ୍ତ ଦାଖଲ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍କ୍ରିନିଂ କମିଟି ବୈଠକ ବସିଥିଲା । ସବୁ ବ୍ଲକରେ ଯୋଗ୍ୟ କଳାକାରଙ୍କ ତାଲିକା ପ୍ରକାଶ ପାଇଥିଲା । କେତେକଙ୍କୁ ସହାୟତା ରାଶି ମିଳିଥିବା ବେଳେ ଅଧିକାଂଶ କଳାକାର କିନ୍ତୁ ଏଥିରୁ ବଞ୍ଚିତ ହୋଇଥିଲେ । କେଉଁ ପରିସ୍ଥିତିରେ ତାଲିକାରେ ଥିବା ଯୋଗ୍ୟ କଳାକାରଙ୍କୁ ସହାୟତା ରାଶି ପ୍ରଦାନରୁ ବଞ୍ଚିତ କରାଯାଇଥିଲା ତାକୁ ନେଇ ପ୍ରଶ୍ନ ଉଠିଥିଲା । ତୁରନ୍ତ ଯୋଗ୍ୟ କଳାକାରଙ୍କୁ ଏହି ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଉ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦୀପ୍ତିରଞ୍ଜନ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।



ସମବାୟ ମାଧ୍ୟମରେ ହିଁ ମାନବ ସେବାରେ ନିୟୋଜିତ ହେବାକୁ ଥିବା ଅର୍ଥରାଶିର ସଠିକ ପରିଚାଳନା ହୋଇପାରିବ।
-ପୋପ୍ ଫ୍ରାନ୍ସିସ୍

ସକାଳ
THE SAKALA

# ନୀତୀଶଙ୍କ ବିହାରର ଦୁଃଖ

ବିହାର ଭାରତର ଅନ୍ୟତମ ଜନବହୁଳ ଓ ଅନଗ୍ରସର ରାଜ୍ୟ। ଏଠାକାର ରାଜନୀତି ଓ ଲୋକନୀତି କିନ୍ତୁ ଭାରତୀୟ ଗଣତନ୍ତ୍ରକୁ ନୂତନ ପ୍ରୟୋଗ ଶିଖାଇ ଆସିଛି। ଗତ କିଛିବର୍ଷ ଧରି ଏଠାରେ ଯେଉଁ ରାଜନୈତିକ ସ୍ଥିରତା ରହିଛି ସେଥିରେ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁର ମୁଖ୍ୟ ନୀତୀଶକୁମାରଙ୍କ ନୂତନ ପ୍ରୟୋଗ ଓ ବିଶ୍ଳେଷଣକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସମ୍ପୂର୍ଣ୍ଣ ରୂପେ ଏହି ରାଜନୈତିକ ଓ ଲୋକନୈତିକ ରଣନୀତି ମୁଖ୍ୟତଃ ନୀତୀଶଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଆସିଛି। ସଦ୍ୟସମାପ୍ତ ଲୋକସଭା ନିର୍ବାଚନ ଏବଂ କେନ୍ଦ୍ରରେ ନବଗଠିତ ସରକାରରେ ମଧ୍ୟ ଏହାର ପ୍ରଭାବ ପ୍ରତିଫଳିତ ହୋଇଆସିଛି। ଏବେ କେନ୍ଦ୍ରରେ ବିଜେପି ସରକାର ଗଠନ ପାଇଁ ଏକାକୀ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇ ନାହିଁ। ଏଥିପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମର୍ଥନ ବିଜେପି ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ବିହାରବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ନୀତୀଶ ତାଙ୍କ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିବା ସ୍ୱାଭାବିକ। ଐତିହାସିକ କାରଣରୁ ଅନଗ୍ରସର ଥିବା ବିହାରର ଉନ୍ନତି ପାଇଁ ନୀତୀଶଙ୍କ ସହିତ ରାଜ୍ୟର ଅନ୍ୟାନ୍ୟ ତୁଙ୍ଗନେତାମାନେ ନିରବଚ୍ଛିନ୍ନ ଭାବେ ସ୍ୱର ମିଳାଇ ଆସୁଛନ୍ତି। କିନ୍ତୁ ଏବେ ବିହାରରେ ଯେଉଁଭଳି ଭିତ୍ତିଭୂମି ଦୁର୍ଘଟଣାମାନ ଘଟୁଛି ସେତେବେଳେ ନୀତୀଶଙ୍କ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପ୍ରସଙ୍ଗକୁ ନେଇ କେତେକ ପ୍ରଶ୍ନ ଉଠୁଛି।

ଏକଥା ସତ ଯେ ଗୋଟିଏ ରାଜ୍ୟର ବିକାଶ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ରାସ୍ତାଘାଟ, ସେତୁର ବିକାଶ ସହିତ ଯୋଗାଯୋଗରେ ଉନ୍ନତି ବିକାଶମାର୍ଗକୁ ତ୍ୱରାନ୍ୱିତ କରିଥାଏ। କିନ୍ତୁ ଦେଖାଯାଉଛି ଯେ ବିହାରକୁ କେନ୍ଦ୍ର ସରକାର ଯେତିକି ଅର୍ଥ କେନ୍ଦ୍ରୀୟ ପାଣ୍ଠିରୁ ପ୍ରାପ୍ୟଅଂଶ ବାବଦରେ ଯୋଗାଉଛନ୍ତି, ତାହାର ବିନିଯୋଗ ଠିକ୍ ଭାବେ ହେଉନାହିଁ। ଅନେକ ସମୟରେ ନିମ୍ନମାନର କାମ, ଅଯଥା ବିଳମ୍ବ, ରାଜନୈତିକ ହସ୍ତକ୍ଷେପ, ଅପରାଧିକ ତତ୍ତ୍ୱଙ୍କ ଉତ୍ପାତ, ଦୁର୍ନୀତି, ଅର୍ଥ ବାଟମାରଣା ଯୋଗୁଁ ସାମଗ୍ରିକ ଭାବେ ପ୍ରକଳ୍ପ କାମମାନ ଆଶାଜନକ ଭାବେ ଆଗେଇ ପାରୁନାହିଁ। ନୀତୀଶଙ୍କ ବିହାରର ଦୁଃଖ ହେଲା ଯେ ସେ ରାଜ୍ୟ ବିଚିତ୍ର କାରଣରୁ ଭାରତର ଦୁଃଖୀ ରାଜ୍ୟ ହୋଇ ରହିଛି ଓ ଏହାର ଭାଗ୍ୟ ବଦଳୁ ନାହିଁ।

ଏକଦା ବିକାଶର ସବୁଠୁ ପଛରେ ଥିବା ଓଡ଼ିଶା ବିଗତ ୨୪ ବର୍ଷ ମଧ୍ୟରେ ବିଜେଡି ଶାସନରେ ଯେଉଁ ହାରରେ ଉପରକୁ ଉଠି ବିଭିନ୍ନ କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ସେ ତୁଳନାରେ ବିହାର ରାଜନୈତିକ ସ୍ଥିରତା ସତ୍ତ୍ୱେ ବିଶେଷ କିଛି ଉଲ୍ଲେଖନୀୟ ସଫଳତା ପାଇନାହିଁ। ବିଗତ ପନ୍ଦର/କୋଡ଼ିଏ ଦିନ ମଧ୍ୟରେ ବିହାରରେ ସେତୁ / ପୋଲ ଭୁଶୁଡ଼ିବା ଘଟଣା ଏକ ଦୈନନ୍ଦିନ ଅଘଟଣରେ ପରିଣତ ହୋଇଛି। କେଉଁଠି ଉଦ୍‌ଘାଟନର ପରେ ପରେ ତ କେଉଁଠି ନିର୍ମାଣାଧୀନ ଅବସ୍ଥାରେ ପୋଲ ସବୁ ତାସ୍ ଘର ଭଳି ଭୁଶୁଡ଼ି ପଡୁଛି। ସାରା ଦେଶରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ରାଜ୍ୟ ବିହାରରେ ଏଭଳି ଘଟଣା ବାରମ୍ବାର ଘଟିବା ପଛରେ ନିଶ୍ଚିତ କିଛି ବ୍ୟବସ୍ଥାଗତ ତ୍ରୁଟି ଯେ ରହିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ।

ସେତୁଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ଦ୍ଦିଷ୍ଟ ମାନ, ପଦ୍ଧତି, ଅନୁସୃତ ନୀତି ନିୟମ ଏବଂ ଯାନ୍ତ୍ରିକ ବ୍ୟବସ୍ଥାରେ ନିର୍ମିତ ହୋଇଥାଏ। ଏଥିରେ ବ୍ୟବହୃତ ସାମଗ୍ରୀର ଗୁଣମାନରେ ତ୍ରୁଟି, ନିର୍ମାଣଗତ ଭୁଲ୍ ଭଟକା, ତଦାରଖର ଅଭାବ ଓ ନିୟନ୍ତ୍ରଣର ଅଭାବ ଯୋଗୁଁ ଏହା ଭାଙ୍ଗିବା, ଭୁଶୁଡ଼ିବା ମୁଖ୍ୟ କାରଣ। ଏହାଛଡ଼ା ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସେତୁ, ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥାଏ। ବିହାରରେ ଏହି ସେତୁ ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କେନ୍ଦ୍ରର ଶାସକ ମେଣ୍ଟର ମୁଖ୍ୟ ସହଯୋଗୀ ଜେଡିୟୁ କହିଛି ଯେ ପୂର୍ବ ମିଳିତ ସରକାର ସମୟରେ ଗ୍ରାମ୍ୟ ଉନ୍ନୟନ, ସଡ଼କ ଓ ପୂର୍ତ୍ତ ବିଭାଗ ଲାଲୁ ପ୍ରସାଦଙ୍କ ଆର୍‌ଜେଡି ହାତରେ ଥିଲା। ସେହି ସମୟରେ ନିର୍ମିତ ସେତୁଗୁଡ଼ିକ ମୁଖ୍ୟତଃ ଭାଙ୍ଗି ପଡୁଛି।

ଏହି ଅଭିଯୋଗ ଅନେକ କଥା ସାମ୍ନାକୁ ଆଣୁଛି। ଏହା ପ୍ରକାରାନ୍ତରେ ସୂଚାଉଛି ଯେ ସେତୁଗୁଡ଼ିକର ନିର୍ମାଣରେ ଗୁଣାତ୍ମକ ମାନ ରକ୍ଷା ସହିତ ବୁଝାମଣା କରାଯାଇଥିଲା। ଠିକାଦାରମାନେ ନିମ୍ନମାନର ସାମଗ୍ରୀ ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ ପଦ୍ଧତି ବ୍ୟବହାର କରି ଲାଭ ଉଠାଇଥିଲେ। ସେ ଲାଭରେ ରାଜନୈତିକ ଚାନ୍ଦା ସଂଗୃହୀତ ହେଉଥିବା ଅଭିଯୋଗ ମଧ୍ୟ ଆସିଛି। ବର୍ଷା, ବନ୍ୟା ଓ ଭୂସ୍ଖଳନ ଭାରତର ଅନ୍ୟାନ୍ୟ ରାଜ୍ୟରେ ହେଉଛି। ସେଠାରେ କିନ୍ତୁ ବିହାର ଭଳି ଅବସ୍ଥା ଘଟୁନାହିଁ।

ତେବେ ଏକଦା ମେଣ୍ଟ ସହଯୋଗୀ ଥିବା ଆର୍‌ଜେଡି ମୁଣ୍ଡରେ ଦୋଷ ଲଦି ନୀତୀଶ ନିଜକୁ ଏ ପ୍ରସଙ୍ଗରେ ନିର୍ଦ୍ଦୋଷ କହିପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ମଧ୍ୟ ଏଥିରେ ଦାୟିତ୍ୱ ଥିଲା ଏବଂ ତାହାକୁ ଉଚିତ୍ ଭାବେ ନିର୍ବାହ କରିବାରେ ସେ ବିଫଳ ହୋଇଛନ୍ତି। ଏବେ ସେ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ଓ ବିଜେପି ସହିତ କ୍ଷମତାରେ ଅଛନ୍ତି। ରାଜ୍ୟରେ ଏବେ ଯେଉଁ ଭିତ୍ତିଭୂମି ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି, ତାହାର ନୈତିକ ଦାୟିତ୍ୱ ନୀତୀଶଙ୍କର। ସେ ବ୍ୟକ୍ତିଗତ ଭାବେ ସାଧୁ ଓ ସଚ୍ଚୋଟ ହୋଇପାରନ୍ତି; କିନ୍ତୁ ପ୍ରଶାସନିକ ଓ ଯୋଜନାର ରୂପାୟନ କ୍ଷେତ୍ରରେ ବିଭ୍ରାଟ ଘଟିଲେ ଲୋକେ ତାଙ୍କୁ ଦାୟୀ କରିବେ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇପାରେ। ତେଣୁ ବିହାରରେ ଏବେ ଯାହାସବୁ ଘଟୁଛି, ତାହା ନୀତୀଶଙ୍କ ପାଇଁ ଶୁଭଙ୍କର ନୁହେଁ।

ଯେଉଁ ରାଜ୍ୟ ମିଳୁଥିବା ପାଣ୍ଠିକୁ ଠିକ୍ ଭାବେ ଖର୍ଚ୍ଚ କରିପାରୁ ନାହିଁ, କେନ୍ଦ୍ରୀୟ ଅର୍ଥ ଖର୍ଚ୍ଚ ନ ହୋଇ ଫେରିଯାଉଛି, ସରକାରୀ ଅର୍ଥ ବରବାଦ ହୋଇ ସେତୁ, ସଡ଼କ ଭୁଶୁଡୁଛି ସେ ରାଜ୍ୟରେ ଶାସନଗତ ଦୌର୍ବଲ୍ୟ ଯେ ରହିଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। କେଇଜଣ ଯନ୍ତ୍ରୀ ବା ଠିକାଦାରଙ୍କୁ ନିଲମ୍ବନ କିମ୍ବା ଗିରଫ କଲେ ଏ ପ୍ରକ୍ରିୟାର ଅନ୍ତ ଘଟିବ ନାହିଁ। ଏଥିପାଇଁ ପଦ୍ଧତିଗତ ସଂସ୍କାର ଓ ତଦାରଖର ଜରୁରୀ ଆବଶ୍ୟକତା ରହିଛି। ଆଶା କରିବା ଅର୍ଥ ଖର୍ଚ୍ଚ କରିବାର ସର୍ବନିମ୍ନ ଯୋଗ୍ୟତା ହାସଲ କରିବା ପରେ ନୀତୀଶ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବି କଲେ ଭଲ ହେବ।

# ଆଦିବାସୀଙ୍କ ଆର୍ଥିକ ବିକାଶରେ ସମବାୟ



ପ୍ରତାପ ଚନ୍ଦ୍ର ସାମଲ
କଟକ, ମୋ: ୯୦୯୦୩୨୫୮୦୨

ଭାରତବର୍ଷ ଏକ ଆଦିବାସୀବହୁଳ ଦେଶ ଭାବରେ ପୃଥିବୀରେ ପରିଗଣିତ। ଦେଶର ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୭.୫ ଭାଗ ହେଉଛନ୍ତି ଆଦିବାସୀ। ସେଥିମଧ୍ୟରୁ ଶତକଡ଼ା ୮୨ ଭାଗ ଆଦିବାସୀ କେବଳ ମଧ୍ୟପ୍ରଦେଶ, ଓଡ଼ିଶା, ବିହାର, ଗୁଜୁରାଟ ଓ ମହାରାଷ୍ଟ୍ର ପ୍ରଦେଶରେ ବସବାସ କରନ୍ତି। ୧୯୮୧ ଜନଗଣନା ଅନୁଯାୟୀ ୫ କୋଟି ୧୬ ଲକ୍ଷ ଆଦିବାସୀ ଭାରତରେ ବସବାସ କରୁଥିବା ବେଳେ ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦ କୋଟି ୪୩ ଲକ୍ଷରେ ପହଞ୍ଚିଛି। ଏବେ ୭୦୫ ପ୍ରଜାତିର ଆଦିବାସୀ ଭାରତର ବିଭିନ୍ନ ପ୍ରଦେଶରେ ବସବାସ କରୁଛନ୍ତି। ୨୦୨୩ ମସିହା ସୁଦ୍ଧା ଭାରତର ମୋଟ ଜନସଂଖ୍ୟାରେ ଆଦିବାସୀଙ୍କ ସଂଖ୍ୟା ଶତକଡ଼ା ୮.୬ ଭାଗ। ଓଡ଼ିଶାରେ ୬୨ ପ୍ରଜାତିର ଆଦିବାସୀ ବାସ କରୁଥିବା ବେଳେ ୨୦୧୧ ଜନଗଣନା ସେମାନଙ୍କ ସଂଖ୍ୟା ଥିଲା ୯୫୯୦୭୫୬, ଯାହା ମୋଟ ଜନସଂଖ୍ୟାର ୨୨ ଭାଗ।

ଦେଶ ସ୍ୱାଧୀନ ହେଲା ପୂର୍ବରୁ ଅଧିକାଂଶ ଆଦବାସୀ ନିରକ୍ଷର, ନିଷ୍ପେସିତ ଓ ଉତ୍କଟ ଦାରିଦ୍ର୍ୟ, ଅନାହାର, ଅନାବୃତ୍ତ ଅବସ୍ଥାରେ ଜୀବନ ବିତାଉଥିଲେ। ଆଜି କିନ୍ତୁ ସେ ଅବସ୍ଥା ନାହିଁ, ତଥାପି ଆର୍ଥିକ ଅନଟନ ମଧ୍ୟରେ ଜୀବନ ବିତାଇବାକୁ ସେମାନଙ୍କୁ ପଡୁଛି। ମୋଟ ଆଦିବାସୀ ଜନସଂଖ୍ୟାର ଶତକଡ଼ା ୯୮ ଭାଗ ଗାଁ ଗହଳି ତଥା ଜଙ୍ଗଲରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୯୩ ଭାଗ କୃଷି ଓ ବନଜାତ ପଦାର୍ଥ ସଂଗ୍ରହ ଓ ବିକ୍ରି ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଅମଳ ପରେ ଖୁବ୍ ଶସ୍ତାରେ ବେପାରିମାନଙ୍କୁ ଶସ୍ୟ ବିକ୍ରି କରି ଯାହା କିଛି ମିଳେ ସେଥିରେ ସାହୁକାରମାନଙ୍କଠାରୁ ନେଇଥିବା କରଜ ଶୁଝନ୍ତି। ତେଣୁ ଜୀବନ ବଞ୍ଚାଇବା ପାଇଁ ବାଧ୍ୟ ହୋଇ ବଣର ଫଳମୂଳ ଖାଇ ବଞ୍ଚୁଥିବା ଦେଖାଯାଉଛି।

ପୂର୍ବେ ଆଦିବାସୀମାନେ ସାହୁକାରମାନଙ୍କଠାରୁ ଅଗ୍ରୀମ ଋଣ ଆଣି ଚାଷ କରୁଥିଲେ। ଧାନ ଓ ବନଜାତ ପଦାର୍ଥ ଖୁବ୍ କମ୍‌ମୂଲ୍ୟରେ ସାହୁକାରମାନଙ୍କୁ ବିକ୍ରିକରି ଦେଉଥିଲେ, ସେମାନଙ୍କର କରଜ ଶୁଝିବା ପାଇଁ। ଏପରିକି ସାହୁକାରମାନେ ସେମାନଙ୍କୁ ଓଜନରେ ଠକେଇ କରି ନେଉଥିବା ଅଭିଯୋଗ ହୋଇଆସୁଥିଲା। କେତେକ ଆଦିବାସୀ କୃଷି ଓ ବନଜାତ ପଦାର୍ଥକୁ ବହୁଦୂର ଚାଲି ଚାଲି, ବହୁ କଷ୍ଟରେ ଭାରରେ ବୋହି ସାପ୍ତାହିକ ଅସ୍ଥାୟୀ ହାଟକୁ ନେଇ ବିକ୍ରି କରୁଥିଲେ।

ଅସାଧୁ ବ୍ୟବସାୟୀ ଓ ସାହୁକାରମାନଙ୍କ କବଳରୁ ଆଦିବାସୀମାନଙ୍କୁ ରକ୍ଷା କରିବା ତଥା ସେମାନଙ୍କର ଦ୍ରୁତ ଆର୍ଥିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀ ଉନ୍ନୟନ ବ୍ଲକମାନ କାର୍ଯ୍ୟକାରୀ କଲେ। ସମଗ୍ର ଦେଶରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ମାନ ଗଠନ କରାଗଲା ଏବଂ ସେଗୁଡ଼ିକର ପରିଚାଳନା ଦାୟିତ୍ୱ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ କରାଗଲା। ସରକାର ସମବାୟ ମାଧ୍ୟମରେ ଆନୁସଙ୍ଗିକ ସଂସ୍ଥା ଜରିଆରେ ସୁଲଭ ସୁଧରେ ଋଣ ଯୋଗାଇ ଦେବା ସହିତ ସେମାନଙ୍କ ବନଜାତ ଓ କୃଷିଜାତ ପଦାର୍ଥକୁ ସହାୟକ ଦରରେ କିଣିବା, ଶସ୍ତାରେ ଖାଉଟି ତଥା ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଇବାର ବ୍ୟବସ୍ଥା କଲେ। କେନ୍ଦ୍ର ସରକାର ବାୱା କମିଟି ସମେତ ବିଭିନ୍ନ କମିଟିର ସୁପାରିସ ଆଧାରରେ ଗୋଟିଏ ସଂସ୍ଥା ଜରିଆରେ ସମସ୍ତ ପଦାର୍ଥ ଯୋଗାଇବା ପାଇଁ ବହୁବିଧ ଆଦିବାସୀ ସମବାୟ ସମିତି(ଲାମ୍ପସ୍)ଗଠନ କଲେ। ଦେଶର ବାଣିଜ୍ୟିକ ବ୍ୟାଙ୍କ ଓ କେତେକ ରାଜ୍ୟ ସମବାୟ ବ୍ୟାଙ୍କ ଆଦିବାସୀମାନଙ୍କୁ ମାତ୍ର ୪ ଶତକଡ଼ା ସୁଧ ହାରରେ ଋଣ ଯୋଗାଇ ଦେଲେ। ୩୦.୦୬.୧୯୮୫ ତାରିଖ ସୁଦ୍ଧା ଭାରତରେ ୨୬୫୦ଟି ପ୍ରାଥମିକ ବୃହଦାକାର ବିବିଧ ଆଦିବାସୀ ସମବାୟ ସମିତି ଗଠିତ ହୋଇ ଆଦିବାସୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଲେ। କ୍ରମେ ଏହି ସଂଖ୍ୟା ଏବେ ୫୫୧୮ ରେ ପହଞ୍ଚିଛି।

ଆମ ରାଜ୍ୟରେ ଏବେ ୨୧୫ ଗୋଟି ଲାମ୍ପସ୍ କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ ୧୯୮୩ ମସିହା ଜୁନ ସୁଦ୍ଧା ଓଡ଼ିଶାରେ ୧୫ଟି ସମେତ ସମଗ୍ର ଭାରତରେ ୧୬୩୪ଟି ବନ ଶ୍ରମିକ ସମବାୟ ସମିତି କାର୍ଯ୍ୟ କରୁଛି। ୨୦୨୩ ମସିହା ସୁଦ୍ଧା କଣ୍ଟ୍ରାକ୍ଟ, ନିର୍ମାଣ, ଶ୍ରମିକ ଓ ବନଶ୍ରମିକ ସମବାୟ ସମିତିକୁ ମିଶାଇ ମୋଟ ୪୪, ୧୪୩ଗୋଟି ସମବାୟ ସମିତି କାର୍ଯ୍ୟ କରୁଛି। ଲାମ୍ପସ୍‌ମାନଙ୍କୁ ବନଜାତ ତଥା କୃଷି ପଦାର୍ଥର କିଣାବିକାରେ ସହଯୋଗ କରିବା ପାଇଁ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, କେରଳ, ମଧ୍ୟପ୍ରଦେଶ, ବିହାର, ମଣିପୁର, ତ୍ରିପୁରା, ମହାରାଷ୍ଟ୍ର ଓ ରାଜସ୍ଥାନ ପ୍ରଭୃତି ରାଜ୍ୟମାନଙ୍କରେ ୧୦ଗୋଟି ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଆଇଟିଡିସି) ଗଠନ ହୋଇଛି।



୧୯୭୪ ମସିହାରୁ ଜାତୀୟ ଆଦିବାସୀ ଉନ୍ନୟନ ସମବାୟ ନିଗମ ବହୁବିଧ ଆଦିବାସୀ ସମବାୟ ସମିତିମାନଙ୍କୁ ମୂଳଧନର ଅଭିବୃଦ୍ଧି ଓ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ତଥା ରିହାତି ହାରରେ ଋଣ ଯୋଗାଇ ଦେଉଛନ୍ତି। ଜାତୀୟ ଉନ୍ନୟନ ସମବାୟ ନିଗମ ସମିତିମାନଙ୍କୁ କିଣାବିକା କରିବା ପାଇଁ ଅଂଶଧନ, ଗୋଦାମ ଗୃହ ନିର୍ମାଣ ଓ ଟ୍ରକ୍ କିଣିବା ପାଇଁ ରିହାତି ହାରରେ ପୁଞ୍ଜିଋଣ ପ୍ରଦାନ କରୁଛି। ବିଭିନ୍ନ କ୍ଷେତ୍ରରେ ସମବାୟ ସମିତି କର୍ମଚାରୀମାନଙ୍କର ତାଲିମ ବ୍ୟବସ୍ଥା ତଥା ପର୍ଯ୍ୟାୟକ୍ରମେ ପରିଚାଳନା ଅନୁଦାନ ଯୋଗାଇ ଆସୁଛି। ଏହାଛଡ଼ା କୃଷି ଉତ୍ପାଦନ, ବନଜାତ ପଦାର୍ଥର ସଂଗ୍ରହ ଓ କିଣାବିକା ପାଇଁ ସମବାୟ ବ୍ୟାଙ୍କମାନେ ଲାମ୍ପସ୍ ଆଦିବାସୀ ତଥା ହରିଜନ ଉନ୍ନୟନ ସମବାୟ ନିଗମମାନଙ୍କୁ ଋଣ ଯୋଗାଉଛନ୍ତି। ଏ ଦିଗରେ ନାବାର୍ଡ ମଧ୍ୟ ପୁନଃ ଅର୍ଥଲଗାଣ କରୁଛନ୍ତି। ପୁନଶ୍ଚ ଜାତୀୟ କୃଷି ବଜାର ସମବାୟ ସଂଘ (ନାଫେଡ୍) ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମମାନଙ୍କଠାରୁ ବିଦେଶରେ ବିକ୍ରୀ କରିବା ପାଇଁ ବନଜାତ ପଦାର୍ଥ କିଣୁଛି। ଉକ୍ତ ଜିନିଷମାନ ଲାଭଜନକ ଦରରେ କିପରି ବିକ୍ରି ହୋଇପାରିବ ତାହାର ବ୍ୟବସ୍ଥା କରୁଛନ୍ତି। ତଥାପି ବନଜାତ ପଦାର୍ଥର ଉପଯୁକ୍ତ ଦର ତଥା ଠିକ୍ ସମୟରେ ବିକ୍ରି ହୋଇପାରୁ ନଥିବାରୁ ୧୯୮୯ ମସିହାରୁ ଜାତୀୟ ଆଦିବାସୀ ସମବାୟ ବାଣିଜ୍ୟ ସଂଘ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠିତ ହୋଇ ଆଦିବାସୀ ଉନ୍ନୟନ ସମବାୟ ସଂଘମାନଙ୍କଠାରୁ ବନଜାତ ପଦାର୍ଥ କିଣି ଅନ୍ୟ ରାଜ୍ୟମାନଙ୍କରେ କିମ୍ବା ବିଦେଶରେ ବିକ୍ରି କରିବାର ବ୍ୟବସ୍ଥା କରିଛନ୍ତି।

ଉପରୋକ୍ତ ଆଦିବାସୀ ସମବାୟ ସମିତି ଓ ନିଗମମାନଙ୍କର ପରିଚାଳନା ଅବ୍ୟବସ୍ଥା ଯୋଗୁଁ ଆଦିବାସୀମାନେ ସାହୁକାର, ଦଲାଲମାନଙ୍କଠାରୁ ଏ ପର୍ଯ୍ୟନ୍ତ ଋଣମୁକ୍ତ ହୋଇପାରି ନାହାନ୍ତି। ଅଧିକାଂଶ କର୍ମଚାରୀମାନଙ୍କର ନିଷ୍ଠା ତଥା ସେବା ମନୋଭାବର ଅଭାବ ହେତୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଓଡ଼ିଶାରେ ଆଦିବାସୀ ଉନ୍ନୟନ ସମବାୟ ନିଗମ(ଟିଡିସିସି) ବନଜାତ ପଦାର୍ଥ ଯଥା ମହୁ, ଝୁଣା, ହରିଡ଼ା, ବାହାଡ଼ା, କେନ୍ଦୁପତ୍ର, ଶାଳପତ୍ର ଇତ୍ୟାଦି ଆଦିବାସୀମାନଙ୍କଠାରୁ କ୍ରୟ କରି ନିଜର ବ୍ୟବସାୟ କେନ୍ଦ୍ର ମାଧ୍ୟମରେ ବିକ୍ରି କରୁଛନ୍ତି। ଟିଡିସିସି କୋରାପୁଟରେ ଆଦିବାସୀଙ୍କ ଦ୍ୱାରା କଫି ଚାଷ ପାଇଁ ଉପଯୁକ୍ତ ଶିକ୍ଷା, ତାଲିମ୍ ଓ ଆର୍ଥିକ ସହାୟତା ସହିତ ସେମାନଙ୍କଠାରୁ ଉଚିତ୍ ମୂଲ୍ୟରେ କଫି ଫଳ ସଂଗ୍ରହ କରି ନିଜର ପ୍ରୋସେସିଂ କାରଖାନା ଦ୍ୱାରା ଇନ୍‌ଷ୍ଟାଣ୍ଟ କଫି ସଂଗ୍ରହ କରି ବିକ୍ରି କରୁଛି। ଏହା ଉନ୍ନତମାନର କଫି ହୋଇ ମଧ୍ୟ ଟିଡିସିସି ବଜାର ଦରଠାରୁ ଯଥେଷ୍ଟ କମ୍ ଦରରେ ବିକ୍ରି କରୁଛି। କୋରାପୁଟ କଫି ଭାରତ ଓ ବିଦେଶୀ ବଜାରରେ ଆଦୃତି ଲାଭ କରିଛି।

ଟିଡିସିସିର ସୁଚାରୁ ପରିଚାଳନା ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗତ ୨୦୨୩ ମସିହାରେ ନିର୍ବାଚନ କରାଯାଇ ୨୧ ଜଣ (ସଭାପତିଙ୍କ ସହ) ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ନିବନ୍ଧକଙ୍କ କାର୍ଯ୍ୟକାଳରେ ଆଦିବାସୀମାନଙ୍କର ବିଶେଷ ସମସ୍ୟା ସମାଧାନ କରିବା ପାଇଁ ଜଣେ ଉପ ନିବନ୍ଧକଙ୍କୁ ଦାୟିତ୍ୱ ଦିଆଯାଇ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଗଲେ ତୃଣମୂଳ ସ୍ତରରେ ଥିବା ସମସ୍ୟାର ସମାଧାନ ହେବା ସଙ୍ଗେସଙ୍ଗେ ଆଦିବାସୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ଏଥିପ୍ରତି ସମ୍ପୃକ୍ତ ସରକାରୀ ବିଭାଗ ଯତ୍ନଶୀଳ ହେବା ଆବଶ୍ୟକ। ଆଦିବାସୀବହୁଳ ଗ୍ରାମ ପଞ୍ଚାୟତଗୁଡ଼ିକରେ ଗୋଟିଏ ଲେଖାଏଁ ଲାମ୍ପସ୍ ଗଠନ କରିବାର ଆବଶ୍ୟକତା ମଧ୍ୟ ରହିଛି। ଏହା ଅବହେଳିତ ଆଦିବାସୀ ଜନସମୁଦାୟଙ୍କ ପ୍ରତି ଆଶୀର୍ବାଦ ସଦୃଶ ହେବ।

# ଭକତ ଭାବରେ ବନ୍ଧା...

ପ୍ରଦୀପ୍ତ ଶ୍ରୀଚନ୍ଦନ
ଭୁବନେଶ୍ୱର, ମୋ: ୮୫୯୪୯୫୦୩୨୪

ପ୍ରେମ, କରୁଣା ଆଉ ଭାବର ଠାକୁର ଲୀଳାମୟ ଶ୍ରୀଜଗନ୍ନାଥ। ସମଗ୍ର ବିଶ୍ୱର ଭକ୍ତମାନସର ପରମାରାଧ୍ୟ ତଥା ସମନ୍ୱୟର ଦେବତା ଉଭୟ ସଗୁଣ ଓ ନିର୍ଗୁଣ ବ୍ରହ୍ମର ପରିପ୍ରକାଶ। ସେ ନିରାକାର ହେଲେ ହେଁ ତାଙ୍କର ଆକାର ଧାରଣର ଏକମାତ୍ର କାରଣ ଲୀଳା ରଚନା। ସେଇଥିପାଇଁ ଅଦ୍ୱୈତ ବ୍ରହ୍ମଲୀଳା ନିମିତ୍ତ ଦ୍ୱୈତ ବା ବହୁଭାବରେ ପ୍ରତିଭାତ ହୋଇଥା'ନ୍ତି ସେ। ସେହି ଭାବବିନୋଦିଆ ଲୀଳାମୟ ଠାକୁର ଶ୍ରୀଜଗନ୍ନାଥ ତେଣୁ ସର୍ବଦା ଓ ସର୍ବଥା ନିଖିଳ ଲୋକହିତ ନିମନ୍ତେ ନାନା ପ୍ରକାର ଲୀଳାଖେଳା କରି ଆସୁଛନ୍ତି। ଏହିସବୁ ଲୀଳା ବାରମାସରେ ତେରଯାତ୍ରାକୁ ମାଧ୍ୟମ କରି ପ୍ରଭୁ ସମ୍ପାଦନ କରିଥା'ନ୍ତି।

ମହାପ୍ରଭୁଙ୍କର ଅନ୍ୟସବୁ ଯାତ୍ରା, ମହୋତ୍ସବ, ଉତ୍ସବମାନ ଶ୍ରୀମନ୍ଦିର ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ରଥଯାତ୍ରା ସମୟରେ ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ମଧ୍ୟରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ପ୍ରିୟ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ପ୍ରଭୁ ରଥଯାତ୍ରା ଅବସରରେ ଶ୍ରୀମନ୍ଦିର ବାହାରେ ଅବସ୍ଥାନ କରନ୍ତି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ। ତେଣୁ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଭକ୍ତିଭାବର ଦ୍ୟୋତକ ଭାବରେ ସଂସାରର ପତିତମାନଙ୍କୁ ଉଦ୍ଧାର କରି ପତିତପାବନ ଆଖ୍ୟା ଲାଭ କରିଛନ୍ତି। ଅପରପକ୍ଷରେ ଭକ୍ତ ଯେତେବେଳେ ସକଳ ଅହଂଭାବକୁ ତ୍ୟାଗ କରି ସେହି ପରମ କାରୁଣିକ ଦାରୁ ବିଗ୍ରହଙ୍କର ନିକଟରେ ନିଜକୁ ସମର୍ପଣ କରିଦିଏ, ସେତେବେଳେ ସେ ପାବନର ମହତୀ ଅଧିକାରୀ ହୁଏ।

ଶ୍ରୀଜଗନ୍ନାଥ ପରମାତ୍ମା ପରଂବ୍ରହ୍ମ ହେଲେ ମଧ୍ୟ ସାଧାରଣ ଭକ୍ତର ଅତି ଆପଣାର। ସିଏ ଭାବର ଦେବତା। ସିଏ ଭକତର ଭାବରେ ସବୁବେଳେ ବନ୍ଧା। ଭକ୍ତ ଦାସିଆଙ୍କର ନଡ଼ିଆ ତାଙ୍କର ଅତିପ୍ରିୟ। ବଳରାମ ଦାସ, ସାଲବେଗ, ହରିଦାସଙ୍କ ପ୍ରତି ମମତା, ଅପାର କରୁଣା ପ୍ରଭୁଙ୍କର ଦେବତ୍ୱର ବୈଶିଷ୍ଟ୍ୟ। ସେଇଥି ପାଇଁ ଏହି ରଥଯାତ୍ରା ମହୋତ୍ସବ କାଳରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା ଆଉ ଚଳଣି ପ୍ରଚଳିତ। କାଳିଆ ଠାକୁରଙ୍କ ନିକଟରେ ଭକ୍ତକବି ସାଲବେଗ କେବଳ ନୁହନ୍ତି, ସେବକ-ଭକ୍ତ ୱାରେସ ମହମ୍ମଦ ମଧ୍ୟ ପ୍ରିୟ। ଶ୍ରଦ୍ଧା ଓ ଭକ୍ତିର ଅନ୍ୟତମ ଶ୍ରେଷ୍ଠ ପ୍ରତୀକ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ଭକ୍ତଙ୍କୁ ଦର୍ଶନ ଦେଇ କୃପା ବର୍ଷା କରି ସକଳ ଧର୍ମର ସମନ୍ୱିତ ବିଗ୍ରହ ସ୍ୱରୂପ ପ୍ରଭୁ ବିଦ୍ୟମାନ। ତେଣୁ ରେମେଣ୍ଡାର ତତ୍‌କାଳୀନ ଗୌନ୍ତିଆଙ୍କ ଦ୍ୱାରା ପରିଚାଳିତ ରଥଯାତ୍ରା ପ୍ରଭୁଙ୍କର ସାଦର ଗ୍ରହଣୀୟ।

ଝାରସୁଗୁଡ଼ା ଜିଲ୍ଲାର ସଦର ମହକୁମାଠାରୁ ୪୦ କିଲୋମିଟର ଦୂରରେ ଲଖନପୁର ବ୍ଲକରେ ଅବସ୍ଥିତ ଏହି ରେମେଣ୍ଡା ଗ୍ରାମରେ ଜଗନ୍ନାଥ ମନ୍ଦିର ନଥାଇ ମଧ୍ୟ ଶହେବର୍ଷରୁ ଊର୍ଦ୍ଧ୍ୱକାଳ ହେଲା ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଗ୍ରାମବାସୀଙ୍କର କହିବା ଅନୁସାରେ, ସବୁଆଡ଼େ ରଥଯାତ୍ରା ହେଉଥିବା ଦେଖି ରେମେଣ୍ଡାର ଲୋକମାନେ ଗୌନ୍ତିଆ ୱାରେସ ମହମ୍ମଦଙ୍କ ନିକଟକୁ ଯାଇ ଗାଁରେ ରଥଯାତ୍ରା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଥିଲେ। ଗୌନ୍ତିଆ ଜନତାଙ୍କର ଅନୁରୋଧ ରକ୍ଷା କରି



ଜଗନ୍ନାଥଙ୍କ ସେବାକୁ ସହାସ୍ୟ ଗ୍ରହଣ କରି ଗୋଟିଏ ନିଆରା ପରମ୍ପରା ସୃଷ୍ଟି କରିଦେଲେ। କୁହାଯାଏ ୧୯୦୦ ମସିହାରେ ଜମିଦାର ୱାରେସ ମହମ୍ମଦ ରେମେଣ୍ଡାରେ ରଥଯାତ୍ରା ଆରମ୍ଭ କରିବା ସହିତ ରଥରେ ଛେରାପହଁରା ସେବା ମଧ୍ୟ ସମ୍ପାଦନ କରିଥିଲେ। ସେହିବର୍ଷଠାରୁ ଅଦ୍ୟାବଧି ବଂଶାନୁକ୍ରମେ ଉତ୍ତରାଧିକାର ଭିତ୍ତିରେ ଗୌନ୍ତିଆଙ୍କ ପରିବାରର ମୁଖ୍ୟ ସଦସ୍ୟମାନେ ଗ୍ରାମବାସୀଙ୍କ ସହାୟତାରେ ରଥଯାତ୍ରା ପରିଚାଳନା କରିବା ସହିତ ଛେରାପହଁରା ସେବା ସମ୍ପନ୍ନ କରି ଆସୁଛନ୍ତି। ପୂର୍ବରୁ ପାଖ ଗ୍ରାମ କୁଲସର ଆଉ ସୁନାରୀ ଗ୍ରାମରୁ ଜଗନ୍ନାଥଙ୍କୁ ଆଣି ଯାତ୍ରା କରାଯାଉଥିଲା। ଏବେ ଗ୍ରାମବାସୀ ତିନି ଠାକୁରଙ୍କ ବିଗ୍ରହ ଗ୍ରାମର ଗୁଡ଼ିଘରେ ସ୍ଥାପନା କରି ପୂଜାର୍ଚ୍ଚନା କରିବା ସାଙ୍ଗକୁ ରଥଯାତ୍ରା ପାଳନ କରୁଛନ୍ତି। ରଥଯାତ୍ରା ଦିନ ଗ୍ରାମର ସବୁ ସମ୍ପ୍ରଦାୟର ଲୋକେ ନୂଆ ଲୁଗା ପିନ୍ଧି ସଜବାଜ ହୋଇ ଗୁଡ଼ି ଘରେ ଏକତ୍ରିତ ହୁଅନ୍ତି। ରଥଯାତ୍ରାର ପ୍ରାରମ୍ଭିକ ରୀତିନୀତି ସମ୍ପନ୍ନ ହେଲାପରେ ଛେରାପହଁରା ହୋଇଥାଏ। ସାମ୍ପ୍ରଦାୟିକ ସଦ୍‌ଭାବନା, ସଂହତି ଏବଂ ଭ୍ରାତୃତ୍ୱ ଭାବର ଭାବନାକୁ ଆଦର୍ଶ ଭାବରେ ଗ୍ରହଣ କରି ରେମେଣ୍ଡାବାସୀ ପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା କରି ଆସୁଛନ୍ତି। ତେଣୁ ଗ୍ରାମଟି 'ସଦ୍‌ଭାବନାର ଶ୍ରୀକ୍ଷେତ୍ର' ଭାବରେ ପରିଚିତ।

କ୍ଷେତ୍ରରାଜ ଶ୍ରୀପୁରୁଷୋତ୍ତମ ସକଳ ଧର୍ମ-ମତର ସମନ୍ୱିତ ବିଗ୍ରହ ସ୍ୱରୂପ ବିଦ୍ୟମାନ। ତେଣୁ ପୁରୁଷୋତ୍ତମକ୍ଷେତ୍ରର ଅଧୀଶ୍ୱର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ପରମାତ୍ମା ସହିତ ଆତ୍ମାର ତଥା ସାମ୍ୟ, ମୈତ୍ରୀ, ତ୍ୟାଗ ଆଉ ସମନ୍ୱୟର ଏକ ଅନାବିଳ ଭାବୋଚ୍ଛ୍ୱାସ। ଫଳରେ ଏହି ଯାତ୍ରା ମାନବ ଜଗତର ଆଧ୍ୟାତ୍ମିକ ସ୍ତରରେ ଖୁବ୍ ପ୍ରାଧାନ୍ୟ ଲାଭ କରିବା ସହିତ ଅନୁସୃତ ପାରମ୍ପରିକ ରୀତିନୀତି ଠାକୁରଙ୍କୁ ଭକ୍ତଜନର ଦେବତା ଭାବରେ ପ୍ରତିପାଦିତ କରିଥାଏ। ସେଇଥିପାଇଁ ଲୀଳାମୟ ପ୍ରଭୁଙ୍କର ଚଳଣି, ନୀତିକାନ୍ତିର ପରମ୍ପରା ସ୍ଥାନବିଶେଷରେ ଭିନ୍ନ ଭିନ୍ନ। କାରଣ ଯେଉଁସବୁ ଗଣପର୍ବ ସମଗ୍ର ଭକ୍ତ-ସମାଜର ହୃଦୟରେ ନିର୍ମଳ ଆନନ୍ଦ, ସାମ୍ୟ ଓ ଐକ୍ୟ ତଥା ସଂହତିର ଭାବ ସଞ୍ଚାର କରିଥାଏ, ତନ୍ମଧ୍ୟରେ ରଥଯାତ୍ରା ସର୍ବୋତ୍ତମ। ତେଣୁ ଯେଉଁ ଗାଁରେ ମନ୍ଦିର ଆଉ ମହାପ୍ରଭୁ ନାହାନ୍ତି, ସେ ଗାଁରେ ମଧ୍ୟ ରଥଯାତ୍ରା ହେଉଛି।

ଝାରସୁଗୁଡ଼ା ଜିଲ୍ଲାର ପଲ୍‌ସଦା ଗାଁର ଠାକୁର ଆଖପାଖର ଗାଁ, ଯେଉଁଠି ଠାକୁର ନାହାନ୍ତି, ସେଇ ଗାଁମାନଙ୍କୁ କୁଣିଆ ଭଳି ଯାଇ ରଥରେ ବସି ଭକ୍ତଜନଙ୍କୁ ଦର୍ଶନ ଦେଇଥା'ନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ପଲ୍‌ସଦାର ଗ୍ରାମର ରଥଯାତ୍ରାରେ ତିନି ଠାକୁରଙ୍କ ସହିତ ପ୍ରଭୁ ସୁଦର୍ଶନ ଆଉ ଦଧିବାମନ ରଥରେ ବିଜେ କରିଥା'ନ୍ତି। ଦ୍ୱିତୀୟା ଓ ବାହୁଡ଼ା ଦିନକୁ ବାଦଦେଲେ ଅନ୍ୟଦିନମାନଙ୍କରେ ସୁଦର୍ଶନ ଏବଂ ଦଧିବାମନ ଆଖପାଖର ଭିନ୍ନ ଭିନ୍ନ ଗାଁମାନଙ୍କୁ କୁଣିଆ ଭାବରେ ଯାଇ ରଥରେ ବସି ଭକ୍ତଗହଣରେ ଯାତ୍ରା କରିଥା'ନ୍ତି। ପୁନଶ୍ଚ ପଲ୍‌ସଦା ଗ୍ରାମକୁ ଫେରିଆସନ୍ତି। ସେହିପରି ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢୋଲ ଗାଁର ରଥଯାତ୍ରା। ଠାକୁରେ ରଥାରୂଢ଼ ହୋଇ ଗୁଣ୍ଡିଚା ଘରକୁ ଯାତ୍ରା କରନ୍ତି, କିନ୍ତୁ ସେଠାରେ ନ ରହି ଗାଁରୁ ଗାଁ ବୁଲିଥା'ନ୍ତି। ଭକ୍ତଜନ ପ୍ରଭୁଙ୍କୁ ଭାରରେ ବୋହି ରଥରେ ବସାଇ ଯାତ୍ରା ପାଳନ କରିଥା'ନ୍ତି। ଯାତ୍ରା ସରିଗଲେ ମହାପ୍ରଭୁ ପୁଣି ଫେରି ଆସନ୍ତି ବିଜାଢୋଲ ଗ୍ରାମକୁ।

ଏହିସବୁ ପରମ୍ପରାଠାରୁ କଳାହାଣ୍ଡି ଜିଲ୍ଲାର ଧରମଗଡ଼ ନିକଟସ୍ଥ ପିପ୍‌ଲା ଗାଁର ରଥଯାତ୍ରା ଆହୁରି ଭିନ୍ନ। ଏହି ଗ୍ରାମର ବାଲାଜୀ ମନ୍ଦିର ବର୍ଷସାରା ବନ୍ଦ ଥାଏ। କାରଣ ମନ୍ଦିର ତ ଅଛି, କିନ୍ତୁ ମହାପ୍ରଭୁ ମନ୍ଦିରରେ ନଥା'ନ୍ତି। ପ୍ରଭୁ ବର୍ଷସାରା ଜୁନାଗଡ଼ର ବାଲାଜୀ ମନ୍ଦିରରେ ପୂଜା ପାଇଥା'ନ୍ତି। ରଥଯାତ୍ରା ନିମନ୍ତେ ଗୋଟିଏ ଦିନ ଆଗରୁ ଜୁନାଗଡ଼ରୁ ପ୍ରଭୁଙ୍କୁ ବାଉଁଶ ଟୋକେଇର ଭାରରେ ଭକ୍ତମାନେ ପିପ୍‌ଲା ଗାଁକୁ ଆଣିଥା'ନ୍ତି। ସେଠାକାର ମନ୍ଦିରରେ ପ୍ରଭୁ ରତ୍ନସିଂହାସନରେ ବିଜେ କରନ୍ତି। ତା'ପରେ ରଥଯାତ୍ରା ଯଥାରୀତି ପାଳିତ ହୋଇଥାଏ। ବାହୁଡ଼ା ପରେ ପୁନଶ୍ଚ ଭାରରେ ବସି ଠାକୁରେ ଜୁନାଗଡ଼ ଫେରି ଆସନ୍ତି। ଏଠାରେ ପ୍ରଭୁ ନିଜ ମନ୍ଦିରକୁ କୁଣିଆ ହୋଇ ଆସି ରଥଯାତ୍ରାରେ ଯୋଗ ଦେଇ ପୁଣି ଫେରି ଯାଆନ୍ତି ବର୍ଷକ ପାଇଁ ଜୁନାଗଡ଼କୁ। ରଥଯାତ୍ରାର ଏହି ସବୁ ପରମ୍ପରା ବହୁ ପୁରାତନ ବୋଲି ଲୋକମୁଖରେ ପ୍ରଚଳିତ।

ଯୁଗ ଯୁଗ ଧରି ପ୍ରଚଳିତ ରଥଯାତ୍ରାର ଏହି ଧାରା ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଜୀବନ୍ତ ଆଉ ଶାଶ୍ୱତ ମାନବୀୟ ଧର୍ମରେ ପରିଣତ କରିପାରିଛି। ପ୍ରଭୁ ତେଣୁ ଏକ ଅନିର୍ବଚନୀୟ ଭାବାତୀତ ବାସ୍ତବତାର ପ୍ରତୀକ। ସେ ଭକ୍ତର ଅତି ପ୍ରିୟ, ଆପଣାର। ତାଙ୍କ ଠାରେ ଦେବତ୍ୱ ଓ ମାନବତ୍ୱ- ଉଭୟ ଗୁଣାବଳୀ ପରିପୂର୍ଣ୍ଣ। ସତେଯେମିତି ସେ ଚଳନ୍ତି ପ୍ରତିମା। ସଭିଙ୍କ ଗହଣରେ ଅବସ୍ଥାନ କରନ୍ତି, ଚଳପ୍ରଚଳ ହୁଅନ୍ତି। ସେଇଥିପାଇଁ ତାଙ୍କର ରୀତି, ନୀତିରେ ମାନବୀୟ ଭାବ ସର୍ବଦା ପ୍ରକଟିତ। ତେଣୁ ତାଙ୍କୁ କେବଳ ଜଗତର ନାଥ ରୂପରେ ନୁହେଁ, ଏହି ମାଟି ଓ ମଣିଷର ସର୍ବୋଚ୍ଚ କର୍ତ୍ତା ଭାବରେ ଗ୍ରହଣ କରାଯାଇଛି। କବିଙ୍କ ଭାଷାରେ -

**'ଧନ୍ୟ ତୋ ନୀଳାଦ୍ରି ମଣ୍ଡଳ ଭକତ ଭାବେ ହେଲୁ ଭୋଳା।'**

**ଅବସରପ୍ରାପ୍ତ ନିର୍ଦ୍ଦେଶକ, ପ୍ରସାରଭାରତୀ**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଏନ୍‌ଏଚ୍‌ଏଆଇ ଓ ଠିକାଦାରଙ୍କ ବିରୋଧରେ ଏତଲା

# ସାଂସଦ ଅପରାଜିତାଙ୍କୁ ପ୍ରଭାବିତ କରିଛନ୍ତି ଠିକାଦାର: କଂଗ୍ରେସ

**ଭୁବନେଶ୍ୱର, ୯।୭ (ସମିସ):** ଦେଶର ବିଭିନ୍ନ ବିଜେପି ଶାସିତ ରାଜ୍ୟରେ ପୋଲ ଓ ଓଭରବ୍ରିଜ୍ ଭୁଶୁଡ଼ିବାରେ ଲାଗିଛି। ବିହାର ଓ ଉତ୍ତରପ୍ରଦେଶରେ ଏହି ସ୍ଥିତି ସବୁଠୁ ଉଦ୍‌ବେଗଜନକ ହୋଇଥିବା ବେଳେ ଏବେ ଓଡ଼ିଶାକୁ ଏହା ସଂକ୍ରମିତ ହୋଇଛି। ଗତ ୪ ମାସ ତଳେ ଲୋକାର୍ପଣ ହୋଇଥିବା ଆଇଗିଣିଆ ଓଭରବ୍ରିଜର ଏକ ଅଂଶ ଦବିଯିବା ପରେ ବିଜେପିର ଡବଲ ଇଂଜିନ୍ ସରକାର କାଠଗଡ଼ାରେ ଫସିଛି। ରାଜ୍ୟ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଏହି ଘଟଣାକୁ ନେଇ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଆଇଗିଣିଆ ଓଭରବ୍ରିଜ ନିର୍ମାଣ କରିଥିବା ଠିକାଦାରଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି।

ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ମିଳିତ ନେତୃତ୍ୱରେ ମଙ୍ଗଳବାର ଦିନ ଛାତ୍ର ଓ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ଖଣ୍ଡଗିରି ଥାନାରେ ଏହି ଘଟଣାକୁ ନେଇ ଏତଲା ଦିଆଯାଇଛି ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ କହିଛନ୍ତି ଯେ ଭୁବନେଶ୍ୱର ସହର ମଝିରେ ଯାଇଥିବା ଜାତୀୟ ରାଜପଥ-୧୬ରେ ହୋଇଥିବା ଆଇଗିଣିଆ ଓଭରବ୍ରିଜ୍‌ର ନିର୍ମାଣ ଅତି ନିମ୍ନମାନର ବୋଲି ପ୍ରମାଣିତ ହୋଇଛି। ଏହି ରାସ୍ତାରେ ଦୈନିକ ଅସୁମାରୀ ଗାଡ଼ିମୋଟର ଯାତାୟତ କରୁଛନ୍ତି। ଏଣୁ ଜାତୀୟ ରାଜପଥ ପ୍ରାଧିକରଣ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଯାତ୍ରୀଙ୍କ ଜୀବନକୁ ସାଙ୍ଘାତିକ ବିପଦ ଭିତରକୁ ଠେଲି ଦେଉଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣଙ୍କ ନିକଟରେ ଜୀବନର ମୂଲ୍ୟ କିଛି ନୁହେଁ। ଏହି ଓଭରବ୍ରିଜ ଦବିବାର କିଛି ସମୟ ପୂର୍ବରୁ ଭାରତର ମହାମହିମ ରାଷ୍ଟ୍ରପତି ମଧ୍ୟ ଏହି ଓଭରବ୍ରିଜ ଦେଇ ଯାଇଥିଲେ। ତେଣୁ ଏକ ବଡ଼ ଅଘଟଣ ଟଳିଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

ଅନ୍ୟ ପକ୍ଷରେ ଏହି ଓଭରବ୍ରିଜ ଦବିବା ପରେ ଦ୍ରୁତ ବେଗରେ ଆସୁଥିବା ଅନ୍ୟାନ୍ୟ ଯାନବାହାନ ମଧ୍ୟ ହଠାତ୍ ବ୍ରେକ୍ ଦେଇ ସେଠାରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସେହି ଗର୍ତ୍ତରୁ ଅତଡ଼ା ଖସି ଓଭରବ୍ରିଜ ତଳେ ଯାଉଥିବା ଯାତ୍ରୀମାନଙ୍କ ଉପରେ ପଡ଼ିବା ଫଳରେ ପୋଲ ତଳର ଅନେକ ଯାତ୍ରୀ ମଧ୍ୟ ଖଣ୍ଡିଆ ଖାବରା ହୋଇଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଓଭରବ୍ରିଜର ନିର୍ମାଣରେ ବ୍ୟାପକ ଅନିୟମିତତା ବା ଦୁର୍ନୀତି କରି ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ ଏବଂ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାରଙ୍କୁ ତୁରନ୍ତ ଗିରଫ କରାଯିବା ସହ ସେମାନଙ୍କ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଠିକାଦାର ପ୍ରଭାବିତ କରିଥିବାର ଅଭିଯୋଗ ହେଉଛି। କାରଣ ଏହି ଘଟଣା ତାଙ୍କ ନିର୍ବାଚନ ମଣ୍ଡଳୀ ଭିତରେ ଆସୁଥିଲେ ମଧ୍ୟ ସେ ଏ ସମ୍ପର୍କରେ ପଦୁଟିଏ ମୁହଁ ଖୋଲୁନାହାଁନ୍ତି। ମୋଦୀ ସରକାର ସମୟରେ ସମସ୍ତ ନିର୍ମାଣ କାର୍ଯ୍ୟ ନିମ୍ନମାନ ହେଉଛି। କାରଣ ଏଥିରୁ ବହୁ ଅର୍ଥ ନିର୍ବାଚନ ପାଇଁ ପିସି ଆକାରରେ ଆଦାୟ ହେଉଛି। ସୁତରାଂ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ମୁଖ୍ୟ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏହି ନିର୍ମାଣରେ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଏନ୍‌ଏଚ୍‌ଆଇ ଉପରେ ଅସନ୍ତୋଷ ଝାଡ଼ିଲେ ମେୟର

**ଭୁବନେଶ୍ୱର, ୯।୭ (ସମିସ):** ଗତକାଲି ଓଭରବ୍ରିଜ ଦବିବା ପରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଘଟଣାସ୍ଥଳ ପରିଦର୍ଶନ କରି ଏନଏଚଏଆଇ ଉପରେ ଅସନ୍ତୋଷ ଝାଡ଼ିଛନ୍ତି। ମେୟର କହିଛନ୍ତି ଯେ ଓଭର୍ ବ୍ରିଜ ନିର୍ମାଣର ୬ ମାସ ଭିତରେ ରାସ୍ତା ଦବିବା ଆଶ୍ଚର୍ଯ୍ୟର ବିଷୟ। ବ୍ୟସ୍ତ ବହୁଳ ରାସ୍ତାର ଏଭଳି ଅବସ୍ଥା ମୃତ୍ୟୁକୁ ନିମନ୍ତ୍ରଣ କରୁଛି। ଖାଲି ଏ ବ୍ରିଜ ନୁହେଁ ସମସ୍ତ ନିର୍ମାଣଧିନ ବ୍ରିଜ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଏଣୁ ଟେକ୍ନିକାଲ ଟିମ୍ ଆସି ଯାଞ୍ଚ କରିବା କଥା। ରାସ୍ତା ଦବିବାର ସତ୍ୟାସତ୍ୟ କାରଣ ଜାଣିବା ନିହାତି ଦରକାର। ନଚେତ୍ ବିହାର ଭଳି ଅବସ୍ଥା ଓଡ଼ିଶାରେ ମଧ୍ୟ ହେବ। ଏନଏଚଏଆଇର ଯେଉଁମାନେ ରାସ୍ତା କାମ ପାଇଁ ଟେଣ୍ଡର ନେଉଛନ୍ତି ସେମାନେ ନିମ୍ନ ମାନର କାମ କରୁଛନ୍ତି ଏଥିରୁ ସ୍ପଷ୍ଟ ହୋଇଛି। ଏଣୁ ଏହାର ଯାଞ୍ଚ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମେୟର କହିଛନ୍ତି। ଏନଏଚଏଆଇ ଅନେକ କାମରେ ଅବହେଳା କରୁଛି ଯାହା ଦ୍ୱାରା ବିଏମସି ଦୋଷ ମୁଣ୍ଡାଉଛି। ଇସ୍କନ ନିକଟରେ ଏନଏଚଏଆଇର ତ୍ରୁଟିପୂର୍ଣ୍ଣ ପ୍ଲାନ ପାଇଁ ଜଳବନ୍ଦୀ ସ୍ଥିତି ସେଠାରେ ଉପୁଜୁଛି। ଅନେକ ଡ୍ରେନ୍ କାମ ଏନ୍‌ଏଚ୍‌ଏଆଇ ଯୋଗୁଁ ଅଟକି ରହିଛି ଫଳରେ ଜଳବନ୍ଦୀ ସମସ୍ୟା ହେଉଚି। ପୂର୍ବରୁ ଖଣ୍ଡଗିରି ଓଭରବ୍ରିଜ ବାରମ୍ବାର ମରାମତି ହୋଇଥିଲା। ଜୁନ ୧୦ ସୁଦ୍ଧା ହଂସପାଳ ଓଭର୍ ବ୍ରିଜ କାମ ଶେଷ କରିବାକୁ କୁହାଯାଇଥିଲା କିନ୍ତୁ କାମ ସରିଲା ନାହିଁ। ଯାହା ଫଳରେ ଦୁର୍ଘଟଣା ଘଟିବା ସହିତ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି।

### ବିଜୁ ଶ୍ରମିକ ସାମ୍ମୁଖ୍ୟର ସଦସ୍ୟଙ୍କୁ ନବୀନଙ୍କ ପରାମର୍ଶ

# ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ଆମ ପାଇଁ ସର୍ବପ୍ରଥମ



**ଲୋକଙ୍କ ସହ ଥିଲେ, ଅଛନ୍ତି ଓ ଭବିଷ୍ୟତରେ ରହିବା**

**ଭୁବନେଶ୍ୱର, ୯।୭ (ସମିସ):** ଆମେ ଲୋକଙ୍କ ସହିତ ଥିଲୁ, ଆଉ ସବୁ ଦିନ ରହିବୁ। ଲୋକଙ୍କ ପାଇଁ, ରାଜ୍ୟର ବିକାଶ ପାଇଁ କାମ କରୁଥିଲୁ ଆଉ ପରିଶ୍ରମ ଜାରି ରଖିବୁ। ବିଜୁ ଜନତା ଦଳ ହେଉଛି ଓଡ଼ିଶାବାସୀଙ୍କ ଦଳ। ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ହିଁ ଆମ ପାଇଁ ସର୍ବମାନ୍ୟ। ଆମକୁ ଲୋକେ ପୁଣି ଥରେ ଆଶୀର୍ବାଦ କରିବେ ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ସଦସ୍ୟଙ୍କୁ କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ଆଜି ବିଜୁ ଶ୍ରମିକ ସାମୁଖ୍ୟ ସଂଗଠନର ଅଧ୍ୟକ୍ଷ ତଥା ସିଏମ୍‌ସି ମେୟର ସୁବାସ ସିଂହଙ୍କ ନେତୃତ୍ୱରେ ସାରା ରାଜ୍ୟରୁ ଆସିଥିବା ସାମ୍ମୁଖ୍ୟର କର୍ମକର୍ତ୍ତା ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ସହ ବ୍ୟକ୍ତିଗତ ଭାବରେ ଆଲୋଚନା କରିବା ସହ ଲୋକଙ୍କ ସହ ଯୋଡ଼ି ହୋଇ ରହିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନବୀନ କହିଛନ୍ତି ଯେ ମୁଁ ଆପଣମାନଙ୍କ ସହିତ ଅଛି। ସାଧାରଣ ଲୋକଙ୍କ ସହିତ ଅଛି। ଆପଣମାନେ ନିଃସ୍ୱାର୍ଥପର ଭାବେ ଲୋକଙ୍କ ସେବା ଜାରି ରଖନ୍ତୁ। ଲୋକଙ୍କ ସୁଖ ଦୁଃଖରେ ଛିଡ଼ା ହୁଅନ୍ତୁ। ସେମାନଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରନ୍ତୁ। ଏକାଠି ରହି ପରିଶ୍ରମ କରନ୍ତୁ। ଆମେ ପୁଣି ଥରେ ଲୋକଙ୍କ ଆର୍ଶୀବାଦ ପାଇବା। ଏହି ଅବସରରେ ସାମ୍ମୁଖ୍ୟର ନେତୃବୃନ୍ଦ ଶ୍ରୀ ପଟ୍ଟନାୟକଙ୍କ ସହିତ ଶ୍ରମିକମାନଙ୍କ ସମସ୍ୟା ଓ ସର୍ବନିମ୍ନ ମଜୁରୀ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନବ କିଶୋର ମହାନ୍ତି, ରାଜୀବ ମହାନ୍ତି, ବାଲା ରାୟ, ପ୍ରଦ୍ୟୁମ୍ନ ସାମଲ, ଜୁମର ଅଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଅଖିଳ ଭାରତୀୟ ରେଳ ଇଂଜିନିୟର ମହାସଂଘର ନୂତନ କର୍ମକର୍ତ୍ତା

# ଇଂଜିନିୟର ବିଷ୍ଣୁ ଦାଶ ପ୍ରଥମ ଓଡ଼ିଆ ମହାସଚିବ

**ଭୁବନେଶ୍ୱର, ୯।୭ (ସମିସ):** ଅଖିଳ ଭାରତୀୟ ରେଳ ଇଂଜିନିୟର ମହାସଂଘ (ଏଆଇଆରଇଏଫ୍)ର ମହା ଅଧିବେଶନ ଲକ୍ଷ୍ନୌରେ ଗତ ରବିବାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଭାରତୀୟ ରେଳବାଇର ସମସ୍ତ ଜୋନରୁ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ଆସନ୍ତା ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଛି। ଉତ୍ତର ପଶ୍ଚିମ ରେଳବାଇର ଇଂ ସୁନୀଲ ଦତ୍ତ ଚତୁର୍ବେଦୀ ସଭାପତି, କେନ୍ଦ୍ର ରେଳବାଇର ଇଂ ମନୋଜ ପାଣ୍ଡେ କାର୍ଯ୍ୟକାରୀ ସଭାପତି, ପୂର୍ବତଟ ରେଳବାଇର ଇଂ ବିଷ୍ଣୁ ପ୍ରସାଦ ଦାଶ ମହାସଚିବ ଓ ଆରଡିଏସଓର ଇଂ ଏସ୍ କେ ପାଣ୍ଡେ ଅର୍ଥ ମହାସଚିବ ରୂପେ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀ ଦାଶ ହେଉଛନ୍ତି ପ୍ରଥମ ଓଡ଼ିଆ ରେଳ ଇଂଜିନିୟର ଓ ପୂର୍ବତଟ ରେଳବାଇର ମଧ୍ୟ ପ୍ରଥମ ଇଂଜିନିୟର ଭାବେ ସର୍ବ ଭାରତୀୟ ସ୍ତରରେ ମହାସଚିବ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ଦାଶ ମହାସଂଘର କାର୍ଯ୍ୟକାରୀ ସଭାପତି ଥିଲେ। ଗୁରୁଦାୟିତ୍ୱ ଗ୍ରହଣ କଲା ପରେ, ରେଳ ଇଂଜିନିୟରମାନଙ୍କୁ ନ୍ୟାଯ୍ୟ ଦାବି ପୂରଣ କରିବା ପାଇଁ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି। ଶ୍ରୀ ଦାଶ ୧୯୯୪ ମସିହାରେ ରେଳବାଇରେ ଯୋଗଦେଇ ନିଜର କାର୍ଯ୍ୟ ଦକ୍ଷତା ପାଇଁ ବହୁବାର ପୁରସ୍କୃତ ହୋଇଛନ୍ତି। ଶ୍ରୀ ଦାଶ ଗତକାଲି ରାତିରେ ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ପୂର୍ବତଟ ରେଳବାଇ ଇଂଜିନିୟର ସଂଘ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆଗାମୀ ୨୫ ବର୍ଷରେ ଓଡ଼ିଶା ବିକାଶର ଦ୍ୱାର ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୯।୭ (ସମିସ): ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ରାଜ୍ୟର ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମଇ) ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିବା ଅବସରରେ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ଓ ଯୁବକଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବାକୁ ବ୍ୟାପକ ସୁଯୋଗ ରହିଛି। ଧାତୁ ଓ ଖଣିଭିତ୍ତିକ ଶିଳ୍ପ ସହିତ ବନ୍ଦରଭିତ୍ତିକ ଶିଳ୍ପ ଓ ଆଧୁନିକ ଯୁଗର ଶିଳ୍ପ ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ। ଶିଳ୍ପ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ମଧ୍ୟ ଧ୍ୟାନ ଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଓଡ଼ିଶା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଆଗାମୀ ୨୫ ବର୍ଷରେ ଓଡ଼ିଶା ଦେଶର ବିକାଶର ଦ୍ୱାର ହେବ। ତେଣୁ ଶିଳ୍ପାୟନ ପାଇଁ ଯାହା ଭିତ୍ତିଭୂମି ବିକାଶ ଆବଶ୍ୟକ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ଅଧିକ ସଂଖ୍ୟାରେ ଶ୍ରମଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେଲେ, ସ୍ଥାନୀୟ ଯୁବକଯୁବତୀମାନେ ନିଯୁକ୍ତି ପାଇପାରିବେ ବୋଲି ସେ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ଯଥା- ମୁଦ୍ରା, ସ୍ୱ-ନିଧି ଓ ବିଶ୍ୱକର୍ମା ପରି ଯୋଜନାର ସୁଯୋଗ ପେରି ନୂତନ ଉଦ୍ୟୋଗୀମାନେ ପାଇପାରିବେ, ତା ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ...

### ମୁହଁମାଡ଼ି...

ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଆହତ ସେବାୟତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାସହ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତୁରନ୍ତ ପୁରୀ ଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ପୁରୀ ଗସ୍ତ କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଆଡ଼ପ ମଣ୍ଡପ ବିଜେ ପହଣ୍ଡି ସମୟରେ ବଡ଼ଠାକୁରଙ୍କ ଚାରମାଳରେ ଘଟିଥିବା ଅଘଟଣ ଜଗନ୍ନାଥ ପ୍ରେମୀ ଏବଂ ଓଡ଼ିଶାବାସୀଙ୍କ ଦୁଃଖରେ ସେ ମର୍ମାହତ। ଏହି ଅଘଟଣରେ ଆହତ ସେବାୟତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଏଭଳି ସମ୍ବେଦନଶୀଳ ଘଟଣାର ପୁନରାବୃତ୍ତି ଯେପରି ନ ହେବ ତାହାକୁ ଦୃଷ୍ଟିରେ ରକିବାକୁ ନବୀନ ସମସ୍ତଙ୍କୁ ଅନୁରୋଧ କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ପୁରୀରେ ଆଡ଼ପ ମଣ୍ଡପ ବିଜେ ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀ ବଳଭଦ୍ର ଚାରମାଳରେ ଘଟିଥିବା ଅଘଟଣ ଅତ୍ୟନ୍ତ ଦୁଃଖଦ। ଏହି ଘଟଣା ସମସ୍ତଙ୍କ ମନରେ ଦୁଃଖ ଦେଇଛି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ପ୍ରଶାସନ କାର୍ଯ୍ୟ କରିବା ଉଚିତ୍। ଏହା ସହିତ ସେ ଅଘଟଣରେ ଆହତ ସେବାୟତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ବରିଷ୍ଠ ସେବାୟତ ବିଶ୍ୱନାଥ ସାମନ୍ତରା କହିଛନ୍ତି, ପହଣ୍ଡି ପାଇଁ ବଡ଼ଠାକୁରଙ୍କର ଚାରମାଳ ଉପରେ ନୀତି କରାଯାଇଥିଲା। ଟାହିଆ ଲାଗି ପରେ ଖୁଣ୍ଟିଆ ଡାକ ଦେଇଥିଲେ। ଏହି ସମୟରେ ଠାକୁରଙ୍କ ପଛପାର୍ଶ୍ୱରେ ଲାଗିଥିବା ପାଟ ଡୋରିଟି ବୋଧହୁଏ ଖସି ଯାଇଥିଲା। ଫଳରେ ଠାକୁର ଆଗକୁ ପଡ଼ି ଯାଇଥିଲେ। କିନ୍ତୁ ଏହି ଘଟଣା କୋଟିକୋଟି ଜଗନ୍ନାଥପ୍ରେମୀଙ୍କୁ କଷ୍ଟ ଦେଇଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ଏଭଳି ଘଟିଲା, ତାକୁ ନେଇ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଅନେକ ଏହାକୁ ଅଶୁଭ ସୂଚନା ବୋଲି କହୁଛନ୍ତି ତ ଆଉ କେହି ମହାପ୍ରଭୁଙ୍କ ଇଚ୍ଛା ବୋଲି ମତ ଦେଇଛନ୍ତି।

### ଜନ୍ମବେଦୀରେ...

୭ଟା ୧୦ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳୀ। ସନ୍ଧ୍ୟା ୭ଟା ୧୫ରେ ଆରମ୍ଭ ହୋଇଥିଲା ପହଣ୍ଡି। ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ। ସାଢେ ୭ଟାରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପରେ ସନ୍ଧ୍ୟା ୭ଟା ୫୦ରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଚାରମାଳ ଉପରେ ବଡ଼ଠାକୁରଙ୍କ ଟାହିଆ ଲାଗି ପରେ ପହଣ୍ଡି ପାଇଁ ସେବାୟତ ପ୍ରସ୍ତୁତି ହେଉଥିଲେ। ଏହି ସମୟରେ ବଡ଼ଠାକୁର ଆଗକୁ ହାମୁଡେଇ ପଡ଼ିଥିଲେ। ଫଳରେ କିଛି ସେବାୟତ ଆହତ ହୋଇଥିଲା। ଏଥିପାଇଁ କିଛି ସମୟ ପହଣ୍ଡି ଅଟକିଥିଲା। ଏହାପରେ ସ୍ୱାଭାବିକ ହୋଇଥିଲା ପହଣ୍ଡି। ବଡ଼ଠାକୁରଙ୍କ ପରେ ହଳଦୀମୁଖି ଦେବୀ ସୁଭଦ୍ରା ଜନ୍ମବେଦୀକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ଶେଷରେ ବିଶ୍ୱନିୟନ୍ତା ମହପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ହଳିଝୁଳି କାଳିଆ ଠାକୁର ଆଡପମଣ୍ଡପକୁ ବିଜେ କରିଥିଲେ।

ପହଣ୍ଡି ପାଇଁ ରଥ ସିଂହାସନ ଛାଡି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଏବଂ ବିଡ଼ିଆ ମଣୋହୀ କରିବା ସହିତ କର୍ପୁର ଆଳତି କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣଙ୍କ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଚତୁର୍ଦ୍ଧାବିଗ୍ରହ ଆଡପ ମଣ୍ଡପରେ ରୁନ୍ଧା ଯିବା ପରେ ନିର୍ଘଣ୍ଟ ଅନୁଯାୟୀ ଅନ୍ୟାନ୍ୟ ନୀତି କରାଯାଇଛି। ଅପରପକ୍ଷେ ବୁଧବାରଠାରୁ ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା। ଭକ୍ତମାନେ କିପରି ସୁରୁଖୁରରେ ମହାପ୍ରସାଦ ପାଇପାରିବେ ସେଥିଲାଗି ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ପେଟ୍ରୋଲ ପମ୍ପ...

ପମ୍ପର ୨ କର୍ମଚାରୀ ଅଜୟ ମହାପାତ୍ର ଓ ବିଷ୍ଣୁପ୍ରସାଦ ମହାପାତ୍ର ପାଖାପାଖି ୧୨ଲକ୍ଷ ଟଙ୍କା ଧରି ବର୍ତ୍ତନାସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ଜମା କରିବାକୁ ଯାଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ଠିକ୍ ବ୍ୟାଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ୨ଜଣ ଲୁଟେରା ବିଷ୍ଣୁ ଧରିଥିବା ଟଙ୍କା ବ୍ୟାଗ୍‌ଟିକୁ ଛିନ୍‌ତାଇ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଦୁର୍ବୃତ୍ତ ବିଷ୍ଣୁଙ୍କ ଗୋଡ଼କୁ ଗୁଳି କରି ଟଙ୍କା ବ୍ୟାଗ୍‌ଟିକୁ ଛଡ଼ାଇ ନେଇଥିଲା। ପରେ ଲୁଟେରାମାନେ ବାଇକ୍‌ରେ କୁପାରୀ ଆଡ଼କୁ ପଳାଇଥିଲେ। ଅପରପକ୍ଷେ, ବ୍ୟାଙ୍କ ସାମ୍ନାରେ ଗୁଳି ଶବ୍ଦ ଶୁଣି ବ୍ୟାଙ୍କରେ ଥିବା କର୍ମଚାରୀ ଓ ଗ୍ରାହକମାନେ ଭୟଭୀତ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ଏ ସଂପର୍କରେ ଏସ୍‌ପି ସାଗରିକା ନାଥଙ୍କୁ ଯୋଗଯୋଗ କରାଯିବାରୁ ସେ କହିଛନ୍ତି ଯେ ଅପରାଧୀମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି। ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ।

### ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ...

ଜଷ୍ଟିସ ଏସ୍‌ଭିଏନ୍ ଭାଟିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଦାରାଙ୍କ ଆବେଦନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୬ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଦାରା ସିଂହଙ୍କ ପକ୍ଷରୁ ବରିଷ୍ଠ ଓକିଲ ବିଷ୍ଣୁ ଜୈନ ସୁପ୍ରିମକୋର୍ଟରେ ପକ୍ଷ ରଖିଥିଲେ। ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କ ଭଳି ଦାରାଙ୍କୁ ମଧ୍ୟ ଆଶ୍ୱସ୍ତି ଦିଆଯାଉ ବୋଲି ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଦାରା ସିଂହ ୧୯୯୯ ଜାନୁଆରୀ ୨୧, ୨୨ ରାତିରେ ୫୮ ବର୍ଷୀ ଷ୍ଟେନ୍ସଙ୍କୁ ଜିଅନ୍ତା ଜାଳି ଦେଇଥିଲେ।

### ପ୍ରଧାନମନ୍ତ୍ରୀ ମୋଦୀଙ୍କୁ...

ପ୍ରତି କ୍ଷେତ୍ରରେ ମଜବୁତ ହୋଇଛି। ଏହା ନୂଆ ଶିଖର ଛୁଇଁ ଚାଲିଛି। ଦୁଇ ଦେଶର ସମ୍ବନ୍ଧର ପୁଟିନ ଯେଉଁ ମୂଳଦୁଆ ରଖିଥିଲେ ତାହା ସମୟର ସହିତ ମଜବୁତ ହୋଇ ପ୍ରଗାଢ଼ ହେବାରେ ଲାଗିଛି। ଦୁଇ ଦେଶର ପାରସ୍ପରିକ ସହଯୋଗ ଦ୍ୱାରା ଲୋକଙ୍କ ଭବିଷ୍ୟତକୁ ଉନ୍ନତ କରିବା ଆଶା ମଧ୍ୟ ସଞ୍ଚାର ହେଉଛି ବୋଲି ମୋଦୀ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍...

ପୁଲିସକୁ ଅନୁରୋଧ କରିଥିଲେ ମଧ୍ୟ ସେଠାରେ ଉପସ୍ଥିତ ପୁଲିସ କର୍ମଚାରୀ ଏହାପ୍ରତି କର୍ଣ୍ଣପାତ କରି ନ ଥିଲେ। ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ଉଚ୍ଚ ପୁଲିସ କତୃର୍ପକ୍ଷଙ୍କୁ ଫୋନ୍ ଲଗାଇ ଦେବାକୁ ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ତଥାପି କେହି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ କ୍ରୋଧାନ୍ୱିତ ମହିଳା ଛକ ମଝିକୁ ଯାଇ ହୋହାଲ୍ଲା କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଆଗରେ ଛିଡ଼ା ହୋଇ ଯାଇଥିଲେ। ଫଳରେ

ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ହେଲେ ମହିଳା ଜଣକ ପୁଲିସ୍ କର୍ମଚାରୀଙ୍କ ସହିତ ଠେଲାପେଲା କରିଥିଲା। ପରେ ପୁଲିସ୍ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପ୍ରାୟ ୧୦ ମିନିଟ୍ ଧରି ଛକ ଉପରେ ଡ୍ରାମା ଚାଲିଥିଲା ଓ ମହିଳାଙ୍କ ସମର୍ଥନ କରି ଅନ୍ୟ ଗାଡ଼ିଚାଳକମାନେ ଏକ ସାଙ୍ଗରେ ହର୍ଣ୍ଣ ବଜେଇବାରୁ ପୁରା ଅଞ୍ଚଳ କମ୍ପିଥିଲା। କିଛି ସମୟ ମହିଳା ସେଠାରେ ପ୍ରତିବାଦ କରିବା ପରେ ପୁଲିସ ଉକ୍ତ ମହିଳାକୁ ସେଠାରେ ଭିଡ଼ି ଭିଡ଼ି ବାହାରକୁ ନେଇ ଯାଇଥିଲେ। ସମ୍ପୃକ୍ତ ମହିଳାଙ୍କର ପରିଚୟ ମିଳିପାରି ନାହିଁ ଓ ସେ ଏବେ କେଉଁଠି ସେ ସମ୍ପର୍କରେ ପୁଲିସ ମଧ୍ୟ ନିରବତା ଅବଲମ୍ବନ କରୁଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Malarani Dutta Prusty, W/o-Manna Dutta Prusty, resident of C-1403, Vipul Greens, Patrapada, PO: Dumduma H.B. Colony, PS: Khandagiri, Bhubaneswar, PIN-751019, Dist: Khurda, Odisha declare by this affidavit No.19373, Dated-09/07/2024, that now onwards I shall be known as **MALA DUTTA PRUSTY** for all future purposes.

**AFFIDAVIT**
I, Jayant Kumar Mohapatra, S/o-Bhagaban Mohapatra, resident of AT/PO: Badanini gaon, Dist: Puri, PIN- 752121, Odisha declare by this affidavit No. 419, Dated- 08/07/2024, that now onwards I shall be known as **JAYANTA KUMAR MOHAPATRA** for all future purposes.

**AFFIDAVIT**
I, Nikunja Behari Swain, S/o-Nityananda Swain, resident of AT/PO: Bansa, PS: Naugaon, Dist: Jagatsinghpur, PIN-754113, Odisha declare by this affidavit No. 1176, Dated-08/07/2024, that now onwards I shall be known as **NIKUNJA BIHARI SWAIN** for all future purposes.

**AFFIDAVIT**
I, Ranjita Nayak, W/o-Shusil Kumar Nayak, resident of AT/PO: Kindira, PS: Kuchinda, Dist: Sambalpur, PIN-768222, Odisha declare by this affidavit No. 1177, Dated- 08/07/2024, that now onwards I shall be known as **RANJITA PATEL** for all future purposes.

**JEYPORE LAW COLLEGE, JEYPORE**
DIST. KORAPUT (ORISSA) Pin-764003
Applications are invited for the following posts:-
1. Principal - Professors Grade
2. Associate Professor - One
3. Assistant Professor in Law - Four Posts
(Woman, SC/ST. Criminal Law Specialization).
**Terms and Conditions:**
Qualification, Eligibility -as per UGC Norms
Salary - Negotiable.
Interested candidates may apply by registered post along with relevant testimonials form HSC onwards and a bank draft of **Rs. 1,500/-** drawn in favour of **Law College Trust, Jeypore** payable at Jeypore so as to reach the undersigned on **25.07.2024**.
Sd/- Secretary
Law College Trust, Jeypore

**COLLECTORATE, KORAPUT**
**ST & SC DEVELOPMENT SECTION**
V-08
Email id-dwokoraput@gmail.com
Letter No.- 2183 | Date: 06.07.2024
**ADVERTISEMENT**
The last date of submission of application for admission of OBC/SEBC Student in OBC Hostel at Jeypore published vide this office Advertisement No. 945, dated-07.03.2024 has been extended up to 06.08.2024. The intending OBC/SEBC Students of Koraput district fulfilling the following criteria may apply in the prescribed form available at http://stsc.odisha.gov.in and https://koraput.odisha.gov.in. The application should reach to the O/o District Welfare Office, Koraput through Speed Post or Registered Post on or before 06.08.2024 up to 5:00 P.M. The applications received after the due date shall not be entertained.
1. Applicant shall be resident of Odisha and shall belong to OBC/ SEBC community notified by the Government.
2. Applicant shall be pursuing/ have secured admission in Post Matriculation General/ Technical or professional course in any Govt. or Govt. Aided College/ Institute in concerned district only.
3. The annual income of the parent/guardians of the applicant shall not exceed Rs.2,50,000/- per annum.
4. The duration of course for which the applicant is seeking residential facility shall be minimum 2 years or till completion of the course for which admission has been taken.
District Welfare Officer, Koraput
OIPR-24402/11/0002/2425

# କେଶଦୁରାପାଳ ବିଦ୍ୟାଳୟର ୧୨ ଛାତ୍ରୀ ଅସୁସ୍ଥ



**ଆନନ୍ଦପୁର, ୯।୭ (ସମିସ):** ଏକାଥରେ ଅସୁସ୍ଥ ହେଲେ ୯ମ ଓ ଦଶମ ଶ୍ରେଣୀର ୧୨ ଛାତ୍ରୀ। ସମସ୍ତ ଛାତ୍ରୀଙ୍କୁ ଭର୍ତ୍ତି କରାଯାଇଛି ଡାକ୍ତରଖାନାରେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସ୍ଥାନୀୟ କେଶଦୁରାପାଳ ଜନମଙ୍ଗଳ ହାଇସ୍କୁଲ ଠାରେ। ପାଖାପାଖି ଦିନ ୧୧ଟା ସମୟରେ କ୍ଲାସ୍ ଚାଲିଥିବାବେଳେ ୯ମ ଓ ୧୦ମ ଶ୍ରେଣୀରୁ ଜଣକ ପରେ ଜଣେଇ ଏମିତି ୧୨ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହେବା ସହ ଏକା ସାଙ୍ଗରେ କାନ୍ଦି ଉଠିଲେ ଛାତ୍ରୀମାନେ। ବିଦ୍ୟାଳୟ ଶିକ୍ଷକମାନେ ତାଙ୍କୁ ତୁରନ୍ତ ନିକଟସ୍ଥ କେଶଦୁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ପୁଣିଥରେ ସମସ୍ତ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଠାରେ ଭର୍ତ୍ତି କରାଯାଇଛି। ଗତ ଶନିବାର ଦିନ ଠିକ୍ ଏହିଭଳି ଅସୁସ୍ଥ ଅବସ୍ଥାରେ ୨/୩ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିବା ଅବିଭାବକ କହିଛନ୍ତି। ଆଜି ପୁନର୍ବାର ସ୍କୁଲରେ ୧୨ଜଣ ଛାତ୍ରୀଙ୍କୁ ଏଭଳି ଘଟଣା ଘଟିବା ପରେ ପାଇଁ ଚିନ୍ତାବ୍ୟକ୍ତ କରିଛନ୍ତି ଅଭିଭାବକ। ତେବେ ଛାତ୍ରୀଙ୍କ ସେଭଳି କିଛି ବିଶେଷ ସ୍ୱାସ୍ଥଗତ ସମସ୍ୟା ନଥିବା କହିଛନ୍ତି ମେଡିକାଲ ସୁପରିଟେଣ୍ଡେଣ୍ଟ। ଏପରି କାହିଁକି ଦେହ ଖରାପ ହେଲା କାରଣ ଜଣାପଡିନାହିଁ।

## ରିଚାର୍ଜ ଦେୟ ବୃଦ୍ଧିକୁ ନେଇ ଜନଅସନ୍ତୋଷ

**ହାଟଡିହୀ, ୯।୭ (ସମିସ):** ଚଳିତବର୍ଷ ଜୁଲାଇ ମାସ ଆରମ୍ଭରୁ ପ୍ରାୟ କମ୍ପାନୀ ଗୁଡ଼ିକ ସିମ ମାନଙ୍କରେ ମାସିକିଆ ରିଚାର୍ଜ, ଟପ୍‌ଅପ ଭାଉଚର ଏବଂ ଅନ୍ୟାନ୍ୟ ରିଚାର୍ଜ ଉପରେ ରିଚାର୍ଜ ଦେୟ ବୃଦ୍ଧି କରିଥିବା ଯୋଗୁଁ ହାଟଡିହୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନଲାଇନ ପାଠପଢ଼ାରେ ନିର୍ଭର କରୁଥିବା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ପିଲାଙ୍କ ପାଇଁ ରିଚାର୍ଜ ଦରବୃଦ୍ଧି ବିଶେଷ ପ୍ରଭାବ ପକାଇଛି। ଏପରିକି ଅପହଞ୍ଚ ଇଲାକା ଭାବେ ରାଇଘାଟି, ତଅଁଳ, ଫୁଲଝର, କେତକୀ, ଡଙ୍ଗାଡିହି, ମଲ୍ଲିପଶି, ଦଲକି, ରତ୍ନମରା ଭଳି ଜଙ୍ଗଲ ବେଷ୍ଟିତ ଗାଁ ଗୁଡ଼ିକରେ ନେଟୱାର୍କ ସେବା ସ୍ୱପ୍ନ ହୋଇଯାଉଥିଲା ବେଳେ ହଠାତ ରିଚାର୍ଜ ଦରବୃଦ୍ଧି ଶିକ୍ଷାର୍ଥୀଙ୍କ ମାନସିକ ଉପରେ ଚାପ ପକାଇଛି। ରିଚାର୍ଜରେ ଏଭଳି ଦରବୃଦ୍ଧିକୁ ବୁଦ୍ଧିଜୀବୀଙ୍କ ସହିତ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ମୋବାଇଲ ବିନା ବଞ୍ଚିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଥିଲା ବେଳେ ରିଚାର୍ଜ ଦରବୃଦ୍ଧି ସମସ୍ତ ଗରିବ, ଖଟିଖିଆ, ଦିନମଜୁରିଆଙ୍କ ସହ ସାଧାରଣ ବର୍ଗର ଲୋକଙ୍କୁ ଅନେକ କଷ୍ଟ ଦେଇଛି। ଏଭଳି ଦରବୃଦ୍ଧିକୁ ତୁରନ୍ତ ହଟାଇ ସାଧାରଣ ଓ ଗରିବ ଲୋକଙ୍କ ପକେଟକୁ ସୁହାଇଲା ଭଳି ସ୍ୱଳ୍ପ ମୂଲ୍ୟର ରିଚାର୍ଜ ଦେୟ ପ୍ରସ୍ତୁତ କରି ବଜାରକୁ ଛାଡ଼ିବା ପାଇଁ ହାଟଡ଼ିହୀ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ମିଳିତ ଜନଶୁଣାଣି ଶିବିରରେ ୩୫୫ ଅଭିଯୋଗ ପଞ୍ଜିକୃତ



**ବାଲିବନ୍ଧ, ୯।୭ (ସମିସ):** ଝୁମ୍ପୁରା ବ୍ଲକ ପରିସରରେ ମଙ୍ଗଳବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୨୨ଟି ପଞ୍ଚାୟତରୁ ମୋଟ ୩୫୫ଟି ଅଭିଯୋଗ ପଞ୍ଜିକୃତ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଝୁମ୍ପୁରା ପଞ୍ଚାୟତର ବଡ଼ବନ୍ଧର ଉନ୍ନତି କରଣ ଓ କେନାଲ ମରାମତି, ଝୁମ୍ପୁରା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ୬/୭ ବର୍ଷ ହେବ ଖାଲି ପଡ଼ିଥିବା ଶିଶୁ ରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ, ଦନ୍ତରୋଗ ବିଶେଷଜ୍ଞ ସହିତ ଆବଶ୍ୟକୀୟ ଥିବା ଷ୍ଟାଫ ଗୃହ, ଅଳିଆ ଆବର୍ଜନା ପକାଇବା ନିମନ୍ତେ ଜମି ଚିହ୍ନଟ, ରୁଷେଇ ଗ୍ୟାସ ବିତରଣ କେନ୍ଦ୍ର, ବିଷ୍ଣୁପୁର ଗ୍ରାମକୁ ଯିବାଆସିବା ନିମନ୍ତେ ଅଣ୍ଡରପାସ ଆଦି ସମସ୍ୟା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହା ବ୍ୟତୀତ ନାରଦପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଚାଷୀମାନେ ଚେକ୍‌ଡ୍ୟାମ ନିର୍ମାଣ ସହିତ ବିଭିନ୍ନ ପଞ୍ଚାୟତର ବିଦ୍ୟୁତ, ପାନୀୟଜଳ, ରାସନ କାର୍ଡ, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଆଦି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ପ୍ରାଥମିକତା ଭିତ୍ତିରେ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ନଅ ଜଣ ଭିନ୍ନକ୍ଷମ ଭାଇ, ଭଉଣୀମାନଙ୍କୁ ବ୍ୟାଟେରୀ ଚଳିତ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଏହି ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ବିଶାଲ ସିଂ, ପ୍ରବେଶନ ଆଇଏଏସ ଲକ୍ଷ୍ମୀ ଅଗ୍ରୱାଲ, (ପ୍ରବେଶନ) ଆଇଏଫ୍‌ଏସ କେ. ନାଗରାଜୁ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ଆଡିସନାଲ ଏସ୍‌ପି ଆଟକୁର କୁଜୁର, ସ୍ଥାନୀୟ ତହସିଲଦାର ରୋହିତ ବାଗ, ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହଁସଦା, ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ବ୍ୟତୀତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ।

# ଏବେ ବି ମେଲେରିଆ ଡର



**କେନ୍ଦୁଝର, ୯।୭ (ସମିସ):** କେନ୍ଦୁଝର ହିଲ୍ଲା ମେଲେରିଆ ପ୍ରବଣ ଜିଲ୍ଲା ଭାବେ ଜଣା। ଏକଦା କେନ୍ଦୁଝର।ରା ଭାରତରେ ୧ ନମ୍ବର ମେଲେରିଆ ପ୍ରବଣ ଜିଲ୍ଲାରେ ପରିଗଣିତ ହୋଇଥିଲା। ସରକାରଙ୍କ ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗର ପରିଶ୍ରମ କାରଣରୁ ଜିଲ୍ଲାରୁ ମେଲେରିଆ ଦୂରେଇ ଚାଲିଛି। କିନ୍ତୁ ମେଲେରିଆ ମୂଳପୋଛ ହୋଇପାରିନାହିଁ। ଏବେ ମଶାବଂଶ ବୃଦ୍ଧି ହୋଇଚାଲିଥିବା ବେଳେ ବିଗତ ୨/୩ ବର୍ଷ ହେଲା ମଶା ମରା ଔଷଧ ସିଞ୍ଚନ ହୋଇନାହିଁ କିମ୍ବା ଔଷଧବୋଳା ମଶାରି ମଧ୍ୟ ବଣ୍ଟନ ହୋଇନାହିଁ।

ମେଲେରିଆ ନିରାକରଣ ନିମନ୍ତେ ଜିଲ୍ଲାରେ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ ହେଉଛି। ବ୍ୟାପକ ଜନସଚେତନତା, ଏଏନ୍‌ଏମ୍ ସେଣ୍ଟରରୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମେଲେରିଆ ଔଷଧର ଉପଲବ୍ଧି, ଔଷଧ ବୋଳା ମଶାରି ବଣ୍ଟନ, ଠିକଣା ସମୟରେ ଔଷଧ ଖାଇବା କାରଣରୁ ମୋଲେରିଆ ରୋଗୀ ଓ ମୃତକଙ୍କ ସଂଖ୍ୟା ହ୍ରାସ ପାଇଛି। ମାତ୍ର ମଶାବଂଶ ବୃଦ୍ଧି ହେଉଥିବାରୁ ମଶାରି ବଣ୍ଟନ, ଔଷଧ ସିଞ୍ଚନର ଆବଶ୍ୟକତା ଅନୁଭବ ହେଲାଣି। ୨୦୨୦ରେ ଜିଲ୍ଲାରେ ୧୧ ଲକ୍ଷ ୨୬ ହଜାର ୬୧୬ ଔଷଧବୋଳା ମଶାରି ବଣ୍ଟନ ହୋଇଥିଲା। ଯାହାକି ଲୋକଙ୍କର ବହୁତ କାମରେ ଆସିଥିଲା। ଲୋକେ ମଶା ଦାଉରୁ ରକ୍ଷା ପାଉଛନ୍ତି। ସେଗୁଡିକ ନଷ୍ଟହେଲାଣି। ନୂତନ ଔଷଧ ବୋଳା ମାଶାରିର ଆବଶ୍ୟକତା ପଡୁଛି। ତଥ୍ୟ ଅନୁସାରେ ୨୦୧୧ ମସିହା ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ୧୩ ବର୍ଷ ମଧ୍ୟରେ ଜିଲ୍ଲାର ୫୦ ଲକ୍ଷ ୯୩ ହଜାର ୯୧୫ ଜଣଙ୍କର ମେଲେରିଆ ପରୀକ୍ଷା ହୋଇଥିଲା। ୨୦୨୦ରେ ମାତ୍ର ୨୬୪ ଜଣ, ୨୦୨୧ରେ ୧୩୭ ଜଣ ଏବଂ ୨୦୨୨ରେ ୧୫୧ ଜଣ ଏବଂ ୨୦୨୩ରେ ୨୬୫ ଜଣ ମେଲେରିଆରେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତ ୧୧ ବର୍ଷ ମଧ୍ୟରେ ଜିଲ୍ଲାର ୧୮୮୦୨ ଜଣ ମାରାତ୍ମକ ମେଲେରିଆ ପିଭିରେ ଏବଂ ୧,୭୧,୩୩୯ ଜଣ ପିଏଫ୍‌ରେ ଆକ୍ରାନ୍ତ ହୋଇଥିଲେ। ୨୦୨୦ରୁ ୨୦୨୨ରେ ତିନି ବର୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିଲା। ମାତ୍ର ୨୦୨୩ରେ ଆକ୍ରାନ୍ତଙ୍କ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ହୋଇଛି। ୨୦୨୩ ବର୍ଷରେ ୬,୦୦,୪୮୮ ଜଣଙ୍କର ରକ୍ତ ନମୂନା ପରୀକ୍ଷା ହୋଇଥିଲା। ଯାହାକି ବିଗତ ୧୦ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ରକ୍ତ ନମୂନା ପରୀକ୍ଷା ବୋଲି ଜଣାପଡିଛି। ସୂଚନା ଅନୁସାରେ ୨୦୧୧ରେ ଜିଲ୍ଲାର ୩,୦୯,୯୫୦ ଜଣଙ୍କର ରକ୍ତ ପରୀକ୍ଷାରୁ ୨୦,୨୦୨ ମେଲେରିଆ ପଜିଟିଭ ଚିହ୍ନଟ ହୋଇଥିଲେ ଏବଂ ୨ ଜଣ ବ୍ୟକ୍ତିଙ୍କର ମେଲେରିଆରେ ମୃତ୍ୟୁ ହୋଇଥିଲା। ୨୦୧୨ରେ ୨,୭୯,୮୭୬ଙ୍କର ରକ୍ତ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୧,୦୭୭ ଜଣ ମେଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ଓ ଏଥିରୁ ୩ଜଣ ମୃତ୍ୟୁବରଣ କରିଥିଲେ। ୨୦୧୩ରେ ୩,୧୪,୧୯୩ ଜଣଙ୍କର ରକ୍ତ ପରୀକ୍ଷାରୁ ୧୭,୧୩୪ ଜଣ ମେଲେରିଆ ପଜିଟିଭ ଜଣାପଡିଥିଲା। ସେଥିରୁ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୪ରେ ୩,୫୪,୦୪୦ ଜଣଙ୍କର ପରୀକ୍ଷାରେ ୨୭,୮୨୨ ଜଣ ଚିହ୍ନଟ ହୋଇଥିଲେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୫ରେ ୩,୩୬,୨୩୫ ରକ୍ତ ପରୀକ୍ଷାରୁ ୨୮୧୫୮ ଜଣ ଚିହ୍ନଟ ହୋଇଥିଲେ; ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ରେ ୩,୮୬,୬୦୦ ଜଣଙ୍କ ରକ୍ତ ପରୀକ୍ଷାରୁ ୩୭,୯୯୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ; ୫ ଜଣଙ୍କର ମୃତ୍ୟୁ ରେକର୍ଡ ହୋଇଥିଲା। ୨୦୧୭ରେ ଜିଲ୍ଲାର ୩,୪୭,୦୫୨ ଜଣଙ୍କର ରକ୍ତପରୀକ୍ଷା ହୋଇଥିଲା। ଏଥିରୁ ୩୩,୯୧୮ ଜଣ ମେଲେରିଆ ପଜିଟିଭ୍ ଚିହ୍ନଟ ହୋଇ ୩ ଜଣ ମୃତ୍ୟୁ ହୋଇଥିଲା। ୨୦୧୮ରୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସପାଇଛି। ସେବର୍ଷ ୩,୩୯,୪୪୫ ଜଣଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ୨୮୫୦ ଜଣଙ୍କର ମେଲେରିଆ ଚିହ୍ନଟ ହୋଇଥିଲା। ୨୦୧୯ରେ ସର୍ବାଧିକ ୪,୫୩,୮୪୫ ରକ୍ତ ପରୀକ୍ଷା ହୋଇଥିଲା ଏବଂ ୪୫୩ ଜଣ ଆକ୍ରାନ୍ତ ଚିହ୍ନଟରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ରେ ଜିଲ୍ଲାର ୪୧୯୦୩୦ ଜଣଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ସେଥିରୁ ୨୬୪ ଜଣ ମେଲେରିଆ ଚିହ୍ନଟ ହୋଇଥିଲେ।। ୨୦୨୧ରେ ୧୩୭ ଜଣ, ୨୦୨୨ରେ ୧୫୧ ଜଣଏବଂ ୨୦୨୩ରେ ୨୬୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ କିଛିବର୍ଷ ହେବ ମେଲେରିଆ ଜନିତ ମୃତ୍ୟୁ ହୋଇନଥିଲା। ମାତ୍ର ଆକ୍ରାନ୍ତଙ୍କ ସଂଖ୍ୟା ଏବେ ମଧ୍ୟ ଶୂନ୍ୟରେ ପହଞ୍ଚି ନାହିଁ। ତେଣୁ ସତର୍କତା ଜରୁରୀ ଥିବା ବେଳେ ଔଷଧ ସିଞ୍ଚନ, ମଶାରି ବଣ୍ଟନ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଜରୁରୀ ବୋଲି କୁହାଯାଉଛି।

> **ଜିଲ୍ଲାରେ ମୂଳପୋଛ ହୋଇନି**
> **ସିଞ୍ଚନ ହେଉନି ମଶାମରା ଔଷଧ**
> **ମିଳୁନି ଔଷଧବୋଳା ମଶାରି**

● ଭଣ୍ଡା ମାର୍କେଟ କମ୍ପ୍ଲେକ୍ସ

## ହସ୍ତାନ୍ତର ପୂର୍ବରୁ ଖସିଲା ପ୍ଲାଷ୍ଟର

**ଚମ୍ପୁଆ, ୯।୭ (ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତରେ ନିକଟରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ଛାତର ପ୍ଲାଷ୍ଟର ଖସୁଥିବା ନେଇ ଅଭିଯୋଗ ହୋଇଛି। ସାମାନ୍ୟ ବର୍ଷାରେ ନୂଆ ମାର୍କେଟ କମ୍ପ୍ଲେକ୍ସର ଏପରି ଦୟନୀୟ ସ୍ଥିତି ଏହାର ସ୍ଥାୟୀତ୍ୱ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ୨୦୨୩/୨୪ ଆର୍ଥିକ ବର୍ଷରେ ପଞ୍ଚାୟତ ତରଫରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭଣ୍ଡାରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। କାର୍ଯ୍ୟାଦେଶ ପାଇଥିବା ଠିକାଦାର ଯୁଗଳ କିଶୋର ମହାନ୍ତ ଏହି ନିକଟରେ ବିଲ୍ଡିଂ କାମ ସାରିଥିଲେ। କିନ୍ତୁ ଦୁଃଖର ବିଷୟ କମ୍ପ୍ଲେକ୍ସ ହସ୍ତାନ୍ତର ପୂର୍ବରୁ ଛାତରୁ ପ୍ଲାଷ୍ଟର ଖସିବା ଆରମ୍ଭ କଲାଣି। ଏପରିକି ରୁମ ଭିତରେ ଅନେକ ଯାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। କନିଷ୍ଠ



ଯନ୍ତ୍ରୀଙ୍କ ତଦାରଖ ଅଭାବ ଏବଂ ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି କମ୍ପ୍ଲେକ୍ସ ନିର୍ମାଣରେ ଅନେକ ଅନିୟମିତତାର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ପଞ୍ଚାୟତର ଉନ୍ନୟନ କାମରେ ସରପଞ୍ଚଙ୍କୁ ଅଣଦେଖା କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଜେଇ କର୍ତ୍ତିକେଶ୍ୱର ନାଏକଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ଉଠାଉ ନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଗ୍ରାମାଞ୍ଚଳର ବିକାଶରେ ଅନିୟମିତତା କରୁଥିବା ଏହି ଜେଇଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବଡ଼ପଦନା ବଜାରରେ ଜଳିଲା ଷ୍ଟ୍ରିଟ୍‌ଲାଇଟ୍




**ରାମଚନ୍ଦ୍ରପୁର, ୯।୭ (ସମିସ):** ୨୦ ନମ୍ବର ଜାତୀୟ ରାଜପଥ ବଡ଼ପଦନା ଛକରେ ଦୀର୍ଘ ଦିନର ପ୍ରତିକ୍ଷା ପରେ ଆଜି ଠାରୁ ଷ୍ଟ୍ରିଟ୍‌ଲାଇଟ ଜଳିଛି। ବଡ଼ପଦନା ବଜାର ରାମଚନ୍ଦ୍ରପୁର ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳି ହୋଇଥିବା ବେଳେ ସନ୍ଧ୍ୟା ସମୟରେ ବଜାର ଅନ୍ଧକା ହୋଇଯାଉଥିଲା। ଏଥି ନେଇ ଅନେକ ଥର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଦିଗରେ କେହି ପଦକ୍ଷେପ ଗ୍ରହଣ କରିନଥିଲେ। ଲୋକଙ୍କ ସମସ୍ୟାକୁ ନେଇ ଦୈନିକ ''ସକାଳ' ଖବର କାଗଜରେ ପ୍ରକାଶ ପାଇବା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବଡ଼ପଦନା ବଜାର ଏବଂ ରାମଚନ୍ଦ୍ରପୁର ଛକରେ ନୂତନ ଷ୍ଟ୍ରିଟ୍‌ଲାଇଟ ଲଗାଇବା ସହ ଆଜି କାର୍ଯ୍ୟକ୍ଷମ କରିଛନ୍ତି। ଦୀର୍ଘ ଦିନ ପରେ ବଜାର ଆଲୋକିତ ହୋଇଥିବାରୁ ମହାଲକ୍ଷ୍ମୀ ବଣିକ ସଂଘ ପକ୍ଷରୁ 'ସକାଳ' ଖବର କାଗଜ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମିଳୁନି କ୍ରୋମାଇଟ ପରିବହନର ସୁଯୋଗ



**ସୋସୋ, ୯।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣିରୁ ହାଟଡିହୀ ଜୋନର ଟ୍ରକ୍ ମାଲିକଙ୍କୁ କ୍ରୋମାଇଟ ପରିବହନ ପାଇଁ ସୁଯୋଗ ମିଳୁନଥିବାରୁ ଟ୍ରକ୍ ମାଲିକ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଟ୍ରକ୍‌ମାଲିକ ମାନେ ଛେନାପଦି ଛକଠାରେ ଏକ ବୈଠକ କରିଥିଲେ। ଟ୍ରକ୍ ମାଲିକଙ୍କ ଅଭିଯୋଗ ଅନୁଯାଇ ବଉଳା ଅଞ୍ଚଳର କିଛି ଟ୍ରକ୍ ମାଲିକ ସଂଘ ନାମରେ ମନଇଚ୍ଛା ୫ରୁ ୬ଟି ପଞ୍ଚାୟତର ଥିବା ଟ୍ରକ୍ ମାଲିକ ଓଏମ୍‌ସିରୁ କ୍ରୋମାଇଟ ପରିବହନ କରୁଛନ୍ତି। କିନ୍ତୁ ହାଟଡିହୀ ଅଞ୍ଚଳର ଟ୍ରକ୍‌ମାଲିକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଯାହାଦ୍ୱାରା ହାଟଡିହୀ ଅଞ୍ଚଳର ଟ୍ରକ୍ ମାଲିକମାନେ କ୍ଷତିଗ୍ରସ୍ତ ହେବା ସହ ମାନସିକ ଅଶାନ୍ତି ଭୋଗ କରୁଛନ୍ତି। ଏହାକୁ ନେଇ ହାଟଡିହୀ ଅଞ୍ଚଳର ଟ୍ରକ୍ ମାଲିକମାନେ ଛେନାପଦି ଛକରେ ଏକଜୁଟ ହୋଇ ଏହାର ପ୍ରତିବାଦ କରିବା ସହିତ ବଉଳା ଟ୍ରକ୍ ମାଲିକ ସଂଘର ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଯଦି କିଛି ପଦକ୍ଷେପ ନିଆନଯାଏ ତେବେ ଆସନ୍ତା ଦିନେ ୨ଦିନ ମଧ୍ୟରେ ଆନ୍ଦୋଳନ କରିବାକୁ ମାନସ ବିଶ୍ୱାଳ, ସୁଶାନ୍ତ ଓଝା, ଶିଶିର ବିଶ୍ୱାଳ, ସଦ୍ୟସ୍ନାନ ପଣ୍ଡା, ଭୈରବ ଭୋଳ, ସୌମ୍ୟ ପ୍ରକାଶ ପଣ୍ଡା, କିଷାନ ସାହୁ, ଅର୍ଜୁନ ବିଶ୍ୱାଳ, ସୁରେନ୍ଦ୍ରେ ବିଶ୍ୱାଳ, ଅଜିତ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ସା, ରବୀନ୍ଦ୍ର ସ୍ୱାଇଁ, ବିଜୟ କୁମାର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ସମ୍ପାଦକଙ୍କୁ ପଚାରିବାରୁ ଅଭିଯୋଗପତ୍ର ପାଇଛୁ। ଟ୍ରକ୍ ମାଲିକ ମାନଙ୍କ ସହିତ ଆଲୋଚନା ପରେ ଖୁବଶୀଘ୍ର ନିଷ୍ପତି ନିଆଯିବ ବୋଲି କହିଥିଲେ।

## ଜନଜାତି କୌଶଳ ପରିଯୋଜନା ଉଦ୍‌ଘାଟିତ

**ତେଲକୋଇ, ୯।୭ (ସମିସ):** ତେଲକୋଇ ବ୍ଲକ ପୁରୁଯୋଡା ଗାଁରେ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ସହାୟତାରେ ଜନଜାତି କୌଶଳ ବିକାଶ ପରିଯୋଜନା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି



ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାୟକ, ୧୯ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଛଇଳବାଳା ନାୟକ, ସ୍ଥାନୀୟ ସରପଞ୍ଚ କୁମୁଦିନୀ ନାୟକ ସାମିଲ ହୋଇଥିଲେ। ଏଥିରେ ନାବାର୍ଡର ୱାଡି ପ୍ରୋଜେକ୍ଟର ବିଷ୍ଣୁପ୍ରସାଦ ପଣ୍ଡା ଓ ପ୍ରଦ୍ୟୁମ୍ନ ସାହୁ ମଧ୍ୟ ଯୋଗଦେଇଥିବା ବେଳେ ଆସୋସିଏସନ ଫର ଡେଭଲପମେଣ୍ଟ ଇନସିଏଟିଭର ସଭାପତି ବିଭୂତି ଭୂଷଣ ତ୍ରିପାଠୀ ମଧ୍ୟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଯୋଜନାରେ ଲୋକେ କିଭଳି ଉନ୍ନତମାନର ମକା ଚାଷ କରି ଲାଭବାନ ହୋଇପାରିବେ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୱାଡି ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରକାରର ଜାତିଆ ଆମ୍ବ ଗଛ ଲଗାଯାଇ ଲୋକଙ୍କୁ ରୋଜଗାରକ୍ଷମ କରାଯିବା ଲକ୍ଷରେ ତିନୋଟି ଗାଁର ୫୦୦ ଏକର ଜମିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ସାଂସଦ ଓ ବିଧାୟକ ଚାରାରୋପଣ କରିଥିଲେ।

## ମରଚାଇ ପଦାରେ ଘୋଷଯାତ୍ରା ସମ୍ପୂର୍ଣ୍ଣ

**ସୋସୋ, ୯।୭ (ସମିସ):** ହାଟଡିହି ବ୍ଲକ ସୋସୋ ପଞ୍ଚାୟତ ମରଚାଇପଦା ଠାରେ ପତିତପାବନ ଜଗନ୍ନାଥ ମନ୍ଦିରରେ ପ୍ରଥମ ବର୍ଷର ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି। ସକାଳେ ପତିତପାବନ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ବେଶପୂଜା, ମଙ୍ଗଳାର୍ପଣ ପରେ ଛେରାପହଁରା କାର୍ଯ୍ୟ କରାଯାଇ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ସମାଜସେବୀ ହରମୋହନ ପଣ୍ଡା ଛେରାପହଁରା କାର୍ଯ୍ୟ କରିଥିଲେ। ପରେ ଶହଶହ ଭକ୍ତଙ୍କ ଗହଣରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭକ୍ତ ମୋହନ ତ୍ରିପାଠୀ, ପୃଥିରାଜ ପାଣିଗ୍ରାହୀ, ରାମଚନ୍ଦ୍ର ପଣ୍ଡା, ପ୍ରଶମଜିତ ପଣ୍ଡା, ଆଦର୍ଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ନିତିକାନ୍ତି ସମ୍ପୂର୍ଣ୍ଣ ହୋଇଥିଲା। ମରଚାଇପଦା, କାନପୁର, ନିଉଦାନି ଗ୍ରାମବାସୀଙ୍କ ସମେତ ପରିଚାଳନା କମିଟିର ସଭାପତି ଅଶୋକ ରାଉତଙ୍କ ତତ୍ତ୍ୱାବଧାନରେ ମରଚାଇପଦା ଜଗନ୍ନାଥ ମନ୍ଦିରରୁ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ କାନପୁର ମାଉସୀ ବାଡି ଠାରେ ରଥ ପହଞ୍ଚିଥିଲା।

**ସହର ମଝି ଗାନ୍ଧୀ ଛକରେ ମାଟି ଗଦା**

## ବିଳମ୍ବିତ ଡ୍ରେନ୍ କାମ; ଟ୍ରାଫିକ୍ ସମସ୍ୟା ଜଟିଳ



**କେନ୍ଦୁଝର, ୯।୭ (ସମିସ):** କେନ୍ଦୁଝର ସହରର ଜନସଂଖ୍ୟା ହୁ ହୁ ହୋଇ ବଢିଚାଲିଛି। ସେହି ଅନୁପାତରେ ଗାଡିମୋଟର ସଂଖ୍ୟା ଅନେକ ମାତ୍ରାରେ ବୃଦ୍ଧି ପାଉଛି। କେନ୍ଦୁଝର ସହର ମୁଖ୍ୟାଳୟ ହୋଇଥିବାରୁ କେନ୍ଦୁଝରକୁ ପ୍ରତ୍ୟେକ ଦିନ ବିଭିନ୍ନ କାମରେ ଶହ ଶହ ଲୋକ ଆସୁଛନ୍ତି। ଏଭଳି ପରିସ୍ଥିତିରେ ସହରର ଗାନ୍ଧୀ ଛକରେ ଚାଲିଥିବା ଡ୍ରେନ ନିର୍ମାଣ କାମ ପାଇଁ ଟ୍ରାଫିକ ସମସ୍ୟା ଆହୁରି ଜଟିଳ ହେଉଛି। ଗତ ଦୁଇତିନିମାସ ହେବ ଛକ ଉପରେ ଡ୍ରେନ ନିର୍ମାଣ କାମ ଚାଲିଛି। କିନ୍ତୁ ସରୁନାହିଁ। ଛକ ଉପରେ ଡ୍ରେନ ନିର୍ମାଣ ନାଁରେ ବିଳମ୍ବିତ କାମ ପାଇଁ ପ୍ରତ୍ୟେକ ଦିନ ଏଠାରେ ଘଣ୍ଟାଘଣ୍ଟା ଟ୍ରାଫିକ ଜାମ ରହୁଛି। ବର୍ଷା ଋତୁ ପୂର୍ବରୁ ଡ୍ରେନ ନିର୍ମାଣ ନକରି ବର୍ଷା ଆସିବା ପରେ କାମହେବା ବିଭାଗୀୟ ଅବହେଳାର ଚରମ ନିଦର୍ଶନ ହୋଇଛି। ଆଗରୁ କିଛିଦିନ ପୂର୍ବରୁ ତିଆରି ଡ୍ରେନ୍ ମୁକୁଳା ହୋଇ ପଡ଼ିଛି। ତାର ସୁରକ୍ଷା କିଛି ନାହିଁ। ଛକ ଉପରେ ଏଭଳି ମୁକୁଳା ଡ୍ରେନ ଦୁର୍ଘଟଣାର କାରଣ ହୋଇପାରେ। ଏତଦ ବ୍ୟତୀତ ବର୍ତ୍ତମାନ ତିଆରି ଚାଲିଥିବା ଡ୍ରେନ୍ କାମ ଯେଉଁଳି ଢଙ୍ଗରେ ଚାଲିଛି କାମ ସାରିବାକୁ ଆହୁରି ଅନେକଦିନ ଲାଗିବ। ଗାନ୍ଧୀ ଛକଭଳି ଗୁରୁତ୍ୱପୂର୍ଣ୍ଣ ଛକରେ ବିଳମ୍ବିତ କାମ ସହରରେ ଯାତାୟତ କରୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବର୍ତ୍ତମାନ ଛକରେ ପାହାଡ଼ ଭଳି ମାଟି ଜମା ହୋଇଥିବା ବେଳେ ବର୍ଷା ହେଲେ ପାଣି କାଦୁଅରେ ରାସ୍ତା ଖସଡ଼ା ହୋଇ ବାଇକ ଆରୋହୀ, ସାଇକଲ ଆରୋହୀ, ବାଟୋଇଙ୍କ ପାଇଁ ଦୁର୍ଘଟଣାକୁ ଆମନ୍ତ୍ରଣ କରିବା ଭଳି ହେବ। ଛକ ମଝିରେ ଡ୍ରେନ କାମ ଚାଲୁଥିବାରୁ ଟ୍ରାଫିକ ଗୋଟିଏ ପାଶ୍ୱର୍ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଟ୍ରାଫିକ କର୍ମଚାରୀମାନେ ମଧ୍ୟ ଆସୁବିଧା ଭୋଗୁଛନ୍ତି। ଜିଲ୍ଲା ପ୍ରସାଶନ ଏଦିଗରେ ଧ୍ୟାନ ଦେଇ ସେଠାରେ ଚାଲୁଥିବା କାମକୁ ତ୍ୱରାନ୍ୱିତ କରିବା ସହିତ ରାତ୍ରି ସମୟରେ ମଧ୍ୟ କାମକଲେ ଡ୍ରେନ୍ କାମ ଶୀଘ୍ର ସମାପ୍ତ ହୋଇ ଟ୍ରାଫିକ ସମସ୍ୟାରେ ସୁଧାର ଆସନ୍ତା ବୋଲି ମତ ପୋଷଣ ହେଉଛି।

## ଚୋରି ରୋକିବାରେ ପୁଲିସ୍ ବିଫଳ

**ସୋସୋ, ୯।୭ (ସମିସ):** ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଞ୍ଚଳର ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ବିଫଳ ହେବା ସହିତ ଅସହାୟ ହୋଇପଡିଛି। ଗତ ୬ ତାରିଖ ରାତିରେ ହାଟଡିହୀ ଗ୍ରାମର ଯତିନ୍ଦ୍ର କୁମାର ବୈଠାଙ୍କ ଘରୁ ଗ୍ରୀଲ ଭାଙ୍ଗି ସୁନାରୁପା ଓ ନଗଦ ଟଙ୍କା ଆନୁମାନିକ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଚୋରି କରି ନେଇଥିଲେ ମଧ୍ୟ ପୁଲିସ ସୁରାକ ପାଇପାରୁନାହିଁ। କିନ୍ତୁ ପୁଲିସ ସୁନା ରୁପାର ବିଲ୍ ଆଣିକି ଦିଅ ଇତ୍ୟାଦି ନାମରେ ସମୟ ଗଡ଼ାଉଥିବାବେଳେ ଦୁର୍ବୃତ୍ତଙ୍କୁ ଧରିବାକୁ ସକ୍ରିୟ ହେଉନାହି। ଚୋରି ହେଉଥିବା ବ୍ୟକ୍ତି ୩ରୁ ୪ଥର ଥାନାକୁ ଦୌଡି ନୟାନ୍ତ ହେବା ପରେ ସେ ଚୁପ୍ ହୋଇଗଲେ ପୁଲିସ କେସ୍ ପ୍ରତି ଗୁରୁତ୍ୱ ଦେଉନାହିଁ। ଯାହାକି ପୁଲିସର କାର୍ଯ୍ୟକଳାପ ଉପରେ ସାଧାରଣ ଲୋକଙ୍କର ଭରସା ତୁଟି ଯିବା ସହ ଧନଜୀବନ ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ବାଲି ମାଫିଆଙ୍କ ବାଲି ଗାଡି କିଭଳି ଠିକ୍‌ରେ ଚାଲିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ସ୍ଥାନରେ ଲଘୁ ସାମଗ୍ରୀ ଚୋରା ଚାଲାଣ ରୋକ୍ ଲଗାଇବାରେ କାହଳ ମନ ଭାବ ରଖିଥିବା ଆଲୋଚିତ ହେଉଛି। କିଛି ଦିନ ମଧ୍ୟରେ ଛେନାପଦି ଛକର ଜନସନ ସା(ବିପିନି)ଙ୍କ ଘରୁ ଝରକା ଗ୍ରୀଲ କାଟି ଚୋରି କରାଯାଇଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷା ଉଷାରାଣି ଦାସଙ୍କ ଘରୁ ମଧ୍ୟ ଚୋରି ହୋଇଥିଲା। ଏହିପରି ବିଭିନ୍ନ ସମୟରେ ଚୋରି ହେଉଥିଲେ ମଧ୍ୟ ପୁଲିସ ସୁରାକ ପାଇବାରେ ଫେଲ ମାରିଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ଯଦି ପୁଲିସ ଏଥିପ୍ରତି ଦୃଷ୍ଟି ନଦିଅନ୍ତି ତେବେ ବଡ ବଡ ଚୋରି ଓ ଅଘଟଣକୁ କିଭଳି ନିୟନ୍ତ୍ରଣ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି।

## ଚାଷୀଙ୍କୁ ଧାନ ବିହନ ବଣ୍ଟନ



**ଜାରକା, ୯।୭ (ସମିସ):** ଧର୍ମଶାଳା ବ୍ଲକ ସୁଦୁରିଆ ପଞ୍ଚାୟତରେ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରାଯାଇଛି। ଧର୍ମଶାଳା ଗୋଷ୍ଠୀ କୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିହନ ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରିଥିଲେ। ସରକାରଙ୍କ କୃଷକଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହି ଯୋଜନା କିଭଳି ତଳସ୍ତରରେ ଚାଷୀଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଦୁରିଆ ସରପଞ୍ଚ ନିର୍ମଳ ଦାସ, ସମିତିସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୀବନାନନ୍ଦ ପରିଡ଼ା, କୃଷି ଅଧିକାରୀ ଆଶିଷ କୁମାର ବେହେରା, କୃଷି ସହାୟକ କୃପାସିନ୍ଧୁ ମହାରଣା, ସଞ୍ଜୟ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା




**ଯାଜପୁର ଟାଉନ, ୯।୭ (ସମିସ):** ଦଶରଥପୁର ବ୍ଲକ ଅଧୀନ ଚିତାଲୋ ପଞ୍ଚାୟତସ୍ଥ ଝାଡ଼ଙ୍ଗାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଧୁଚରଣ ଧଳଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଲେଖକ ରବି ଶତପଥୀ, ଶିକ୍ଷକ ମହାସଂଘ ସଭାପତି ଧନଞ୍ଜୟ କେଶରୀ ରାଉତରା, ବିରଜା ସେବା ସମିତି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ ଓ ଦିଲ୍ଲୀପ ମହାନ୍ତି, ଦୁଃଶାସନ ଘଡ଼ାଇ, ଅବସରପ୍ରାପ୍ତ ଅଧ୍ୟକ୍ଷ ନଟବର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ, ନିରଞ୍ଜନ ସାହୁ, ମାନସ ନଳିନୀ, ବିରଜା ନାୟକ, ରଘୁନାଥ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇ ସାଧୁବାବୁ ଜଣେ ମିଷ୍ଟଭାଷୀ, କର୍ମନିଷ୍ଠ, ଉତ୍ତମ ଶିକ୍ଷକ ଓ ଏକାଧାରରେ ଜଣେ ସମାଜସେବୀ, ସଂସ୍କୃତିପ୍ରେମୀ, ନାଟ୍ୟ ନିର୍ଦ୍ଦେଶକ ଥିବା କହିଥିଲେ। ଝିଅ ସତ୍ୟଭାମା ଧଳ, ସାବିତ୍ରୀ ଧଳ, ଦେବବାଳା ଧଳ, ସୁମନ ଧଳ ଓ ପୁତ୍ର ଅମ୍ବିକାପ୍ରସାଦ ଧଳ, ରଘୁନାଥ ଧଳ, କିଶୋର କୁମାର ଧଳ, ପ୍ରଦୀପ କୁମାର ଧଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣି ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ



**କାଳିଆପାଣି, ୯।୭ (ସମିସ):** ଆଜି ଖଣି ଅଞ୍ଚଳ ଗସ୍ତ କରିଛନ୍ତି ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଟାଟା କଲୋନୀ ପରିସରରେ ଥିବା ମାଉସୀ ମା' ମନ୍ଦିରରେ ସେ ଖଣି ଅଞ୍ଚଳବାସୀଙ୍କ ସହିତ ବସି ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ନିକଟସ୍ଥ ଶ୍ରମଶକ୍ତି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଏହାପରେ ମନ୍ତ୍ରୀ କାଳିଆପାଣିସ୍ଥିତ ଇମ୍ପା କମ୍ପାନୀର ଖଣି ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ। ଖବର ମୁତାବକ ଶ୍ରମିକମାନଙ୍କ ବହୁଦିନର ଦୈନିକ ମଜୁରୀ ସମ୍ବନ୍ଧୀୟ ବକେୟା ପାଉଣା ବିଷୟରେ ଆଲୋଚନା ହୋଇଥିଲା। ଇମ୍ପାର ପ୍ରମୁଖ ଅଧିକାରୀମାନଙ୍କ ସହିତ ମଧ୍ୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କୁ ଖଣି ଅଞ୍ଚଳବାସୀଙ୍କ ପକ୍ଷରୁ କିଛି ମୌଖିକ ଦାବି ରଖାଯାଇଥିଲା ଏବଂ ସେ ଉକ୍ତ ଦାବିଗୁଡିକ ବିଷୟରେ ବିଚାର କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଦୁର୍ଘଟଣାରେ ହାଇୱା ଚାଳକ ମୃତ

**ବାଲିଚନ୍ଦ୍ରପୁର, ୯।୭ (ସମିସ):** ଆଜି ଏକ ସଡକ ଦୁର୍ଘଟଣାରେ ହାଇୱା ଗାଡି ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ ଦଡିପୁଗଡ଼ ଅଞ୍ଚଳର ବିକାଶ ସିଂହ (୪୦)। ଆଜି ଅପରାହ୍ନରେ ବିକାଶ ସିଂହ ଏକ ହାଇୱା ଗାଡି (ଓଡ଼ି ୦୨ବି ଏକ୍ସ-୭୬୮୭ଲ) ନେଇ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀ ଛକ ନିକଟରେ ଠିଆ ହୋଇଥିବା ଅନ୍ୟ ଏକ ହାଇୱା ଗାଡି ପଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଗାଡି ଭିତରେ ଚାପି ହୋଇ ବିକାଶଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଖବର ପାଇ ବାଲିଚନ୍ଦ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରୁ ଚାଳକଙ୍କ ମୃତଦେହ ବାହାର କରି ବଡ଼ଚଣା ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇବା ସହିତ ମୃତ ଚାଳକଙ୍କ ପରିବାରକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିବା ଥାନା ସୂତ୍ରରୁ ପ୍ରକାଶ।

### ଅବହେଳିତ ସିନା ଦାସ ମଠ

# ମନ୍ଦିର ଅସମ୍ପୂର୍ଣ୍ଣ; ନାହିଁ ଭଲ ରାସ୍ତା





**ମଇଁଦା, ୯।୭ (ସମିସ)**

ବିଂଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତର ସିନା ଦାସ ମଠ ଐତିହ୍ୟ ବହନ କରେ। ଏହା ଏବେ ଅବହେଳିତ। ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଠ ମନ୍ଦିରର ଉନ୍ନତି କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ସିନା ମଠର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ମନ୍ଦିର ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ଭଲ ରାସ୍ତା ନାହିଁ। ସରକାର ଏହି ମଠର ଉନ୍ନତିକରଣ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

ଉକ୍ତ ମଠ ମହନ୍ତ ନାରାୟଣ ଦାସଙ୍କ କହିବାନୁଯାୟୀ, ସିନା ଦାସ ନାମକ ଜଣେ ସାଧୁ (ସେତେବେଳର ମହନ୍ତ) କପିଳା ଗ୍ରାମକୁ ପରିଭ୍ରମଣରେ ଆସିଥିଲେ। ସେ ସମୟରେ ଲୋକଙ୍କ ମଧ୍ୟରେ ଧାର୍ମିକ ଭାବନା ଜାଗ୍ରତ ପାଇଁ ଶୂନଶାନ ସ୍ଥାନ ଆବଶ୍ୟକ ଭାବି ଏହି ସ୍ଥାନରେ ଏକ କୁଡ଼ିଆ ନିର୍ମାଣ କରିଥିଲେ। ସିନା ଦାସ ଚୈତନ୍ୟ ମହାପ୍ରଭୁ ଓ ମଦନମୋହନଙ୍କ ପରମ ଭକ୍ତ ଥିଲେ। ଚୈତନ୍ୟ ଦେବଙ୍କ ପ୍ରଚାର ଓ ପ୍ରସାର ପାଇଁ ସେ ଏଠାରେ ରହିଥିଲେ। ଯାହାର ନାମ ସିନାଦାସ ମଠ ରଖାଯାଇଥିଲା। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଏହି ମଠକୁ ଯାଇ ଭଜନ କୀର୍ତ୍ତନ କରିଥା'ନ୍ତି। ସେଠାରେ ଏକ ଚାଳଘର ନିର୍ମାଣ କରାଯାଇ ଚୈତନ୍ୟ ଦେବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା କରାଗଲା। ଭକ୍ତ ଓ ଭଗବାନ ମଧ୍ୟରେ ଧାର୍ମିକ ଭାବନା ସୃଷ୍ଟି ହୋଇଥିଲା। ସିନାଦାସ ମହନ୍ତଙ୍କ ଦେହ ତ୍ୟାଗ ପରେ ତାଙ୍କ ଚେଲା କେଶବ ଦାସ ମଠର ଭାର କାନ୍ଧକୁ ନେଲେ। ସେତେବେଳେ ଆୟ କମ୍ ଥିବାରୁ ମଠ ଚଳାଇବା କଷ୍ଟକର ହୋଇପଡ଼ିଲା। ସେ ବରପଦାର ଜମିଦାର, କପିଳାର ଚୌଧୁରୀ, ମାନଧାତାପାଟଣାର ସାଆନ୍ତରାଙ୍କୁ ମଠ ଚଳାଇବା ପାଇଁ ନିବେଦନ କରିଥିଲେ। ମଠ ଚଳାଇବା ପାଇଁ ୧୨ ମାଣ ସମ୍ପତ୍ତି ତାଙ୍କୁ ଦାନ ଆକାରରେ ମିଳିଥିଲା। ଏହି ସମ୍ପତ୍ତିରୁ ଯାହା ଆୟ ହୁଏ ଠାକୁରଙ୍କ ବାଲ୍ୟ ଭୋଗ, ଅନ୍ନପ୍ରସାଦ ଓ ସନ୍ଧ୍ୟା ଧୂପ ହୁଏ। ତାଙ୍କ ଦେହାନ୍ତ ପରେ ମହନ୍ତ ସଦାନନ୍ଦ ଦାସ ମଠ ପରିଚାଳନାର ଦାୟିତ୍ୱ ବହନ କଲେ। ଏହି ସମୟରେ ମନ୍ଦିର ତିଆରି ହୋଇଥିଲା ସତ ଗର୍ଭ ଗୃହରେ ବିଗ୍ରହ ସ୍ଥାପନ ହୋଇପାରିଲାନାହିଁ। ଧିରେ ଧିରେ ଭକ୍ତ ବିଗ୍ରହଙ୍କ ସେବା କରିବା ଓ ସାନିଧ୍ୟ ପାଇଁ ଏଠାରେ ରହିବାକୁ ଲାଗିଲେ। ତାଙ୍କ ଦେହାନ୍ତ ପରେ ବର୍ତ୍ତମାନ ନାରାୟଣ ଦାସ ଏବେ ମନ୍ଦିର ପରିଚାଳନା ଦାୟିତ୍ୱରେ ଅଛନ୍ତି।

ସେ କୁହନ୍ତି ବରପଦାର ପ୍ରଭୁଙ୍କ ଭକ୍ତ ସଞ୍ଜୟ ମହାନ୍ତି କିଛି ଦାନ କରିବା ଦ୍ୱାରା ମନ୍ଦିର କାମ ଟିକେ ଆଗେଇଛି। ଅର୍ଥ ଅଭାବରୁ ଠିକ୍ ଭାବେ ନୀତି ହୋଇପାରୁନାହିଁ। ଠାକୁରଙ୍କ ପାଇଁ ଯେଉଁ ସମ୍ପତ୍ତି ମିଳିଥିଲା, ସେ ବର୍ତ୍ତମାନ ଲୁଣି ମାରିଗଲାଣି। ଫସଲ ଆଗ ଭଳି ହେଉନାହିଁ। ମୁଁ ଯାହା ଭିକ୍ଷା କରି ଆଣେ ସେଥିରେ ମନ୍ଦିର ଚାଲୁଛି। ସେତେବେଳ ସମୟରେ ଗମନାଗମନର ସୁବିଧା ନ ଥିଲା। କାଳକ୍ରମେ ସମୟ ବଦଳିବା ସହିତ ଗମନାଗମନ ସୁବିଧା କରାଗଲା। ଏହି ମଠକୁ ଖଣ୍ଡିଏ ପାଦଚଲା ରାସ୍ତା ହୋଇପାରିଲାନାହିଁ। ବର୍ଷାଋତୁରେ ହୁଲି ଡଙ୍ଗା ଓ ତାଲୁଆ ସାହା ଭରସା। ବର୍ତ୍ତମାନ ଏଠାରେ ୧୩ ଘରର ୭୦ ଜଣରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବର୍ଷାଋତୁରେ ପିଲାମାନେ ବିଦ୍ୟାଳୟକୁ ଯାତାୟାତ କରିପାରନ୍ତିନାହିଁ। ଯଦି କାହାର ଦେହ ଖରାପ ହେଲା, ତେବେ ଦୁଃଖ ନ କହିବା ଭଲ। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଧାୟକଙ୍କ ମତଦାନ ଅଭିନନ୍ଦନ ଯାତ୍ରା




**ପାଣିକୋଇଲି, ୯।୭ (ସମିସ)**

କୋରେଇ ବିଧାୟକ ଆକାଶ ଦାସନାୟକ ଆଜି ପଥରପଦା, କରଦା ଓ ମୂଳାପାଳ ପଞ୍ଚାୟତରେ ମତଦାତା ଅଭିନନ୍ଦନ ଯାତ୍ରା କରିଛନ୍ତି। ମୂଳାପାଳ ପଞ୍ଚାୟତର ଧନତ୍ରୀ ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ପରେ ଅଭିନନ୍ଦନ ଯାତ୍ରା ଆରମ୍ଭ କରାଯାଇଥିଲା। ସେହିପରି କରଦା କଲ୍ୟାଣ ମଣ୍ଡପରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରାଯାଇଥିଲା। ସତିପୁରଠାରୁ ଏକ ବାଇକ ଶୋଭାଯାତ୍ରା ବିଧାୟକ ଶ୍ରୀ ଦାସନାୟକଙ୍କୁ କର୍ମୀ ପାଛୋଟି ଆଣିଥିଲେ।

ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ପ୍ରକାଶ ଧଳ, ପ୍ରମୋଦ ସାହୁ, ପ୍ରିୟବ୍ରତ ସାହୁ, ଆଲୋକ ଦାଶ, ଜହର ଅଲ୍ଲୀ, ଦୀପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ଅଶୋକ କୁମାର ବାରିକ, ପଦ୍ମଲୋଚନ ମଲିକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। କରଦା କଲ୍ୟାଣ ମଣ୍ଡପରେ କାର୍ତ୍ତିକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଟକୃଷ୍ଣ ସାମନ୍ତରା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିବାବେଳେ ଅରୁଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅରୁଣ ଦଳାଇ, ଭାସ୍କର ସାହୁ, ରସାନନ୍ଦ ନାୟକ, ପଦ୍ମନାଭ ଓଝା, ବିଜୟ ସେନାପତି, ଶରତ ସେନାପତି, ସୁଦାମ ସାହୁ, ନବଘନ ନାୟକ, ଶ୍ୟାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପଥରପଦା ପଞ୍ଚାୟତର ପଥରପଦା, ନୂଆଗାଁ ଓ ଓଚିନ୍ଦାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରାଯାଇଥିଲା। ଓଚିନ୍ଦାରେ ହନୁମାନ ପୀଠ ଓ ଗୋପିନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଦୋଳଗୋବିନ୍ଦ ସେଠୀଙ୍କ ପରିଚାଳନାରେ ବିଧାୟକଙ୍କ ସମେତ ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ରଘୁନାଥ ପାଢ଼ୀ, ମୋହନ ଚରଣ ପାଢ଼ୀ, ନିରଞ୍ଜନ ମହାରଣା, ଜଗତମୋହନ ଦାସ, ମନ୍ମଥ ଭାରତୀ, ହରିହର ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କଳିଙ୍ଗନଗରରେ ଇଡ୍‌କୋର ଜମି ଅଧିଗ୍ରହଣକୁ ବିରୋଧ

## ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ପକ୍ଷରୁ ତହସିଲ ଘେରଉ




**ଦାନଗଦି, ୯।୭ (ସମିସ):** ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଚାଷୀ ଆଜି ଦାନଗଦୀ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଳିଙ୍ଗନଗରରେ ବେ-ବନ୍ଦୋବସ୍ତ ହୋଇ ପଡ଼ି ରହିଥିବା ୨୯ଟି ମୌଜାରେ ଜମି ଅଧିଗ୍ରହଣ ବନ୍ଦ କରିବା ସହିତ ଏଠାରୁ ଇଡ୍‌କୋ ହଟିବା ପାଇଁ ଦାବି କରାଯାଇଛି। ଆଜି ଏକକାଳୀନ ଯାଜପୁର ରୋଡ ସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ, ଦାନଗଦୀ ଓ ସୁକିନ୍ଦା ତହସିଲଦାରଙ୍କ ଅଫିସଠାରେ ନାରାବାଜି କରିବା ସହିତ ପ୍ରଥପ୍ରାନ୍ତ ସଭା କରିଥିଲେ। ଆବାହକ ବିଶ୍ୱରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଘେରଉ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣଲତା ବାନାରା, ଉପସଭାପତି କ୍ଷୀରୋଦ ଜେନା, ରବିନାରାୟଣ ଧୀର ସାମନ୍ତ, ସହସମ୍ପାଦକ ବିଶ୍ୱକେତନ ମଙ୍ଗରାଜ, ପରାମର୍ଶ ଦାତା ସୁଧାଂଶୁ ଦେଓ ଓ ପୁରୁଷୋତମ ବେହେରାଙ୍କ ନେତୃତ୍ୱରେ ଚାଷୀନେତା ଟିକନ ମୁଣ୍ଡା, ପୁରୁଷୋତମ ମୁଣ୍ଡା, ଶ୍ୟାମ ସୁନ୍ଦର ପୂର୍ତ୍ତି, ଜାମ୍ବିରା ପୂର୍ତ୍ତି, କପମୁଦିନି ବଦ୍ରାଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ। ୯୮ ବର୍ଷ ଧରି ୨୯ ମୌଜାର ବନ୍ଦୋବସ୍ତକୁ ବନ୍ଦ ରଖି ଜମିଗୁଡିକୁ ବେସରକାରୀ ସଂସ୍ଥାମାନଙ୍କୁ ଶାଗମାଛ ମୂଲ୍ୟରେ ଜିଲ୍ଲା ପ୍ରଶାସନ ଦେଇ ଦେଉଥିବାରୁ ଅଞ୍ଚଳରେ ଚାଷୀକୂଳ ବୁଡିବାକୁ ବସିଲାଣି ବୋଲି ମତ ପ୍ରକାଶ ପାଇଥିଲା। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମଞ୍ଚ ପକ୍ଷରୁ ୨ ଥର ମାମଲା ରୁଜୁ କରାଯାଇ ତୁରନ୍ତ ଜମି ବନ୍ଦୋବସ୍ତ ଓ ପ୍ରଜାମାନଙ୍କୁ ଜଙ୍ଗଲ ଅଧିକାର ଆଇନରେ ଘରଡିହ ଓ ଚାଷଜମି ପ୍ରଦାନ କରାଯିବାର ନିର୍ଦ୍ଦେଶ ସତ୍ତ୍ୱେ ଜିଲ୍ଲା ପ୍ରଶାସନ କେବଳ ଅଧିଗ୍ରହଣରେ ବ୍ୟସ୍ତ ରହୁଥିବାରୁ ଜନତା ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ଚେତାବନୀ ଦେଇଥିଲା। ପରିଶେଷରେ ଦରଖାସ୍ତ ସହ ସମସ୍ତ ଦସ୍ତାବିଜକୁ ୩ ଗୋଟି କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। କଳିଙ୍ଗନଗର ଏଡିଏମ୍ ସମସ୍ତ ବିଷୟ ଜିଲ୍ଲାପାଳଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁକିନ୍ଦା ତହସିଲ୍‌ଦାର ଦମୟନ୍ତୀ ସାହୁ କହିଥିଲେ ଯେ, ବର୍ତ୍ତମାନ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ସାଟେଲାଇଟ୍ ଓ ଘର ଘର ବୁଲି ସର୍ଭେ କାର୍ଯ୍ୟ ସୁକିନ୍ଦାର ଅଣବନ୍ଦୋବସ୍ତ ଥିବା ୭ ଗୋଟି ମୌଜା ମଧ୍ୟରୁ ୪ ପଞ୍ଚାୟତରେ ଚାଲିଛି ବୋଲି କହିଥିଲେ।

## ସର୍ବଭାରତୀୟସ୍ତରରେ ମେଡିକାଲ ରିସର୍ଚ୍ଚ ପାଇଁ ଶତରୂପା ମନୋନୀତ



**ମଙ୍ଗଳପୁର, ୯।୭ (ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତସ୍ତ ମୁରାରୀପୁର ଗ୍ରାମର ପ୍ରମୋଦ କୁମାର ଶତପଥୀ ଓ ପତ୍ନୀ ବନିତାରାଣୀ ଶତପଥୀଙ୍କ ଏକମାତ୍ର ଝିଅ ଶତରୁପା ଶତପଥି ବ୍ଲକସ୍ଥ କନିକାପଡ଼ା ପଞ୍ଚାୟତ ସାଧୁଗୌରେଶ୍ୱର ମହାବିଦ୍ୟାଳୟରୁ ୨୦୨୦ ମସିହାରେ +୩ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଭୁବନେଶ୍ୱରସ୍ଥ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏମଏସ୍‌ସି ବାୟୋ ଇନ୍‌ଫରମେଟିକ୍ସ ଶିକ୍ଷା ଲାଭ କରିଥିଲେ। ୨୦୨୩ ମସିହାରେ ୮୧ ପ୍ରତିଶତ ନମ୍ବର ରଖି ଏମ୍‌ଏସ୍‌ସି ବାୟୋ ଇନଫରମେଟିକ୍ସରେ ଟପ୍ପର ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (ଡ଼ିଏସଟି) ବିଭାଗ ପକ୍ଷରୁ କନିଷ୍ଠ ଗବେଷଣା ସହକର୍ମୀ (ଜେଆରଏଫ) ରୂପେ ଚୟନ ହୋଇଥିଲେ। ଏହାପରେ ଶତରୂପା ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ରରେ ଡକ୍ଟରେଟ ଶିକ୍ଷା ହାସଲ କରିବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର) ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରିସର୍ଚ୍ଚ କରିବାକୁ ମନୋନିତ ହୋଇଛନ୍ତି। ଆଜି ଏହାର ଫଳାଫଳ ପ୍ରକାଶ ପାଇଛି। ଶତରୂପା ତାଙ୍କର ଏହି ସଫଳତା ପାଇଁ ତାଙ୍କର ପିତା, ମାତା, ଓୟୁଏଟିର ସମସ୍ତ ପ୍ରଫେସର ଏବଂ ଏଚ୍‌ଓଡି ଡ଼ଃ ସୁକାନ୍ତ ପ୍ରଧାନ, ତାଙ୍କ ଅଜା ତଥା ବରିଷ୍ଠ ଶିକ୍ଷାବିତ ପ୍ରାଣକୃଷ୍ଣ ଶତପଥୀ, ଆଇ ବାସନ୍ତୀ ଶତପଥୀଙ୍କ ସମେତ ପରିବାରର ସମସ୍ତ ସଦସ୍ୟଙ୍କୁ ତାଙ୍କର ଶ୍ରେୟ ଦେଇଛନ୍ତି। ଶତରୁପାଙ୍କ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

## ସର୍ବ ଭାରତୀୟ ପୁଲିସ ସେବାରେ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କ ରତ୍ନଗିରି ପରିଦର୍ଶନ

**ବରୀ, ୯।୭ (ସମିସ):** ସର୍ବଭାରତୀୟ ପୁଲିସ ସେବାରେ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀମାନେ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପରିଦର୍ଶନ କରିଛନ୍ତି। ସର୍ବଭାରତୀୟ ପୁଲିସ ସେବା(ଆଇପିଏସ୍)ରେ ଉତ୍ତୀର୍ଣ୍ଣ ହୋଇଥିବା ବିଭିନ୍ନ ରାଜ୍ୟର ୨୨ ଜଣ ପ୍ରଶିକ୍ଷାର୍ଥୀ ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରିରେ ପହଞ୍ଚିବା ପରେ ଯାଜପୁର ଜିଲ୍ଲା ପ୍ରଶାସନ, ବରୀ ବ୍ଲକ ପ୍ରଶାସନ ଓ ବରୀ ପୁଲିସ ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରୀର ଐତିହ୍ୟ, ବୌଦ୍ଧ କୀର୍ତ୍ତିରାଜିର ଇତିହାସ ଓ ଏ ଅଞ୍ଚଳର ପରମ୍ପରା ବିଷୟରେ ଯାଜପୁର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରା ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ। ପରିଦର୍ଶନକାରୀ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଅଧିକାରୀମାନଙ୍କ ଠାରୁ ବିଭିନ୍ନ ତଥ୍ୟ ପଚାରି ବୁଝିବା ସହିତ ବୌଦ୍ଧ ପୀଠର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଏଭଳି ଏକ ସ୍ଥାନ ଆମ୍ଭମାନଙ୍କ ପାଇଁ ଚାକିରି ଜୀବନ କ୍ଷେତ୍ରରେ ଶାନ୍ତି ମୈତ୍ରୀ ଓ ଅହିଂସାର ବାର୍ତ୍ତା ଦେବା କ୍ଷେତ୍ରରେ ଏକ ମାର୍ଗଦର୍ଶକ ହେବ ବୋଲି ଗଣ ମାଧ୍ୟମକୁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହୁରାଙ୍କ ସମେତ ପର୍ଯ୍ୟଟନ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ହିମାଳୟା ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର କୁମାର ଶତପଥି, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ବରି ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ବଡ଼ଚଣା ଥାନା ଅଧିକାରୀ ଶରତ ପାତ୍ରଙ୍କ ସମେତ ସ୍ଥାନୀୟ ମାର୍ଗ ଦର୍ଶକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାସ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକରଧ୍ୱଜ ସାହୁ, ଅଭିରାମ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ବୌଦ୍ଧ ପୀଠ ଉଦୟଗିରି ଓ ଲଳିତଗିରି ଅଭିମୁଖେ ଯାଇଥିଲେ ପରିଦର୍ଶକ ମଣ୍ଡଳୀ।

## ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବୃକ୍ଷ ରୋପଣ

**ବଡଚଣା, ୯।୭ (ସମିସ):** ୭୫ତମ ଜାତୀୟ ବନ ମହୋତ୍ସବର ଷଷ୍ଠ ଦିବସରେ ମଙ୍ଗଳବାର ବଡଚଣା ବ୍ଲକ ଅନ୍ତର୍ଗତ ନୁଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ କଲେଜ ପରିସରରେ ଶତାଧିକ, ଫଳ ଫୁଲ ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ପ୍ରଥମେ କଲେଜର ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ନିକଟସ୍ଥ ଗ୍ରାମରେ ବୃକ୍ଷ ରୋପଣ ସଚେତନତା ସୃଷ୍ଟି କରିଥିଲେ। ପରେ ପରେ କଲେଜରେ ଏକ ସଭାର ଅୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଶ୍ରୀ ମାହାଲା ବିଶ୍ୱ ତାପାୟନ ନିୟନ୍ତ୍ରଣ ପାଇଁ ଓ ବିଶ୍ୱରେ ଜଳବାୟୁର ପରିବର୍ତ୍ତନ ଓ ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁ ଓଡ଼ିଶା ସରକାର ବନମହୋତ୍ସବ କାର୍ଯ୍ୟକ୍ରମରେ ୫ ଲକ୍ଷ ବୃକ୍ଷରୋପଣ କରିବା ପାଇଁ ଯେଉଁ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ସେଥିରେ ପ୍ରତ୍ୟେକ ଛାତ୍ରଛାତ୍ରୀ ସାମିଲ ହେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମା' ପାଇଁ ଗଛଟିଏ' ଆହ୍ୱାନକୁ ସାକାର କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ନାରାୟଣ ଚନ୍ଦ୍ର ମୁଦୁଲି, ଶାନ୍ତନୁ କୁମାର ରାଉତରାୟ, ଡଃ ଭାଗ୍ୟଧର ନାୟକ, ପ୍ରଦୀପ କୁମାର ବରାଳ, ଡଃ ସାମୁଏଲ ଲିମା, ଶମ୍ଭୁନାଥ ହେମ୍ବ୍ରମ, ଅଧ୍ୟାପିକା ରିତା ସ୍ୱକିନ, ଗୀତାଳି ମହାନ୍ତି, ନିରୂପମା ସ୍ୱାଇଁ, ସନାତନ ନାୟକ, ଅକ୍ଷୟ କୁମାର ରାଉତରାୟ, ଅଶୋକ କୁମାର ଖୁଣ୍ଟିଆ, ସୁଷମା ବେହେରା, ବଗୁଲି ବାରିକ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ରହ୍ମବରଦା-ମହେଶ୍ୱରପୁର ନଦୀବନ୍ଧ ଦୁର୍ବଳ

**ବ୍ରହ୍ମବରଦା, ୯।୭ (ସମିସ)**



ରସୁଲପୁର ବ୍ଲକ ବ୍ରହ୍ମବରଦା-ମହେଶ୍ୱରପୁର ନଦୀବନ୍ଧ ଦୁର୍ବଳ ଅବସ୍ଥାରେ ରହିଛି। ଏହି ନଦୀବନ୍ଧ ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଥିବାବେଳେ ବର୍ଷା ହେଲେ ନଦୀବନ୍ଧରେ ରେନ କଟ୍ ସୃଷ୍ଟି ହୋଇଛି। ଏଥିସହିତ ବାଲି ମାଫିଆ ଉକ୍ତ ନଦୀବନ୍ଧରେ ରାସ୍ତାକୁ କାଟି ଗଡ଼ାରାସ୍ତା କରି ଦୈନିକ ଶହ ଶହ ଟ୍ରାକ୍ଟରରେ ବାଲି ଚାଲାଣ କରୁଥିବାରୁ ନଦୀବନ୍ଧ ସଂକୁଚିତ ହେବା ସହ ଦୁର୍ବଳ ହେଉଛି। ଫଳରେ ବ୍ରହ୍ମବରଦାବାସୀଙ୍କୁ ବନ୍ୟାର ଭୟ ଘାରିଛି।

ବ୍ରାହ୍ମଣୀ ନଦୀର ଏହି ଦୁର୍ବଳ ବନ୍ଧରେ ୨୦୧୮ରେ ହାଡିସାହି ଓ ମସଜିଦ ସାହିରେ ୨୦ ମିଟରର ଦୁଇଟି ଘାଇ ସୃଷ୍ଟି ହୋଇ ଲୋକଙ୍କୁ ମାସ ମାସ ବେଘର କରିଥିବାବେଳେ ଜଣେ କୋମଳମତି ଶିଶୁର ଜୀବନ ଯାଇଥିଲା। ଘାଇ ହେବାକୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ନଦୀବନ୍ଧର ସୁଦୃଢୀକରଣ କାର୍ଯ୍ୟ ନିମ୍ନମାନର ଓ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବ୍ରହ୍ମବରଦା ଏକ ବାଣିଜ୍ୟ କାରବାରର ପେଣ୍ଠସ୍ଥଳୀ ଭାବେ ପରିଚିତ ହୋଇଥିବାବେଳେ ବ୍ରହ୍ମବରଦା ଅଞ୍ଚଳରେ ଥିବା ୫ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ସ୍କୁଲ, ତିନୋଟି ରାଷ୍ଟ୍ରୟତ୍ତ ବ୍ୟାଙ୍କ, ମହାବିଦ୍ୟାଳୟ ଓ ଭାରତୀୟ ଡାକଘର, ଥାନା ଓ ବିଦ୍ୟୁତ୍ କାର୍ଯ୍ୟାଳୟ ରହିଥିବାରୁ ବ୍ରହ୍ମବରଦା ଓ ଏହାର ଆଖପାଖ ପାୟ ୧୦ରୁ ୧୫ଟି ପଞ୍ଚାୟତର ୩୦ ହଜାରରୁ ଅଧିକ ଲୋକ ବ୍ରହ୍ମବରଦା ଉପରେ ନିର୍ଭର କରିଥା'ନ୍ତି। ଚଳିତ ବର୍ଷ ବ୍ରାହ୍ମଣୀରେ ବନ୍ୟା ପାଣି ଆସିଲେ ପୁଣି ଘାଇ ଆଶଙ୍କା ସୃଷ୍ଟି ହେବା ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ବାଲି ମାଫିଆଙ୍କୁ ଧରି ସାବାଡ କରିବା ସହିତ ନଦୀବନ୍ଧକୁ ସୁଦୃଢ଼ କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଆସୁଛନ୍ତି। ନଦୀବନ୍ଧର ସୁଦୃଢୀକରଣ କରା ନ ଗଲେ, ତେବେ ବନ୍ୟାରେ ଘାଇ ସୃଷ୍ଟି ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀଙ୍କ ପ୍ରଶ୍ନ କରିଛନ୍ତି।

### ଅଧକ୍ଷାଙ୍କୁ ଅଧାପିକାଙ୍କ ଚାପୁଡ଼ା ମାରିବା ଘଟଣା

# ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ତଦନ୍ତ

ଭଦ୍ରକ, ୯ ।୭ (ସମିସ)

ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧକ୍ଷାଙ୍କୁ ମାଡ଼ ମାରିବା ଘଟଣାରେ ଆଜି ବାଲେଶ୍ୱର ସ୍ଥିତ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ.ହେମନ୍ତ କୁମାର ଘଡ଼େଇ ଭଦ୍ରକ ମହିଳା ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି । ନିର୍ଦ୍ଦେଶକ ଶ୍ରୀ ଘଡ଼େଇ ପୂର୍ବାହ୍ନ ୧୦ଟାରେ ମହାବିଦ୍ୟାଳୟରେ ପହଞ୍ଚି ଅଧକ୍ଷାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବସି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଅଧକ୍ଷା ସୁପ୍ରୀତି କର ଗତ ୬ତାରିଖ ଆକ୍ରମଣ ଘଟଣାର ତଥ୍ୟ ପ୍ରଦାନ କରିଥିଲେ । ପରେ ସେ ମାଡ଼ ଘଟଣାର ସିସିଟିଭି ଫୁଟେଜ ଦେଖିଥିଲେ ଓ ମହିଳା ମହାବିଦ୍ୟାଳୟ ଷ୍ଟାଫ୍ କମନ୍‌ରୁମ୍‌କୁ ଯାଇ ସମସ୍ତ ଅଧାପିକାଙ୍କ ସହ ଘଟଣା ସମ୍ପର୍କରେ ପଚରାଉଚୁରା କରି ତଥ୍ୟ ହାସଲ କରିଥିଲେ । ଶେଷରେ ସେ ଅଧକ୍ଷାଙ୍କ ନିବେଦନ କ୍ରମେ ମହାବିଦ୍ୟାଳୟର ନୂଆ ସାଇନ୍ସ ବ୍ଲକ ଯାଇ ବିଭିନ୍ନ ବିଜ୍ଞାନ ପରୀକ୍ଷାଗାରା ପରିଦର୍ଶନ କରିଥିଲେ । ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଘଡ଼େଇ ତଦନ୍ତ



ପରେ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ ଯେ, ଗତ ୬ତାରିଖ ରବିବାର ଏହି ଅଭିଯୋଗ ପାଇଥିଲି । ତେବେ ଛୁଟି ଦିନ ଥିବାରୁ ସେଦିନ ଶୀଘ୍ର ପରିଚାଳନା କମିଟି ମିଟିଂ ଡକାଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶାନୁଯାୟୀ ଅଧକ୍ଷା ମଧ୍ୟ ପରିଚାଳନା କମିଟି ମିଟିଂ ଡକାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ବିଭାଗ ତରଫରୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଅପରପକ୍ଷରେ ସେଦିନର ଘଟଣା ସମ୍ପର୍କରେ ମହିଳା ମହାବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ କର କହିଥିଲେ ଯେ, ସେଦିନ ଦିନ ୧ଟାରେ ତାଙ୍କ ପ୍ରକୋଷ୍ଠରେ ବସି କାର୍ଯ୍ୟ କରୁଥିଲେ । ତାଙ୍କ ନିକଟରେ ଅର୍ଥନୀତି ବିଭାଗ ଅଧାପିକା ବସିଥିଲେ । ଠିକ୍ ସେହି ସମୟରେ ଉର୍ଦ୍ଦୁ ଅଧାପିକା ନସିମା ଖାତୁନ ଅଧକ୍ଷାଙ୍କ ଅଫିସକୁ ଆସି ତାଙ୍କୁ ମୋ ବିରୁଦ୍ଧରେ ଆପଣ କାହିଁକି ଏପରି ଲେଖିଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଅଧକ୍ଷା ଏହାକୁ ଅସ୍ୱୀକାର କରିଥିଲେ । ପରବର୍ତ୍ତୀ ସମୟରେ ଅଧାପିକା ଜଣଙ୍କ ଏକ ଦରଖାସ୍ତ ଅଧକ୍ଷାଙ୍କୁ ଦେଇଥିଲେ । କାର୍ଯ୍ୟବ୍ୟସ୍ତ ଥିବା ଅଧକ୍ଷା ଶ୍ରୀମତୀ କର ଦରଖାସ୍ତଟିକୁ ନିଜ ଟେବୁଲ ଡ୍ରୟରରେ ରଖି ପରେ ଦେଖିବି ବୋଲି କହି ରଖିଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ଅଧାପିକା ନସିମା ଖାତୁନ୍ ଅଧକ୍ଷାଙ୍କୁ ଗାଳି ଗୁଲଜ କରିବା ସହ ଭୟଙ୍କର ଭାବେ ତାଙ୍କ ଗାଲକୁ ୩ଥର ଚାପୁଡା ମାରିଥିଲେ । ଏନେଇ ଅଧକ୍ଷା ଟାଉନ ଥାନାରେ ଅଧକ୍ଷାଙ୍କ ଲିଖିତ ଏତଲାରେ ପୋଲିସ ମାମଲା ରୁଜୁ କରିଛି । ପରେ ଗତ ୭ତାରିଖ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ।

## ମାଡ ମାରିବା ଅଭିଯୋଗରେ ଶିକ୍ଷକଙ୍କ ନାମରେ ମାମଲା

**ଭଦ୍ରକ, ୯ ।୭ (ସମିସ):** କଇଥଖୋଲା ପଞ୍ଚାୟତର ଜଣେ ସମାଜସେବୀଙ୍କୁ ମାଡ ମାରି କରଞ୍ଜମାଳ ପଞ୍ଚାୟତ ଜଣେ ପ୍ରାଥମିକ ଶିକ୍ଷକ ସୁନାଚେନ ଛିଡାଇ ନେବା ନେଇ ଧାମରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପ୍ରକାଶ ଯେ, କଇଥଖୋଲା ପଞ୍ଚାୟତର ଅବଦୁଲ ଆହେଦ ଖାନ ସନ୍ଧ୍ୟା ବେଳେ ନିଜ ଘରକୁ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ କରଞ୍ଜମାଳ ପଞ୍ଚାୟତର ଜଣେ ପ୍ରାଥମିକ ଶିକ୍ଷକ ଓ ତାଙ୍କ ସହଯୋଗୀ ତାଙ୍କୁ ଗାଳି ଦେଇଥିଲେ । ତୁମେ କାହିଁକି ଗାଳି ଦେଉଛ ବୋଲି ଅବଦୁଲ ସଂପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଶିକ୍ଷକଙ୍କ ସହଯୋଗୀମାନେ ଅବଦୁଲକୁ ମାଡ ମାରି ପିନ୍ଧିଥିବା ଏକ ସୁନାଚେନ ନେଇ ଯାଇଛନ୍ତି ବୋଲି ଧାମରା ଥାନାରେ ଅବଦୁଲ ଲିଖିତ ଅଭିଯୋଗ କରିଥିଲେ । ଏହି ଲିଖିତ ଅଭିଯୋଗକୁ ଭିତି କରି ଧାମରା ଥାନାରେ ସଂପୃକ୍ତ ଶିକ୍ଷକ ଓ ତାଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି ।

## ଚତୁର୍ଭୁଜପୁରରେ ଶିବ ମନ୍ଦିର ପ୍ରତିଷ୍ଠା

**ଭଣ୍ଡାରିପୋଖରୀ, ୯।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମରେ ନୂତନ ଶିବ ମନ୍ଦିର ଗତ ସୋମବାର ଓ ମଙ୍ଗଳବାର ପ୍ରତିଷ୍ଠା ହୋଇଛି । ପ୍ରସନ୍ନ କୁମାର ପରିଡା ଓ ପୂର୍ଣ୍ଣିମା ପରିଡା କର୍ତ୍ତା ଓ କର୍ତ୍ତୀ ଭାବେ ଜଳଘଟ ଉତ୍ତେଳନ କରି ସଙ୍କଳ୍ପ କରିଥିଲେ । ଧ୍ରୁବ ଚରଣ ପରିଡା, ମୋହନ ପରିଡା, ବେଦନା ପରିଡା ପ୍ରମୁଖ ସହଯୋଗୀ ଭାବେ ଜଳଘଟ ଉତ୍ତୋଳନ ସଙ୍କଳ୍ପ କରିଥିଲେ । ଅଧିବାସ, ଅଙ୍କୁରୋପଣ, ସୂର୍ଯ୍ୟପୂଜା, ଗୋ ପୂଜା ସହ ଷୋଡ଼ଶୋପଚାର ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୂଜକ ନନ୍ଦ କିଶୋର ତ୍ରିପାଠୀ, ନରେନ୍ଦ୍ର କର, ବିରେନ୍ଦ୍ର ମିଶ୍ର, ବିଜୟ ଶଙ୍କର ତ୍ରିପାଠୀ ରାଜେଶ ତ୍ରିପାଠୀ ପ୍ରମୁଖ ପୁରୋହିତ ବିଧିମତେ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ ।

## ଧାମରା ସବୁଜ ବାହିନୀ ଦ୍ୱାରା ଚାରାରୋପଣ

**ଭଦ୍ରକ, ୯ ।୭ (ସମିସ):** ଜୁଲାଇ ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ହୋଇଥିବା ବନମହୋତ୍ସବ ସପ୍ତାହ ଧାମରା ସବୁଜ ବାହିନୀ ଦ୍ୱାରା ପାଳିତ ହୋଇଯାଇଛି । ସବୁଜ ବାହିନୀର ପ୍ରତିଷ୍ଠାତା ତଥା ପ୍ରକୃତି ବନ୍ଧୁ ଶରତ କୁମାର ଦଳେଇଙ୍କ ନେତୃତ୍ୱରେ ତଥା ସବୁହ ବାହିନୀର ଉପଦେଷ୍ଟା କମିଟିର ବିଜୟ କୁମାର ସାହୁ, ଶୁକଦେବ ଜେନା, ମାୟାଧର ପରିଡା ରୁଦ୍ରମାଧବ ବେହେରା, ସବୁହ ବାହିନୀର ସଭ୍ୟ ସତ୍ୟରଞ୍ଜନ ବାରିକ ଅଲେଖ ମାଝୀ, ରାମେଶ୍ୱର କରଣ, ସତ୍ୟବ୍ରତ ବେହେରା, ପିଣ୍ଟୁ ମାଇତି, ମାନସ ଜାନା, ବାଙ୍କବିହାରୀ ମାନ୍ନା, ବାଞ୍ଛାନିଧି ବାରିକ, ଶିବଶଙ୍କର ଖଟୁଆ ଏବଂ ଅମରେଶ ବାରିକଙ୍କ ସହଯୋଗରେ ଧାମରାଇ ୟୁନିୟନ ବ୍ୟାଙ୍କ ପରିସର, ଧାମରାଇ ମନ୍ଦିର ପାର୍ଶ୍ୱ, ଧାମରାଇ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମରା ଥାନାର ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ, ଏଏସଆଇ ସତ୍ୟମ ପତି, ପ୍ରଶାନ୍ତ ନାୟକ, ଜ୍ୟୋତିରଞ୍ଜନ ମଲିକ ଏବଂ ଶରତ କୁମାର ଦଳେଇ ବନମହୋତ୍ସବ ସପ୍ତାହ ପାଳନର ମହତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ । ଏହି ଅଭିଯାନରେ ସାମିଲ ହୋଇ ଜଣେ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ ।

## ରଇପୁର ଓ ପାଳସାହିର ଦୁଃଖ ଗୌରାଙ୍ଗପୁର ଏସ୍‌କେପ୍



**ଅସୁରାଳି, ୯ ।୭ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ରଇପୁର ଓ ପାଳସାହିରେ ପ୍ରତି ବର୍ଷ ବନ୍ୟାରେ ବ୍ୟାପକ କ୍ଷତି ହେଉଥିବା ବେଳେ ଗୌରାଙ୍ଗପୁରର ଦୁଇଟି ଏସ୍‌କେପ୍ ପଞ୍ଚାୟତ ପାଇଁ ଆଶୀର୍ବାଦ ବଦଳରେ ଅଭିଶାପରେ ପରିଣତ ହୋଇଛି । ବୈତରଣୀ ନଦୀର ମଲ୍ଲିମାହାରା ଓ ଗୌରାଙ୍ଗପୁରରେ ଥିବା ଏହି ଏସ୍‌କେପ ଦୂରଦୃଷ୍ଟି ଅଭାବରୁ ପ୍ରତି ବନ୍ୟାରେ ଏହି ଅଞ୍ଚଳବାସୀ ପ୍ରକୃତି କୋପର ଶିକାର ହୋଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ପ୍ରତି ବର୍ଷ ବହୁ ଥର ବନ୍ୟା ଆସି ଚାଷୀମାନଙ୍କ ଆର୍‌ଠଥକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦେଇ ଯାଉଛି । ବୈତରଣୀର ଶାଖାନଦୀ ଗର୍ଭାନାଳ ପୋତି ହୋଇଯିବା ଫଳରେ ବନ୍ୟା ଜଳ ନିଷ୍କାସନ ହେଉନାହିଁ । ପ୍ରତିବର୍ଷ ଏହି ଏସ୍‌କେପ୍‌ର ମରାମତି ପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ତଥା ନିମ୍ନମାନର ପାଇଁ ଏହା ଭୁଶୁଡ଼ି ପଡୁଛି । ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ମରାମତି ପାଇଁ ଖର୍ଚ୍ଚ ହୋଇଥିବା ବେଳେ ପ୍ରତି ବର୍ଷ ବନ୍ୟାରେ ଏହା ଭାଙ୍ଗି ଯାଉଛି । ପ୍ରତି ବର୍ଷ ବନ୍ୟା ଯୋଗୁଁ ରଇପୁର ପଞ୍ଚାୟତର ୮୧୫ ଓ ୪୭୫ ହେକ୍ଟର ଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ ସେଥିପାଇଁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥାଏ । ଏଥିପାଇଁ ସରକାରଙ୍କୁ ସ୍ଥାୟୀ ପ୍ରତିକାର ନିମିତ୍ତ ଅଞ୍ଚଳବାସୀ ନିଜର ଦାବି କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିଲାନାହିଁ । ତୁରନ୍ତ ଭଦ୍ରକ ଜିଲ୍ଲାପାଳ ଏ ପରିସ୍ଥିତିର ସଠିକ ସମୀକ୍ଷା କରିବା ସହିତ ଗୌରାଙ୍ଗପୁର ଏସ୍‌କେପକୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରଞ୍ଜନ ବିଧାୟକଙ୍କ ଚାନ୍ଦବାଲି ବ୍ଲକ ପ୍ରତିନିଧି

**ଭଦ୍ରକ, ୯ ।୭ (ସମିସ):** ଭଦ୍ରକ ଜିଲ୍ଲାର ୨ନମ୍ବର ଜିଲ୍ଲା ପରିଷଦ ସଭ୍ୟ, ଚାନ୍ଦବାଲି ବ୍ଲକ ଯୁବ ସଭାପତି ତଥା ଯୁବ ନେତା ରଞ୍ଜନ କୁମାର ସାହୁ ହେଲେ ଚାନ୍ଦବାଲି ବ୍ଲକର ବିଧାୟକଙ୍କ ପ୍ରତିନିଧି । ପୂର୍ବରୁ ବହୁ ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଥିବା ରଞ୍ଜନଙ୍କ ଉପରେ ଚାନ୍ଦବାଲି ବିଧାୟକ ପୁଣି ଥରେ ଭରସା କରିଛନ୍ତି । ରଞ୍ଜନ ଜଣେ ଦକ୍ଷ ଯୁବ ସଙ୍ଗଠକ ବୋଲି ନିଜକୁ ପ୍ରମାଣିତ କରିସାରିଛନ୍ତି । ଏଥିର ନିର୍ବାଚନରେ ବିଧାୟକଙ୍କୁ ଜିତାଇବାରେ ମୁଖ୍ୟଭୂମିକା ନେଇଥିବା ରଞ୍ଜନଙ୍କୁ ପଞ୍ଚାୟତ ସମିତିର ବିଧାୟକଙ୍କ ପ୍ରତିନିଧି ରୂପେ ଦାୟିତ୍ୱ ମିଳିବା ପରେ ବିଜୁ ଜନତା ଦଳର କର୍ମୀ ଓ ଯୁବକ ମାନେ ଉତ୍ସାହିତ ଅଛନ୍ତି ।

## ତିହିଡ଼ିରେ ପାଣିଗ୍ରାହୀ ହେଲ୍‌ଥ କେୟାର ଉଦ୍‌ଘାଟିତ

**ତିହିଡି, ୯ ।୭ (ସମିସ):** ତିହିଡି ବ୍ଲକ ଛକରେ ପାଣିଗ୍ରାହୀ ହେଲ୍‌ଥ କେୟାର ଉଦ୍‌ଘାଟିତ ହୋଇଯାଇଛି । ପ୍ରାକ୍ତନ ସରପଞ୍ଚ ତଥା ସମାଜସେବୀ ବସନ୍ତ କୁମାର ପତି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଭଗବାନ ପାଣିଗ୍ରାହୀ, ବଳରାମ ପାଢୀ, ନିରଞ୍ଜନ ଦାସ, ଡ.ଲକ୍ଷ୍ମୀଧର ତ୍ରିପାଠୀ, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଅମୂଲ୍ୟ ସେନାପତି, ସଞ୍ଜିବ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ବିପ୍ଳବ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ଣରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ମାଗଣାରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସା ପରାମର୍ଶ ଦିଆଯାଇଥିଲା । ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସଞ୍ଜୟ ଦାସ, ମେଡିସିନ ଓ କ୍ୟାନସର ବିଭାଗର ଡାକ୍ତର ଆଶୁତୋଷ ସାହୁ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଡାକ୍ତରୀ ପରାମର୍ଶ ଯୋଗାଇ ଦେଇଥିଲେ । ଆଗକୁ ଏଠାରେ ଆହୁରି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କ ସହାୟତାରେ ରୋଗୀ ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି ।

### ବିକାଶ ଖୋଜୁଛି ଜୟସିଂହପୁର

## ଏ ଯାଏ ମିଳିଲାନି ସ୍ଥାୟୀ ରାସ୍ତା



**ବନ୍ତ/ଆଗରପଡ଼ା, ୯।୭ (ସମିସ):** ଭଦ୍ରକ ଜିଲ୍ଲାରେ ଆଜି ବି ଅନେକ ଗାଁ ରହିଛି; ଯେଉଁଠି ବିକାଶତ ଦୂରର କଥା, ମୌଳିକ ସୁବିଧା ମଧ୍ୟ ଅପହଞ୍ଚ ରହିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବଡ଼ବର୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଜୟସିଂହପୁର ଗାଁଠାରେ । ଏଠି ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସବୁ ବ୍ୟବସ୍ଥା ଲୋକଙ୍କ ପାଇଁ ପାଲଟିଛି ସାତସପନ ।

ଏକ ଛୋଟିଆ ଗାଁ ଜୟସିଂହପୁର; ଯାହାର ଲୋକସଂଖ୍ୟା ପାଖାପାଖି ୩୦୦ । ମାତ୍ର ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ । ଆଗରପଡ଼ା ବରପଦା ପୂର୍ତ୍ତବିଭାଗ ରାସ୍ତାର କାଦବରାଙ୍ଗ ଠାରୁ ରାଉତରାଗଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଏହି ଗାଁ ରାସ୍ତାଟି ସଂଯୋଗ କରୁଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ସଂଯୋଗ କରୁଥିବା ରାସ୍ତା ଠାରୁ ଲମ୍ବିଥିବା ମାଟି ରାସ୍ତାରେ ପ୍ରାୟ ୨କିମି ଗଲାପରେ ଏହି ଗାଁ ପଡ଼େ । ଏହି ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ବର୍ଷା ଦିନ ଚାଲୁଥିବାରୁ ଅସରାଏ ବର୍ଷାରେ ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦସଂକୁଳ ପାଲଟିଛି । ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇ ଆଦୌ ସମ୍ଭବପର ହୋଇପାରୁନାହିଁ । ଚାଷଜମି ମଧ୍ୟରେ ୨/୩ ଫୁଟର ଲମ୍ବିଥିବା ଏହି ମାଟି ରାସ୍ତାଟି ଖାଲ ଢିପରେ ପରିପୂର୍ଣ୍ଣ । ସଂଧ୍ୟା ପରେ ଯିବା ଅର୍ଥ ବିପଦକୁ ଡାକିଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯା’ଆସ କରୁଛନ୍ତି । ଏହି ଗାଁରୁ ଛାତ୍ରଛାତ୍ରୀ ଓ କୁନିକୁନି ପିଲାମାନେ ସ୍କୁଲ ତଥା କଲେଜକୁ ଏହି ରାସ୍ତାଦେଇ ପ୍ରତିଦିନ ଅଧ୍ୟୟନ ପାଇଁ ମଧ୍ୟ ଆସୁଛନ୍ତି । ବର୍ତ୍ତମାନ ବର୍ଷା ଋତୁରେ ଏହି ଗାଁ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି । ଏହି ଗାଁର ରୋଗୀଙ୍କୁ ଖଟିଆରେ ବୁହା ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯିବାର ନଜିର ମଧ୍ୟ ରହିଛି । ସେହିପରି ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ, ଏହି ଗାଁର ପ୍ରାୟ ୨କିମି ଦୂରରେ ରହିଥାନ୍ତି । ଏହି ପରି ଅସମ୍ଭବ ପରିସ୍ଥିତମାନ ଏହି ଗାଁ ଲୋକେ ସମ୍ମୁଖୀନ ହେଉଛନ୍ତି । ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ନେତାମାନେ ଆସି ନାନା ପ୍ରତିଶୃତିମାନ ଗମନାଗମନ ସମସ୍ୟାର ସମାଧାନ ପାଇଁ ଦେଇଥିଲେ ସୁଦ୍ଧା ତାହା ଆଜିଯାଏ କେବଳ ପ୍ରତିଶୃତିରେ ହିଁ ରହିଯାଉଛି ବୋଲି ଗ୍ରାମବାସୀ କହିଛନ୍ତି । ସବୁ ଗାଁ ରାସ୍ତା କଂକ୍ରିଟ ହେଉ ଥିବା ବେଳେ ଜୟସିଂହପୁର ଗାଁ ରାସ୍ତା ଅବସ୍ଥାରେ ପରିବର୍ତ୍ତନ ହୋଇନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳିନିର୍ଦ୍ଦେଶ କରୁଛି । ତେଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ବିଦ୍ୟାଳୟରେ ପଡ଼ିଲା ତାଲା





**ଭଣ୍ଡାରିପୋଖରୀ, ୯।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଳମଣ୍ଡୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ତାଲା ପକାଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟରେ ତାଲା ପକାଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ସଦାଶିବ ବେହେରାଙ୍କ ଅନିୟମିତତା ବିରୋଧରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଗତ ମେ’ ୧୫ ତାରିଖରେ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ମଙ୍ଗଳବାର ତାଲା ପକାଯାଇଛି । ଅଭିଯୋଗ ଅନୁଯାୟୀ ପ୍ରଧାନଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥକୁ ଆତ୍ମସାତ କରୁଛନ୍ତି । ବିଦ୍ୟାଳୟ ଛୁଟି ସମୟରେ ମଧ୍ୟାହ୍ନ ଭୋଜନ ଅର୍ଥକୁ ହରିଲୁଟ କରିଛନ୍ତି । ଗତ କୋଭିଡ୍ ସମୟରେ ମଧ୍ୟ ମଧ୍ୟାହ୍ନ ଭୋଜନ ଅର୍ଥ ହରିଲୁଟ କରିଥିଲେ । ଛାତ୍ରୀଙ୍କ ତାଲିମ ପାଇଁ ଆସିଥିବା ରାଣୀ ଲକ୍ଷ୍ମୀବାଈ ଅର୍ଥକୁ ହଡ଼ପ କରିଛନ୍ତି । ବିଦ୍ୟାଳୟରେ ଦେଢଶହରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ୫ଜଣ ଶିକ୍ଷକ ନିୟୋଜିତ ଅଛନ୍ତି । ମାତ୍ର ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ନିୟମିତ ନଆସି ଉପସ୍ଥାନ ଖାତାରେ ଦସ୍ତଖତ କରୁଛନ୍ତି ଭଳି ଅଭିଯୋଗ ହୋଇଥିଲା । ବିଦ୍ୟାଳୟରେ ଭଲ ଶୌଚାଳୟ ନାହିଁ । ଜରାଜୀର୍ଣ୍ଣ ଶ୍ରେଣୀଗୃହରେ ବିପଦସଙ୍କୁଳ ଅବସ୍ଥାରେ ପିଲାମାନେ ପାଠ ପଢୁଛନ୍ତି । ବିଦ୍ୟାଳୟର ଶିକ୍ଷଣ ପରିବେଶକୁ ପ୍ରଧାନଶିକ୍ଷକ ବିଗାଡି ଦେଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇପଡିଛି । ହେଲେ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି । ବାରମ୍ବାର ଅଭିଯୋଗକୁ ଏଡ଼ାଇ ଯାଉଛନ୍ତି । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବୃନ୍ଦାବତୀ ରାଉତଙ୍କ ନେତୃତ୍ୱରେ ସଭ୍ୟ ତାପସ କୁମାର ରାଉତ, ସୁରେନ୍ଦ୍ର ମହାପାତ୍ର, ସନାତନ ପାତ୍ର, ସଭ୍ୟା ମନ୍ଦାକିନୀ ବାରିକଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମେଷ ଜେନା ଓ ମଞ୍ଜୁଲତା ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ତାଲା ଖୋଲାଯାଇଥିଲା ।

### କର୍କଟ ରୋଗରେ ଆକ୍ରାନ୍ତ ଭାଗୀରଥି

## ଔଷଧ ପାଇଁ ଅର୍ଥାଭାବ ସାଜିଛି ବାଧକ

**ଦୋଳସାହି, ୯ ।୭ (ସମିସ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅନ୍ତର୍ଗତ ବାରସର ପଞ୍ଚାୟତ ଅଧୀନ ତିଆଡିସାହି ଗାଁର ଭାଗୀରଥି ବିଶ୍ୱାଳ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ଭାଗୀରଥିଙ୍କ ସମ୍ପତ୍ତି କହିଲେ ଘରଡିହ ଏଣ୍ଡେ । ଜମି ବାଡ଼ି ଆଉ କିଛି ନାହିଁ । ପରିବାରର ୬ଜଣ ଲୋକ ତାଙ୍କ ଉପରେ ନିର୍ଭର କରିଥାନ୍ତି । ପରିବାର କହିଲେ ତିନି ପିଲାଙ୍କ ସହିତ ବୁଢ଼ୀ ମାଆ ଓ ସ୍ତ୍ରୀ ଭାଗ୍ୟବତ । ଏହି ପରିବାର ଉପରେ ପଡ଼ିଛି ଦୁଃଖର ପାହାଡ଼ । ଏହି ସମୟରେ ଭାଗ୍ୟବତୀଙ୍କ ଭାଗ୍ୟରେ ଦୁଃଖ ଏକମାତ୍ର ସାଥୀ ହୋଇଛି । ୪୫ବର୍ଷିୟ ସ୍ୱାମୀଙ୍କର ଗଳାରେ କର୍କଟ ହୋଇଛି । ସୂଚନା ଥାଉକି ପ୍ରଥମେ ଗଳା ବସି ଯାଇଥିଲା । ପରେ ସେ ନିକଟସ୍ଥ ମେଡିକାଲରେ ଡାକ୍ତରଙ୍କୁ ଦେଖା କରି ଚିକିତ୍ସା କରାଇଥିଲେ । ରୋଗ କମିବା ପରିବର୍ତ୍ତେ ବଢ଼ି ଚାଲିଲା । ଏଣୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ଗଲେ । ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଜଣାପଡିଲା ଭାଗୀରଥି କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଗଳାରେ ତାଙ୍କର ଅସ୍ତ୍ରୋପଚାର ହୋଇଛି । ଏହାର ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କ ପାଖରେ ଅର୍ଥାଭାବ ବାଧକ ସାଜିଛି । ଏଣୁ ସେ ଅର୍ଥ ଅଭାବରୁ ବିଛଣାରେ ପଡି ରହିଥିବା ଦେଖିବାକୁ ମିଳିଛି । ଏହି ଦୁଃଖଦ ସମୟରେ ପରିବାରକୁ ରାଜ୍ୟ ସରକାରଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ କରି ମୋ ପରିବାରକୁ ସହାୟକ ହୁଅନ୍ତୁ ବୋଲି ଭାଗ୍ୟବତୀ ନିବେଦନ କରିଛନ୍ତି । ଯେଉଁ ମାନେ ତାଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି । ତାଙ୍କର ଫୋନ୍ ପେ ନମ୍ବର ୮୨୬୦୫୨୦୯୩୬ ରେ ଆର୍ଥିକ ସହାୟତା ଦେବାକୁ ସେ ନିବେଦନ କରିଛନ୍ତି ।



### ଜାଲ୍ ଜାତିଗତ ପ୍ରମାଣପତ୍ରରେ ଚାକିରି ପ୍ରସଙ୍ଗ

# ତଦନ୍ତ ରିପୋର୍ଟ ଯାଇଛି; କାର୍ଯ୍ୟାନୁଷ୍ଠାନ ବାକି ରହିଛି

ଭଦ୍ରକ, ୯ ।୭ (ସମିସ)

ଭଦ୍ରକ ଜିଲ୍ଲାରେ ଜାଲ୍ ଏସ୍‌ଟି, ଏସ୍‌ସି ପ୍ରମାଣପତ୍ରରେ ସରକାରୀ ଚାକିରିଆଙ୍କ ସଂଖ୍ୟା ବଢିବାରେ ଲାଗିଛି । ଜାଲ ଜାତିଗତ ପ୍ରମାଣପତ୍ର ଦେଇ ବର୍ଷବର୍ଷ ଧରି ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରିଆସୁଥିବା କିଛି କର୍ମଚାରୀଙ୍କ ବିରୁଦ୍ଧରେ ଆଗତ ଅଭିଯୋଗରେ ଭଦ୍ରକ ଏସ୍‌ପିଙ୍କ ଦପ୍ତରରୁ ତଦନ୍ତ ରିପୋର୍ଟ ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଗତ ଫେବୃଆରୀ ମାସରୁ ଯାଇଛି । ତେବେ କାର୍ଯ୍ୟାନୁଷ୍ଠାନ ବାକି ରହିଛି ।

ସୂଚନା ଅନୁଯାୟୀ; ଜିଲ୍ଲାରେ ୩୦ଜଣ ଜାଲ୍ ଜାତିଗତ ପ୍ରମାଣପତ୍ରରେ ସରକାରୀ ଚାକିରିରେ ଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି । ଏଥିରେ ୨୮ଜଣ ଅଭିଯୁକ୍ତ ଏସ୍‌ଟି (ଅନୁସୂଚିତ ଜନଜାତି) ଓ ୨ ଜଣ ଏସ୍‌ସି ବା ଜାଲ ଅନୁସୂଚିତ ଜାତିର ପ୍ରମାଣପତ୍ର ଦେଇ ସରକାରୀ ଚାକିରି ହାତେଇଥିବା ଜଣାପଡ଼ିଛି । ଉକ୍ତ ୩୦ ଜଣଙ୍କ ମଧ୍ୟରୁ ବନ୍ତ ଥାନା ଅଞ୍ଚଳର ସର୍ବାଧିକ୧୩ ଜଣଙ୍କ ମଧ୍ୟରୁ ୧୨ ଜଣ (ଅନୁସୂଚିତ ଜନଜାତି)ର ହୋଇଥିବା ବେଳେ ବାକି ୧୭ ଜଣ ଆଗରପଡ଼ା, ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନା ଅଞ୍ଚଳର ହୋଇଥିବା ଜଣାପଡ଼ିଛି । ୨୦୧୨ମସିହାରୁ ଆରମ୍ଭ କରି ବିଭିନ୍ନ ବର୍ଷ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଡିଡବ୍ଲ୍ୟୁଓ(ଭଦ୍ରକ), କୃପାସିନ୍ଧୁ ଦାସ, ଶ୍ୟାମସୁନ୍ଦର ଦାସ, ସାଗର ମହାନ୍ତି, ବିଜୟ ମହାରଣା, ଅତିରିକ୍ତ ଏସ୍‌ପି (ଯାଜପୁର) ଓ ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଠାରୁ ଅଭିଯୋଗ ପାଇବା ପରେ ସଞ୍ଜୟ କୁମାର ମିଶ୍ରଙ୍କ ଅଭିଯୋଗ ଉପରେ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ତଦନ୍ତରେ ଉକ୍ତ ୩୦ଜଣ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବାର ଠୋସ୍ ପ୍ରମାଣ ପାଇବା ପରେ ସେମାନଙ୍କ ତଦନ୍ତ ରିପୋର୍ଟ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିବା ଜଣାପଡ଼ିଛି । ଆଗରପଡ଼ା ଥାନା ଅଞ୍ଚଳର ରାଣୀଲତା ଦାସ ଓ ବନ୍ତ ଥାନା ଅଞ୍ଚଳର ସୁଶ୍ରୀ ସ୍ମରଣୀକା ଦାସ, ମାନସୀ ଦାସ, ବିରେନ୍ଦ୍ର ଦାସ, ସୁକୁମାର ଦାସ, ବ୍ରଜକିଶୋର ଦାସ, ପ୍ରକାଶ ଦାସ, ସନ୍ଧ୍ୟାରାଣୀ ଦାସ, କୃଷ୍ଣଚନ୍ଦ୍ର ଦାସ, ମୀନକେତନ ଦାସ, ପ୍ରଦୀପ କୁମାର ଦାସ, ତ୍ରୈଲୋଚନ ଦାସ, ପ୍ରତିମା ଦାସ ପ୍ରମୁଖ ଜାଲ ଅନୁସୂଚିତ ଜନଜାତିର ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ବେଳେ ବନ୍ତ ଥାନା ଅଞ୍ଚଳର ସୁନୀଲ ରଞ୍ଜନ ଦାସ ଜାଲ ଅନୁସୂଚିତ ଜାତିର ପ୍ରମାଣପତ୍ର ଦେଇ ଚାକିରି କରୁଥିବା ବେଳେ ଚାନ୍ଦବାଲି ଥାନା ଅଞ୍ଚଳର ମମତା ଦାସ, ଛବିରାଣୀ ଦାସ, ଆଲୋକ ଦାସ ଓ ଗଜେନ୍ଦ୍ର ଦାସ, ଧାମନଗର ଥାନା ଅଞ୍ଚଳର ଆଶୁତୋଷ ସୂତାର ଓ ଅଶୋକ କୁମାର ଦାସ, ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ରବିନ୍ଦ୍ର କୁମାର ଦାସ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ତପସ୍ୱିନୀ ସାହୁ, ଧରିତ୍ରୀ ନାୟକ, ମହେଶ୍ୱର ନାୟକ, ଭାବୀ ନାୟକ, ମାନସୀ ଦାସ, ମନୋରଞ୍ଜନ ଦାସ ଓ ଭଦ୍ରକ ସହରାଞ୍ଚଳ ଥାନା ଅନ୍ତର୍ଗତ ପ୍ରମିଳା ମୁଣ୍ଡା(ସାହୁ), ଅହଲ୍ୟା ବେହେରା ପ୍ରମୁଖ ଜାଲ ଅନୁସୂଚିତ ଜନଜାତିର ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ବେଳେ ଭଦ୍ରକ ସହରାଞ୍ଚଳ ଥାନା ଅଞ୍ଚଳର ସୌମ୍ୟ ପ୍ରକାଶ ବେହେରା ଜାଲ ଅନୁସୂଚିତ ଜାତିର ପ୍ରମାଣ ପତ୍ର ଦେଇ ଚାକିରୀ କରୁଥିବା ଜଣାପଡ଼ିଛି । ତେବେ ଏହି ଅଭିଯୋଗ ବାହାରେ ବି ଅନେକ ଜାଲ୍ ଜାତିଗତ(ଏସ୍‌ଟି/ଏସ୍‌ସି) ପ୍ରମାଣପତ୍ର ହାତେଇ ସରକାରୀ ଚାକିରି ଏପରିକି ସରକାରୀ ଡାକ୍ତରଖାନାରେ ଡାକ୍ତରଭାବେ କାର୍ଯ୍ୟ କରୁଥିବା ନେଇ ତଦନ୍ତ ଚାଲିଛି । ଏଦିଗରେ ତୁରନ୍ତ ପଦେକ୍ଷପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୮ • ପାଉଣ୍ଡ ୧୦୬.୭୨
- ୟୁରୋ ୯୦.୨୨ • ୟେନ୍ ୦.୫୧

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୭,୧୦୦ (ଭୁବନେଶ୍ୱର)
- ରୁପା : ୯୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୩୫୧.୦୦
- ନିଫ୍ଟି ୨୪,୪୩୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## କ୍ରିକେଟ୍ ତାରକା ସୌରଭ ଗାଙ୍ଗୁଲି ଭିଡଲ୍ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ



**ଭୁବନେଶ୍ୱର, ୯।୭ (ସମିସ):** ଟାଇଡ୍ ୱାଟର ଅଏଲ୍ କୋ (ଇଣ୍ଡିଆ) ଲିମିଟେଡ୍‌ର ଲୁବ୍ରିକାଣ୍ଟ ବ୍ରାଣ୍ଡ ଭିଡଲ୍ ପକ୍ଷରୁ କ୍ରିକେଟ୍ ତାରକା ସୌରଭ ଗାଙ୍ଗୁଲିଙ୍କୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। କମ୍ପାନୀ ଭାରତୀୟ ବଜାରରେ ଏହାର ବ୍ରାଣ୍ଡ ଉପସ୍ଥିତି ବଢ଼ାଇବା ଓ ବଜାର ସ୍ଥିତିକୁ ସୁଦୃଢ଼ କରିବାକୁ ଚାହୁଁଥିବା ବେଳେ ଏହି ସହଯୋଗିତା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଭିଡଲ୍ ବ୍ରାଣ୍ଡର ଉପସ୍ଥିତି ଏବେ ୭୦ରୁ ଅଧିକ ଦେଶରେ ସମୃଦ୍ଧ ରହିଛି। ସମଗ୍ର ବିଶ୍ୱରେ ୱାର୍କସପ୍‌ଗୁଡ଼ିକରେ ଭିଡଲ୍ ପ୍ରଫେସନାଲ୍ ପସନ୍ଦରେ ପରିଣତ ହୋଇଛି। ଶିଳ୍ପରେ ସମ୍ମାନ ଓ ବିଶ୍ୱାସଭାଜନ ହୋଇଥିବା ଭିଡଲ୍ ଉଭୟ ଅଟୋମୋଟିଭ୍ ରିଟେଲ୍ ଓ ସଂସ୍ଥାଗତ କ୍ଷେତ୍ରକୁ ବ୍ୟାପକ ଲୁବ୍ରିକାଣ୍ଟ ପ୍ରଦାନ କରୁଛି। ବର୍ତ୍ତମାନ ଭାରତୀୟ ବଜାରରେ କମ୍ପାନୀର କାରବାର ପରିମାଣ ୧୯୩୧ କୋଟିରୁ ଅଧିକ ରହିଥିବା ବେଳେ ଏହା ସବୁଠୁ ପ୍ରତିଷ୍ଠିତ ଲୁବ୍ରିକାଣ୍ଟ ବ୍ରାଣ୍ଡ ଭାବେ ପ୍ରତିଷ୍ଠାଲାଭ କରିପାରିଛି। କମ୍ପାନୀ ଏହାର ବିସ୍ତୃତ ଚ୍ୟାନେଲ୍ ପାର୍ଟନର ନେଟ୍‌ୱର୍କ ଜରିଆରେ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରିବାର ଏକ ବିଶ୍ୱସନୀୟ ବ୍ରାଣ୍ଡ ହୋଇ ରହିଛି। ସୌରଭ ଗାଙ୍ଗୁଲିଙ୍କ ଭଳି ଜଣେ ମହାନ କ୍ରିକେଟ ତାରକା କମ୍ପାନୀ ବ୍ରାଣ୍ଡ ଆମ୍ବାସାଡର ଭାବେ ଯୋଡ଼ି ହୋଇଥିବାରୁ ଆମେ ବେଶ୍ ଆନନ୍ଦିତ ବୋଲି ଟାଇଡ୍ ୱାଟର୍ ଅଏଲ୍ କୋ (ଇଣ୍ଡିଆ)ର ପରିଚାଳନା ନିର୍ଦ୍ଦେଶକ ଅରିଜିତ ବସୁ କହିଛନ୍ତି।

## ରଥଯାତ୍ରାରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୯।୭ (ସମିସ):** ପବିତ୍ର ରଥ ଯାତ୍ରାରେ ଅବସରରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ବିଶେଷ ଭାବେ ପ୍ରସ୍ତୁତ ଭ୍ୟାନଗୁଡ଼ିକରେ ଭାସମାନ ଭିଆର କୌଶଳକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଶଣ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରଦ୍ଧାଳୁମାନେ ଘୋଷଯାତ୍ରାର ରଥଟଣା କାର୍ଯ୍ୟକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇବା ସହିତ ରଥ ଟାଣିବାର ମଧ୍ୟ ଅପୂର୍ବ ସୁଯୋଗ ହାସଲ କରିଛନ୍ତି। ଭକ୍ତମାନେ ରଥଯାତ୍ରାର ସିଧା ପ୍ରସାରଣ ଦେଖିବା ସମୟରେ ଏଭଳି ଏକ ଅତିରିକ୍ତ ସୁଯୋଗ ହାସଲ କରିଥିଲା ବେଳେ ବ୍ୟାଙ୍କ ଏହାର ଅଭିଜ୍ଞତାର ପ୍ରଦର୍ଶନପୂର୍ବକ ରଥଯାତ୍ରାର ସମସ୍ତ ଗୁଢତତ୍ୱ ପ୍ରଦାନ କରିବାର ମଧ୍ୟ ସୁବନ୍ଦୋବସ୍ତ କରିଥିଲା। ଯେଉଁମାନେ ରଥଯାତ୍ରା ବେଳେ ରଥଟଣାର ଅପୂର୍ବ ସୁଯୋଗରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଉପଭୋଗ୍ୟ ହୋଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉଜ୍ଜୀବନ ଭିଆର ଭ୍ୟାନ ୧୦ଟି ମୁଖ୍ୟ ସ୍ଥାନରେ ନିୟୋଜିତ ହୋଇଥିବା ବେଳେ ଭୁବନେଶ୍ୱରରୁ କଟକ ଏବଂ ପୁଣି ପୁରୀକୁ ପ୍ରତ୍ୟାବର୍ତ୍ତନ କରିଥିଲା।



## ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**କଟକ, ୯।୭ (ସମିସ):** କ୍ୟାନ୍ସର ରୋଗର ଭୟାବହତା ଦିନକୁ ଦିନ ବଢିବାରେ ଲାଗିଛି। ଏହାର ନିରାକରଣ ଦିଗରେ ବୈଶ୍ୱିକ ସ୍ତରରେ ବୈଜ୍ଞାନିକମାନେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ କ୍ୟାନ୍ସର ବିରୋଧୀ ସଚେତନତା ହିଁ ସବୁଠାରୁ ଉପଯୋଗୀ । ଏହାକୁ ଦୃଷ୍ଟିରେ ରଖି ଏଚ ସି ଜି ପଣ୍ଡା କ୍ୟାନସର ହସପିଟାଲ ତରଫରୁ ବାଲେଶ୍ୱର ଠାରେ ରୋଟାରୀ କ୍ଲବ ସହଭାଗିତାରେ ୱାକଥନ ମାଧ୍ୟମରେ 'କୁଇଟ୍ ଟୋବାକୋ (ତମାଖୁ ପରିହାର) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୱାକଥନ ଗାନ୍ଧୀ ସ୍ମୃତି ଭବନ ଠାରୁ ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ କରାଯାଇଥିଲା । ପରେ ପରେ ଅତିଥିଭବନ ଠାରେ ଏକ ସଚେତନତା ସଭାର ଆୟୋଜନ କରାଯାଥିଲା । ଏହି ସଭାରେ ଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା, ରୋଟାରୀ କ୍ଲବର ସଭାପତି ରୋଟାରିଆନ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ରୋଟାରିଆନ ପ୍ରବଳ ସିହ୍ନା ଏବଂ ଏଚସିଜି ପଣ୍ଡା କ୍ୟାନସର ହସପିଟାଲର ଡାକ୍ତର ରଞ୍ଜିତ କର ପ୍ରମୁଖ ଯୋଗଦେଇ କ୍ୟାନସର ରୋଗଠାରୁ ଦୁରେଇ ରହିବା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ।

### ଅଟୋମୋବାଇଲ, ଏଫ୍ଏମ୍‌ସିଜି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ

# ସେନସେକ୍ସରେ ୩୯୧ ପଏଣ୍ଟ ବୃଦ୍ଧି

**ମୁମ୍ବଇ, ୯।୭ (ଏଜେନ୍ସି)**

ଚଳିତ ସପ୍ତାହରେ ଭାରତୀୟ ଇକ୍ୱିଟି ବଜାରକୁ ନେଇ ନିବେଶକ ଉତ୍ସାହିତ ରହିଥିବା ବେଳେ ଉଭୟ ବିଏସଇ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ସ୍ଥିତିରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି। କାରବାରର ପ୍ରଥମ ଦିବସ ଭାବେ ସୋମବାର ଉଭୟ ସୂଚକା ପୂର୍ବ ତୁଳାରେ ବୃଦ୍ଧି ପାଇଥିଲା। ଏହିକ୍ରମରେ ମଙ୍ଗଳବାର କାରବାର ଶେଷ ସୁଦ୍ଧା ବିଏସଇ ସେନସେକ୍ସ ୩୯୧ ପଏଣ୍ଟ ବୃଦ୍ଧିରେ ୮୦,୩୫୧ ପଏଣ୍ଟରେ ବନ୍ଦ ହୋଇଥିଲା ବେଳେ ନିଫ୍ଟି ମଧ୍ୟ ୧୧୩ ପଏଣ୍ଟ ବୃଦ୍ଧିରେ ୨୪,୪୩୩ ପଏଣ୍ଟରେ ବନ୍ଦ ରହିଛି। ବିଶେଷକରି ଅଟୋମୋବାଇଲ ଏବଂ ଏଫଏମସିଜି ଇକ୍ୱିଟିକୁ ନେଇ ବିଦେଶୀ ନିବେଶକଙ୍କ ଉତ୍ସାହ ବୃଦ୍ଧି ଯୋଗୁଁ ଭାରତୀୟ ଶେୟାର ବଜାର ସାମଗ୍ରୀକ ଭାବେ ଉନ୍ନତ ପ୍ରଦର୍ଶନ କରିଥିବା କୁହାଯାଇଛି। ମଙ୍ଗଳବାର କାରବାର ଆରମ୍ଭ ପରେ ସେନସେକ୍ସରେ ୪୩୬ ପଏଣ୍ଟ ବୃଦ୍ଧି ଘଟିବା ସହିତ ଏହା ୮୦,୩୯୭ ପଏଣ୍ଟ ଅତିକ୍ରମ କରିଥିଲା। ଯାହାକି ବିଗତ ଦିନ ତୁଳନାରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ତେବେ କାରବାର ଶେଷ ବେଳକୁ ଏହା ୮୦,୩୫୧ ପଏଣ୍ଟକୁ ଖସି ଆସିଥିଲା। ସେହିପରି ନିଫ୍ଟି ମଧ୍ୟ ୧୨୩ ପଏଣ୍ଟ ବୃଦ୍ଧିରେ ୨୪,୪୪୩ ପଏଣ୍ଟ ଅତିକ୍ରମ କରି ନୂଆ ରେକର୍ଡ କରିଥିଲା। ଅଟୋମୋବାଇଲ କ୍ଷେତ୍ରରେ ମାରୁତି ସୁଜୁକି ଇଣ୍ଡିଆର କାରବାର ଉନ୍ନତ ରୀହିବା ସହିତ ଏହାର ଶେୟାର ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟିଥିଲା। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ହାଇବ୍ରିଡ୍ କାର୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଉତ୍ତରପ୍ରଦେଶ ସରକାର ଏହି ଶ୍ରେଣୀର ଯାନ କ୍ରୟ କ୍ଷେତ୍ରରେ ପଞ୍ଜିକରଣ ଟିକସମୁକ୍ତ କରିବାକୁ ଘୋଷଣା କରିବା ପରେ ଏହାର ପ୍ରଭାବ ଅଟୋମୋବାଇଲ ଶେୟାର ଉପରେ ପ୍ରତିଫଳିତ ହୋଇଥିବା କୁହାଯାଇଛି। ମାରୁତି ବ୍ୟତୀତ ଅନ୍ୟତମ ପ୍ରମୁଖ ଉଦ୍ୟୋଗ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀ ଶେୟାର କାରବାର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଥିଲା। ସେହିପରି ଟାଟା ମୋଟର୍ସକୁ ମଧ୍ୟ ଅନୁରୂପ ସଫଳତା ମିଳିଥିଲା। ଅଟୋମୋବାଇଲ ଛଡ଼ା ଟାଇଟାନ୍, ସନଫାର୍ମା, ଆଇଟିସି, ନେସଲି ଆଦି ଏଫଏମସିଜି କମ୍ପାନୀଗୁଡିକର କାରବାର ଉନ୍ନତ ରହିଥିଲା। ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ବଜାଜ ଫାଇନାନ୍ସ ଏବଂ ଜେଏସଡବ୍ଲ୍ୟୁ ଷ୍ଟିଲ ଆଦି କମ୍ପାନୀଗୁଡିକର କାରବାର ପୂର୍ବ ତୁଳନାରେ ହ୍ରାସ ପାଇଥିବା କୁହାଯାଇଛି।



## ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଣ୍ଡିଆ ଷ୍ଟିଲ୍ ସଂଘ ପ୍ରତିନିଧି ଦଳ

**ଭୁବନେଶ୍ୱର, ୯।୭ (ଏଜେନ୍ସି)**



ଲୋକସଭା ସାଂସଦ ତଥା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର୍ (ଜେଏସପି) ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ମଙ୍ଗଳବାର ଓଡ଼ିଶାର ନବ ନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାରତୀୟ ଇସ୍ପାତ ସଂଘର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି । ଇସ୍ପାତ ନିର୍ମାତାମାନଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ନୂଆ ସରକାରଙ୍କ ଅଧୀନରେ ଓଡ଼ିଶାର ଇସ୍ପାତ ଶିଳ୍ପର ଭବିଷ୍ୟତ ଉନ୍ନତ ହେବ ବୋଲି ଆଶା ପ୍ରକଟ କରିଥିଲେ ।ଭାରତୀୟ ଇସ୍ପାତ ଶିଳ୍ପରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଶ୍ରୀ ଜିନ୍ଦଲ ଆଲୋଚନା କରିବା ସହିତ ଇସ୍ପାତ ଶିଳ୍ପରେ ସବୁଜ ଶକ୍ତି ଏବଂ ସଷ୍ଟେନେବିଲିଟି ଅଭ୍ୟାସର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ରାଜ୍ୟର ଅର୍ଥନୈତିକ ବିକାଶରେ ଉନ୍ନତି ଆଣିବା ପାଇଁ ଇସ୍ପାତ ଶିଳ୍ପର ଅଧିକ ସମ୍ପ୍ରସାରଣ ପାଇଁ ସମ୍ଭାବ୍ୟ ସୁଯୋଗ ସମ୍ପର୍କରେ ମଧ୍ୟ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ରାଜ୍ୟରେ ଇସ୍ପାତ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଭିତ୍ତିଭୂମି ଅଭିବୃଦ୍ଧି ଏବଂ ସ୍ଲରି ପାଇପଲାଇନ ଭଳି ସଷ୍ଟେନେବିଲିଟି ପ୍ରକଳ୍ପର ଆବଶ୍ୟକତା ଉପରେ ଏହି ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଜିନ୍ଦଲ କହିଥିଲେ ଯେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଓଡ଼ିଶାରେ ଅନୁଗୁଳ ଇସ୍ପାତ ନିର୍ମାଣ କାରଖାନାର ସମ୍ପ୍ରସାରଣ ପାଇଁ କାର୍ଯ୍ୟ କରୁଛି ଏବଂ ଆସନ୍ତା ବର୍ଷ ଏହି କାରଖାନା ବାର୍ଷିକ ୧୨ ନିୟୁତ ଟନ୍ ଇସ୍ପାତ ନିର୍ମାଣ କ୍ଷମତା ହାସଲ କରିବ । ବର୍ତ୍ତମାନ ଜେଏସପି ଓଡ଼ିଶାର ଅନୁଗୁଳଠାରେ ବାର୍ଷିକ ୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଛି । ଆସନ୍ତା ୬ ବର୍ଷ ମଧ୍ୟରେ ଓଡ଼ିଶାର ଅନୁଗୁଳରେ ବାର୍ଷିକ ୨୫.୨ ନିୟୁତ ଟନ୍ ବିଶିଷ୍ଟ ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ନିର୍ମାଣ କରାଯିବ ବୋଲି ଶ୍ରୀ ଜିନ୍ଦଲ ସୂଚନା ଦେଇଥିଲେ ।ଆଜି ଶ୍ରୀ ଜିନ୍ଦଲ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଗ୍ରାମତରଙ୍ଗ ପ୍ରକଳ୍ପ ଏବଂ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ କରି ଏହି ଶିକ୍ଷାନୁଷ୍ଠାନ ଗୁଡିକ ଦ୍ୱାରା ପରିଚାଳିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ । ଅନୁଷ୍ଠାନ ଗୁଡିକର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଭିତ୍ତିଭୂମିକୁ ସେ ପ୍ରଶଂସା କରିଥିଲେ ।

## ୧୪ ଉତ୍ପାଦ ବିକ୍ରି ବନ୍ଦ ସମ୍ପର୍କରେ ସୁପ୍ରିମକୋର୍ଟଙ୍କୁ ଅବଗତକଲା ପତଞ୍ଜଳି

**ନୂଆଦିଲ୍ଲୀ, ୯।୭ (ଏଜେନ୍ସି)**




ପତଞ୍ଜଳି କମ୍ପାନୀ ପକ୍ଷରୁ ଯେଉଁ ୧୪ଟି ଉତ୍ପାଦ ବିକ୍ରି ବନ୍ଦ କରାଯାଇଛି ସେ ସମ୍ପର୍କରେ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି। ଦେଶର ପ୍ରାୟ ୫୬୦୬ କାଉଣ୍ଟରରୁ ଏହି ୧୪ ଉତ୍ପାଦଗୁଡିକୁ ପ୍ରତ୍ୟାହାର କରିନିଆଯାଇଛି ବୋଲି ପତଞ୍ଜଳି କମ୍ପାନୀ ଜଷ୍ଟିସ୍ ହିମା କୋହଲି ଏବଂ ଜଷ୍ଟିସ୍ ସନ୍ଦୀପ ମେହଟାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠକୁ ଅବଗତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ କମ୍ପାନୀର ଏହି ୧୪ଟି ଉତ୍ପାଦକୁ ନେଇ ଉତ୍ତରାଖଣ୍ଡ ସରକାର ପ୍ରତିବନ୍ଧକ ଲଗାଇବା ସହିତ ଏଗୁଡିକର ଲାଇସେନ୍ସ ବାତିଲ କରିଦେଇଥିଲେ। ସେହି ଅନୁସାରେ ଏଗୁଡିକର ଉତ୍ପାଦନ ବନ୍ଦ ହୋଇଯାଇଥିଲା। ତେବେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏହି ଉତ୍ପାଦଗୁଡିକର ବିକ୍ରି ଏବେ ବନ୍ଦ କରିଦିଆଯାଇଛି ବୋଲି କମ୍ପାନୀ କହିଛି। ଏହାଛଡ଼ା ଏହିସବୁ ଉତ୍ପାଦ ସମ୍ପର୍କରେ କୌଣସି ଗଣମାଧ୍ୟମରେ ଆଉ ବିଜ୍ଞାପନ ପ୍ରକାଶ କରାଯିବ ନାହିଁ ବୋଲି ମଧ୍ୟ କମ୍ପାନୀ ନିଶ୍ଚିତ କରିଛି। ବିକ୍ରି ବନ୍ଦ ହୋଇଥିବା ଉତ୍ପାଦଗୁଡିକ ମଧ୍ୟରେ ଦୃଷ୍ଟି ଆଏ ଡ୍ରପ୍ ସମେତ ଶଶ୍ୱରୀ ଗୋଲ୍ଡ, ଶଶ୍ୱରୀ ଭାଟି, ଶ୍ୱଶରୀ ପ୍ରବାହୀ, ଲିପିଡୋମ୍, ବିପି ଗ୍ରିଟ୍, ଲୋଭଗ୍ରିଟ୍ ଏବଂ ମଧୁଗ୍ରିଟ୍ ଆଦି ରହିଛି।

## ଅରୁନ୍ଧତୀ ରଜପରୀ ସିଜନ୍-୬ ଅଡିସନ୍ ରାଉଣ୍ଡ

**ଭୁବନେଶ୍ୱର, ୯।୭ (ଏଜେନ୍ସି):** ଓଡ଼ିଶାର ଅନ୍ୟତମ ପ୍ରମୁଖ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପ ଠାରେ ରଜପରୀ ସିଜନ୍-୬ର ଅଡିସନ ରାଉଣ୍ଡ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଭାଗରୁ ୧୫୦ ପ୍ରତିଯୋଗୀ ସେମାନଙ୍କ କଳା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀ ଭାବେ ଓଡ଼ିଶାର ସ୍ୱନାମଧନ୍ୟ ଗୀତିକାର ଅରୁଣ ମନ୍ତ୍ରୀ, ଓଲିଉଡ଼ ନାୟିକା ଶ୍ରଦ୍ଧା ପାଣିଗ୍ରାହୀ ଓ ଶୋଭନା ମିଶ୍ର ଯୋଗ ଦେଇ କଳାକାରମାନଙ୍କ ପ୍ରତିଭା ଏବଂ ରୁଚିକୁ ପ୍ରୋତ୍ସାହିତ କରିବା ସହିତ ସେମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହିତ ନୂତନ ପ୍ରତିଭାକୁ ସାମ୍ନାକୁ ଆଣିବାକୁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଯେଭଳି ଉଦ୍ୟମ କରାଯାଇଛି ତାହାକୁ ମଧ୍ୟ ପ୍ରଶଂସା କରିଥିଲେ। ଷଷ୍ଠ ଅଡିସନ ରାଉଣ୍ଡରେ ୨୫ ପ୍ରତିଯୋଗୀ ସଫଳତା ହାସଲ କରିବା ସହିତ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।



## ଅରିନ୍ଦମ ସିହ୍ନା ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୯।୭ (ସମିସ):** ଏନଟିପିସି(ପୂର୍ବାଞ୍ଚଳ-୨)ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅରିନ୍ଦମ ସିହ୍ନା ମୁଖ୍ୟାଳୟରେ ଯୋଗ ଦେଇଛନ୍ତି। ସେ ଗତ ୫ ତାରିଖରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ତାଙ୍କ ସ୍ୱାଗତ କରାଯାଇଛି। ଶ୍ରୀ ସିହ୍ନା ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ୧୯୮୮ରେ ଏନଟିପିସିରେ ଯୋଗ ଦେଇ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ଫରାକା, ସିପତ୍, କୁଡଗି, ତାଳଚେର ଥର୍ମାଲ ଏବଂ କାହାଲଗାଓଁସ୍ଥିତ ଏନଟିପିସି ଷ୍ଟେସନଗୁଡିକରେ ଅପରେସନ ଏବଂ ମେଣ୍ଟେନାନ୍ସ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଛନ୍ତି। ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦରେ ଯୋଗ ଦେବା ପୂର୍ବରୁ ଶ୍ରୀ ସିହ୍ନା କାହାଲଗାଓଁ ଏନଟିପିସି ପ୍ରକଳ୍ପର ମୁଖ୍ୟ ଥିଲେ। ଏହାବ୍ୟତୀତ ସେ କର୍ପୋରେଟ୍ ଅପରେସନ ସର୍ଭିସେସ୍‌ର ମଧ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିସାରିଛନ୍ତି।



## ନଥିଙ୍ଗ ଦ୍ୱାରା ବିଭିନ୍ନ ରେଞ୍ଜର ସିଏମଏଫ୍ ଫୋନ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର, ୯।୭ (ଏଜେନ୍ସି):** ଲଣ୍ଡନସ୍ଥିତ ବୈଷୟିକ କମ୍ପାନୀ 'ନଥିଙ୍ଗ'ର ଏକ ସବ୍ ବ୍ରାଣ୍ଡ ଭାବେ ସିଏମଏଫ ପକ୍ଷରୁ ବିଭିନ୍ନ ଶ୍ରେଣୀର ଫୋନ ବଜାର ପ୍ରବେଶ କରାଯାଇଛି। ସିଏମଏଫ ଫୋନ୍ ୧, ସିଏମଏଫ ୱାଚ୍ ପ୍ରୋ ୨ ଓ ସିଏମଏଫ ବଡ୍ସ ପ୍ରୋ ୨ ନାମରେ ଏହିସବୁ ଫୋନ ଭାରତୀୟ ବଜାରରେ ଉପଲବ୍ଧ ହୋଇଛି। ସିଏମଏଫ ଫୋନ୍ ୧ ଭାରତର ପ୍ରଥମ ମିଡିଆଟେକ୍ ଡାଇମେନସିଟି ୭୩୦୦ ୫ଜି ପ୍ରୋସେସର ସହିତ ଉପଲବ୍ଧ ହୋଇଛି। ଏଥିରେ ୫୦୦୦ ଏମଏଏଚ ବ୍ୟାଟେରୀ ବ୍ୟବସ୍ଥା ରହିଥିଲା ବେଳେ ଉପଭୋକ୍ତାମାନେ ଥରକ ଚାର୍ଜରେ ଦୁଇ ଦିନ ପର୍ଯ୍ୟନ୍ତ ଫୋନ ବ୍ୟବହାର କରିପାରିବେ। ଏଥିରେ ୧୬ ଜିବି ରାମ୍ ଉପଲବ୍ଧ ରହିଥିଲା ବେଳେ ଏହା ସୁଗମ ମଲ୍ଟିଟାସ୍କିଂ ସୁନିଶ୍ଚିତ କରେ ଏବଂ ନଥି ଓଏସ୍ ୨.୬ ରେ ପରିଚାଳିତ ହୋଇଥାଏ । ଯାହା କଷ୍ଟମାଇଜେବଲ୍ ଆଣ୍ଡ୍ରଏଡ୍ ଅଭିଜ୍ଞତା ପ୍ରଦାନ କରେ। ଏହାବ୍ୟତୀତ ଶକ୍ତିଶାଳୀ କ୍ୟାମେରା ସିଷ୍ଟମରେ ସୋନି ୫୦ ଏମପି ରିୟର କ୍ୟାମେରା ସହିତ ସଠିକ ବୋକେହ ଇଫେକ୍ଟ ପାଇଁ ଏକ ଡେଡିକେଟେଡ୍ ପୋଟ୍ରେଟ୍ ସେନ୍ସର ଏବଂ ୧୬ ଏମପି ର ଫ୍ରଣ୍ଟ କ୍ୟାମେରା ରହିଛି । ୬.୬୭" ସୁପର ଆମୋଲେଡ୍ ଡିସପ୍ଲେରେ ନିରବଚ୍ଛିନ୍ନ ଭାବ ବିନିମୟ ପାଇଁ ଅଲଟ୍ରା-ସ୍ମୁଥ ୧୨୦ ହର୍ଜ ଆଡପ୍ଟିଭ୍ ରିଫ୍ରେସ୍ ରେଟ୍ ରହିଛି ।ସିଏମଏଫ ଫୋନ ୧ ଦୁଇଟି ମଡେଲରେ ଉପଲବ୍ଧ ହେଉଛି। ୬ ଜିବି + ୧୨୮ ଜିବି ଭାରିଆଣ୍ଟର ମୂଲ୍ୟ ୧୫,୯୯୯ ଟଙ୍କା ଏବଂ ୮ ଜିବି + ୧୨୮ ଜିବି ଭାରିଆଣ୍ଟର ମୂଲ୍ୟ ୧୭,୯୯୯ ଟଙ୍କା ରହିଛି ।

### ଡାଲମିଆ ଭାରତ ପକ୍ଷରୁ ବାର୍ଷିକ 'ବନ ମହୋତ୍ସବ'

## ୪୦୦୦ରୁ ଅଧିକ ଚାରା ରୋପଣ ଓ ବଣ୍ଟନ

**କଟକ/ ରାଜଗାଙ୍ଗପୁର, ୯।୭ (ସମିସ)**




ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଉଦ୍ୟୋଗ ଡାଲମିଆ ଭାରତ ଲିମିଟେଡ (ଡିବିଏଲ) ଓଡ଼ିଶାରେ ଭବ୍ୟ ଆକାରରେ 'ବନ ମହୋତ୍ସବ' ପାଳନ କରିବା ସହିତ ପରିବେଶ ସୁରକ୍ଷା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପୁନଃ ଦୃଢ଼ୀଭୂତ କରିଛି। ଜୁଲାଇ ୧ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ କମ୍ପାନୀ ସମଗ୍ର ଓଡ଼ିଶାରେ ସବୁଜୀକରଣ ପ୍ରୟାସ କରିଥିଲା ବେଳେ ୪୦୦୦ରୁ ଅଧିକ ଚାରା କମ୍ପାନୀର ରାଜଗାଙ୍ଗପୁର ଏବଂ କଟକ ସିମେଣ୍ଟ କାରଖାନା ଚତୁଃପାର୍ଶ୍ୱରେ ରୋପଣ ସହ ବଣ୍ଟନ କରାଯାଇଥିଲା। ଏହି ଅଭିଯାନ ପରିବେଶ ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀତ୍ୱକୁ ନେଇ ସଚେତନତା ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି। ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ଡିସିବିଏଲ୍ ସହାୟକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ କପିଳାସ ସିମେଣ୍ଟ ୱାର୍କସ୍ ମୁଖ୍ୟ ପଙ୍କଜ ଗୁପ୍ତା କହିଛନ୍ତି, "ଡାଲମିଆ ସିମେଣ୍ଟରେ ଦୀର୍ଘସ୍ଥାୟୀତ୍ୱ ହେଉଛି ଆମର ସମସ୍ତ କାର୍ଯ୍ୟକଳାପର ମୂଳାଧାର। ବିଗତ ବର୍ଷଗୁଡିକରେ କଟକ କାରଖାନା ଚାରିପଟେ ୨୨୦୦୦ ଚାରା ରୋପଣ କରାଯିବା ସହିତ ରାଜଗାଙ୍ଗପୁର କାରଖାନା ଏବଂ ଲାଞ୍ଜିବେର୍ଣ୍ଣା ଖଣି ଅଞ୍ଚଳରେ ସମାନ ସଂଖ୍ୟକ ରୋପଣ କରାଯାଇଛି। ଯାହା ପରିବେଶ ସୁରକ୍ଷା ଏବଂ ଜଳବାୟୁ ସହନଶୀଳତା ଦିଗରେ ସହାୟକ ହେବ। ଏହି ପ୍ରୟାସ ପରିବେଶ ସନ୍ତୁଳନ ବଜାୟ ରଖିବା ସହିତ ଭବିଷ୍ୟତ ପିଢିଙ୍କୁ ପରିବେଶ ସୁରକ୍ଷା ଦିଗରେ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ବନ ମହୋତ୍ସବ ପାଳନ ଅବସରରେ କପିଳାସ ସିମେଣ୍ଟ ମାନୁଫାକଚରିଂ ୱାର୍କସ୍ (କେସିଡବ୍ଲ୍ୟୁ) ୟୁନିଟ ପକ୍ଷରୁ ୪୦୦ ଚାରା ରୋପଣ କରାଯିବା ସହିତ ଆଖପାଖ ଅଞ୍ଚଳରେ ୩୦୦୦ ଚାରା ବଣ୍ଟନ କରାଯାଇଥିଲା। କଟକର କୁଶପଡା ଆଶ୍ରମ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ତର୍କ, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କ ପାଇଁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖାଦ୍ୟ ଅପଚୟକୁ ରୋକିବ ସ୍ମାର୍ଟ ଡଷ୍ଟବିନ୍



ସମ୍ପ୍ରତି ହୋଟେଲ, ରେସ୍ତୋରାଁରେ ବହୁ ପରିମାଣରେ ଖାଦ୍ୟ ଅପଚୟ ହେଉଛି । ଏହି ସମସ୍ୟାକୁ ଏଣିକି ସମାଧାନ କରିବ ସ୍ମାର୍ଟ ଡଷ୍ଟବିନ୍ । ଏହି ଡଷ୍ଟବିନ୍ ଏଆଇ ଦ୍ୱାରା ପରିଚାଳିତ । ଲିନ୍‌ପାଥ୍ ଇଙ୍କ୍, ୱିନ୍‌ନାଓ ସଲ୍ୟୁସନ ଲିମିଟେଡ୍ ଏବଂ ଅର୍ବିକ୍ସ ବି.ଭି. ଭଳି କମ୍ପାନି ଏହି ଅତ୍ୟାଧୁନିକ ଡଷ୍ଟବିନ୍ ସେବା ପ୍ରଦାନ କରୁଛନ୍ତି । ଏହି ଡଷ୍ଟବିନ୍‌ରେ ସ୍ମାର୍ଟ କ୍ୟାମେରା, ମାପଚିହ୍ନ ବା ସ୍କେଲ୍ ଏବଂ ଟଚ୍‌ସ୍କ୍ରିନ୍‌ର ସୁବିଧା ଅଛି । ଏଥିରେ କଟା କିମ୍ବା ରନ୍ଧା ଖାଦ୍ୟ ଫିଙ୍ଗା ଗଲେ, ଏଆଇ ଡଷ୍ଟବିନ୍ ଗୋଟିଏ ମିନିଟ୍‌ରେ ସୂଚନା ପ୍ରଦାନ କରିଥାଏ । ଉକ୍ତ ଡଷ୍ଟବିନ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ଖାଦ୍ୟ ଅପଚୟକୁ ରୋକିବା । ଏବେ ଲିନ୍‌ପାଥ୍ କମ୍ପାନିର ଏଆଇ ଡଷ୍ଟବିନ୍‌କୁ ମ୍ୟାରିଅଟ୍ ହୋଟେଲ, ଗୁଗଲ ଅଫିସ୍ ଭଳି ୪ ହଜାର କିଚେନ୍‌ରେ ବ୍ୟବହାର କରାଯାଉଛି । ଅନ୍ୟପଟେ ଡଷ୍ଟବିନ୍‌ରେ ଥିବା ଟ୍ରାକର ଲାଇନ୍, ସେଫ୍‌ଙ୍କୁ ଖାଦ୍ୟର ପ୍ରକାର, ଫିଙ୍ଗିବା ପଛର କାରଣ, ଏପରିକି ଦିନର ସମୟ ଚୟନ କରିବାର ଅନୁମତି ପ୍ରଦାନ କରିଥାଏ । ଉକ୍ତ ସ୍ମାର୍ଟ ଡଷ୍ଟବିନ୍‌ର କିଛି ମଡେଲରେ ସ୍ମାର୍ଟ କ୍ୟାମେରାକୁ ଖଞ୍ଜା ଯାଇଛି । ସେହିପରି କମ୍ପାନି ଗତବର୍ଷ ଆକଳନ କରିଛି ଯେ, ଏହି ଡଷ୍ଟବିନ୍ ମାଧ୍ୟମରେ ୧୫ ମିଲିଅନ୍ ଖାଦ୍ୟ ନଷ୍ଟ ଏବଂ ୫୫ ହଜାର ମେଟ୍ରିକ୍ ଟନ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ସର୍ଜନକୁ ରୋକିବା ସମ୍ଭବ ହୋଇଛି । ଏହାବାଦ୍ ଡଚ୍ ଷ୍ଟାର୍ଟଅପ୍ ଅର୍ବିକ୍ସର ୱେଷ୍ଟ କାଲ୍‌କୁଲେଟର ନାମକ ଡଷ୍ଟବିନ୍‌କୁ ଦୁଇଟି କାର୍ନିଭାଲ କ୍ରୁଜ୍‌ରେ ପରୀକ୍ଷା କରାଯାଇଥିଲା । ଯେଉଁଥିରୁ ଜଣାପଡ଼ିଛି ଏହାର ଉପଯୋଗରେ ୨୦୧୯ ରୁ ୨୦୨୪ ମଧ୍ୟରେ ଖାଦ୍ୟ ବର୍ଜ୍ୟବସ୍ତୁକୁ ସଫଳତା ପୂର୍ବକ ୪୫ ପ୍ରତିଶତ ହ୍ରାସ କରାଯାଇପାରିଛି । ତେବେ ଅର୍ବିକ୍ସ ଟେକ୍ନୋଲୋଜିର କ୍ୟାମେରା ଏବଂ ସ୍କେଲ, କେଉଁ ପ୍ରକାର ଖାଦ୍ୟ ଡଷ୍ଟବିନ୍‌କୁ ଯାଉଛି, ତାହା ଚିହ୍ନଟ କରିଥାଏ । ଅନ୍ୟପଟେ ଏହାର ଦାମ୍ ଅତ୍ୟଧିକ ହୋଇଥିବାରୁ ଏହାକୁ ରଖିବା ସମସ୍ତ ରେସ୍ତୋରାଁ ପକ୍ଷେ ଏକ ବଡ଼ ଚ୍ୟାଲେଞ୍ଜ । ଅର୍ବିକ୍ସ ଟେକ୍ନୋଲୋଜି ଡଷ୍ଟବିନ୍‌ର ଦାମ୍ ୧.୬ ଲକ୍ଷରୁ ୬.୬ ଲକ୍ଷ ଟଙ୍କା ମଧ୍ୟରେ ଆସିଥାଏ ।

# ସାଢ଼େ ଚାରିମାସରେ ଜନ୍ମ ନେଇଥିଲା ଶିଶୁ




ସାଧାରଣତଃ ଗୋଟିଏ ସୁସ୍ଥ ସବଳ ଶିଶୁ ଗର୍ଭାବସ୍ଥାର ୩୭-୪୦ ସପ୍ତାହ ମଧ୍ୟରେ ଜନ୍ମ ନେଇଥାଏ । ସେହିପରି ୩୫ ସପ୍ତାହ ପୂର୍ବରୁ ଜନ୍ମ ହୋଇଥିବା ଶିଶୁକୁ ପ୍ରି-ମ୍ୟାଚୋର ବା ଅପରିପକ୍ୱ ଶିଶୁ ବୋଲି ବୋଲି କୁହାଯାଏ । ଏହି କ୍ରମରେ ବିଶ୍ୱର ସବୁଠୁ ପ୍ରି-ମ୍ୟାଚୋର ଶିଶୁ ବାବଦରେ ଜଣାପଡ଼ିଛି । ଯେ କି ମାତ୍ର ୨୧ ସପ୍ତାହରେ ଜନ୍ମ ହୋଇ ବିଶ୍ୱର ସବୁଠୁ ପ୍ରି-ମ୍ୟାଚୋର ଶିଶୁ ଭାବେ ଗିନିଜ୍ ବିଶ୍ୱ ରେକର୍ଡ କରିଛି । କର୍ଟିସ୍ ଜି-କିଥ୍ ମିନସ୍ ନାମକ ଏହି ଶିଶୁଟି ୫ ଜୁଲାଇ, ୨୦୨୦ ମସିହାରେ ଆମେରିକାରେ ଜନ୍ମ ନେଇଥିଲା । ନିକଟରେ ଏହି ଶିଶୁଟି ତାର ଚତୁର୍ଥ ଜନ୍ମଦିବସ ପାଳନ କରିଛି । ତେବେ ଜନ୍ମ ସମୟରେ କର୍ଟିସ୍‌ର ଓଜନ ମାତ୍ର ୪୨୦ ଗ୍ରାମ୍ ଥିଲା । କର୍ଟିସ୍‌ର ଜନ୍ମ ଗର୍ଭକାଳ ଅବଧିର ଅଧା ସମୟରେ ହୋଇଥିବାରୁ ତାର ଜୀବିତ ରହିବା ଆଶା ଏକ ପ୍ରତିଶତରୁ କମ୍ ବୋଲି ସେତେବେଳେ ଡାକ୍ତରମାନେ କହିଥିଲେ । ଏବେ ଏହି ଘଟଣାକୁ ଇତିମଧ୍ୟରେ ଚାରିବର୍ଷ ବିତିଯାଇଛି । କର୍ଟିସ୍ ସଂପୂର୍ଣ୍ଣ ଭାବେ ସୁସ୍ଥ ଅଛି । ଅବଶ୍ୟ କର୍ଟିସ୍‌ଙ୍କର ଯମଜ ଭଉଣୀ ବଞ୍ଚି ପାରି ନ ଥିଲା । କର୍ଟିସ୍‌ଙ୍କୁ ଚିକିତ୍ସା କରିଥିବା ଶିଶୁ ବିଶେଷଜ୍ଞ ବ୍ରାୟନ ସିମ୍‌ସଙ୍କ କହିବାନୁସାରେ, 'ମିସେଲଙ୍କର ୨୧ ସପ୍ତାହରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ସେ ଏକା ସାଙ୍ଗରେ ଯମଜ ଶିଶୁଙ୍କୁ ଜନ୍ମ ଦେଇଥିଲେ । ଶିଶୁ କନ୍ୟାଟି ଜୀବିତ ରହି ନ ଥିଲା । କିନ୍ତୁ ୯ ମାସ ଧରି କର୍ଟିସ୍‌ର ଚିକିତ୍ସା ଚାଲିବା ପରେ ସେ ସୁସ୍ଥ ହୋଇଯାଇଥିଲା । ଜନ୍ମର ତିନି ମାସ ପର୍ଯ୍ୟନ୍ତ କର୍ଟିସ୍‌କୁ ଭେଣ୍ଟିଲେଟରରେ ରଖାଯାଇଥିଲା ।' ଜୀବିତ ରହିବା ପାଇଁ କର୍ଟିସ୍‌କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି ବୋଲି ମିସେଲ କହିଛନ୍ତି ।

## ଆଜିର ଇତିହାସ

- ୧୯୧୩-ରୋମାନିଆ ଓ ବୁଲ୍‌ଗେରିଆ ମଧ୍ୟରେ ଯୁଦ୍ଧ ଘୋଷଣା ।
- ୧୯୬୫- ଗ୍ୱାଲିୟରରେ ମହିଳାମାନଙ୍କ ପାଇଁ ପ୍ରଥମ ଥର ଏନ୍‌ସିସି କଲେଜର ସ୍ଥାପନା କରାଗଲା ।
- ୧୯୮୩- ମାର୍ଗାରେଟ୍ ଥାଚର୍ ପୁଣି ଥରେ ପ୍ରଧାନମନ୍ତ୍ରୀ ହେଲେ ।
- ୧୯୯୯- ଜେନେଭାରେ ଅନ୍ତଃରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀର ଆରମ୍ଭ ।
- ୨୦୧୩- ଚୀନ୍‌ର ସିଚୁଆନ୍‌ରେ ଭୂସ୍ଖଳନ ଯୋଗୁଁ ୪୦ ଲୋକଙ୍କ ମୃତ୍ୟୁ ।



# ଚାପରେ 'ପୁଷ୍ପା-୨' ଟିମ୍

## ଅଗଷ୍ଟ ୩୧ ସୁଦ୍ଧା ସାରିବେ ସୁଟିଂ

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପୁଷ୍ପା-୨: ଦ ରୁଲ୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ରହିଛି । ଦର୍ଶକେ ଏହାର ରିଲିଜ୍ ଦିନକୁ ଅପେକ୍ଷା କରିଛନ୍ତି । ପୂର୍ବରୁ ଏହି ଫିଲ୍ମ ଅଗଷ୍ଟ ୧୫ରେ ରିଲିଜ୍ ହେବାର ଥିଲା । କିନ୍ତୁ ଫିଲ୍ମର ଏଡିଟର ଅଧାରୁ କାମ ଛାଡ଼ି ଦେଇଥିଲେ । ଫଳରେ ଫିଲ୍ମର କିଛି ସିନ୍ ରିସୁଟ୍ ହେବ ବୋଲି ଚର୍ଚ୍ଚା ହେବାକୁ ଲାଗିଲା । କିଛି ଦିନ ପୂର୍ବରୁ ଫିଲ୍ମର ନିର୍ମାତା 'ପୁଷ୍ପା-୨' ଟିମ୍‌କୁ ଅଗଷ୍ଟ ୩୧ ସୁଦ୍ଧା ପୂରା ଫିଲ୍ମର ସୁଟିଂ ସାରିବା ପାଇଁ କହିଛନ୍ତି । ଯଦ୍ୱାରା ଏହି ଫିଲ୍ମ ଡିସେମ୍ବରରେ ପରଦାକୁ ଆସିପାରିବ । ଫିଲ୍ମର ସୁଟିଂ ସରିଲେ ଏହାପରେ ପୋଷ୍ଟ ପ୍ରଡକ୍ସନ୍ କାମ ଆରମ୍ଭ ହେବ । ତେବେ ଫିଲ୍ମର ଶେଷ ଦିନର ସୁଟିଂ ୩୧ ଅଗଷ୍ଟ ହୋଇପାରେ ବୋଲି କୁହାଯାଉଛି । ଏବେ ପୂରା ଟିମ୍ ଦିନରାତି ସୁଟିଂରେ ବ୍ୟସ୍ତ । ନିର୍ଦ୍ଦେଶକ ସୁକୁମାର ଏବେ ତିନୋଟି ୟୁନିଟ୍‌ରେ ଲଗାତାର ସୁଟ୍ କରୁଛନ୍ତି । ଯଦ୍ୱାରା ସମୟ ମଧ୍ୟରେ ଏହାର ସୁଟିଂ ସେ ସାରିପାରିବେ । ତେବେ ଡିସେମ୍ବରରେ ଏହା ରିଲିଜ୍ ହେଉଛି କି ନାହିଁ ତାହା ଦେଖାବୁ ବାକି ରହିଲା ।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି । ବନ୍ଧୁଙ୍କୁ ସାହାଯ୍ୟ କରିବାର ସୁଯୋଗ ମିଳିବ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିଛି । ବଦଖର୍ଚ୍ଚ ହେବେ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନୂତନ ଯାନବାହନ କ୍ରୟ କରିପାରନ୍ତି । ମହିଳାମାନେ ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ପ୍ରେମ ବ୍ୟାପାରରେ ସଫଳ ହେବେ । କର୍ମ ଅନୁସାରେ ଫଳ ପ୍ରାପ୍ତି ହେବ । କମ୍ କଥା କୁହନ୍ତୁ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଜମିଜମା ବିବାଦର ସମାଧାନ ହେବ । ଆଶା କରିଥିବା ଦିଗରୁ ଅର୍ଥ ପାଇପାରନ୍ତି । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଯୋଜନା କରିପାରନ୍ତି । ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ ।

**କନ୍ୟା:** ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ । ଆଇଟି ଓ ବ୍ୟାଙ୍କ କର୍ମଚାରୀଙ୍କ ପଦୋନ୍ନତି ହେବ ।

**ତୁଳା:** ପୈତୃକ ସମ୍ପତ୍ତି ନେଇ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିପାରେ । ମହିଳାମାନଙ୍କ ଦାୟିତ୍ୱ ବୃଦ୍ଧି ପାଇବ । ଦାନଧର୍ମ କରନ୍ତୁ ।

**ବିଛା:** ହଠାତ୍ କୌଣସି ଖୁସି ଖବର ମିଳିପାରେ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ଅତିଥି ସତ୍କାର ଯୋଗ ରହିଛି । ବନ୍ଧୁଙ୍କ ସହ ଭ୍ରମଣ କରିବାକୁ ଯିବେ । ଉଧାର ଦେଇଥିବା ଟଙ୍କା ଫେରିପାଇବେ ।

**ଧନୁ:** ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**କୁମ୍ଭ:** ଭବିଷ୍ୟତ ଲାଗି ଅର୍ଥ ନିବେଶ କରିପାରନ୍ତି । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ସାମାନ୍ୟ କଥାରୁ ବଚସା ହୋଇପାରେ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି । ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ନିଜ ଲୋକ ଶତ୍ରୁ ସାଜିବେ । ଭାବିଚିନ୍ତି ଉତ୍ତର ଦିଅନ୍ତୁ ।

# ଚିନ୍ତାମୁକ୍ତ ପାଇଁ କଥକ ନୃତ୍ୟ



ସମ୍ପ୍ରତି ଛାତ୍ରଛାତ୍ରୀମାନେ ଅବସାଦରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି କ୍ରମରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି, ଲକ୍ଷ୍ନୌ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି । ଛାତ୍ରଛାତ୍ରୀଙ୍କୁ ଚିନ୍ତାମୁକ୍ତ କରିବା ପାଇଁ ଏହି ସଂସ୍ଥାନ କଥକ ଶିକ୍ଷକଙ୍କୁ ନିଯୁକ୍ତ କରିଛି । ଏହା ଦ୍ୱାରା ବିଦ୍ୟାର୍ଥୀ ଅବସାଦ ମୁକ୍ତ ରହିବେ ବୋଲି କୁହାଯାଇଛି ।

ସଂସ୍ଥାନର ନିର୍ଦ୍ଦେଶକଙ୍କ ଅନୁସାରେ, ଡ୍ୟାନ୍ସ କ୍ଲାସ୍‌କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ କରାଯାଇଥିଲା । ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି । ଏପରିକି କେତେକ ବିଦ୍ୟାର୍ଥୀ ଏହି କ୍ଲାସ୍‌ରେ ନିୟମିତ ଭାବେ ସାମିଲ ହେଉଛନ୍ତି । ଅନ୍ୟପଟେ କୁହାଯାଇଛି, ଏଭଳି ଅନେକ ଗବେଷଣା ଅଛି, ଯେଉଁଥିରୁ ଜଣାପଡ଼ିଛି ସଂଗୀତ ଓ ନୃତ୍ୟ ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାରେ ସାହାଯ୍ୟ କରେ । ତେବେ ଏହି ସଂସ୍ଥାନରେ ନୃତ୍ୟ ଶିକ୍ଷକଙ୍କ ଆବଶ୍ୟକତା ଥିଲା, ଯିଏ କି ଯୁବ ଇଞ୍ଜିନିୟରଙ୍କ ମସ୍ତିଷ୍କଙ୍କୁ ବୁଝିପାରୁଥିବେ । ଏଠାରେ ଏଇଧରଣର ନୃତ୍ୟଗୁରୁଙ୍କୁ ନିଯୁକ୍ତ କରାଯାଇଛି । ପ୍ରଥମେ ପ୍ରଥମେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହେବା ନେଇ ଅନିଚ୍ଛା ପ୍ରକାଶ କରୁଥିଲେ । କିନ୍ତୁ ଏବେ ପ୍ରତି କ୍ଲାସ୍‌ରେ ୧୫ ପୁଅ ଓ ୪୦ ଝିଅ ସାମିଲ ଅଛନ୍ତି । ତେବେ କଥକ ନୃତ୍ୟ ଦ୍ୱାରା ଛାତ୍ରଛାତ୍ରୀଙ୍କ ଧୈର୍ଯ୍ୟ ବୃଦ୍ଧି ପାଉଛି । ଏହାସହ ସେମାନଙ୍କୁ ପଢ଼ା ତଥା କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ଏହି ନୃତ୍ୟ ସାହାଯ୍ୟ କରୁଥିବା ଜଣାପଡ଼ିଛି ।




# ନିଜକୁ ଗୁରୁତ୍ୱ ଦେଉଛନ୍ତି ଯୁବପିଢ଼ି

## ଆପଣାଉଛନ୍ତି 'ବ୍ୱଏସୋବର' ଅଭ୍ୟାସ



ଆଜିର ସମୟରେ ଯୁବପିଢ଼ିଙ୍କ ପକ୍ଷେ ଦୀର୍ଘ ସମୟ ଜଣକ ସହ ସମ୍ପର୍କ ରକ୍ଷା କରିବା ସେତେଟା ସହଜ ନୁହେଁ । ସେମାନେ ଟକ୍ସିକ୍ ରିଲେସନ୍‌ସିପ୍ ଏବଂ ଡେଟିଂ ଆପ୍‌ରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରିଥାନ୍ତି । ଏବେ ଏଥିରୁ ବାହାରିବା ପାଇଁ ସେମାନେ 'ବଏସୋବର' ଅଭ୍ୟାସକୁ ଅପାଣାଉଛନ୍ତି । ଏହା ଏମିତି ଏକ ଅଭ୍ୟାସ, ଯେଉଁଥିରେ ଜଣେ ନିଜକୁ ଗୁରୁତ୍ୱ ଦିଏ ଏବଂ ନିଜ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରେ । ତେବେ ଏହି ଅଭ୍ୟାସ କ'ଣ ଏବଂ ଏହି ଶବ୍ଦକୁ କିଏ ପରିଚିତ କରାଇଛନ୍ତି, ତାହାକୁ ନେଇ ଏହି ଉପସ୍ଥାପନା ।

**ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ**

'ବଏସୋବର' ଅଭ୍ୟାସ କେବଳ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଭାବିବା ଭୁଲ୍ । ଏହି ଅଭ୍ୟାସକୁ ଉଭୟ ଯୁବକ ଓ ଯୁବତୀ ଏବର ସମୟରେ ଗ୍ରହଣ କରୁଛନ୍ତି । ଏହି ଅଭ୍ୟାସର ଚଳଣି ୟୁରୋପ ଓ ଆମେରିକାରେ ବେଶି ଦେଖିବାକୁ ମିଳୁଛି । ଅବଶ୍ୟ ଭାରତୀୟ ଯୁବପିଢ଼ି ମଧ୍ୟ ଏହି ଧାରାରେ ଯିବା ଆରମ୍ଭ କରିଛନ୍ତି । ବିଶେଷକରି ଯେଉଁ ଯୁବପିଢ଼ିମାନେ ସହରରେ ରହି ଭଲ ରୋଜଗାର କରୁଛନ୍ତି, ସେମାନେ ଏହି ଅଭ୍ୟାସ ଉପରେ ଗୁରୁତ୍ୱ ଦେଉଛନ୍ତି ।

**ନିଜକୁ ଭଲପାଇବା:** ଏହି ଅଭ୍ୟାସ ଟକ୍ସିକ୍ ରିଲେସନ୍‌ସିପ୍ ସହିତ ଜୀବନ ଜିଇଁବାକୁ ବୁଝାଏ ନାହିଁ । ଏହାକୁ ଆପଣାଇ ଜଣେ ନିଜକୁ ଜାଣିବା ତଥା ବୁଝିବା ପାଇଁ ସମୟ ବାହାର କରନ୍ତି । କିଛି ନୂଆ ଶିଖିବା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ବାବଦରେ ଚିନ୍ତା କରିବା ଉପରେ ଗୁରୁତ୍ୱ ଦିଅନ୍ତି । ସରଳ ଭାଷାରେ କହିଲେ, ଅନ୍ୟର ଭଲପାଇବା ପାଇବା ପାଇଁ ଅପେକ୍ଷା ନ କରି ନିଜେ ନିଜକୁ ପ୍ରେମ କରିବା । ସେହିପରି ଏହାକୁ ଆମେ ସେଲଫ୍ ଲଭ୍ ଏବଂ ସେଲଫ୍ କେୟାର୍ କହିପାରିବା ।

**ସାମାଜିକ ଗଣମାଧ୍ୟମରୁ ଆରମ୍ଭ:** ଏହି ଶବ୍ଦକୁ ପ୍ରଥମେ ଇଣ୍ଟରନେଟ୍‌ରେ ହୋପ୍ ବୁଡାର୍ଡ ବ୍ୟବହାର କରିଥିଲେ । ହୋପ୍ ଜଣେ ହାସ୍ୟ ଅଭିନେତା ଏବଂ ସେ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାନ୍ତି । ଚଳିତ ବର୍ଷ ସେ ଏକ ଭିଡିଓରେ 'ବଏସୋବର'ର ନିୟମ ସମ୍ପର୍କରେ କହିଥିଲେ । ତାଙ୍କ ଅନୁସାରେ, ଟକ୍ସିକ୍ ରିଲେସନ୍‌ସିପ୍‌କୁ ଗ୍ରହଣ ନ କରିବା ହେଉଛି 'ବଏସୋବର' । କୌଣସି ସିଚୁଏସନସିପ୍‌ରେ ନ ଫସିବା କିମ୍ବା କୌଣସି ଡେଟିଂ ଆପ୍ ମାୟାରେ ନ ପଡ଼ି ନିଜେ ନିଜକୁ ଜାଣିବାକୁ ଏହା ବୁଝାଏ । ଏହାବାଦ୍ ଏହି ଅଭ୍ୟାସ ମାଧ୍ୟମରେ ଜଣେ ସେହି ସବୁ କିଛି କରିଥାଏ, ଯାହାକୁ ସେ ବିନା ବାଧାରେ ଖୁସି ପାଏ ।

# କର୍ମଚାରୀଙ୍କ ପାଇଁ ସମସ୍ୟା ସିଫ୍ଟ ଅଦଳବଦଳ



ଅନେକ କମ୍ପାନିରେ କର୍ମଚାରୀଙ୍କୁ ସକାଳେ, ରାତିରେ ଏବଂ ଜେନେରାଲ ସିଫ୍ଟରେ କାମ କରିବାକୁ ପଡ଼ିଥାଏ । ସେହିପରି ଯଦି ଜଣେ କର୍ମଚାରୀ ଛୁଟିରେ ରହନ୍ତି, ତେବେ ଅନ୍ୟ ଜଣେ ସହକର୍ମୀଙ୍କୁ ବାରମ୍ବାର ସିଫ୍ଟ ବଦଳାଇବାକୁ ପଡ଼ିଥାଏ । ଏହା ଦ୍ୱାରା କର୍ମଚାରୀ ଜଣକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେହିପରି ଏ ପ୍ରକାର ପରିବର୍ତ୍ତନ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ।

- ବାରମ୍ବାର ସିଫ୍ଟ ବଦଳାଉ ଥିଲେ ଅନିଦ୍ରା, ଥକ୍କାପଣ, ଚିଡ଼୍‌ଚିଡ଼ା ସହ କାମରେ ଧ୍ୟାନ କେନ୍ଦ୍ରିତ ହୋଇ ନ ଥାଏ ।
- ମାନସିକ ସ୍ୱାସ୍ଥ୍ୟକୁ ଏହା ପ୍ରଭାବିତ କରିଥାଏ । ଫଳରେ ଅବସାଦ, ଚିନ୍ତା ବୃଦ୍ଧିପାଏ ।
- ଅନେକ ଗବେଷଣାରୁ ଜଣାପଡ଼ିଛି ବାରମ୍ବାର ସିଫ୍ଟ ପରିବର୍ତ୍ତନ କରିବ ଦ୍ୱାରା ହୃଦ୍ ସମସ୍ୟ, ରକ୍ତଚାପ, ଆଦି ଦେଖିବାକୁ ମିଳେ ।
- ଏହାଦ୍ୱାରା ପାଚନ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖା ଦିଏ । ଏସିଡିଟି, ଗ୍ୟାସ୍ ଭଳି ଅନ୍ୟାନ୍ୟ ପାଚନ ସମସ୍ୟା ଦେଖାଦିଏ ।

# ଗୁଗଲ୍ ମ୍ୟାପ୍ ବ୍ୟବହାର କରୁଥିଲେ...



ପୂର୍ବରୁ ଲୋକଙ୍କୁ କୌଣସି ସ୍ଥାନକୁ ଯିବାକୁ ହେଲେ ସେମାନେ ସ୍ଥାନେ ସ୍ଥାନେ ଅଟକି ଲୋକଙ୍କୁ ପଚାରି ବୁଝି ଯାଉଥିଲେ । ତେବେ ଗୁଗଲ୍ ମ୍ୟାପ୍ ଆସିବା ପରଠୁ ଲୋକଙ୍କୁ ଏହି ସମସ୍ୟାରୁ ଏକପ୍ରକାର ମୁକ୍ତି ମିଳିଛି । ଯଦିଓ ଏହି ମ୍ୟାପ୍ ଜଣା ନ ଥିବା ସ୍ଥାନକୁ ଲୋକଙ୍କୁ ବାଟ କଢ଼ାଉଛି, ତଥାପି ଏହା ବିଭିନ୍ନ ସମୟରେ ଲୋକଙ୍କୁ ବହୁ ଅସୁବିଧାରେ ପକାଇବାର ନଜିର ଅଛି । ତେଣୁ ଗୁଗଲ୍ ମ୍ୟାପ୍ ବ୍ୟବହାର କରିବା ପୂର୍ବରୁ କିଛି ଦିଗ ଉପରେ ଧ୍ୟାନ ଦେବା ଜରୁରି ।

- ଯାତ୍ରା ଆରମ୍ଭ କରିବା ପୂର୍ବରୁ ଚାଳକଙ୍କୁ ରାସ୍ତାକୁ ଭଲଭାବେ ଜାଣିବା ଜରୁରି । ଅଜଣା ଓ ଶୂନଶାନ ରାସ୍ତାକୁ ଯିବା ଉଚିତ ନୁହେଁ ।
- ସବୁବେଳେ ଗୁଗଲ୍ ମ୍ୟାପ୍‌କୁ ଅପଡେଟ୍ ରଖିବା ଜରୁରି ।
- ରାସ୍ତାରେ ଗୁଗଲ୍ ମ୍ୟାପ୍ କାମ ନ କଲେ ଲୋକଙ୍କୁ ପଚାରି ବୁଝି ଆଗକୁ ବଢ଼ନ୍ତୁ । ସ୍ଥାନୀୟ ଲୋକେ ଗୁଗଲ ମ୍ୟାପ୍‌ଠୁ ରାସ୍ତା ବାବଦରେ ଭଲଭାବେ ଜାଣିଥାନ୍ତି ।
- ଇଣ୍ଟରନେଟ୍ ନ ଥିବା ସ୍ଥାନରେ ମଧ୍ୟ ଲୋକ ଫସି ରହନ୍ତି । କାରଣ ଗୁଗଲ୍ ମ୍ୟାପ୍ କାମ କରି ନ ଥାଏ ।
- ଏଥିରୁ ରକ୍ଷା ପାଇବା ପାଇଁ ଯାତ୍ରା ପୂର୍ବରୁ ଅଫଲାଇନ ମ୍ୟାପ୍ ଡାଉନଲୋଡ କରି ରଖିବା ଭଲ ।

# ଆଜି ସେମିଫାଇନାଲ

## କୋପା ଆମେରିକାରେ ଆର୍ଜେଣ୍ଟିନା-କାନାଡା, ୟୁରୋ କପ୍‌ରେ ଇଂଲଣ୍ଡ-ନେଦରଲାଣ୍ଡସ

### କାନାଡା ବିପକ୍ଷରେ ଖେଳିବେ ମେସି

**ନ୍ୟୁ ଜର୍ସି, ୯।୭(ଏଜେନ୍ସି):** ଆମେରିକାର ଚାଲିଥିବା ବିଶ୍ୱର ତୃତୀୟ ସର୍ବାଧିକ ଲୋକପ୍ରିୟ ତଥା ବୃହତ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକା ସେମି ଫାଇନାଲରେ



ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସକାଳେ ସ୍ଥାନୀୟ ମେଟ୍ ଲାଇଫ୍ ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ପଦାର୍ପଣ କରିଥିବା କାନାଡା ପ୍ରଥମ ସେମି ଫାଇନାଲରେ ପରସ୍ପରକୁ ଭେଟିବେ। ସେହିପରି ଏହା ପରଦିନ ଗୁରୁବାର ଉରୁଗୁଏ ଓ କଲମ୍ବିଆ ଦ୍ୱିତୀୟ ସେମିଫାଇନାଲରେ ମୁହାଁମୁହିଁ ହେବେ। ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ଅବଶ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଫେବରାଇଟ୍ ବିବେଚିତ ହେଉଛି। ତେବେ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା କାନାଡା କେତୋଟି ବିପର୍ଯ୍ୟୟ ଘଟାଇ ସେମିଫାଇନାଲ ପର୍ଯ୍ୟନ୍ତ ଆସିଛି। ତେଣୁ ଆର୍ଜେଣ୍ଟିନା କାନାଡାକୁ ଆଦୌ ହାଲକା ଭାବେ ନେବ ନାହିଁ। ୨୦୨୨ କତାର ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନା ଫିଫା ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିବା ବେଳେ କାନାଡା ବହୁ ତଳେ ୪୮ତମ ସ୍ଥାନରେ ରହିଛି। ତେଣୁ କାନାଡାକୁ ହରାଇ ଆର୍ଜେଣ୍ଟିନା ଫାଇନାଲକୁ ଉଠିବାର ସମ୍ଭାବନା ଅଧିକ ରହିଛି। ୨୦୨୧ରେ ଅନୁଷ୍ଠିତ କୋପା ଆମେରିକାର ଗତ ସଂସ୍କରଣରେ ଆର୍ଜେଣ୍ଟିନା ଟାଇଟଲ ହାସଲ କରିଥିଲା। ଏଥର ସଫଳ ହେଲେ ଏହା ମେସିଙ୍କ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ।

#### ଆର୍ଜେଣ୍ଟିନା ଫେବରାଇଟ୍

ଉଭୟ ଦଳ ଗ୍ରୁପ୍ ଏ'ରୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇ ୯ ପଏଣ୍ଟ ହାସଲ କରିବା ସହ ଶୀର୍ଷ ରହିଥିଲା। ଏହାପରେ ଆର୍ଜେଣ୍ଟିନା କ୍ୱାର୍ଟରରେ ଇକ୍ୱେଡରକୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୪-୨ ଗୋଲରେ ପରାସ୍ତ କରି ସେମିକୁ ଉଠିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆର୍ଜେଣ୍ଟିନା ୨-୦ ଗୋଲରେ ପରାସ୍ତ କରିଥିଲା। ଏହାପରେ ଆର୍ଜେଣ୍ଟିନା ୧-୦ ଗୋଲରେ ଚିଲିକୁ ଓ ୨-୦ ଗୋଲରେ ପେରୁକୁ ପରାସ୍ତ କରିଥିଲା। ସେହିପରି କାନାଡା ଗ୍ରୁପ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ କ୍ୱାର୍ଟରକୁ ଉଠିଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ କାନାଡା ପେନାଲ୍ଟି ସୁଟ୍ ଆଉଟ୍‌ରେ ଭେନେଜୁଏଲାକୁ ୪-୩ ଗୋଲରେ ପରାସ୍ତ କରି ସେମିକୁ ଉଠିଥିଲା। ୧୫ଥର ଚାମ୍ପିଅନ ହୋଇ ଆର୍ଜେଣ୍ଟିନା ଉରୁଗୁଏ ସହ ଯୁଗ୍ମ ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ସଫଳତମ ଦଳ ଭାବେ ବିବେଚିତ ହେଉଛି। ଦୁଇ ଦଳ ପୂର୍ବରୁ ପରସ୍ପରକୁ ଦୁଇଥର ଭେଟିଛନ୍ତି ଓ ଦୁଇଥର ଯାକ ଆର୍ଜେଣ୍ଟିନା ବାଜି ମାରିଛି। ତେଣୁ ରେକର୍ଡ, ଦକ୍ଷତା ଓ ବର୍ତ୍ତମାନର ଫର୍ମ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆର୍ଜେଣ୍ଟିନା ଯଥେଷ୍ଟ ଆଗରେ ରହିଛି। ଯଦି କାନାଡା ଆର୍ଜେଣ୍ଟିନାକୁ ପରାସ୍ତ କରେ, ତେବେ ଏହା ବିଶ୍ୱ ଫୁଟବଲ ଇତିହାସରେ ସର୍ବବୃହତ୍ ବିପର୍ଯ୍ୟୟ ସାବ୍ୟସ୍ତ ହେବେ। ଚତୁର୍ଥ କନକାକାଫ୍ (ଉତ୍ତର ଆମେରିକା ଓ କ୍ୟାରିବିଆନ ଫୁଟବଲ ମହାସଂଘ) ଦଳ ଭାବେ କାନାଡା କୋପା ଆମେରିକା ସେମକୁ ଉଠିଛି। ପୂର୍ବରୁ ଏହି ମହାସଂଘରୁ ମେକ୍ସିକୋ, ହଣ୍ଡୁରାସ ଓ ଆମେରିକା ସେମକୁ ଉଠିଥିଲେ। କିନ୍ତୁ ଯଦି ଆମେରିକା ଫାଇନାଲରେ ପ୍ରବେଶ କରେ ତେବେ ନୂଆ ଇତିହାସ ସୃଷ୍ଟି ହେବ।

### ଦ୍ୱିତୀୟ ଫାଇନାଲ ଲକ୍ଷ୍ୟରେ ଇଂଲଣ୍ଡ

**ଡର୍ଟମଣ୍ଡ, ୯।୭(ଏଜେନ୍ସି):** ୟୁରୋପ୍ ମହାଦେଶର ସର୍ବବୃହତ୍ ତଥା ବିଶ୍ୱର ଦ୍ୱିତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍ ସେମି



ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସ୍ପେନ୍ ଓ ଫ୍ରାନ୍ସ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିଛନ୍ତି। ସେହିପରି ସ୍ଥାନୀୟ ବିଭିବି ଷ୍ଟାଡିୟମରେ ଗତଥରର ରନର୍ସଅପ୍ ଇଂଲଣ୍ଡ ଓ ନେଦରଲାଣ୍ଡସ ବୁଧବାର ପରସ୍ପରକୁ ଭେଟିବେ। ୨୦୨୦ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଗତ ସଂସ୍କରଣରେ ଇଂଲଣ୍ଡ ୱିମ୍ବଲି ଷ୍ଟାଡିୟମରେ ଫାଇନାଲରେ ଇଟାଲୀଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଏଥର ନେଦରଲାଣ୍ଡସକୁ ହରାଇ ଇଂଲଣ୍ଡ ଦ୍ୱିତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିବ। ଅନ୍ୟପଟେ ନେଦରଲାଣ୍ଡସ ୧୯୮୮ ୟୁରୋକପ୍ ଫାଇନାଲରେ ସେତେବେଳର ସୋଭିଏତ୍ ୟୁନିୟନକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ଏହାପରେ ଅବଶ୍ୟ ନେଦରଲାଣ୍ଡସ ଫାଇନାଲକୁ ଉଠିପାରି ନାହିଁ। ଏଥର ଉଭୟ ଦଳ ପାଇଁ ସୁଯୋଗ ରହିଛି। ଉଭୟ ଦଳର ଦକ୍ଷତା ପ୍ରାୟ ସମାନସ୍ତରରେ ରହିଛି। ଉଭୟ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ରହିଛନ୍ତି। ଫଳରେ ଏହି ମ୍ୟାଚ୍‌ରେ କଡ଼ା ରୋମାଞ୍ଚ ଓ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଇଂଲଣ୍ଡର ତାରକା ଖେଳାଳି ବୁକାୟୋ ସାକା, ଜୁଡେ ବେଲିଂହାମ, ହ୍ୟାରୀ କେନ୍, ଡେକ୍ଲାନ ରାଇସ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ନେଦରଲାଣ୍ଡସର ଜାଭି ସାଇମନ୍ସ, ମେମ୍‌ଫିସ ଡିପେ, କୋଡି ଗାକ୍‌ପୋଙ୍କ ପ୍ରଦର୍ଶନ ଉପରେ ଫୋକସ ରହିଛି।

#### ନେଦରଲାଣ୍ଡ୍ସ ସପକ୍ଷରେ ରେକର୍ଡ; ଇଂଲଣ୍ଡ ସପକ୍ଷରେ ଫର୍ମ

ଫିଫା ମାନ୍ୟତାରେ ଇଂଲଣ୍ଡ ୫ମ ସ୍ଥାନରେ ରହିଥିବା ବେଳେ ନେଦରଲାଣ୍ଡସ ୭ମ ସ୍ଥାନରେ ରହିଛି। ଉଭୟ ଦଳ ଏପର୍ଯ୍ୟନ୍ତ ପରସ୍ପରକୁ ୨୨ଥର ଭେଟିଛନ୍ତି। ଏଥିରେ ନେଦରଲାଣ୍ଡସ ୭ ଓ ଇଂଲଣ୍ଡ ୬ଥର ବିଜୟୀ ହୋଇଥିବାବେଳେ ୯ଟି ମ୍ୟାଚ୍ ଡ୍ର ରହିଛି। ଗତ ୫ଟି ମ୍ୟାଚ୍‌ରେ ନେଦରଲାଣ୍ଡସ ୩ଟି ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ବରଣ କରିଛି। ଅନ୍ୟପଟେ ଇଂଲଣ୍ଡ ୨ଟି ବିଜୟ ହାସଲ କରିବା ସହ ୩ଟି ମ୍ୟାଚ୍ ଡ୍ର ରଖିଛି। କିନ୍ତୁ ବର୍ତ୍ତମାନର ଫର୍ମକୁ ନଜର କଲେ ଇଂଲଣ୍ଡ ପାଦେ ଆଗରେ ରହିଥିବା ଭଳି ମନେ ହେଉଛି।

ଇଂଲଣ୍ଡ ଗ୍ରୁପ୍ ସି'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ସହ ୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ରାଉଣ୍ଡ ଅଫ୍-୧୬ ପର୍ଯ୍ୟାୟକୁ ଉଠିଥିଲା। ଏହାପରେ ଇଂଲଣ୍ଡ ପ୍ରି-କ୍ୱାର୍ଟରରେ ୨-୧ ଗୋଲରେ ସ୍ଲୋଭାକିଆ ଓ କ୍ୱାର୍ଟରରେ ସ୍ୱିଜରଲାଣ୍ଡକୁ ସୁଟ୍ ଆଉଟ୍‌ରେ ୫-୩ ଗୋଲରେ ପରାସ୍ତ କରି ସେମିକୁ ଉଠିଥିଲା। ଅପରପକ୍ଷରେ ନେଦରଲାଣ୍ଡସ ଗ୍ରୁପ୍ ଡି'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ ମଧ୍ୟ ରାଉଣ୍ଡ ଅଫ୍ ୧୬କୁ ଉଠିଥିଲା। ଏହାପରେ ନେଦରଲାଣ୍ଡସ ରାଉଣ୍ଡ ଅଫ୍ ୧୬ରେ ରୋମାନିଆକୁ ୩-୦ ଗୋଲରେ ଓ କ୍ୱାର୍ଟରରେ ତୁର୍କୀକୁ ୨-୧ ଗୋଲରେ ହରାଇ ସେମିକୁ ଉଠିଥିଲା।

### ଫାଓରୁ ଦେବାଶିଷଙ୍କ ଇସ୍ତଫା

**କଟକ, ୯।୭ (ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସଭାପତି ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ସାଂସଦ ଶ୍ରୀ ସାମନ୍ତରାୟ ବ୍ୟକ୍ତିଗତ କାରଣରୁ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ପ୍ରଦାନ କରିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୦୯ ମସିହାରୁ ଶ୍ରୀ ସାମନ୍ତରାୟ ଫାଓର ସଭାପତି ପଦରେ ରହି ଆସିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ରାଜ୍ୟ ଫୁଟବଲର ବିକାଶ ଦିଗରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇଛି। ତେବେ ବ୍ୟସ୍ତ କାର୍ଯ୍ୟସୂଚୀ ଯୋଗୁଁ ସେ ସଭାପତି ଦାୟିତ୍ୱ ତୁଲାଇ ପାରିବେ ନାହିଁ ବୋଲି କହିଛନ୍ତି। ଆସନ୍ତା ୨୧ରେ ଫାଓର ସାଧାରଣ ପରିଷଦ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ ହେବ।

### ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍ ରୁଟ୍ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୯।୭ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍ ଚାମ୍ପିଅନସିପ୍‌ର ୪ର୍ଥ ସଂସ୍କରଣ ଆରମ୍ଭ ହୋଇଛି। ତୃଣମୂଳସ୍ତରର ଯୁବ ହକି ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ ଓ ଦକ୍ଷ ଖେଳାଳି ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଚଳିତ ସଂସ୍କରଣରେ ପୁରୁଷ ଓ ମହିଳା ବର୍ଗରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିଛନ୍ତି। ପୁରୁଷ ବର୍ଗରେ ଏଚ୍‌ପିସି ରାଜଗାଙ୍ଗପୁର, କୁତ୍ରା, ବଣେଇ, ତିଲେଇକାନି, ବିଶ୍ରା, ଛତ୍ରପୁର, ସବଦେଗା ଓ ସୌନାମୁରା ଏବଂ ମହିଳାବର୍ଗରେ ଏଚ୍‌ପିସି ଗୁରୁଣ୍ଡିଆ, ନୂଆଗାଁ, ଲେଫ୍ରିପଡ଼ା, କୁଆଁରମୁଣ୍ଡା, ବରଗାଁ, ଲାଠିକଟା, ଛତ୍ରପୁର ଓ ଢେଙ୍କାନାଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି। ଗତ ଜୁନ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ନୂଆଗାଁ ଓ ଯାଜପୁରଠାରେ ଏହି ଚାମ୍ପିଅନସିପର ପ୍ରାରମ୍ଭିକ ପର୍ଯ୍ୟାୟ ଖେଳାଯାଇଥିଲା। ଯେଉଁଥିରେ ପୁରୁଷ ଓ ମହିଳାବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୮ଟି ଲେଖାଏ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ଯୁବସେବା ବିଭାଗର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ୧୨ରେ ଉଦ୍‌ଯାପିତ ହେବ।



### ଆଜି ବିଦାୟୀ ମ୍ୟାଚ୍ ଖେଳିବେ ଆଣ୍ଡରସନ

**ଲର୍ଡ୍ସ, ୯।୭(ଏଜେନ୍ସି):** ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଐତିହାସିକ ଲର୍ଡ୍ସ କ୍ରିକେଟ ଷ୍ଟାଡିୟମ୍‌ରେ ଚଳିତ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଖେଳାଯିବ। ଏହି ମ୍ୟାଚ୍ ଇଂଲଣ୍ଡର ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିଥିବା ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନଙ୍କ ବିଦାୟୀ ମ୍ୟାଚ୍। ୪୨ ବର୍ଷୀୟ ଫାଷ୍ଟ ବୋଲର ଏଠାରେ ତାଙ୍କ ଜୀବନର ୧୮୮ତମ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିବେ। ଏବେ ଟେଷ୍ଟ କ୍ରିକେଟରେ ସେ ଅକ୍ତିଆର କରିଥିବା ୭୦୦ ୱିକେଟରେ ଇଂଲଣ୍ଡରେ ସର୍ବାଧିକ ଓ ମୁଥୟା ମୁରଲୀଧରନ (୮୦୦) ଓ ସେନ୍ ୱାର୍ଣ୍ଣ (୭୦୮)ଙ୍କ ପରେ ତୃତୀୟ ସର୍ବାଧିକ। ଏହି ୩ଜଣ ୭୦୦ ଟେଷ୍ଟ ୱିକେଟ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏବେ ସୀମିତ ଓଭର ଫର୍ମାଟର ଯୁଗ ଚାଲିଥିଲାବେଳେ ଏମାନଙ୍କ ନିକଟରେ ଆଉ କୌଣସି ଆଧୁନିକ ବୋଲର ପହଞ୍ଚିବା କଷ୍ଟକର।



୨୦୦୩ରେ ଆଣ୍ଡରସନ ଏହି ଗ୍ରାଉଣ୍ଡରେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ଏହି ମ୍ୟାଚ୍‌ରେ ଇଂଲଣ୍ଡର କିମ୍ବଦନ୍ତୀ ଖେଳାଳି ଆଲେକ ଷ୍ଟିୱାର୍ଟ ମଧ୍ୟ ଅବସର ନେଇଥିଲେ। ଏହା ମଧ୍ୟରେ ୨୧ ବର୍ଷ ପରେ ସେହି ଷ୍ଟାଡିୟମ୍‌ରେ ଆଣ୍ଡରସନ ତାଙ୍କ ୧୮୮ତମ ତଥା ଶେଷ ମ୍ୟାଚ୍ ଖେଳିବେ। ସେ କେବଳ ସଚିନ ତେନ୍ଦୁଲକରଙ୍କ (୨୦୦ ଟେଷ୍ଟ)ଙ୍କଠାରୁ କମ୍ ମ୍ୟାଚ୍ ଖେଳି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜଣେ ଫାଷ୍ଟ ବୋଲରଭାବେ ସେ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ତାଙ୍କ ପଛକୁ ନିଜ ଦେଶର ଷ୍ଟିୱାର୍ଟ ବ୍ରଡ ୧୬୭ ଓ ୱେଷ୍ଟଇଣ୍ଡିଜ୍‌ର କର୍ଟନୀ ୱାଲ୍‌ଶ ୧୩୨ ଟେଷ୍ଟ ଖେଳାଳି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଆଣ୍ଡରସନ ଶେଷଥର ଦିନିକିଆ ମ୍ୟାଚ ୨୦୧୫ ବିଶ୍ୱକପ୍‌ରେ ଖେଳିଥିଲେ। ଏହି ଫର୍ମାଟରେ ସେ ମଧ୍ୟ ନିଜ ଦେଶ ପକ୍ଷରୁ ୨୬୯ଟି ୱିକେଟ ଅକ୍ତିଆର କରିଥିଲେ। ଏହାକୁ ମିଶାଇଲେ ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୯୮୭ଟି ୱିକେଟ ପାଇଛନ୍ତି। ଏଥିରେ ମୁରଲୀଧରନ ସର୍ବାଧିକ ୧୩୪୭ ଓ ୱାର୍ଣ୍ଣ ୧୦୦୧ ୱିକେଟ ପାଇଛନ୍ତି।

#### ଜୁନ୍ ମାସର ଶ୍ରେଷ୍ଠ ଆଇସିସି ଖେଳାଳି ପୁରସ୍କାର

### ବୁମ୍‌ରା, ମନ୍ଧାନାଙ୍କ ଐତିହାସିକ ସଫଳତା

**ଦୁବାଇ, ୯।୭ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ପାଇଁ ମଙ୍ଗଳବାର ଡବଲ୍ ଖୁସି ଆଣିଛନ୍ତି ଯଶପ୍ରୀତ୍ ବୁମ୍‌ରା ଓ ସ୍ମୃତି ମନ୍ଧାନା। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଉଭୟ ବୁମ୍‌ରା ଓ ମନ୍ଧାନାଙ୍କୁ ଜୁନ ମାସ ଲାଗି ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ଭାବେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ଜିତିବା ସହ ଉଭୟ ଇତିହାସ ପୃଷ୍ଠାରେ ନିଜ ନାମ ଯୋଡ଼ିଛନ୍ତି। ବିଶ୍ୱରେ ପ୍ରଥମ ଯୋଡ଼ି ଭାବେ ଗୋଟିଏ ଦେଶର ଦୁଇଜଣ ଖେଳାଳି ସମାନ ମାସ ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ହାତେଇନେଇଛନ୍ତି। ୨୦୨୧ ଜାନୁଆରୀରୁ 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ପ୍ରଦାନ କରାଯାଇଆସୁଛି। କିନ୍ତୁ କେବେ ମଧ୍ୟ ଗୋଟିଏ ମାସରେ ଗୋଟିଏ ଦେଶର ଦୁଇଜଣ ଖେଳାଳି ଉଭୟ ପୁରୁଷ ଓ ମହିଳା ଟ୍ରଫି ଏକସଙ୍ଗେ ଜିତି ନ ଥିଲେ।





ନିକଟରେ ଶେଷ ହୋଇଥିବା ଆଇସିସି ଟି-୨୦ ବିଶ୍ୱକପ୍‌ରେ ବୁମ୍‌ରା ଚମତ୍କାର ପ୍ରଦର୍ଶନ କରି ୧୫ ୱିକେଟ୍ ନେବା ସହ ୨ଟି କ୍ୟାଚ୍ ନେଇଥିଲେ। ବୁମରାଙ୍କ ଏହି ପ୍ରଦର୍ଶନ ବଳରେ ଭାରତ ୨ୟଥର ଲାଗି ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଟ୍ରଫି ବିଜୟୀ ହୋଇଥିଲା। ଜୁନ ମାସ ଲାଗି ଶ୍ରେଷ୍ଠ ପୁରୁଷ ଖେଳାଳି ଦୌଡ଼ରେ ବୁମ୍‌ରାଙ୍କ ସମେତ ରୋହିତ୍ ଶର୍ମା ଓ ଆଫଗାନିସ୍ତାନ ଓପନର୍ ରହମନୁଲ୍ଲା ଗୁର୍‌ବାଜ ଉପସ୍ଥିତ ରହିଥିଲେ। କିନ୍ତୁ ବୁମରା ଉଭୟଙ୍କୁ ପଛରେ ପକାଇ ଏହି ପୁରସ୍କାର ହାତେଇନେଇଛନ୍ତି। ଏଥିସହ ବୁମ୍‌ରା ୨ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତି ନିଜ ଦେଶର ବିରାଟ କୋହଲି (୨ଥର)ଙ୍କ ସହ ସମକକ୍ଷ ହୋଇଛନ୍ତି।

ସେହିଭଳି ଜୁନ ମାସ ଲାଗି ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ଦୌଡ଼ରେ ଭାରତର ବ୍ୟାଟିଂ ଷ୍ଟାର୍ ମନ୍ଧାନାଙ୍କ ସମେତ ଇଂଲଣ୍ଡର ମାଇଆ ବାଉଚର ଓ ଶ୍ରୀଲଙ୍କାର ବିସ୍ମି ଗୁଣରତ୍ନେ ଦୌଡ଼ରେ ରହିଥିଲେ। ମନ୍ଧାନା କିନ୍ତୁ ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ଏକଦିବସୀୟ ସିରିଜରେ ୩୪୩ ରନ ସଂଗ୍ରହ କରି ଟ୍ରଫି ହାସଲ କରିଥିଲେ। ଏହି ସିରିଜର ୩ଟି ଯାକ ମ୍ୟାଚରେ ମନ୍ଧାନା ଯଥାକ୍ରମେ ୧୧୭, ୧୩୬ ଓ ୯୦ ରନ କରିଥିଲେ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ମନ୍ଧାନା ୧୪୯ ରନ କରି ଜୁନ ମାସର ଶ୍ରେଷ୍ଠ ପୁରସ୍କାର ଲାଗି ପ୍ରମୁଖ ଦାବିଦାର ରହିଥିଲେ।

#### • ମ୍ୟାନମାର ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ

### ପ୍ୟାରୀଙ୍କ ଗୋଲ୍ ସତ୍ତ୍ୱେ ଭାରତ ହାରିଲା

**ୟାଙ୍ଗୋନ, ୯।୭ (ଏଜେନ୍ସି):** ମ୍ୟାନମାର ଗସ୍ତରେ ଯାଇଥିବା ଭାରତୀୟ ମହିଳା ଫୁଟ୍‌ବଲ ଦଳ ପ୍ରଥମ ମ୍ୟାଚ୍‌ରେ ପରାଜୟବରଣ କରିଛି। ମଙ୍ଗଳବାର ସ୍ଥାନୀୟ ଥୁୱୁନ୍ନା ଷ୍ଟାଡିୟମରେ ଘରୋଇ ମ୍ୟାନମାର ମହିଳା ଦଳ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ୨-୧ ଗୋଲରେ ପରାସ୍ତ ହୋଇଛି। ଏହି ମ୍ୟାଚରେ ଭାରତୀୟ ଦଳ ପକ୍ଷରୁ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ପ୍ରତିନିଧିତ୍ୱ କରୁଥିବା ପ୍ୟାରୀ ଖାଖା ଗୋଲ୍‌ସ୍କୋର କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଦୀର୍ଘ ୫ ବର୍ଷର ବ୍ୟବଧାନ ପରେ ଭାରତ ଓ ମ୍ୟାନମାର ମହିଳା ଫୁଟ୍‌ବଲ ଦଳ ପରସ୍ପର ସାମ୍ନାସାମ୍ନି ହୋଇଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ମ୍ୟାନମାର ସପକ୍ଷରେ ଯାଇଥିଲା। ୧୪ତମ ମିନିଟ୍‌ରେ ୱିନ ତେଇଙ୍ଗି ତୁନଙ୍କ ଗୋଲ୍ ବଳରେ ମ୍ୟାନମାର ୧-୦ରେ ଅଗ୍ରଣୀ ଲାଭ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭ୍ରମଣକାରୀ ଭାରତ ଏହି ଗୋଲ୍‌ଟି ଶୁଝିଦେଇଥିଲା। ୫୭ତମ ମିନିଟ୍‌ରେ ଷ୍ଟ୍ରାଇକର ପ୍ୟାରୀ ଖାଖାଙ୍କ ଗୋଲ୍ ମ୍ୟାଚକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଥିଲା। ମ୍ୟାନମାର କିନ୍ତୁ ପୁଣିଥରେ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୭୪ତମ ମିନିଟ୍‌ରେ ସାନ୍ ଥିୱ ଥୱଙ୍କ ଗୋଲ୍ ଘରୋଇ ଦଳକୁ ୨-୧ରେ ଅଗ୍ରଣୀ କରାଇବା ସହ ଶେଷରେ ବିଜୟୀ କରାଇଥିଲା।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଜୁରିଆ ମୁଦୁଲି
ସ୍ଥାନ- ବୃନ୍ଦାବନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅଳାଦିକ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଭାବଧାରାକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ



# କ୍ରୀଡ଼ା





**ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ବଦଳିଲେ**

## ଦ୍ରାବିଡଙ୍କ ସ୍ଥାନରେ ଗମ୍ଭୀରଙ୍କୁ ଦାୟିତ୍ୱ

**ନୂଆଦିଲ୍ଲୀ, ୯ ।୭ (ଏଜେନ୍ସି):** ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଦଳର ନୂଆ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ ମଙ୍ଗଳବାର ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ଏ ନେଇ ଘୋଷଣା କରିଛନ୍ତି । ରାହୁଲ ଦ୍ରାବିଡ୍‌ଙ୍କ ସ୍ଥାନରେ ୪୨ ବର୍ଷୀୟ ଗମ୍ଭୀର ୨୦୨୭ ପର୍ଯ୍ୟନ୍ତ ଅର୍ଥାତ ୩ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ଟି-୨୦ ବିଶ୍ୱକପ୍ ଶେଷ ହେବା ପରେ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା । ୨୦୨୧ରେ ଦ୍ରାବିଡ୍ ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ବହନ କରିଥିଲେ ।



ଦେଢ଼ମାସ ତଳେ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ଗତ ଆଇପିଏଲ୍ ଟାଇଟଲ ହାସଲ କରିଥିଲା । ସେବେଠାରୁ ଗମ୍ଭୀର ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତ ହେବେ ବୋଲି ଚର୍ଚ୍ଚା ଚାଲିଥିଲା ଓ ଏବେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି । ପୂର୍ବରୁ ଗମ୍ଭୀରଙ୍କ ମେଣ୍ଟରସିପ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟ କ୍ରମାଗତ ଦ୍ୱିତୀୟଥର ପାଇଁ ଆଇପିଏଲ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା । ଚଳିତ ମାସ ଶେଷରେ ଭାରତ ଶ୍ରୀଲଙ୍କା ଗସ୍ତରେ ଯିବ । ପ୍ରଶିକ୍ଷକ ଭାବେ ଗମ୍ଭୀର ଏହି ଗସ୍ତରେ ପ୍ରଥମଥର ଦାୟିତ୍ୱ ନେବେ । ଭାରତ ଟି-୨୦ ବିଶ୍ୱକପ୍ ହାସଲ କରିଥିବାରୁ ଏହି ବିଜୟଧାରା ବଜାୟ ରଖିବା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ହେବ । ସ୍ପଷ୍ଟ ଭାବେ ନିଜ ଅଭିବ୍ୟକ୍ତି ଜାହିର କରୁଥିବା ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ କ୍ରିକେଟ ଏକ ନୂଆ ସୋପାନରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

### ଗମ୍ଭୀରଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଦେବୁ : ଶାହ

ଭାରତୀୟ କ୍ରିକେଟ ଦଳର ନୂଆ ପ୍ରଶିକ୍ଷକ ଭାବେ ଗମ୍ଭୀରଙ୍କୁ ଆମେ ସ୍ୱାଗତ ଜଣାଉଛୁ ବୋଲି ଶାହ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି । ଦ୍ରୁତଗତିରେ ଆଧୁନିକ କ୍ରିକେଟରେ ପରିବର୍ତ୍ତନ ହେଉଛି ଓ ଗମ୍ଭୀର ଏହାର ମୁକସାକ୍ଷୀ ରହିଛନ୍ତି । ନିଜ କ୍ୟାରିୟରରେ ମିଳିଥିବା ସବୁ ଦାୟିତ୍ୱକୁ ଗମ୍ଭୀର ସୂଚାରୁରୂପେ ସମ୍ପାଦନ କରିଆସିଛନ୍ତି । ଗମ୍ଭୀର ଭାରତୀୟ କ୍ରିକେଟକୁ ଆଗକୁ ବଢାଇନେବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ । ତାଙ୍କ ପାଖରେ ବହୁତ ଅଭିଜ୍ଞତା ସ୍ପଷ୍ଟ ଦୂରଦୃଷ୍ଟି ରହିଛି । ପ୍ରଶିକ୍ଷକ ପଦ ପାଇଁ ସେ ଉପଯୁକ୍ତ ବ୍ୟକ୍ତି । ଏହି ନୂଆ ଯାତ୍ରାରେ ବିସିସିଆଇ ତାଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଦେବ ବୋଲି ଶାହ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ।

### ଗୌରବାନ୍ୱିତ ମନେ କରୁଛି: ଗମ୍ଭୀର

ପ୍ରଶିକ୍ଷକ ପଦରେ ନିଯୁକ୍ତ ହେବା ପରେ ଗମ୍ଭୀର "ଏକ୍ସ"ରେ ନିଜର ମତ ରଖିଛନ୍ତି । ଏହି ଗୁରୁଦାୟିତ୍ୱ ମିଳିଥିବାରୁ ଗୌରବାନ୍ୱିତ ମନେ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଭାରତ ହେଉଛି ମୋର ପରିଚୟ ଓ ପ୍ରଶିକ୍ଷକ ଭାବେ ଦେଶର ସେବା କରିବାକୁ ସୁଯୋଗ ପାଇଥିବାରୁ ଗର୍ବ ଅନୁଭବ କରୁଛି । ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିବା ମୋର ମୂଳ ଲକ୍ଷ୍ୟ । ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ସାକାର କରିବାକୁ ପୂର୍ଣ୍ଣ ପ୍ରାଣରେ ପ୍ରୟାସ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଦୁଇଟି ଲେଖାଏ ବିଶ୍ୱକପ୍, ଆଇପିଏଲ ଟ୍ରଫି ଜିତିଛନ୍ତି

ଗମ୍ଭୀର କ୍ୟାରିୟରରେ ଦୁଇଟି ଲେଖାଏ ବିଶ୍ୱକପ୍ ଓ ଆଇପିଏଲ ଟ୍ରଫି ହାସଲ କରିଛନ୍ତି । ସେ ୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଟ୍ରଫି ହାସଲ କରିଛନ୍ତି । ଏଥିସହ ତାଙ୍କ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସ ୨୦୧୨ ଓ ୨୦୧୪ରେ ଆଇପିଏଲ୍ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା । ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ସେ କେକେଆରର ନେତୃତ୍ୱ ନେଇଥିଲେ ଓ ଦଳକୁ ୫ଥର ପ୍ଲେ- ଅଫ୍‌ରେ ପହଞ୍ଚାଇଥିଲେ । ଦୀର୍ଘ ୧୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିଅରରେ ସେ ଭାରତ ପାଇଁ ୫୮ ଟେଷ୍ଟ, ୧୪୭ ଦିନିକିଆ ଓ ୩୭ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଟେଷ୍ଟରେ ସେ ୪୧.୯୬ ହାରରେ ୪, ୧୫୪ ରନ ସଂଗ୍ରହ କରିଛନ୍ତି ଓ ଏଥିରେ ୯ଟି ଶତକ ଓ ୨୨ଟି ଅର୍ଦ୍ଧଶତକ ସାମିଲ ରହିଛି । ସେହିପରି ଦିନିକିଆରେ ସେ ୩୯.୬୮ ହାରରେ ୫, ୨୩୮ ରନ ସଂଗ୍ରହ କରିଛନ୍ତି ଓ ଏଥିରେ ୧୧ଟି ଶତକ ଓ ୩୪ଟି ଅର୍ଦ୍ଧଶତକ ସାମିଲ ରହିଛି ।

### ନୂଆ ସପୋର୍ଟ ଷ୍ଟାଫ୍‌ଙ୍କ ସହ କାମ କରିବେ

ଭାରତୀୟ କ୍ରିକେଟ ଦଳର ନବନିଯୁକ୍ତ ପ୍ରଶିକ୍ଷକ ଗୌତମ ଗମ୍ଭୀର ନୂଆ ସପୋର୍ଟ ଷ୍ଟାଫ୍‌ଙ୍କ ସହ କାର୍ଯ୍ୟ କରିବେ । ଏବେକାର ସପୋର୍ଟ ଷ୍ଟାଫ୍ ତାଙ୍କ ସହ କାର୍ଯ୍ୟ କରିବେ ନାହିଁ । ଫଳରେ ଦୀର୍ଘଦିନ ଧରି ଭାରତୀୟ ଦଳ ପାଇଁ କାର୍ଯ୍ୟ କରିଆସୁଥିବା ବୋଲିଂ କୋଚ୍ ପାରସ ମାହାମ୍ବ୍ରେ, ଫିଲ୍ଡିଂ କୋଚ୍ ଟି. ଦିଲୀପ ଓ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଏହି ୩ ସପୋର୍ଟ ଷ୍ଟାଫ୍‌ମାନେ ରାହୁଲ ଦ୍ରାବିଡଙ୍କ ଅଧୀନରେ ବେଶ ସୂଚାରୁରୂପେ ଦାୟିତ୍ୱ ତୁଲାଇଥିଲେ । ଏଥିପାଇଁ ଭରାତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ରାବିଡଙ୍କ ସମେତ ଏହି ୩ ସହାୟକ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛି । ଗମ୍ଭୀର ଏବେ ତାଙ୍କ ପସନ୍ଦର ସପୋର୍ଟ ଷ୍ଟାଫ୍‌ଙ୍କୁ ନେଇ କାର୍ଯ୍ୟ କରିବେ । ନିଯୁକ୍ତି ପାଇବା ବହୁ ପୂର୍ବରୁ ଗମ୍ଭୀର ଏ ନେଇ ବିସିସିଆଇକୁ ଅବଗତ କରାଇଥିଲେ । ବୋର୍ଡ ମଧ୍ୟ ତାଙ୍କର ଏହି ଇଚ୍ଛାକୁ ମଞ୍ଜୁରୀ ଦେଇଥିଲା ।

**ଆଜି ଭାରତ-ଜିମ୍ବାୱେ ତୃତୀୟ ଟି-୨୦**

## ଖେଳିପାରନ୍ତି ଜୟସ୍ୱାଲ ଓ ସାମସନ

**ହରାରେ, ୯।୭ (ଏଜେନ୍ସି):** ଭାରତ ଓ ଜିମ୍ବାୱେ ମଧ୍ୟରେ ଏଠାରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ । ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍‌କୁ ବରାବର ସ୍ଥିତିରେ ରଖିଛନ୍ତି । ତୃତୀୟ ମ୍ୟାଚ୍‌କୁ ଉଭୟ ଦଳ ବିଜୟୀ ହେବା ସହ ସିରିଜ୍‌ରେ ଅଗ୍ରଣୀ ହେବାକୁ ନିଶ୍ଚିତ ଚେଷ୍ଟା କରିବେ । ପ୍ରଥମ ମ୍ୟାଚ୍‌ରେ ଭାରତର ଅପ୍ରତ୍ୟାଶିତ ପରାଜୟ ପରେ ଦ୍ୱିତୀୟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ଫେରାଇଆଣିଛି । ଏହା ମଧ୍ୟରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ୩ ଜଣ ସଦସ୍ୟ ଦଳ ସହ ଯୋଗ ଦେଇଛନ୍ତି । ଏମାନଙ୍କ ମଧ୍ୟରୁ

**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଖେଳ ଆରମ୍ଭ: ଅପରାହ୍ଣ ୪ଟା ୩୦**

ଆଦୌ ମ୍ୟାଚ୍ ଖେଳି ନ ଥିବା ଯଶସ୍ୱୀ ଜୟସ୍ୱାଲ ଓ ୱିକେଟରକ୍ଷକ ସଞ୍ଜୁ ସାମସନ ଏହି ମ୍ୟାଚ୍‌ରେ ନିଶ୍ଚିତ ଖେଳିବେ । ଦ୍ୱିତୀୟ ମ୍ୟାଚ୍‌ରେ ୪୬ ବଲ୍‌ରେ ଶତକ ହାସଲ କରିଥିବା ଓପନର ଅଭିଷେକ ଶର୍ମାଙ୍କ ସ୍ଥାନରେ ଜୟସ୍ୱାଲ ଇନିଂସ ଓପନ କରିପାରନ୍ତି । ସେ ଋତୁରାଜ ଗାଏକୱାଡ୍‌ଙ୍କ ସ୍ଥାନରେ ଖେଳିବେ ଓ ଅଭିଷେକ ନଂ-୩ ପୋଜିସନରେ ବ୍ୟାଟିଂ କରିବାକୁ ଆସିବେ । ସେହିପରି ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ସ୍ଥାନରେ ସାମସନ, ଗତ ମ୍ୟାଚ୍‌ରେ ଡେବ୍ୟୁ କରି ବ୍ୟାଟିଂ ସୁଯୋଗ ପାଇ ନ ଥିବା ସାଇ ସୁଦର୍ଶନଙ୍କ ସ୍ଥାନରେ ଶିବମ ଦୁବେଙ୍କ ଖେଳିବାର ସମ୍ଭାବନା ଅଧିକ ରହିଛି । ଏହି ମ୍ୟାଚ୍‌ରେ ଭାରତ ସହଜ ବିଜୟ ହାସଲ କରିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିବା ଜିମ୍ବାୱେ ଅଭିଷେକ ଶର୍ମାଙ୍କ ବ୍ୟାଟିଂରେ ଚିତ୍‌ପଟାଙ୍ଗ ମାରିଥିଲା । ଏହା ସତ୍ତ୍ୱେ ଦଳ ଏହି ସିରିଜ୍‌କୁ ଫେରିବାର ଦକ୍ଷତା ରଖିଛି । କେବଳ ସୁଯୋଗ ଅପେକ୍ଷାରେ ଦଳ ରହିଛି ।

**● ସିରାଜଙ୍କୁ ସମ୍ବର୍ଦ୍ଧନା କଲେ ତେଲଙ୍ଗାନା ସରକାର**

## ଚାକିରି, ପ୍ଲଟ୍ ଦେବାକୁ ଘୋଷଣା

**ହାଇଦରାବାଦ୍, ୯ ।୭ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ମହମ୍ମଦ ସିରାଜଙ୍କୁ ମଙ୍ଗଳବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ସମ୍ବର୍ଦ୍ଧନା କରିଛନ୍ତି । ବିଶ୍ୱକପ୍ ବିଜୟୀ ହୋଇଥିବାରୁ ସିରାଜଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ଅବସରରେ ସରକାରୀ ଚାକିରି ଓ ଘର ତିଆରି କରିବା ଲାଗି ପ୍ଲଟ୍ ଯୋଗାଇ ଦେବାକୁ ରେବନ୍ତ ଘୋଷଣା କରିଛନ୍ତି । ସିରାଜ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭାରତୀୟ ଦଳର ଏକ ଜର୍ସି ଉପହାର ଆକାରରେ ପ୍ରଦାନ କରିଥିଲେ । ଏହି ସମ୍ବର୍ଦ୍ଧନା ଅବସରରେ ଭାରତୀୟ ଦଳର ପ୍ରାକ୍ତନ ଅଧିନାୟକ ତଥା ହାଇଦରାବାଦ୍‌ର ଷ୍ଟାଇଲିସ୍ ବ୍ୟାଟର୍ ମହମ୍ମଦ ଆଝାରୁଦ୍ଦିନ ଉପସ୍ଥିତ ରହିଥିଲେ ।

## ୧୦ ୱିକେଟରେ ଜିତିଲା ଭାରତ

**ଚେନ୍ନଇ, ୯।୭(ଏଜେନ୍ସି):** ପୂଜା ବସ୍ତ୍ରାକାରଙ୍କ ଘାତକ, ରାଧା ଯାଦବ (୩/୬) ଯାଦୁକରୀ ବୋଲିଂ ସାଙ୍ଗକୁ ସ୍ମୃତି ମନ୍ଧାନା (୪୦ବଲ୍‌ରେ ୫୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୧୦ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଭାରତ ୧-୧ରେ ବରାବର ରଖିଛି । ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ୩-୦ ଓ ଟେଷ୍ଟ ସିରିଜ୍‌କୁ ୧-୦ରେ ଭାରତୀୟ ମହିଳା ଦଳ କବ୍‌ଜା କରିଥିଲେ । ତୃତୀୟ ଟି-୨୦ରେ ୪ ଓଭର ବୋଲିଂ କରି ମାତ୍ର ୧୩ ରନ୍ ବିନିମୟରେ ୪ଟି ୱିକେଟ ନେଇଥିବା ମିଡିୟମ୍ ପେସ୍ ବୋଲର ପୂଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ସିରିଜ୍‌ରେ ୮ଟି ୱିକେଟ ନେଇଥିବାରୁ ପୂଜାଙ୍କୁ ମଧ୍ୟ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

- **ବରାବର ରହିଲା ମହିଳା ଟି-୨୦ ସିରିଜ୍**
- **ପୂଜା ଓ ରାଧାଙ୍କ ଚମତ୍କାର ବୋଲିଂ**
- **ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ**
- **ପୂଜା ମ୍ୟାଚ୍ ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

ପ୍ରଥମ ଟି-୨୦ରେ ହାରିଥିବା ଭାରତୀୟ ଦଳକୁ ସିରିଜ୍ ବରାବର କରିବା ଲାଗି ବୋଲରଙ୍କଠାରୁ ଉନ୍ନତ ପ୍ରଦର୍ଶନ ଆଶା କରାଯାଉଥିଲା । ବୋଲରମାନେ ଏଠାରେ ଚମତ୍କାର ପ୍ରଦର୍ଶନ କରିବା ଫଳରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ମାତ୍ର ୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା । ପୂଜା ଓ ରାଧା ୭ଜଣଙ୍କୁ, ଅରୁନ୍ଧତି ରେଡ୍ଡୀ, ଶ୍ରେୟଙ୍କା ପାଟିଲ ଓ ଦୀପ୍ତି ଶର୍ମା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ତାଜମିନ ବ୍ରିଟ୍ସ ସର୍ବାଧିକ ୨୦ ଓ ଆନେକେ ବୋଷ୍ଟ ୧୭ ରନ୍ ଯୋଗଦାନ ଦେଇଥିଲେ । ଜବାବରେ ମନ୍ଧାନାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୦.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ମନ୍ଧାନା ୪୦ ବଲ୍‌ରୁ ୮ ଚୌକା ଓ ୨ଛକା ସହ ୫୪ ଏବଂ ଶେଫାଳି ବର୍ମା ୨୫ ବଲ୍‌ରୁ ୨୭ ରନ୍ କରି ଅପରାଜିତ ରହିଥିଲେ ।



## ଡୁ ପ୍ଲେସିସ୍‌ଙ୍କ ଶତକ ବ୍ୟର୍ଥ

**ମୋରିସଭିଲେ, ୯।୭(ଏଜେନ୍ସି):** ବର୍ଷା ଯୋଗୁଁ ଚର୍ଚ୍ଚ ଷ୍ଟ୍ରିଟ୍ ପାର୍କରେ ମଙ୍ଗଳବାର ୱାଶିଂଟନ ଫ୍ରିଡମ ଓ ଟେକ୍ସାସ ସୁପର କିଙ୍ଗ୍‌ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ ହୋଇଯାଇଛି । ଏହା ଫଳରେ ଏହି ମ୍ୟାଚ୍‌ରେ ଶତକ ହାସଲ କରିଥିବା ଟେକ୍ସାସ ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ୫୮ ବଲ୍‌ରେ କରିଥିବା ୧୦୦ ରନ୍ ବ୍ୟର୍ଥ ହୋଇଯାଇଛି । ବାତିଲ ମ୍ୟାଚ୍‌ରୁ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଟେକ୍ସାସ ସୁପର କିଙ୍ଗ୍‌ସ

**ଆମେରିକା ମେଜର ଲିଗ୍**

୫ ୱିକେଟରେ ୨୦୩ ରନ୍ କରିଥିଲା । ଡୁ ପ୍ଲେସିସ୍‌ଙ୍କ ଶତକରେ ୧୨ଟି ଚୌକା ଓ ୫ଟି ଛକା ସାମିଲ ରହିଥିଲା । ଡେଭନ କନୱେ ୩୯ ଓ ମାର୍କସ ଷ୍ଟୋଇନିସ ୨୯ ରନ୍‌ର ଯୋଗଦାନ ଦେଇଥିଲେ । ଜବାବରେ ୨୦୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୱାଶିଂଟନ ଫ୍ରିଡମ ୪ ଓଭରରେ କୌଣସି ୱିକେଟ ନ ହରାଇ ୬୨ ରନ୍ କରିଥିଲାବେଳେ ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ ଟ୍ରାଭିସ୍ ହେଡ୍ ୧୨ ବଲ୍‌ରେ ୪ ଚୌକା ଓ ୨ଛକା ସହ ୩୨ ଓ ଅଧିନାୟକ ଷ୍ଟିଭେନ ସ୍ମିଥ୍ ୧୩ ବଲ୍‌ରେ ୧ ଚୌକା ଓ ୩ଛକା ସହ ୨୬ ରନ୍‌ରେ ଅପରାଜିତ ରହିଥିଲେ । ବର୍ଷା ଆଉ ନ ଛାଡ଼ିବାରୁ ମ୍ୟାଚ୍‌କୁ ବାତିଲ ଘୋଷଣା କରାଯାଇଥିଲା । ପରବର୍ତ୍ତୀ ମୁକାବିଲା ସିଏଟଲ ଓର୍କାସ ଓ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ ।

## ସେମିରେ ମେଦଭେଦେଭ, ଡୋନା

**ଲଣ୍ଡନ, ୯ ।୭ (ଏଜେନ୍ସି):** ଅନ୍ୟତମ ସମ୍ମାନଜନକ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନର ୧୨୩ତମ ସଂସ୍କରଣର ୯ମ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ଏକକରେ କ୍ରୋଏସିଆର ଡୋନା ଭେକିଚ୍ ଓ ପୁରୁଷରେ ରୁଷିଆର ଡାନିଲ ମେଦଭେଦେଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି ।

ମହିଳା କ୍ୱାର୍ଟର ଫାଇନାଲରେ ଡୋନାଙ୍କ ମୁକାବିଲା ସୁଇଜରଲାଣ୍ଡର ଲୁଲୁ ସନଙ୍କ ସହ ହୋଇଥିଲା । ଏଥିରେ ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ରହିଥିବା ଡୋନା ୫-୭ରେ ପ୍ରଥମ ସେଟ୍‌କୁ ହାରିଯାଇଥିଲେ । କିନ୍ତୁ ପରବର୍ତ୍ତୀ ଦୁଇ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଡୋନା ୬-୪, ୬-୧ରେ ବିଜୟୀ ହୋଇ ପ୍ରଥମଥର କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପହଞ୍ଚିଛନ୍ତି । ତେବେ ପରାଜୟ ସହ ଯୋଗ୍ୟତା ଅର୍ଜନକାରୀ ଖେଳାଳି ତଥା ବିଶ୍ୱ ମାନ୍ୟତାର ୧୨୩ତମ ସ୍ଥାନରେ ରହିଥିବା ଲୁଲୁଙ୍କ ପ୍ରଥମ ସେମିଫାଇନାଲ ଖେଳିବା ସ୍ୱପ୍ନ ଭାଙ୍ଗିଯାଇଛି । ୨୩ ବର୍ଷୀୟା ଲୁଲୁ ରାଉଣ୍ଡ-୧୬ରେ ଶୀର୍ଷ ମାନ୍ୟତା ଖେଳାଳି ବ୍ରିଟେନର ଇମା ରାଡୁକାନୁଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଥିଲେ । ଯଦି ଲୁଲୁ କ୍ୱାର୍ଟରରେ ବିଜୟୀ ହୋଇଥାନ୍ତେ ତେବେ ୨୫ ବର୍ଷ ପରେ ପ୍ରଥମ ଯୋଗ୍ୟତା ଅର୍ଜନକାରୀ ଖେଳାଳି ଭାବେ ମହିଳା ଏକକ ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଥାନ୍ତେ । ୧୯୯୯ରେ ଆମେରିକାର ଯୋଗ୍ୟତା ଅର୍ଜନକାରୀ ଖେଳାଳି ଆଲେକ୍ସଜାଣ୍ଡର ଷ୍ଟିଭେନସନ ଏହି ସଫଳତା ପାଇଥିଲେ ।






### ୧୫ଥର ଲାଗି କ୍ୱାର୍ଟରରେ ଜୋକୋଭିଚ୍

ଅପରପକ୍ଷରେ ପୁରୁଷ ଏକକରେ ବିଶ୍ୱର ଏକ ନମ୍ବର ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କୁ ପରାସ୍ତ କରି ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ରୁଷିଆର ଡାନିଲ ମେଦଭେଦେଭ ସେମିଫାଇନାଲରେ ପହଞ୍ଚିଛନ୍ତି । କଡ଼ା ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ମେଦଭେଦେଭ -୬ (୯/୭), ୬-୪, ୭-୬ (୭/୪), ୨-୬, ୬-୩ରେ ବିଜୟୀ ହୋଇ ୨ୟଥର ଲାଗି ୱିମ୍ବଲଡନ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା କାର୍ଲୋସ ଆଲ୍‌କାରାଜ ଓ ଆମେରିକାର ଟମ୍ମି ପଲ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ତେବେ ଗତ ରାତିରେ ଅନୁଷ୍ଠିତ ଏକ ରାଉଣ୍ଡ-୧୬ ମୁକାବିଲାରେ ବିଶ୍ୱର ୨ୟ ମାନ୍ୟତା ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ସହଜ ବିଜୟ ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଜୋକୋଭିଚ୍ ୬-୩, ୬-୪, ୬-୨ ସିଧାସଳଖ ସେଟ୍‌ରେ ୧୫ତମ ସିଡ୍ ଡେନମାର୍କର ହୋଲଗର୍ ରୁନେଙ୍କୁ ହରାଇଛନ୍ତି । ଏଥିସହ ୩୭ ବର୍ଷୀୟ ଜୋକୋଭିଚ୍ ୧୫ଥର ଲାଗି ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । ୱିମ୍ବଲଡନରେ ୮ମ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ କ୍ୱାର୍ଟରରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କୁ ଭେଟିବେ ।

**ଆଇସିସି ବାର୍ଷିକ ଅଧିବେଶନ ୧୯ରୁ**

## ସ୍ଥିର ହେବ ନିର୍ବାଚନ ତାରିଖ

**ନୂଆଦିଲ୍ଲୀ, ୯।୭(ଏଜେନ୍ସି):** ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଚଳିତମାସ ୧୯ରୁ ୨୨ ଯାଏ ଆଇସିସିର ବାର୍ଷିକ ଅଧିବେଶନ ବସିବ । ଏଥିରେ ଅନ୍ୟ ପ୍ରସ୍ତାବ ଛଡ଼ା ଆଇସିସି କର୍ମକର୍ତ୍ତାଙ୍କ ପରବର୍ତ୍ତୀ ନିର୍ବାଚନ ତାରିଖ ଓ ଏହା କିପରି ଅନୁଷ୍ଠିତ ହେବ ତାହା ସ୍ଥିର କରାଯିବ । ଆଇସିସି ନିର୍ବାଚନ ସେପ୍ଟେମ୍ବରରେ ହେବ । କିନ୍ତୁ ଏହାକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର ହେଲାଣି । ଏହାର କାରଣ ହେଲା ବିସିସିଆଇ ସମ୍ପାଦକ ଜୟ ଶାହ ଆଇସିସିର ପରବର୍ତ୍ତୀ ଅଧ୍ୟକ୍ଷ ପଦ ଲାଗି ଆଶାୟୀ କି ନୁହଁନ୍ତି । ଏ ସମ୍ପର୍କରେ ଯଦିଓ ଏହି ଅଧିବେଶନରେ କିଛି ଆଲୋଚନା ହେବାର ପ୍ରସ୍ତାବ ନାହିଁ, ତଥାପି ସମସ୍ତ ସଦସ୍ୟରାଷ୍ଟ୍ର ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି । ଆଇସିସି ଅଧ୍ୟକ୍ଷ ଭାବେ ଏବେ ନ୍ୟୁଜିଲାଣ୍ଡର ଜର୍ଜ ବାର୍କଲେ କାମ କରୁଛନ୍ତି । ସେ ମଧ୍ୟ ଆଉଥରେ ଏହି ପଦରେ ରହିପାରିବେ । ଏବେ ଆଇସିସି ସମ୍ବିଧାନ ସଂଶୋଧିତ ହୋଇଯାଇଛି । ନୂଆ ସଭାପତି ୩ ବର୍ଷ ଲେଖାଏଁ ଦୁଇଥର ରହିପାରିବେ । ଜୟ ଶାହ ଯଦି ପ୍ରତିଦ୍ୱନ୍ଦ୍ୱିତା କରନ୍ତି ତେବେ ସେ ନିଶ୍ଚିତ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେବେ । ୩ବର୍ଷ ଏହି ପଦରେ ରହିବା ପରେ ସେ ମଧ୍ୟ ୨୦୨୮ରେ ସମ୍ବିଧାନ ଅନୁଯାୟୀ ବିସିସିଆଇ ସଭାପତି ହୋଇପାରିବେ । ଏପରି ସବୁ ପଦବୀରେ ରହିବେ କି ଆଇସିସିକୁ ସଜାଡିବେ ତାହାକୁ ନେଇ ଏବେ ସନ୍ଦେହ ରହିଛି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ହେଉଛି ୩ଟି ସହଯୋଗୀ ସଦସ୍ୟ ନିର୍ଦ୍ଦେଶକ ନିର୍ବାଚନ । ଏଥିଲାଗି ୭ଜଣ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି । ଆଇସିସିର ୪୫ଟି ଦେଶ ସହଯୋଗୀ ସଦସ୍ୟ ରହିଛନ୍ତି । ଏହା ମଧ୍ୟରୁ ୪୦ଟି ଦେଶ ନିକଟରେ ଭୋଟ ଦେବାର ଅଧିକାର ରହିଛି । ୧୯ ତାରିଖରେ ଏହି ୩ଟି ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ ।

## ଓସିଏଲ୍: ଜାଗୁଆର୍ସ ଓ ପୁମାସ୍‌ର ବିଜୟ

**କଟକ, ୯।୭ (ସମିସ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ଚଳିତ ସଂସ୍କରଣରେ ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଜାଗୁଆର୍ସ ଏବଂ ଓଡ଼ିଶା ପୁମାସ୍ ବିଜୟୀ ହୋଇଛନ୍ତି । ଜାଗୁଆର୍ସ ୫ ୱିକେଟରେ ଓଡ଼ିଶା ପାନ୍ଥର୍ସକୁ ହରାଇଥିଲା । ଏହାଛଡ଼ା ଟାଇଗର୍ସ ବିପକ୍ଷ ମ୍ୟାଚ୍‌ରେ ଡିଏଲଏସ୍ ପଦ୍ଧତିରେ ଓଡ଼ିଶା ପୁମାସ୍ ବିଜୟୀ ହୋଇଥିଲା ।

ଜାଗୁଆର୍ସ ଅଧିନାୟକ ଅନୀଲ ପରିଡ଼ା ଟସ୍ ଜିତି ପାନ୍ଥର୍ସ ଦଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ । ପାନ୍ଥର୍ସ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୭ ୱିକେଟ ହରାଇ ୧୨୭ରନ କରିଥିଲା । ସତ୍ୟକାମ ଭରଦ୍ୱାଜ ୧୭ବଲରୁ ଦ୍ରୁତ ୪୩ରନ ସଂଗ୍ରହ କରିବା ଯୋଗୁଁ ପାନ୍ଥର୍ସର ଦଳୀୟ ସ୍କୋର ୧୦୦ପାର୍ କରିଥିଲା । ଏହାଛଡ଼ା ଅନ୍ୟ ବ୍ୟାଟରମାନେ ଫେଲ୍ ମାରିଥିଲେ । ଜାଗୁଆର୍ସ ପକ୍ଷରୁ ବାମହାତୀ ସ୍ପିନର କ୍ରିଷ୍ଣା ପଲାଇ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ । ବାଦଲ ବିଶ୍ୱାଳ ୨ଟି ଏବଂ ବୈଭବ ରାଏ ଙ୍କୁ ଗୋଟିଏ ୱିକେଟ ମିଳିଥିଲା । ୫ ୱିକେଟ ହରାଇ ଅନ୍ତିମ ଓଭରରେ ଜାଗୁଆର୍ସ ବିଜୟୀ ହୋଇଥିଲା । ଭେଙ୍କଟେଶ ଭାଣ୍ଡେ



୫୩ବଲରୁ ୭୩ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ପାନ୍ଥର୍ସ ତରଫରୁ ଦେବବ୍ରତ ପ୍ରଧାନ ଏବଂ ହର୍ଷିତ ରାଥୋଡ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ଭେଙ୍କଟେଶଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଓସିଏ ସଦସ୍ୟ ରାଜଶ୍ରୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।

ଅନ୍ୟ ଏକ ମ୍ୟାଚ୍‌ରେ ପୁମାସ୍ ଅଧିନାୟକ କାର୍ତ୍ତିକ ବିଶ୍ୱାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଅଧିନାୟକ କାର୍ତ୍ତିକଙ୍କ ୫୦ରନ୍, ସ୍ୱସ୍ତିକ ସାମଲଙ୍କ ୩୧ରନ ବଳରେ ଦଳ ୮ ୱିକେଟ ହରାଇ



୧୪୯ରନ ସଂଗ୍ରହ କରିଥିଲା । ୧୫୦ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଟାଇଗର୍ସ ଦଳ ୧୫ ଓଭର ସୁଦ୍ଧା ୫ ୱିକେଟ ବିନିମୟରେ ୯୧ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିଲା । ଡିଏଲଏସ୍ ପଦ୍ଧତି ଅନୁସାରେ ଦଳ ୧୭ରନ୍ ପଛରେ ରହିଥିଲା । ମ୍ୟାଚ ପୁନର୍ବାର ଆରମ୍ଭ ହୋଇ ନପାରିବା ଫଳରେ ପୁମାସ୍‌କୁ ବିଜୟୀ ଘୋଷିତ କରାଯାଇଥିଲା । ଟାଇଗର୍ସ ତରଫରୁ ଟୁକୁନା ସାହୁ ସର୍ବାଧିକ ୩୦ରନ କରିଥିଲେ । ପୁମାସ୍ ପକ୍ଷରୁ ରାଜେଶ ମହାନ୍ତି ଏବଂ ଅଭିଷେକ ଯାଦବ ଦୁଇଟି ଲେଖାଏ ୱିକେଟ ଦଖଲ କରିଥିଲେ । ଅଧିନାୟକ କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଓସିଏ ସଦସ୍ୟ ହରିନାରାୟଣ ପୂଜାରୀ ଅତିଥି ଭାବେ ଯୋଗ ଦେଇଥିଲେ ।

### ଚିତାସ୍‌ର ରୋମାଞ୍ଚକ ବିଜୟ

ମଙ୍ଗଳବାର ରାତିରେ ଖେଳାଯାଇଥିବା ଓଡ଼ିଶା ଚିତାସ୍ ଏବଂ ଓଡ଼ିଶା ଲାୟନ୍ସ ବିପକ୍ଷ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା । ଚିତାସ୍ ମାତ୍ର ୨ରନରେ ବିଜୟୀ ହୋଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଚିତାସ୍ ୧୧୯ରନରେ ଅଲଆଉଟ ହୋଇଥିଲା । ଅଧିନାୟକ ବିପ୍ଳବ ସର୍ବାଧିକ ୨୭ରନ କରିଥିଲେ । ଲାୟନ୍ସ ପକ୍ଷରୁ ସୁମିତ ମହାରଣା ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ପପୁ ରାୟ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ । ଜବାବରେ ଲାୟନ୍ସ ୭ ୱିକେଟ ହରାଇ ୧୧୭ରନ କରିଥିଲା । ଅନ୍ତିମ ଓଭରରେ ୧୧ରନ ଆବଶ୍ୟକ ହେଉଥିବା ବେଳେ ଦଳ ୮ରନ ହାସଲ କରିପାରିଥିଲା । ଶେଷ ୪ଟି ବଲରୁ ମାତ୍ର ୨ରନ୍ ସଂଗ୍ରହ କରିବା ଦଳ ପାଇଁ ମହଙ୍ଗା ପଡ଼ିଥିଲା । ଲାୟନ୍ସ ପକ୍ଷରୁ ରାମଚନ୍ଦ୍ର ବେହେରା ସର୍ବାଧିକ ୪୯ରନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS